ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୭/୨୦୨୫ (୧୬ ପୃଷ୍ଠା) Bhubaneswar, Thursday, March 27/2025 Page 16 ₹ 7.00
୫୧ଶ ଭାଗ ୧୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 121 ମୂଲ୍ୟ ₹୭/-

# ଆଲ୍ଲାହାବାଦ ହାଇକୋର୍ଟ ରାୟ ଅମାନବୀୟ

## ସ୍ଥଗିତାଦେଶ ଜାରି କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୬।୩

କେବଳ ଜଣେ ଝିଅଙ୍କ ସ୍ତନକୁ ଛୁଇଁବା ଓ ପାଇଜାମା ଟାଣିବା ବଳାତ୍କାର ନୁହେଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ଏକ ସଦ୍ୟ ରାୟ ଉପରେ ବୁଧବାର ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ହାଇକୋର୍ଟଙ୍କ ଏହି ରାୟକୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିବା ସହ ଏହି ବିବାଦୀୟ ଟିପ୍ପଣୀକୁ ଅସମ୍ବେଦନଶୀଳ ଓ ଅମାନବୀୟ ବୋଲି ଅଭିହିତ କରିଛନ୍ତି। ଏଥିସହ ବିଚାରପତିଙ୍କ ରାୟ ଉପରେ କେନ୍ଦ୍ର ଓ ଉତ୍ତର ପ୍ରଦେଶ ସରକାରଙ୍କୁ ଜବାବ ମାଗିଛନ୍ତି।

ମାର୍ଚ୍ଚ ୧୭ରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରାମମନୋହର ନାରାୟଣ ମିଶ୍ରା ଏକ ରାୟରେ କହିଥିଲେ, ଝିଅଙ୍କ ସ୍ତନ ସ୍ପର୍ଶ କରିବା ବଳାତ୍କାର ନୁହେଁ। ସୁପ୍ରିମକୋର୍ଟ ଏହାକୁ ସଂଜ୍ଞାନକୁ ନେଇ ନିଜ ଆଡୁ ବିଚାର କରିଛନ୍ତି। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗୁଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି, ☞ପୃଷ୍ଠା–୨

# ଝିଅଙ୍କ ସ୍ତନ ସ୍ପର୍ଶ ବଳାତ୍କାର ନୁହେଁ କହିଥିଲେ ବିଚାରପତି



ଜଷ୍ଟିସ୍ ରାମମନୋହର ନାରାୟଣ ମିଶ୍ରା

ମାର୍ଚ୍ଚ ୧୭ରେ ବଳାତ୍କାର ପ୍ରସଙ୍ଗରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ରାମମନୋହର ନାରାୟଣ ମିଶ୍ରାଙ୍କ ଏକ ରାୟ ବିବାଦୀୟ ହୋଇଥିଲା। ଜଷ୍ଟିସ୍ ମିଶ୍ରା କହିଥିଲେ, ଜଣେ ଝିଅଙ୍କ ସ୍ତନ ସ୍ପର୍ଶ କରିବା, ତାଙ୍କ ପାଇଜାମାକୁ ଟାଣିବା ଭଳି କାର୍ଯ୍ୟକୁ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ବୋଲି କୁହାଯାଇପାରିବ ନାହିଁ। ଏହା ପରିବର୍ତ୍ତେ ବିଚାରପତି ଏଭଳି କାର୍ଯ୍ୟକୁ ଯୌନ ଉତ୍ପୀଡ଼ନ ଭାବେ ବର୍ଗୀକୃତ କରିଥିଲେ। ଏହି ରାୟ ଭାରତରେ ଯୌନ ଅପରାଧ ନିରୋଧୀ ଆଇନ ପ୍ରତି ଦୃଷ୍ଟିଭଙ୍ଗୀ ଓ ଏହାର କାର୍ଯ୍ୟକାରିତା ଉପରେ ଏକ ବ୍ୟାପକ ବିତର୍କ ସୃଷ୍ଟି କରିଛି। ଏଥିସହ ମହିଳାଙ୍କ ଅଧିକାର ଓ ସୁରକ୍ଷା ପାଇଁ ସମ୍ବେଦନଶୀଳତା ଏବଂ ପୀଡ଼ିତାଙ୍କ ସହ ବିତିଥିବା ବର୍ବରତାକୁ ନେଇ ନ୍ୟାୟିକ ଆଭିମୁଖ୍ୟରେ ପରିବର୍ତ୍ତନର ଆବଶ୍ୟକତାକୁ ବିତର୍କ ରେଖାଙ୍କିତ କରିଛି। ହାଇକୋର୍ଟ ବିଚାରପତିଙ୍କ ରାୟକୁ ରାଜନେତା ଓ ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ସମାଲୋଚନା କରିଛନ୍ତି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ରାୟକୁ ନିନ୍ଦା କରିବା ସହ କହିଥିଲେ, ଏପରି ଟିପ୍ପଣୀ ସମାଜକୁ ନକାରାତ୍ମକ ସନ୍ଦେଶ ପ୍ରେରଣ କରୁଛି। ତେଣୁ ସୁପ୍ରିମକୋର୍ଟ ନିଜ ଆଡୁ ଏହି ପ୍ରସଙ୍ଗରେ ବିଚାର କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ନ୍ୟାଶନାଲ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ୱିମେନ୍ (ଏନ୍ଏଫ୍ଆଇଡବ୍ଲ୍ୟୁ) ମଧ୍ୟ ଏହା ଉପରେ ଅସନ୍ତୋଷ ବ୍ୟକ୍ତ କରି ରାୟକୁ 'ଚକିତ କରିଦେବା ଭଳି' ବୋଲି କହିଥିଲା। ଏପରି କି ଜଷ୍ଟିସ୍ ମିଶ୍ରାଙ୍କୁ ବିଚାରପତି ପଦରୁ ତୁରନ୍ତ ହଟାଇବାକୁ ମହିଳା ମହାସଂଘ ଦାବି କରିଥିଲା।

**ଆଜିର ସମ୍ପାଦକୀୟ** ବୃଦ୍ଧ ଓ ଯୁବ ବାବା

**ଆଜିର ମନ୍ତବ୍ୟ**

"ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅବାନ୍ତର କଥା କହି ଅନୁଚିତ ଅଭିଯୋଗ ଆଣିବା ପରିବର୍ତ୍ତେ ଗୃହର ନିୟମ ମାନି ଚଳିବା ଉଚିତ।
–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

# ୨୯ରୁ ୩୧ ଯାଏ ହିଟ୍‌ୱେଭ୍

ଭୁବନେଶ୍ୱର, ୨୬।୩(ଅନୁରାଧା ମହାରଣା)

ରାଜ୍ୟରେ ବୁଧବାର ତାପମାତ୍ରା ୪୦ ଡିଗ୍ରୀ ନିକଟବର୍ତ୍ତୀ ହୋଇଛି। ତେବେ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ହିଟ୍ ୱେଭ୍ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ମଧ୍ୟରେ ସୋନପୁର, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, ସମ୍ବଲପୁର ଆଦି ରହିଛି। ୩୧ ତାରିଖ ପରଠାରୁ କାଳବୈଶାଖୀ ସମ୍ଭାବନା ରହିଛି। ବୁଧବାର ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୩୯.୮ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ କେନ୍ଦୁଝରଗଡ଼ ଓ ଝାରସୁଗୁଡାରେ ୩୯.୫ ଡିଗ୍ରୀ, ହୀରାକୁଦ ଓ ବଲାଙ୍ଗୀରରେ ୩୯.୦ ଡିଗ୍ରୀ ଏବଂ ସମ୍ବଲପୁରରେ ୩୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।









**'୨ ମାସ ଭିତରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ପ୍ରସ୍ତୁତ କର'**

ବିଭ୍ରାନ୍ତିକର ବିଜ୍ଞାପନ ବିରୋଧରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ବୁଧବାର ସୁପ୍ରିମକୋର୍ଟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ସର୍ବୋଚ୍ଚ ଅଦାଲତ ରାଜ୍ୟଗୁଡ଼ିକୁ ୨ ମାସର ସମୟସୀମା ପ୍ରଦାନ କରିଛନ୍ତି । ଜଷ୍ଟିସ୍ ଅଭୟ ଏସ୍ ଓକା ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ବିଭ୍ରାନ୍ତିକର ବିଜ୍ଞାପନ ସମାଜ ପ୍ରତି ଅତ୍ୟନ୍ତ ହାନିକାରକ।



## ସଂକ୍ଷେପରେ

### ଭୂପେଶ ବଘେଲଙ୍କ ଘରେ ଇଡି ପରେ ସିବିଆଇ ପଶିଲା

ରାୟପୁର, ୨୬।୩

ମହାଦେବ ବେଟିଂ ଆପ୍ ମାମଲାରେ ଛତିଶଗଡ଼ର ରାଜଧାନୀ ରାୟପୁର ଏବଂ ଭିଲାଇସ୍ଥିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ବାସଭବନରେ ବୁଧବାର ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ସେହିପରି ବଘେଲଙ୍କ ଘନିଷ୍ଠ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଆବାସିକ ପରିସରରେ ମଧ୍ୟ ଚଢ଼ାଉ କରାଯାଇଛି। ଘଟଣାକୁ ନେଇ ବଘେଲଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆରେ କୁହାଯାଇଛି, ଆସନ୍ତା ୮ ଏବଂ ୯ ତାରିଖରେ ଅହମଦାବାଦରେ ହେବାକୁ ଥିବା ଏଆଇସିସିର ବୈଠକ ପାଇଁ ଗଠିତ ଡ୍ରାଫ୍ଟିଂ କମିଟି ମିଟିଂରେ ଯୋଗଦେବାକୁ ବୁଧବାର ବଘେଲଙ୍କୁ ଦିଲ୍ଲୀ ଯିବାର ଥିଲା। ତେବେ ଏହାର ଠିକ୍ ପୂର୍ବରୁ ତାଙ୍କ ଘରେ ସିବିଆଇ ଚଢ଼ାଉ କରିଛି। ପୂର୍ବରୁ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଦ ଦୁର୍ନୀତି ମାମଲାରେ ବଘେଲଙ୍କ ଘରେ ଚଢ଼ାଉ କରିଥିଲା।

### ଗଛ କାଟିବା ମଣିଷ ହତ୍ୟାଠାରୁ ବଡ଼ ଅପରାଧ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୩

ଏକ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି, ବହୁସଂଖ୍ୟାରେ ଗଛ କାଟିବା ମଣିଷ ହତ୍ୟାଠାରୁ ଆହୁରି ଅଧିକ ଘୃଣ୍ୟ କାର୍ଯ୍ୟ। ଏହାସହ ସର୍ବୋଚ୍ଚ ଅଦାଲତ ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ କାଟିଥିବା ପ୍ରତ୍ୟେକ ଗଛ ପାଇଁ ୧ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ତାଜ୍ ଟ୍ରାପେଜିଅମ ଜୋନ୍ (ଟିଟିଜେଡ୍)ରେ ୪୫୪ ଗଛ କାଟିଥିବା ଜଣେ ବ୍ୟକ୍ତିଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ଖାରଜ୍ କରିବା ସମୟରେ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍ଙ୍କ ଖଣ୍ଡପୀଠ ଏପରି ଟିପ୍ପଣୀ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପରିବେଶକୁ କ୍ଷତି ପହଞ୍ଚାଉଥିବା କୌଣସି ମଧ୍ୟ ବ୍ୟକ୍ତିଙ୍କୁ ଦୟା ଦେଖାଇବା ଉଚିତ ନୁହେଁ। ବିନା ଅନୁମତିରେ କଟାଯାଇଥିବା ୪୫୪ଟି ଗଛରେ ପ୍ରସ୍ତୁତ ସବୁଜ ଅଞ୍ଚଳର ପୁନର୍ନିର୍ମାଣ ପାଇଁ ଅତିକମ୍‌ରେ ୧୦୦ ବର୍ଷ ଲାଗିଯିବ।

### ସର୍ବସାଧାରଣ ସ୍ଥଳରେ ସ୍ତନ୍ୟପାନ, ପୋଷାକ ବଦଳାଇବା ବ୍ୟବସ୍ଥା କର: କେନ୍ଦ୍ର

**ନୂଆଦିଲ୍ଲୀ, ୨୬।୩:** ସର୍ବସାଧାରଣ ସ୍ଥଳରେ ମା'ମାନେ ଯେପରି ନିଜ ପିଲାଙ୍କୁ ସ୍ତନ୍ୟପାନ କରାଇପାରିବେ ଏବଂ ମହିଳାମାନେ ପୋଷାକ ବଦଳାଇପାରିବେ ସେଥିଲାଗି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବୁଧବାର କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ସଡ଼କ ପରିବହନ, ଜାତୀୟ ରାଜପଥ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ରେଳୱେ ବୋର୍ଡକୁ ଏନେଇ ଚିଠି ଲେଖାଯାଇଛି। ଏହି ସୁବିଧାଗୁଡ଼ିକ ଯେପରି ଉପଲବ୍ଧ ହୋଇପାରିବ ତାହା ରାଜ୍ୟ ସରକାର ସୁନିଶ୍ଚିତ କରିବେ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାରପୋର୍ଟଗୁଡ଼ିକରେ ଏଭଳି ୩୧୨ଟି ଫିଡିଂ ଏବଂ ଚେଞ୍ଜିଂ ରୁମ୍ ପ୍ରତିଷ୍ଠା କରିଛି। ସେଥିରୁ ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ଅଧୀନ ଏୟାରପୋର୍ଟଗୁଡ଼ିକରେ ୧୬୪ ଏବଂ ଅଣଏଏଆଇ ଏୟାରପୋର୍ଟଗୁଡ଼ିକରେ ୧୪୮ଟି ପ୍ରତିଷ୍ଠା କରାଯାଇଛି।



ଦକ୍ଷିଣ କୋରିଆ ବନାଗ୍ନିରେ ଉଲ୍‌ସେଓଙ୍ଗର ଘରଗୁଡ଼ିକ ଜଳିଯାଉଛି।

# ଦକ୍ଷିଣ କୋରିଆରେ ଜଙ୍ଗଲ ନିଆଁ: ୨୪ ମୃତ

- ଜଳିଗଲା ୩୦୦ ଘର ଓ ପ୍ରାଚୀନ ବୌଦ୍ଧ ମନ୍ଦିର
- ୨୯,୦୦୦ ସ୍ଥାନାନ୍ତରିତ

ସିଓଲ, ୨୬।୩

ଦକ୍ଷିଣ କୋରିଆର ଦକ୍ଷିଣ ଭାଗ ଜଙ୍ଗଲରେ ଲାଗିଥିବା ନିଆଁରେ ଅଦ୍ୟାବଧି ଅନ୍ୟୂନ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ବନାଗ୍ନିରେ ୩୦୦ରୁ ଅଧିକ ଘର ଜଳିଯାଇଛି। ନିଆଁର ଭୟାବହତାକୁ ଦୃଷ୍ଟିରେ ରଖି ପ୍ରାୟ ୨୯,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବୁଧବାର ସେଠାକାର ଅଧିକାରୀମାନେ ସୂଚନା ଦେଇଛନ୍ତି।

ଜଙ୍ଗଲ ନିଆଁ ଲିଭାଇବାକୁ ଯାଇଥିବା ଏକ ହେଲିକପ୍ଟର ଉଲ୍‌ସେଓଙ୍ଗ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ଥିବା ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ସ୍ଥାନଗୁଡ଼ିକରେ ପ୍ରାଣ ହରାଇଥିବା ୩୦୦ରୁ ଊର୍ଦ୍ଧ୍ୱ ନାଗରିକଙ୍କ ବୟସ ୬୦ରୁ ୭୦ ବର୍ଷ ଭିତରେ ହେବ। ନ୍ୟାଶନାଲ ଫାୟାର ଏଜେନ୍ସି କହିଛି, ଅନ୍ୟୂନ ୨୬ ଜଣ ନିଆଁର ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ୬୧୮ ଶତାବ୍ଦୀରେ ନିର୍ମିତ ଏକ ପ୍ରାଚୀନ ବୌଦ୍ଧ ମନ୍ଦିର(ଗୌନ୍‌ସା ଟେମ୍ପଲ), ଘରଦ୍ୱାର, ଫ୍ୟାକ୍ଟ୍ରି ଆଦି ଜଳିଯାଇଛି। ୧୭,୭୫୨ ହେକ୍ଟର (୪୩,୮୬୬ ଏକର) ଜଙ୍ଗଲ ପାଉଁଶ ହୋଇଯାଇଥିବା ସରକାରଙ୍କ ଜରୁରୀ ପ୍ରଶମନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାରଠାରୁ ଲାଗିଥିବା ଏହି ଜଙ୍ଗଲ ନିଆଁକୁ ଦକ୍ଷିଣ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି ହାନ୍ ଡ୍ୟୁକ୍-ସୁ ସବୁଠୁ ଭୟଙ୍କର ବୋଲି ଏକ ଟେଲିଭିଜନ୍ ସମ୍ବୋଧନରେ କହିଛନ୍ତି। ଏହି ଅଭୂତପୂର୍ବ ସଙ୍କଟ ରେକର୍ଡ ବୁକ୍‌ରେ ନୂଆ ଇତିହାସ ଲେଖୁଛି ବୋଲି ସେ କହିଛନ୍ତି। ଭୟାବହ ବନାଗ୍ନିକୁ ଆୟତ୍ତ କରିବା ପାଇଁ ୧୩୦ ହେଲିକପ୍ଟର ସହାୟତାରେ ୪,୬୫୦ ଅଗ୍ନିଶମ କର୍ମଚାରୀ, ସୈନ୍ୟ ଓ ଅନ୍ୟ ଯବାନମାନେ ନିୟୋଜିତ ହୋଇଛନ୍ତି।

**ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟ**

# ର'କୁ ନିଷିଦ୍ଧ ଘୋଷଣା ସୁପାରିସ

- ଭାରତରେ ସଂଖ୍ୟାଲଘୁ ବୈଷମ୍ୟ ଓ ଆକ୍ରମଣର ଶିକାର
- ସଙ୍କୁଚିତ ହେଉଛି ଧର୍ମୀୟ ସ୍ୱାଧୀନତା
- ଅଭିଯୋଗକୁ ଖଣ୍ଡନ କଲା ଭାରତ

ୱାଶିଂଟନ୍/ନୂଆଦିଲ୍ଲୀ, ୨୬।୩

ଭାରତରେ ଧର୍ମୀୟ ସ୍ୱାଧୀନତା କ୍ଷୁଣ୍ଣ ହେବାରେ ଲାଗିଛି। ସଂଖ୍ୟାଲଘୁମାନେ ଭେଦଭାବପୂର୍ଣ୍ଣ ବ୍ୟବହାରର ସମ୍ମୁଖୀନ ହେଉଥିବା ଦର୍ଶାଇ ଆମେରିକା ଚିନ୍ତାବ୍ୟକ୍ତ କରିଛି। ଏପରି କି ଭାରତକୁ କଣ୍ଟ୍ରି ଅଫ୍ ପର୍ଟିକୁଲାର କନ୍‌ସର୍ନ (ସିପିସି) ଭାବେ ଘୋଷଣା କରିବା ପାଇଁ ୟୁଏସ୍ କମିଶନ୍ ଅନ୍ ଇଣ୍ଟରନ୍ୟାଶନାଲ ରେଲିଜିଅସ୍ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ପକ୍ଷରୁ ସଦ୍ୟ ଜାରି ରିପୋର୍ଟରେ ସୁପାରିସ କରାଯାଇଛି। କେବଳ ଏତିକି ନୁହେଁ, ଭାରତର ବହିର୍ବ୍ୟାପାର ଗୁପ୍ତଚର ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ବିରୋଧରେ ଶିଖ୍ ବିଚ୍ଛିନ୍ନତାବାଦୀମାନଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିବା ଅଭିଯୋଗ ଅଣାଯାଇ ଏହାକୁ ନିଷିଦ୍ଧ ଘୋଷଣା କରିବାକୁ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ୟୁଏସ୍‌ସିଆଇଆର୍‌ଏଫ୍ ମଙ୍ଗଳବାର ଜାରି କରିଥିବା ୨୦୨୪ର ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛି ଯେ, କମ୍ୟୁନିଷ୍ଟ ଶାସିତ ଭିଏତ୍‌ନାମ ଧର୍ମୀୟ ବ୍ୟାପାରକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେଇଛି। ଭିଏତ୍‌ନାମ ଭଳି ଭାରତ ଓ ଚାଇନା ମଧ୍ୟ ଧର୍ମୀୟ ବ୍ୟାପାରରେ ଅତ୍ୟଧିକ ହସ୍ତକ୍ଷେପ କରୁଥିବାରୁ ଏହି ୨ ରାଷ୍ଟ୍ରକୁ ସିପିସି ରୂପେ ଘୋଷଣା କରାଯିବା ଉଚିତ। ଏହାର ଯଥାର୍ଥତା ଦର୍ଶାଇବାକୁ ଯାଇ ୨୦୨୪ ବର୍ଷସାରା ଭାରତରେ ସଂଖ୍ୟାଲଘୁ ବର୍ଗଙ୍କ ଉପରେ ହୋଇଥିବା ଅନେକ ବର୍ବର ଓ ଅମାନୁଷିକ ଘଟଣାର ଅବତାରଣା ଏହି ରିପୋର୍ଟରେ କରାଯାଇଛି। ଏଥିରେ କୁହାଯାଇଛି ଯେ, ୨୦୨୪ରେ ଭାରତର ବିଭିନ୍ନ ଭାଗରେ ଗୋରକ୍ଷକମାନେ ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିବା ସହ ପିଟି ପିଟି ହତ୍ୟା କରିଛନ୍ତି। ଏପରି କି ଧର୍ମୀୟ ନେତାମାନଙ୍କୁ ଏକତରଫା ଭାବେ ଗିରଫ କରାଯାଇଛି। ଅନ୍ୟ ଧର୍ମର ଲୋକଙ୍କ ଘର ଓ ପୂଜାସ୍ଥଳକୁ ଭାଙ୍ଗି ଦିଆଯାଇଛି। ଅପପ୍ରଚାର କରାଯିବା ଏବଂ ସରକାରୀ ଅଧିକାରୀମାନଙ୍କ ଘୃଣା ମନ୍ତବ୍ୟ ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାତ୍ମକ ଆକ୍ରମଣକୁ ଉସୁକାଇଛି। ଭାରତରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଏକକ ଦେୱାନି ସଂହିତା (ୟୁସିସି) ଭଳି ଆଇନ ସହ ଅନେକ ରାଜ୍ୟରେ ଧର୍ମାନ୍ତରଣ ଓ ଗୋହତ୍ୟା ନିରୋଧୀ ଆଇନକୁ ଉକ୍ତ ରିପୋର୍ଟରେ ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ଗୁଜବ ସୃଷ୍ଟି ତଥା ସେମାନଙ୍କୁ ଆକ୍ରମଣର ଏକ ବ୍ୟବସ୍ଥା ରୂପେ ଅଭିହିତ କରାଯାଇଛି।

ୟୁଏସ୍‌ସିଆଇଆର୍‌ଏଫ୍‌ର ଭାରତ ବିରୋଧୀ କାର୍ଯ୍ୟସୂଚୀ ଏତିକିରେ ସୀମିତ ହୋଇ ରହିନାହିଁ। ୨୦୨୪ ଲୋକ ସଭା ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ମୁସଲମାନ ଓ ଅନ୍ୟ ସଂଖ୍ୟାଲଘୁମାନଙ୍କ ବିରୋଧରେ ଘୃଣାପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ ବୋଲି ଏଥିରେ ଅଭିଯୋଗ ଅଣାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଏଜେନ୍ସିଗୁଡ଼ିକ ଆମେରିକା ଓ କାନାଡାରେ ରହୁଥିବା ଖଲିସ୍ତାନୀ ଆତଙ୍କବାଦୀମାନଙ୍କୁ ହତ୍ୟା କରିବା ନେଇ ଷଡ଼ଯନ୍ତ୍ର ରଚିଥିବା ୨୦୨୩ ପରଠୁ ଅଭିଯୋଗ ହୋଇଆସୁଛି। ଏଭଳି ସାଂଘାତିକ ଅଭିଯୋଗ ଆସିବା ପରେ ଆମେରିକା ଓ କାନାଡା ସହ ଭାରତର ସମ୍ପର୍କରେ ତିକ୍ତତା ଆସିଥିଲା। ତେବେ ୟୁଏସ୍‌ସିଆଇଆର୍‌ଏଫ୍‌ର ସୁପାରିସକୁ ମାନିବା ପାଇଁ ଆମେରିକା ସରକାର ବାଧ୍ୟ ହୋଇ ନ ଥିବାରୁ ଏବଂ ଭାରତ ସହ ଆମେରିକାର ରଣନୈତିକ ସ୍ୱାର୍ଥ ଦୃଷ୍ଟିରୁ ଏହି କଟକଣା ଜାରି ହୋଇ ନ ପାରେ ବୋଲି ବିଶ୍ଳେଷକମାନେ କହିଛନ୍ତି। ଅନ୍ୟପକ୍ଷେ ଭାରତ ବିରୋଧରେ ଆସିଥିବା ଏହି ଅଭିଯୋଗକୁ ନୂଆଦିଲ୍ଲୀ ଖଣ୍ଡନ କରିବା ସହ ୟୁଏସ୍‌ସିଆଇଆର୍‌ଏଫ୍‌କୁ ଚିନ୍ତାଜନକ ସଂସ୍ଥା ରୂପେ ଘୋଷଣା କରାଯିବା ଉଚିତ ବୋଲି କୁହାଯାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଉଲ୍ଲେଖ କରାଯାଇଛି, ୧୪୦ କୋଟି ଜନସଂଖ୍ୟାର ଦେଶ ଭାରତ ନିଜ ଉଦାରବାଦୀ ନୀତିକୁ ନେଇ ପରିଚିତ। ୟୁଏସ୍‌ସିଆଇଆର୍‌ଏଫ୍ ଅଳ୍ପ କେତୋଟି ଘଟଣାକୁ ନେଇ ଭାରତକୁ ବଦ୍‌ନାମ କରିବା ଅନୁଚିତ। ଏହା ପଛରେ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ରହିଥିବା ବହିର୍ବ୍ୟାପାର ମୁଖପାତ୍ର ରଣଧୀର ଜୟସ୍ୱାଲ ପାଲଟା ଜବାବ ଦେଇଛନ୍ତି।

### ପୂର୍ବ ଇଡି ମୁଖ୍ୟ ସଞ୍ଜୟ ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା

ନୂଆଦିଲ୍ଲୀ, ୨୬।୩

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ଅବସରପ୍ରାପ୍ତ ଅଧିକାରୀ ତଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ପୂର୍ବତନ ମୁଖ୍ୟ ସଞ୍ଜୟ କୁମାର ମିଶ୍ରାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ



(ଇଏସି-ପିଏମ୍)ର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ସଞ୍ଜୟ ହେଉଛନ୍ତି ୧୯୮୪ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡରର ଆଇଆର୍‌ଏସ ଅଧିକାରୀ। ସେ ପୂର୍ବରୁ ଦିଲ୍ଲୀରେ ଆୟକର ବିଭାଗର ମୁଖ୍ୟ କମିଶନର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ଶିନ୍ଦେଙ୍କ ପରେ ସୀତାରାମନଙ୍କୁ କଟାକ୍ଷ

**କାମ୍‌ରାଙ୍କୁ ଦ୍ୱିତୀୟ ଥର ସମନ କଲା ମୁମ୍ବାଇ ପୋଲିସ**

ମୁମ୍ବାଇ, ୨୬।୩

ବିବାଦରେ ଥିବା ଷ୍ଟାଣ୍ଡଅପ୍ କମେଡିଆନ କୁନାଲ କାମ୍‌ରା ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଟାର୍ଗେଟ କରି ନିଜର ଏକ ବ୍ୟଙ୍ଗାତ୍ମକ ଗୀତର ଭିଡିଓକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ୧୯୮୭ ମସିହାର ସୁପରହିଟ ଫିଲ୍ମର 'ମିଷ୍ଟର ଇଣ୍ଡିଆ' ପ୍ରସିଦ୍ଧ ଗୀତ 'ହୱା ହୱାଇ'ର ତାଳେ ତାଳେ ସେ ମୁଦ୍ରାସ୍ଫୀତି ଓ ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟାକ୍ସ (ଜିଏସ୍‌ଟି) କୁ ପ୍ରସଙ୍ଗ କରି ନିର୍ମଳାଙ୍କୁ ପରିହାସ କରିଛନ୍ତି। ଗୀତରେ କୁନାଲ ନିର୍ମଳାଙ୍କୁ ଟାର୍ଗେଟ କରି 'ଶାଢ଼ିବାଲି ଦିଦି' କହିଛନ୍ତି। ମୁମ୍ବାଇର ହାବିଟାଟ୍ ଷ୍ଟୁଡିଓରେ ପ୍ରାୟ ମାସେ ତଳେ କାମ୍‌ରାଙ୍କ ଏହି ଭିଡିଓ ରେକର୍ଡ ହୋଇଥିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ ଶିନ୍ଦେଙ୍କୁ କାମ୍‌ରାଙ୍କର ବ୍ୟଙ୍ଗ ନେଇ ଶିବସେନା ବିଧାୟକ ମୁର୍ଜି ପଟେଲଙ୍କର ଅଭିଯୋଗ ଆଧାରରେ ରୁଜୁ ହୋଇଥିବା ମାମଲାକୁ କେନ୍ଦ୍ର କରି ମୁମ୍ବାଇ ପୋଲିସ ମଙ୍ଗଳବାର କାମ୍‌ରାଙ୍କୁ ସମନ କରିଥିଲା। ତେବେ ପୋଲିସ ସମ୍ମୁଖରେ ହାଜର ହେବାକୁ କାମ୍‌ରା



କୁନାଲ କାମ୍‌ରା

ସପ୍ତାହେ ସମୟ ମାଗିଥିଲେ। ତେବେ ବୁଧବାର ମୁମ୍ବାଇ ପୋଲିସ କାମ୍‌ରାଙ୍କ ଉକ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ସହ ତାଙ୍କୁ ଦ୍ୱିତୀୟ ଥର ପାଇଁ ସମନ କରିଛି। ତେବେ ଯେଉଁ ଭିଡିଓରେ କୁନାଲ ଶିନ୍ଦେଙ୍କୁ ଟାର୍ଗେଟ କରିଥିଲେ। ଉକ୍ତ ଭିଡିଓ ପାଇଁ ତାଙ୍କୁ କପିରାଇଟ ଉଲ୍ଲଂଘନର ନୋଟିସ ମିଳିଛି। ମ୍ୟୁଜିକ୍ କମ୍ପାନୀ ଟି-ସିରିଜ୍ ପକ୍ଷରୁ ୟୁଟ୍ୟୁବ୍ ନିକଟରେ ଉକ୍ତ ଭିଡିଓକୁ ରିପୋର୍ଟ କରାଯାଇଛି। ଏନେଇ କୁନାଲ ଏକ୍ସ'ରେ ଟି-ସିରିଜ୍‌କୁ ଟ୍ୟାଗ୍ କରି ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଶାହାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

ନୂଆଦିଲ୍ଲୀ, ୨୬।୩ (ପି.ଟି.)

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଉପରେ ଟିପ୍ପଣୀକୁ ନେଇ ବୁଧବାର ରାଜ୍ୟ ସଭାରେ କଂଗ୍ରେସ ସଂସଦୀୟ ଦଳର ମୁଖ୍ୟ ସଚେତକ ଜୟରାମ ରମେଶ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ମଙ୍ଗଳବାର ସଂସଦର ଉଚ୍ଚ ସଦନରେ ବିପର୍ଯ୍ୟୟ ପରିଚାଳନା ବିଲ୍, ୨୦୨୪ ଉପରେ ବିତର୍କ ହେଉଥିବା ସମୟରେ ଶାହା ଉଦ୍ଦେଶ୍ୟମୂଳକ ଭାବେ ସୋନିଆଙ୍କ ପ୍ରତିଷ୍ଠାକୁ କ୍ଷୁଣ୍ଣ କରିବା ପାଇଁ ତାଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଥିବା ରମେଶ କହିଛନ୍ତି। କଂଗ୍ରେସ ଶାସନ ସମୟରେ ଦେଶର ଏକ ନିର୍ଦ୍ଦିଷ୍ଟ ପରିବାର ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିର ସଦସ୍ୟ ଥିବା ଶାହା କହିଥିଲେ। ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସରକାରୀ ରାଜକୋଷର ଅଂଶ ଥିଲେ, ବୋଲି ଶାହା ସୋନିଆଙ୍କୁ ଆକ୍ଷେପ କରି କହିଥିଲେ।

## ତତ୍କାଳ ଶୁଣାଣି ଜରୁରୀ ନୁହେଁ: ସୁପ୍ରିମକୋର୍ଟ

**ବିଚାରପତିଙ୍କ ଟଙ୍କା ମାମଲା**

**ଡିସିପିଙ୍କ ନେତୃତ୍ୱରେ ଜଷ୍ଟିସ୍ ବର୍ମାଙ୍କ ଘରେ ପୋଲିସର ତନାଘନା**

ନୂଆଦିଲ୍ଲୀ, ୨୬।୩

ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରେ ଗତ ୧୪ ତାରିଖରେ ହିସାବ ବହିର୍ଭୁତ ୫ ଶହ ଟଙ୍କିଆ ନୋଟ୍ ଜଳିଯିବା ମାମଲାରେ ତତ୍କାଳ ଶୁଣାଣି ଜରୁରୀ ନୁହେଁ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହି ମାମଲାରେ ଜଷ୍ଟିସ୍ ବର୍ମାଙ୍କ ନାଁରେ ଏଫ୍‌ଆଇଆର୍ କରିବା ପାଇଁ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେବାକୁ ଦାବିକରି ହୋଇଥିବା ଏକ ଆବେଦନର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏପରି କହିଛନ୍ତି। ଅନ୍ୟପକ୍ଷରେ, ବୁଧବାର ନୂଆଦିଲ୍ଲୀର ଡିସିପି ଦେବେଶ କୁମାର ମହଲାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବର୍ମାଙ୍କ ଘରକୁ ଯାଇ ୨ ଘଣ୍ଟା ତନାଘନା କରିଥିଲା। ଏହାସହ ପୋଲିସ ନିଆଁ ଲାଗିଥିବା ସ୍ଥାନକୁ ସିଲ୍ କରିଛି। ସୁପ୍ରିମକୋର୍ଟଙ୍କ



ଦ୍ୱାରା ଗଠିତ କମିଟିର ନିର୍ଦ୍ଦେଶରେ ଦିଲ୍ଲୀ ପୋଲିସ ଏହି ପଦକ୍ଷେପ ନେଇଛି। ପ୍ରମାଣ ନଷ୍ଟ ହେବାକୁ ନ ଦେବା ପାଇଁ ଏପରି କରାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏହାସହ ପୋଲିସ ଜଷ୍ଟିସ୍ ବର୍ମାଙ୍କ ବାସଭବନରେ କାର୍ଯ୍ୟରତ କର୍ମଚାରୀଙ୍କୁ ମଧ୍ୟ ପରଚାଉଚରା କରିଛି।

### କୋଟାରେ ଏନ୍‌ଇଇଟି ଛାତ୍ରଙ୍କ ଆତ୍ମହତ୍ୟା

**କୋଟା, ୨୬।୩:** ରାଜସ୍ଥାନର ଶିକ୍ଷାନଗରୀ କୋଟାରେ ଆଉ ଜଣେ ଏନ୍‌ଇଇଟି ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏହାକୁ ମିଶାଇ ୩ ମାସ ଭିତରେ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ୧୭ ବର୍ଷୀୟ ମେଡିକାଲ ଆଶାୟୀ ହର୍ଷରାଜ ଶଙ୍କର ବିହାର ନାଳନ୍ଦା ଜିଲାର। ସେ ଗତବର୍ଷ ଏପ୍ରିଲରୁ କୋଟାସ୍ଥିତ ଏକ କୋଚିଂ ସେଣ୍ଟରରେ ମେଡିକାଲ ପ୍ରବେଶିକା ପାଇଁ ପ୍ରସ୍ତୁତି ଚଳାଇଥିଲେ। ବୁଧବାର ତାଙ୍କ ହଷ୍ଟେଲ ରୁମ୍ ଭିତର ପଟୁ ବନ୍ଦ ଥିଲା। ସାଙ୍ଗମାନେ ଡାକିବା ପରେ ମଧ୍ୟ ହର୍ଷରାଜ କବାଟ ନ ଖୋଲିବାରୁ ସନ୍ଦେହ ହୋଇଥିଲା। ଜବାହରନଗର ପୋଲିସକୁ ଖବର ଦିଆଗଲା। ପୋଲିସ ଆସି କବାଟ ଭାଙ୍ଗିବାରୁ ଏକ ଲୁହାରଡ୍‌ରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିଲା। ସେଠାରୁ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଜବତ ହୋଇଛି।



ଶ୍ରୀନଗରରେ ଥିବା ଏସିଆର ସର୍ବବୃହତ୍ ଟୁଲିପ୍ ଗାର୍ଡେନ ବୁଧବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଉଦ୍ୟାନର ଫଟୋ ଉଠାଉଛନ୍ତି।

# 'ମୋତେ କଳା ରଙ୍ଗ ପସନ୍ଦ'

**ବର୍ଣ୍ଣକୁ ନେଇ ନକାରାତ୍ମକ ମନ୍ତବ୍ୟ: ଜବାବ ରଖିଲେ କେରଳ ମୁଖ୍ୟ ସଚିବ**

ଥିରୁଭାନନ୍ତପୁରମ, ୨୬।୩

କେରଳର ମୁଖ୍ୟ ଶାସନ ସଚିବ ଶାରଦା ମୁରଲୀଧରନ ବୁଧବାର ଫେସ୍‌ବୁକରେ କରିଥିବା ଏକ ପୋଷ୍ଟକୁ ନେଇ ଚର୍ଚ୍ଚା ଲାଗି ରହିଛି। ଦେଖିବାକୁ କଳା ରଙ୍ଗର ହୋଇଥିବାରୁ ତାଙ୍କୁ ନେଇ ସୋସିଆଲ ମିଡିଆରେ ପ୍ରଚାର କରାଯାଉଥିବା ନକାରାତ୍ମକତା ବିରୋଧରେ ସେ ଏହି ପୋଷ୍ଟ କରିଛନ୍ତି। ଶାରଦା ଏହି ପୋଷ୍ଟରେ ଲେଖିଛନ୍ତି, ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ତାଙ୍କର ୭ ମାସର କାର୍ଯ୍ୟକାଳ ଭିତରେ ମଙ୍ଗଳବାର ତାଙ୍କୁ ନେଇ କରାଯାଇଥିବା ଏକ ପୋଷ୍ଟକୁ ସେ ଦେଖିଥିଲେ, ଯାହା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଜଣେ ୟୁଜର୍ସ ଲେଖିଥିଲେ, କେରଳର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଶାରଦାଙ୍କ ସ୍ୱାମୀ ଭି. ବେଣୁ



ଶାରଦା ମୁରଲୀଧରନ

ଯେତେ ଗୋରା, ଶାରଦା ଏବଂ ମୁଖ୍ୟ ଶାସନ ସଚିବ ଭାବେ ତାଙ୍କ ୭ ମାସର କାର୍ଯ୍ୟକାଳ ସେତେ କଳା। ଏହାର ଉତ୍ତରରେ ଶାରଦା ଲେଖିଛନ୍ତି, ସେ କଳା ରଙ୍ଗର ଶରୀର ସହ ଜନ୍ମ ହୋଇଛନ୍ତି। ଏହା ତାଙ୍କୁ ସ୍ୱୀକାର କରିବାକୁ ପଡ଼ିବ। ଏଥିପାଇଁ ସେ ଗର୍ବିତ। କଳା ରଙ୍ଗ ତାଙ୍କୁ ଖୁବ୍ ପସନ୍ଦ ମଧ୍ୟ। ଶରୀରର ରଙ୍ଗକୁ ନେଇ କାହାର କାର୍ଯ୍ୟଶୈଳୀ ଉପରେ ତୁଳନା କରିବା ଅନୁଚିତ। ଲୋକମାନେ ତାଙ୍କ କଳା ରଙ୍ଗକୁ ନେଇ ସୋସିଆଲ ମିଡିଆରେ ଏପରି ପୋଷ୍ଟ କରୁଛନ୍ତି, ଯେପରି କଳା ରଙ୍ଗର ହୋଇଥିବାରୁ ସମାଜ ତାଙ୍କୁ ନେଇ ଲଜ୍ଜିତ ଅନୁଭବ କରୁଛି। ସମାଲୋଚନାର ଶିକାର ହେବା ଭୟରେ ପ୍ରଥମେ ସେ ଏହି ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ ବୋଲି ଶାରଦା କହିଛନ୍ତି। ତେବେ ପରେ କେତେଜଣ ଶୁଭେଚ୍ଛୁ ଓ ଶୁଭ ଚିନ୍ତକଙ୍କ ପରାମର୍ଶରେ ସେ ପୁଣିଥରେ ଏହି ପୋଷ୍ଟକୁ ଶେୟାର କରିଥିଲେ। କଳା ରଙ୍ଗକୁ ନେଇ ସୋସିଆଲ ମିଡିଆରେ ନକାରାତ୍ମକତାର ପ୍ରଚାର କରୁଥିବା ଲୋକଙ୍କୁ ଜବାବ ଦେବା ଉଦ୍ଦେଶ୍ୟରେ ସେ ଏହି ପୋଷ୍ଟ କରିଛନ୍ତି ବୋଲି ଶାରଦା କହିଛନ୍ତି। ଉକ୍ତ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ ଏହି ପୋଷ୍ଟକୁ ନେଇ ଶାରଦାଙ୍କୁ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ଭାରତୀୟ ପ୍ରଶାସନିକ ସେବାର ୧୯୯୦ ବ୍ୟାଚ୍‌ର ଅଧିକାରୀ ଶାରଦା ଗତ ବର୍ଷ ଅଗଷ୍ଟ ୩୧ରୁ କେରଳର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହାପୂର୍ବରୁ ସେ କେରଳ ସରକାରରେ ଅତିରିକ୍ତ ମୁଖ୍ୟ ସଚିବ (ଯୋଜନା ଏବଂ ଆର୍ଥିକ) ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୭/୨୦୨୫ | Bhubaneswar, Thursday, March 27/2025 | ପୃଷ୍ଠା-୧


# ବିଧାନସଭାରେ ପୁଣି ଘଣ୍ଟମାଡ଼ | ଭିତରେ, ବାହାରେ ଖଣ୍ଡଯୁଦ୍ଧ






ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ଉଠାଇଥିବା କଂଗ୍ରେସ ବିଧାୟକମାନଙ୍କୁ ବିଧାନସଭାରୁ ନିଲମ୍ବନ କରାଯାଇଥିବାବେଳେ ଦଳର ନେତାମାନେ ବୁଧବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଘଣ୍ଟ ବଜାଇ ପ୍ରତିବାଦ କରୁଛନ୍ତି ଏବଂ ପୋଲିସ ସହ କଂଗ୍ରେସ କର୍ମୀଙ୍କ ଧସ୍ତାଧସ୍ତି। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୨୬।୩ (ରବିନାରାୟଣ ଜେନା)

## ■ ତାରା, ରମେଶ ୭ ଦିନ ପାଇଁ ନିଲମ୍ବିତ ■ ବିଜେଡି-ଭାଜପା ମୁହାଁମୁହିଁ

ଗତ ଏକ ସପ୍ତାହ ଧରି ବିଧାନସଭାରେ ଶାସକ-ବିରୋଧୀଙ୍କ ମଧ୍ୟରେ କଥା କଟାକଟିରୁ ଧସ୍ତାଧସ୍ତି ମଧ୍ୟରେ ସୀମିତ ରହିଥିବାବେଳେ ଏବେ ତାହା ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ମଙ୍ଗଳବାର କଂଗ୍ରେସର ୧୨ଜଣ ସଦସ୍ୟଙ୍କୁ ନିଲମ୍ବନ କରାଯିବାକୁ ନେଇ ଗୃହ ଭିତରେ ଓ ବାହାରେ ଖଣ୍ଡଯୁଦ୍ଧ ଲାଗିରହିଛି। ମଙ୍ଗଳବାର ରାତିତମାମ ପୋଲିସ ଓ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ଲାଗିରହିଥିଲା। ବୁଧବାର ସକାଳୁ ମଧ୍ୟ ବିଧାନସଭା ଓ ଗାନ୍ଧୀମାର୍ଗରେ କଂଗ୍ରେସ ପକ୍ଷରୁ ହାଇଡ୍ରାମା ଦେଖିବାକୁ ମିଳିଛି। ସରକାରଙ୍କ ବିରୋଧରେ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଛନ୍ତି। ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବିଧାନସଭାର ଚତୁଃପାର୍ଶ୍ୱରେ ଅଧିକ ସୁରକ୍ଷାବଳ ମୁତୟନ କରାଯିବା ସହିତ ପୂର୍ବାହ୍ନରେ କାହାରିକୁ ବିଧାନସଭା ଭିତରକୁ ଦୀର୍ଘସମୟ ପର୍ଯ୍ୟନ୍ତ ଛଡ଼ାଯାଇ ନ ଥିବା ପରିଲକ୍ଷିତ ହୋଇଛି। ଏପରିକି କଂଗ୍ରେସ ଓ ବିଜେଡିର କେତେଜଣ ବିଧାୟକ ଫାଟକ ବାହାରେ ଅପେକ୍ଷାରତ ଥିବା ଦେଖିବାକୁ ମିଳିଥିଲା।

ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ କଂଗ୍ରେସ ବୁଧବାର ପୁଣି ଗୃହ ଭିତରେ ଘଣ୍ଟମାଡ଼ କରିବା ଯୋଗୁ ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତି ଓ ସଦସ୍ୟ ରମେଶ ଜେନାଙ୍କୁ ବାଚସ୍ପତି ସୁରମା ପାଢ଼ୀ ୭ ଦିନ ପାଇଁ ନିଲମ୍ବନ କରିଛନ୍ତି। ଏହାକୁ ନେଇ ସରକାରଙ୍କୁ ବିରୋଧୀ ବିଜେଡି ଓ କଂଗ୍ରେସ ଶଣ୍ଢୁଆସି ଆକ୍ରମଣ କରିଛନ୍ତି। ଯେପର୍ଯ୍ୟନ୍ତ ବାଚସ୍ପତି କେଉଁ କାରଣରୁ ଗୃହର ସଦସ୍ୟଙ୍କୁ ପୋଲିସ ମାଡ଼ ମାରିଲା ତା'ର ଜବାବ ଦେଇନାହାନ୍ତି ସେପର୍ଯ୍ୟନ୍ତ ଗୃହକାର୍ଯ୍ୟରେ ସହଯୋଗ କରିବୁ ନାହିଁ ବୋଲି ବିରୋଧୀ କହିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ବାଚସ୍ପତିଙ୍କ ପଦକ୍ଷେପକୁ ସ୍ୱାଗତ କରାଯିବା ସହ ବିଜେଡି କଂଗ୍ରେସକୁ ଆଗକୁ ଠେଲି ପଛରୁ ନିଆଁ ଲଗାଉଛି ବୋଲି କହିଛି।

ବୁଧବାର ପ୍ରଶ୍ନକାଳ ଆରମ୍ଭରୁ ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ଜୋର୍‌ଦାର ପ୍ରତିବାଦ କରିବା ସହ ଏସ୍‌ସି,ଏସ୍‌ଟି ଓ ପଛୁଆବର୍ଗଙ୍କ ଲାଗି ଶିକ୍ଷା ଏବଂ ନିଯୁକ୍ତିରେ ଆସନ ସଂରକ୍ଷଣ ପ୍ରସଙ୍ଗ ଉଠାଇବା ସହିତ ବାଚସ୍ପତିଙ୍କ ବିବୃତି ଦାବି କରିଥିଲେ। ମାତ୍ର ବାଚସ୍ପତି କୌଣସି ବିବୃତି ଦେଇ ନ ଥିବାରୁ ବିଜେଡି ନାରାବାଜି କରି କକ୍ଷତ୍ୟାଗ କରିଥିଲା। ଏହି ସମୟରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଓ ରମେଶଚନ୍ଦ୍ର ଜେନା ଘଣ୍ଟମାଡ଼ କରିବାରୁ ତାଙ୍କୁ ନିଲମ୍ବନ କରିବା ଲାଗି ଶାସକ ଦଳ ପକ୍ଷରୁ ସରକାରଙ୍କ ମୁଖ୍ୟ ସଚେତକ ସରୋଜ ପ୍ରଧାନ ମୋଶନ ଆଗତ କରିଥିଲେ। ପରେ ବାଚସ୍ପତି ଉଭୟ ସଦସ୍ୟଙ୍କୁ ୭ ଦିନ ପାଇଁ ନିଲମ୍ବନ କରିଥିଲେ।

ଶୂନ୍ୟକାଳରେ ବିଜେଡି ପଛୁଆବର୍ଗଙ୍କ ଆସନ ସଂରକ୍ଷଣ ଦାବି ଉଠାଇବା ସହିତ ଗୃହ ସୁରୁଖୁରୁରେ ଚଳାଇବାକୁ ବାଚସ୍ପତିଙ୍କୁ ନିବେଦନ କରିଥିଲା। ବିରୋଧୀଙ୍କୁ ପୋଲିସ କାହିଁକି ମାଡ଼ ମାରିଲା ସେନେଇ ବାଚସ୍ପତି ବିବୃତି ଦେବାକୁ ଦଳ ଦାବି କରିଥିଲା। କଂଗ୍ରେସ ବିଧାୟକଙ୍କ ଉପରେ ମଙ୍ଗଳବାର ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ବିଜେଡି ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ମଙ୍ଗଳବାର ଗୃହରେ ଯାହା ଘଟିଗଲା, ତାହା ଅଭୂତପୂର୍ବ ଘଟଣା। ଏଭଳି ଘଟଣା କେବେବି ଓଡ଼ିଶାରେ ଘଟି ନ ଥିଲା। ବିଧାନସଭାରେ ପ୍ରତିବାଦ କରିବା, ମତ ରଖିବାର ଅଧିକାର ବିରୋଧୀଙ୍କ ରହିଛି। ଗୃହ କିଭଳି ଚାଲିବ ତାହା ସରକାରଙ୍କ ଦାୟିତ୍ୱ। ସରକାର ଯଦି ବିରୋଧୀ ଦଳଙ୍କ ପ୍ରତିବାଦରେ ଏତେ ପ୍ରତିକ୍ରିୟାଶୀଳ ହେବେ ତେବେ ଗୃହ ଚାଲିପାରିବ ନାହିଁ। ପରିଲକ୍ଷିତ ହେଉଛି ଯେ, ବିରୋଧୀ କିଛି କହିବାବେଳେ ସରକାରୀ ଦଳ ଅଧିକ ପ୍ରତିକ୍ରିୟାଶୀଳ ହେଉଛନ୍ତି ବୋଲି ଆଚାର୍ଯ୍ୟ କହିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ମଙ୍ଗଳବାର କଂଗ୍ରେସ ବିଧାୟକଙ୍କୁ ଗୃହରୁ ମାଡ଼ମାରି ବାହାର କରାଗଲା। ସେମାନେ ଏଥିରେ ଆହତ ବୋଲି ଆମେ ଗଣମାଧ୍ୟମରୁ ଖବର ପାଇଲୁ। ଆପଣ ଏନେଇ କୌଣସି ବିବୃତି ରଖିନାହାନ୍ତି। ବିଜେଡି ସଦସ୍ୟମାନେ ☞ପୃଷ୍ଠା-୨

## ଏମିତି କ'ଣ ଘଟିଗଲା ଯେ ଗୃହ କମିଟି ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୩ (ସୁନିତ୍ ମିଶ୍ର)

**ରାଜ୍ୟରେ କମିଛି ମହିଳା ବିରୋଧୀ ଅପରାଧ**



ମୋହନ ଚରଣ ମାଝୀ

ଗୃହ ବିଭାଗ ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ବିରୋଧୀଙ୍କୁ କହିବା ଲାଗି ଏହା ଏକ ବଡ଼ ପ୍ଲାଟ୍‌ଫର୍ମ, ଯାହାକୁ ସେମାନେ ଛାଡ଼ିଯାଇଛନ୍ତି। ଗୃହ ବିଭାଗର ଆଲୋଚନାବେଳେ ବିରୋଧୀ ସଦସ୍ୟ ଉପସ୍ଥିତ ଥାଆନ୍ତି। ଯେଉଁମାନେ ରାଜ୍ୟର ଆଇନ ଶୃଙ୍ଖଳା ଏବଂ ନାରୀ ନିର୍ଯାତନା ବିଷୟରେ ଚିତ୍କାର କରୁଛନ୍ତି ସେମାନେ ଥିଲେ ଆଲୋଚନାରେ ଭାଗ ନେଇଥାଆନ୍ତେ। ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ରାଜ୍ୟରେ ଏମିତି କ'ଣ ଘଟିଗଲା ଯେ ଗୃହ କମିଟି ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ପ୍ରଶ୍ନ କରିଛନ୍ତି। ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖି କହିଛନ୍ତି, ଗୃହକୁ ଅଚଳ କରିବା ଅଧିକାର କାହାର ନାହିଁ। ବିରୋଧୀ ଦଳ ମୁଖ୍ୟ ସଚେତକ ଯଦି ଗୁରୁତର ଆହତ ହେଲେ ତେବେ ଡାକ୍ତରଖାନା ଯିବା କଥା। କଂଗ୍ରେସ ସଦସ୍ୟମାନେ ଅଭିଯୋଗ କରୁଛନ୍ତି ସେମାନଙ୍କୁ ସୁରକ୍ଷା କର୍ମୀମାନେ ବାଡ଼େଇଲେ। ଯଦି କଂଗ୍ରେସ ସଦସ୍ୟ ଗୃହ ଭିତରେ ବସିଥିଲେ ସେମାନଙ୍କୁ ସୁରକ୍ଷା କର୍ମୀ କେମିତି ବାଡ଼େଇଲେ। କଂଗ୍ରେସ କର୍ମୀମାନେ ବିଧାନସଭାର ମୁଖ୍ୟ ଫାଟକ ପାଖକୁ ଆସି ବିଶୃଙ୍ଖଳା କରିବା କେଉଁ ପ୍ରକାର ଗଣତନ୍ତ୍ରର ରକ୍ଷା ବୋଲି ମୁଖ୍ୟମନ୍ତ୍ରୀ ପାଲଟା ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, କଂଗ୍ରେସ ସଦସ୍ୟ ଗୃହରେ ଧାରଣାରେ ବସିବାବେଳେ ପଖାଳ, ଚିକେନ, ମଟନ ଖାଇଛନ୍ତି। ସେମାନଙ୍କୁ କିଏ ବାଡ଼େଇଲା। ବିରୋଧୀ ହୋହଲ୍ଲାକରି ଗୃହରୁ ଯିବା ପରେ ଗାନ୍ଧୀମୂର୍ତ୍ତି ତଳେ ବସନ୍ତି ନ ହେଲେ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଥାଆନ୍ତି। ପରଦିନ ପୁଣି ଗୃହକୁ ଆସିଥାଆନ୍ତି। ସେମାନେ ଗୃହରେ ଘଣ୍ଟି, ଘଣ୍ଟା, ତୁରୀ ବଜାଇ ବିଶୃଙ୍ଖଳା କଲେ। ରାଜ୍ୟବାସୀ ଏମାନଙ୍କୁ କ୍ଷମା ଦେବେ ତ ବୋଲି ସେ ପ୍ରଶ୍ନ କରିଛନ୍ତି। ପୋଲିସର ସୁବନ୍ଦୋବସ୍ତ ଯୋଗୁ ୨୦୨୪ ଜୁଲାଇରେ ରଥଯାତ୍ରା ଏବଂ ନଭେମ୍ବରରେ ଐତିହାସିକ ବାଲିଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାହିତ ହୋଇଥିଲା। ଗତବର୍ଷ ନଭେମ୍ବର ୨୯ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ସର୍ବଭାରତୀୟ ପୋଲିସ ମହାନିର୍ଦ୍ଦେଶକ / ଆରକ୍ଷୀ ନିର୍ଦ୍ଦେଶକ ସମ୍ମିଳନୀ, ଡିସେମ୍ବର ୩ରୁ ୭ ପର୍ଯ୍ୟନ୍ତ ନୌସେନା ଦିବସ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜାନୁଆରୀରେ ଅନୁଷ୍ଠିତ ୧୮ତମ ପ୍ରବାସୀ ଭାରତୀୟ ଦିବସରେ ପୃଥିବୀର କୋଣ ☞ପୃଷ୍ଠା-୨

## ଆଜି ବିଧାନସଭା ଘେରିବ କଂଗ୍ରେସ

ଭୁବନେଶ୍ୱର,୨୬।୩ (ରବିନାରାୟଣ ଜେନା)

ରାଜ୍ୟରେ ମହିଳା ଅସୁରକ୍ଷିତ ଏବଂ ଏଥିଲାଗି ଗୃହକମିଟି ଦାବି କରି କଂଗ୍ରେସର ୧୪ ସଦସ୍ୟ ନିଲମ୍ବନ ହେବା ଘଟଣାରେ ରାଜ୍ୟ କଂଗ୍ରେସ ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଏହି ଘଟଣାକୁ ଗାଁ ଗଣ୍ଡାରେ ପହଞ୍ଚାଇବା ପାଇଁ ପ୍ରସ୍ତୁତ ହୋଇଛି ନକ୍ସା। ଆଉ ଗୁରୁବାର ରାଜ୍ୟ କଂଗ୍ରେସ ବିଧାନସଭାର ଚତୁଃପାର୍ଶ୍ୱକୁ ଘେରିବାପାଇଁ ପ୍ରସ୍ତୁତ ହେଉଛି। କଂଗ୍ରେସର ଏହି କାର୍ଯ୍ୟକ୍ରମକୁ ରାଜ୍ୟବାସୀ ସମର୍ଥନ ଦେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ମହିଳାଙ୍କୁ ସୁରକ୍ଷା ଦେବ କହି କ୍ଷମତାସୀନ ହେବା ପରେ ଭାଜପା ତା'ର ମୂଳ ଲକ୍ଷ୍ୟରୁ ଦୂରେଇ ଯାଇଛି। କଂଗ୍ରେସ ସବୁବେଳେ ଲୋକଙ୍କ ପାଇଁ ସ୍ୱର ଉଠାଇ ଆସିଛି। ହେଲେ ଏବେ ମହିଳାଙ୍କ ପ୍ରସଙ୍ଗରେ ସ୍ୱର ଉଠାଇବାରୁ ସରକାର ପ୍ରତିକ୍ରିୟାଶୀଳ ହୋଇ ପଡିଛନ୍ତି। ଅଗଣତାନ୍ତ୍ରିକ ଉପାୟରେ ବିରୋଧୀଙ୍କ ସ୍ୱରକୁ ଚାପିବା ପାଇଁ ☞ପୃଷ୍ଠା-୨

## ଆଗକୁ ବ୍ୟାପିବ ନିଲମ୍ବନ ନିଆଁ: ଭକ୍ତ



ଭକ୍ତଚରଣ ଦାସ

ଭୁବନେଶ୍ୱର,୨୬।୩ (ରବିନାରାୟଣ ଜେନା)

ଦୀର୍ଘଦିନ ପରେ ରାଜଧାନୀ ଭୁବନେଶ୍ୱରରେ କଂଗ୍ରେସ ତା'ର ଦମ୍ ଦେଖାଇଛି। ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ କଂଗ୍ରେସ ସରକାରଙ୍କଠାରେ ଗୃହ କମିଟି ଗଠନ ଦାବି କରିଛି। ଏହାକୁ ସରକାର ନ ଶୁଣି ମଙ୍ଗଳବାର ୧୨ ସଦସ୍ୟଙ୍କୁ ନିଲମ୍ବନ କରିବାକୁ ନେଇ କଂଗ୍ରେସ ଫ୍ରଣ୍ଟଫୁଟ୍‌କୁ ଆସି ତା'ର ଦମ୍ ଦେଖାଇଛି। ମଙ୍ଗଳବାର ରାତିରେ ନିଲମ୍ବିତ ୧୨ କଂଗ୍ରେସ ସଦସ୍ୟ ବିଧାନସଭା ଭିତରେ ରହିବାକୁ ନେଇ ☞ପୃଷ୍ଠା-୨

## ଶପଥ ନେଲେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ

କଟକ,୨୬।୩ (କାର୍ତ୍ତିକ ସାହୁ)



ହାଇକୋର୍ଟ ପୁରୁଣା ବିଲ୍ଡିଂରେ ବୁଧବାର ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଶପଥପାଠ କରାଉଛନ୍ତି।

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିଶ ଟଣ୍ଡନ ବୁଧବାର ଶପଥ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ଓଡ଼ିଶା ହାଇକୋର୍ଟର ୩୫ତମ ମୁଖ୍ୟ ବିଚାରପତି। ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ହାଇକୋର୍ଟ ପୁରୁଣା ବିଲ୍ଡିଂରେ ଆୟୋଜିତ ଉତ୍ସବରେ ଜଷ୍ଟିସ୍ ଟଣ୍ଡନଙ୍କୁ ଶପଥ ପାଠ କରାଇଛନ୍ତି। ହାଇକୋର୍ଟରେ ମୋଟ ବିଚାରପତି ପଦବୀ ୩୩ ଥିବାବେଳେ ଜଷ୍ଟିସ ଟଣ୍ଡନଙ୍କ ଯୋଗଦାନ ପରେ ଏହି ସଂଖ୍ୟା ୧୯ରେ ପହଞ୍ଚିଛି। ପୂର୍ବତନ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଗତ ଜାନୁଆରୀ ୧୯ରେ ଅବସର ନେବାପରେ ଏହି ପଦବୀ ଖାଲି ପଡ଼ିଥିଲା। ବରିଷ୍ଠ ବିଚାରପତି ଅରିନ୍ଦମ ସିହ୍ନା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟଙ୍କ ସମେତ ହାଇକୋର୍ଟର ସମସ୍ତ ବିଚାରପତି, ପୂର୍ବତନ ବିଚାରପତି, ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ଓ ଆଇନଜୀବୀ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଜଷ୍ଟିସ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ନିମନ୍ତେ ସୁପ୍ରିମ୍‌କୋର୍ଟ କଲେଜିୟମ ମାର୍ଚ୍ଚ ୬ରେ ସୁପାରିସ କରିଥିଲେ। ରାଷ୍ଟ୍ରପତି ଉକ୍ତ ସୁପାରିସ ଉପରେ ମୋହର ଲଗାଇବା ପରେ ମାର୍ଚ୍ଚ ୨୧ରେ ଜଷ୍ଟିସ୍ ଟଣ୍ଡନ ନିଯୁକ୍ତ ହୋଇଥିଲେ। ୧୯୬୪ ନଭେମ୍ବର ୧୬ରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ୍ ଟଣ୍ଡନ ୨୦୧୦ ଏପ୍ରିଲ ୧୩ରେ କୋଲକାତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ସେ କୋଲକାତା ବିଶ୍ୱବିଦ୍ୟାଳୟରୁ ୧୯୮୯ରେ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରି ସେହିବର୍ଷ ସେପ୍ଟେମ୍ବର ୨୬ରେ ଆଇନଜୀବୀ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସେ କୋଲକାତା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ସିଟି ସିଭିଲ୍ କୋର୍ଟ, ଡିଆରଟି ଓ ସୁପ୍ରିମକୋର୍ଟରେ ମଧ୍ୟ ଆଇନଜୀବୀ ଭାବେ ମାମଲା ପରିଚାଳନା କରିଥିଲେ। ତେବେ କୋଲକାତା ହାଇକୋର୍ଟରେ ବରିଷ୍ଠ ବିଚାରପତି ଭାବେ କାର୍ଯ୍ୟରତ ଥିବାବେଳେ ଜଷ୍ଟିସ ଟଣ୍ଡନଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି।

## ଶୁଆକୁ ଫାଶୀ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର (ବନ୍ଦନା ସେଠୀ)

ବିଲରୁ ବିରି ଖାଇଦେବାରୁ ଶୁଆକୁ ଫାଶୀ ଦେବା ସହ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଘଟଣାରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାର ରିଲ୍‌ସ କରିଥିବା ଯୁବକଙ୍କୁ ଆଠମଲ୍ଲିକ ନିକଟ ନାକଟି ଦେଉଳରୁ ବୁଧବାର ସକାଳେ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ୨୫ ବର୍ଷୀୟ ଭଗ୍ନ ପନ୍ଥେଇ। ଆଠମଲ୍ଲିକ ଡିଏଫ୍‌ଓ ସନ୍ତୋଷ କୁମାର କମ୍ପୁଲା କହିଛନ୍ତି, ରୋଜ୍ ରିଙ୍ଗ୍ ପାରାକିଟ୍ ପ୍ରଜାତିର ଏହି ଶୁଆଟି ସେଡ୍ୟୁଲ୍-୨ ଆନିମଲ। ଅଭିଯୁକ୍ତମାନଙ୍କ ବିରୋଧରେ ୱାଇଲ୍ଡ ଲାଇଫ୍ ଆକ୍ଟର ଧାରା ୯ ଅନୁସାରେ ମାମଲା ରୁଜୁ କରାଯାଇଛି। ଅନ୍ୟଜଣେ ଅଭିଯୁକ୍ତ ଶୁଆଟିକୁ ମାରିଥିବା ଭଗ୍ନଙ୍କୁ ଜେରା ବେଳେ ସେ କହିଛନ୍ତି। ସେ କେବଳ ରିଲ୍ସ କରିଥିଲେ ବୋଲି ବୟାନ ଦେଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନ ଜାରି ରହିଛି। ବିଲରୁ ବିରି ଖାଇଥିବାରୁ ଶୁଆକୁ ଧରି ଉଭୟ ହତ୍ୟା କରିଥିଲେ। ନାକଟି ଦେଉଳ ଅଞ୍ଚଳରେ ଏହି ଭିଡିଓଟି ଶୁଟିଂ କରାଯାଇଥିଲା ବୋଲି ଡିଏଫ୍‌ଓ କମ୍ପୁଲା କହିଛନ୍ତି।


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2025

Empowering students for a brighter future

CORE B.TECH PROGRAMMES
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ବିଧାନ ସଭା ଘେରାଉ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ଓ ସନ୍ଧ୍ୟା ୬ଟା ୩୦।
- ମଧୁମତୀ ସଙ୍ଗୀତ ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ନାଟକ 'ଉତ୍ତମ ପୁରୁଷ' ମଞ୍ଚସ୍ଥ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ଆୟୋଜିତ ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ ରିଜିଓନାଲ ସେଣ୍ଟର ଗ୍ୟାଲେରୀ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ବିଶ୍ୱ ନାଟ୍ୟ ଦିବସ ଅବସରରେ ଆଲୋଚନାଚକ୍ର, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାର୍ଗବୀ ନଦୀରେ ବାରୁଣୀ ସ୍ନାନ, ସ୍ଥାନ: ଭୃଗୁ ଘାଟ, ବଳପୁର, ସମୟ: ମଧ୍ୟାହ୍ନ ୧୨ଟା।
- ନାଟକ 'କିଏ ପ୍ରଦର୍ଶନ', ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।
- ଆରମ୍ଭ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା

## ବାଲେଶ୍ୱର
- ପଞ୍ଚମ ବାର୍ଷିକ ବିଶ୍ୱ କଲ୍ୟାଣ ଅଗ୍ନିହୋତ୍ର ମହୋତ୍ସବ ଅବସରରେ ଯଜ୍ଞ, ସମୟ: ଅପରାହ୍ନ ୪ଟା। ଭଜନ ସମାରୋହ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ, ସ୍ଥାନ: ପାଟପୁର ବଜାର ଦୁର୍ଗାମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ
- ବାରୁଣୀ ଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: କୁଣ୍ଡିକାଳୀ ପୀଠ, ମାଳିଅରୁଆ, ଭଦ୍ରକ, ସମୟ:ସକାଳ ୮ ଟା।
- ପଞ୍ଚମୁଖୀ ହନୁମାନ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା, ସ୍ଥାନ: ଓଳମ, ବନ୍ତ, ସମୟ: ସକାଳ ୯ ଟା।
- ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ବେଗନା, ବନ୍ତ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ହସ୍ତଶିଳ୍ପ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ଟାଉନ ହଲ୍, ଭଦ୍ରକ ସମୟ:ପୂର୍ବାହ୍ନ ୧୦ଟା୩୦
- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ଡୁଡୁୟା ବାରୁଣୀ ମେଳା ଓ ପୂଜା କାର୍ଯ୍ୟକ୍ରମ,ସ୍ଥାନ: ଘଣ୍ଟଶିଳା,ଖୁଣ୍ଟା,ସମୟ:ସକାଳ ୭ଟା।
- ଓଁ ଶ୍ରୀ ଶ୍ରୀ ମାଗଙ୍ଗା ଦେବୀଙ୍କ ବାରୁଣୀ ମହୋତ୍ସବ, ସ୍ଥାନ: ନିଶ୍ଚନ୍ତପୁର, ବଡ଼ସାହି, ସମୟ: ସକାଳ ୮ ଟା।
- ଶ୍ରୀ ଜଗନ୍ନାଥ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମସ୍ଥିତ ଶିଶୁ ମନ୍ଦିର ପରିସର, ସମୟ:ଅପରାହ୍ନ ୫ଟା୩୦।

## ବ୍ରହ୍ମପୁର
- ତୃତୀୟଲିଙ୍ଗୀଙ୍କ ସୁରକ୍ଷା ନେଇ କର୍ମଶାଳା,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଳସାଥୀ ସଂଘ ପକ୍ଷରୁ ଆରଡିସିଙ୍କୁ ସ୍ମାରକପତ୍ର,ସ୍ଥାନ: ଆରଡିସି କାର୍ଯ୍ୟାଳୟ,ସମୟ: ଅପରାହ୍ନ ୧ଟା ।
- ବିଶ୍ୱ ନାଟକ ଦିବସ ଓ ମାସିକ ନାଟ୍ୟ ଆସର,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ଋଷିକୁଲ୍ୟା ଓ ବଡ଼ନଦୀର ସଙ୍ଗମସ୍ଥଳରେ ବାରୁଣୀ ସ୍ନାନ,ସ୍ଥାନ: ଆସିକା ପୁଡୁଗେଶ୍ୱରପଲ୍ଲୀ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା
- କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ମା' ତାରିଣୀଙ୍କ ୪୨ତମ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞରେ ବଡ଼ସିଂହାର ବେଶ, ସ୍ଥାନ: ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କଣ୍ଟାମାଳିଆସ୍ଥିତ ମା' ତାରିଣୀ ପୀଠ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ଦଶଦୋଳ ମହୋସବ ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଦଶଦୋଳ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଦଶଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ପିଏମ୍‌ଶ୍ରୀ ଯୋଜନାରେ କ୍ରୀଡ଼ା ଉତ୍ସବ, ସ୍ଥାନ: ମୁନିଗୁଡ଼ା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୭ଟା।

## ନବରଙ୍ଗପୁର
- ଇ-ଗଭର୍ଣ୍ଣାନ୍ସ, ଡିଜିଟାଲ ଲିଟେରେସି ଓ ଅନଲାଇନ ଅଡିଟ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଡୁମୁରିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ ଡୁମୁରିପଦରସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।
- ସମୀକ୍ଷା ବୈଠକ, ସ୍ଥାନ : କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।
- ମାଛରାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ବିଭିନ୍ନ ପଦବୀ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ : ସନ୍ଧ୍ୟା ୬ ଟା।
- ଶ୍ରୀ ନୀଳମଣି ଜିଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ଆର୍‌ଟିଓ ଅଫିସ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ଜିଲା ରେଡକ୍ରସ ପକ୍ଷରୁ ତାଲିମ ଶିବିର, ସ୍ଥାନ : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ନାଟ ନାଟୁଆ ଅନୁଷ୍ଠାନର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜନନାଟ୍ୟ ମଞ୍ଚ ଏବଂ ଓଡିଶା ସାଂସ୍କୃତିକ ସମାଜ ଆୟୋଜନରେ ବିଶ୍ୱନାଟ୍ୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା୬ଟା ୩୦।

## ବଲାଙ୍ଗୀର
- ନାଟ୍ୟ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୧୫ ମିନିଟ।
- ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।
- ବିଶ୍ୱ ନାଟ୍ୟ ଦିବସ ପାଳନ ଓ ମହାକୋଶଲୀ ନାଟବାଦୀ-ନାଟ ଯାତରା, ସ୍ଥାନ: ରାଧାକୃଷ୍ଣ ନାଟ୍ୟମଣ୍ଡପ, ପଲ୍ଲୀଶ୍ରୀ ବିହାର, ସଦାଇପାଲି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଉଦ୍‌ଯାପନୀ ଦିବସ, ଜାତୀୟ ନାଟକ ମହୋତ୍ସବ: ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬.୩୦।
- ୟୁଜିଡ୍‌ବ୍ଲ୍ୟୁଟି ପକ୍ଷରୁ ଉତ୍କଳ ଦିବସ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ : ଫର୍ଟିଲାଇଜର ଟାଉନସିପ୍, ସମୟ: ସନ୍ଧ୍ୟା ୬.୩୦।
- ଚୈତ୍ର ନବରାତ୍ରପାଇଁ ଆଲୋଚନା, ସ୍ଥାନ: ଜଗଦା ବାଟ ମାମଙ୍ଗଳା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଅନ୍ତର୍ଜାତୀୟ ସମବାୟ ବର୍ଷ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ୍, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ନାଟ୍ୟ ଦିବସରେ ନାଟକ ପରିବେଷଣ, ସ୍ଥାନ: ସୌଖିନ ରଙ୍ଗମଞ୍ଚ, ବରଗଡ଼, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଛତୁ ଉତ୍ପାଦକଙ୍କ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ନାଟ୍ୟ ଦିବସରେ ଆଲୋଚନାଚକ୍ର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ଅପରାହ୍ନ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱ ନାଟ୍ୟ ଦିବସରେ ନାଟକ ପରିବେଷଣ, ସ୍ଥାନ: ଟାଉନ ହଲ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଜୈବିକ ମସଲା ଚାଷ ସମ୍ପର୍କରେ ଚାଷୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ସରଗଜ ରାମଲୀଳା ପାଇଁ କଳାକାର ଚୟନ, ସ୍ଥାନ: ଗ୍ରାମ ସ୍ଥିତ ପୁରୁଣା ଧାନ ଖଳା, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ସିଲାଟି ମୁଣ୍ଡା ଚବିଶ ପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଗ୍ରାମ୍ୟ ସ୍ଥିତ କୀର୍ତ୍ତନ୍ୟ ମଣ୍ଡପ, ସମୟ:ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୬।
- ଜିଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ପଞ୍ଚାୟତ କେରମେଲି ଗାଁ, ସମୟ: ଅପରାହ୍ନ ୫ଟା।
- କର୍ମା ମାତା ଜୟନ୍ତୀ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୭ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲ ଗାଁ, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: ସିନାପାଲି ବ୍ଲକ ନିଳଜି ପଞ୍ଚାୟତ ଗଡରାମାଲ ଗାଁ, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା
- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ହରେକୃଷ୍ଣପୁର ନାମ ମଣ୍ଡପ, ସମୟ: ସକାଳ ୭ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମନକୁ ସୁହାଇଲା ଭଳି କଥାରୁ ପ୍ରଶଂସିତ ହେବେ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତା ଯୋଗୁ ଦ୍ୱିଜା ନକ୍ଷତ୍ର ଆନନ୍ଦିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହୋଇଯିବ। ପରିବାରର ବରାଦ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ସହକର୍ମୀଙ୍କ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ଯାତ୍ରା, ବାଣିଜ୍ୟ, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟରେ ସୁଫଳ ପାଇବେ। ଆପଣ ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହୋଇପାରନ୍ତି। ନୂତନ ଘର ତିଆରି, ଯାନବାହନ ମରାମତିଜନିତ ଟେନ୍ସନ୍ କିଛି ମାତ୍ରାରେ ଲାଗିରହିବ।

**ମିଥୁନ** ସମସ୍ୟା ଲାଗିରହିଥିବା କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଏକ ସଂଘର୍ଷମୟ ପରିସ୍ଥିତିର ସାମନା କରି ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ପରିବାର କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିପାରେ। କିନ୍ତୁ ଆଗାମୀ ମାଙ୍ଗଳିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି।

**କର୍କଟ** କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା କାରଣରୁ ଟେନ୍ସନ ଲାଗିରହିବ। ଖାଦ୍ୟପେୟ ଠିକ୍ ନ ରହିବା କାରଣରୁ ସ୍ୱାସ୍ଥ୍ୟହାନି ହୋଇପାରେ। କଚେରି ମାମଲା ମନ୍ଥର ହେବାଜନିତ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କଠାରୁ ସାହାଯ୍ୟ ପ୍ରତିଶ୍ରୁତିର ଶୁଭ ସୂଚନା ପାଇବେ।

**ସିଂହ** କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କଳା, ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ଜମିଜମା, ନିର୍ମାଣ, ପରିବହନରୁ ଲାଭ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ପର ଉପରେ ନିର୍ଭର କରିବା କାରଣରୁ ମନସ୍ତାପ କରିପାରନ୍ତି। ମନରେ ଦୁଃଖ ଭରି ରହିଥିଲେ ମଧ୍ୟ ଦାୟିତ୍ୱ ନେଇଥିବା କାମରେ ହେଳା କରିପାରିବେ ନାହିଁ।

**କନ୍ୟା** ଆପଣ ଯାହା ସକାଶେ ପୂର୍ବରୁ ମନସ୍ଥ କରିଥିଲେ ବାସ୍ତବ ତାହାର ଓଲଟା ଫଳ ପାଇବେ। ମନଲାଖି କାମ ନ ହେବା କାରଣରୁ କଡ଼ା ଭାଷା ପ୍ରୟୋଗଜନିତ ପରିଣାମ ଭୋଗିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ସାମ୍ବାଦିକତା, ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ସଫଳତା ମିଳିବ।

**ତୁଳା** କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କ୍ଷେତ୍ରରେ ଟେନ୍ସନ ଲାଗିରହିପାରେ। ଭୁଲ୍ ବୁଝାମଣାରୁ ଭ୍ରାତୃ ସମ୍ପର୍କ ଭଲ ରହିବ ନାହିଁ । କଳା, କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ସଭାସମିତି ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ, ଶିଳ୍ପ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ଆପଣଙ୍କ ସାହାଯ୍ୟକାରୀ ମନୋଭାବରୁ ବନ୍ଧୁଙ୍କୁ ଆପଣାର କରିପାରିବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ କାମ କରନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବାର ସୂଚନା ରହିଛି।

**ଧନୁ** ଆପଣ ଯାହା ଭାବୁଛନ୍ତି ତାହାକୁ ବନ୍ଧୁଙ୍କ ଆଗରେ ପ୍ରକାଶ କରି ପାରିଲେ ହିଁ ଭଲ ହେବ। ପୁରାତନ ରୋଗ ପୀଡ଼ା ସାମାନ୍ୟ ଅନୁଭବ କଲେ ମଧ୍ୟ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସରକାରୀ ସ୍ତରରୁ ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମକର** ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ପରାମର୍ଶରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଧନହାନି ଓ ପୂର୍ବ ଶତ୍ରୁତାରୁ କଳହକୁ ଏଡି ହେବ ନାହିଁ। ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ବିବାଦୀୟ ଘଟଣାରେ ବିପରୀତ ଫଳ ମିଳିପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ମାନସିକ ସ୍ଥିତି ପୂର୍ବଭଳି ରହିବ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିପାରନ୍ତି। ଅନ୍ୟମାନଙ୍କ ପ୍ରରୋଚନାରେ ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ଅନ୍ୟଥା ଅନୁତାପ ପାଇଁ ସମୟ ପାଇବେ ନାହିଁ। ଜମିଜମା, ନିର୍ମାଣ, ବାଣିଜ୍ୟ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** ଆଜି ସକାଳୁ ସକାଳୁ ଆଗାମୀ ସମୟର କର୍ମପନ୍ଥା ସ୍ଥିର କରି ନିଜକୁ ପ୍ରସ୍ତୁତ କରିନେବେ। ପରିବାରର ଖର୍ଚ୍ଚ ଭାର ବଢ଼ିଯିବା ହେତୁ ଋଣ କରିବା ପାଇଁ ଯୋଜନା କରିପାରନ୍ତି। କ୍ଷତିରେ ଚାଲୁଥିବା ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ମାର୍ଚ୍ଚ ୨୭ ତାରିଖ, ବିଶ୍ୱ ରଙ୍ଗମଞ୍ଚ ଦିବସ, ଚୈତ୍ର କୃଷ୍ଣ ତ୍ରୟୋଦଶୀ ଗୁରୁବାର। ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫.୪୮ ଗତେ ଘ.୦୭.୨୫ ମଧ୍ୟେ, ଘ.୧୦.୩୯ ଗତେ ଘ.୦୧.୦୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧.୨୩ ଗତେ ଘ.୦୨.୫୪ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଭିତରେ, ବାହାରେ ...

ଏସ୍‌ସି,ଏସ୍‌ଟି ଏବଂ ଓବିସିମାନଙ୍କ ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଦାବିକରି ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ପାଖକୁ ଯାଉଥିଲେ। ହେଲେ ପୋଲିସ ବିଜେଡି ବିଧାୟକଙ୍କ ବାଟ ଓଗାଳିବା ସହ ଧସ୍ତାଧସ୍ତି କଲା। ଆପଣ କ'ଣ ବିଧାୟକଙ୍କ ଉପରେ ପୋଲିସକୁ ଅତ୍ୟାଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କି ବୋଲି ପ୍ରମିଳା ବାଚସ୍ପତିଙ୍କୁ ପ୍ରଶ୍ନ କରିଛନ୍ତି। ବିଜେଡି ସଦସ୍ୟ ଅରୁଣ ସାହୁ କହିଛନ୍ତି, କଂଗ୍ରେସ ନାରୀ ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଛି। କଂଗ୍ରେସର ଦାବି ସରକାର ମାନିଲେ ନାହିଁ। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେଇଥିଲେ ବେଦ ଅଶୁଦ୍ଧ ହୋଇଯାଇ ନ ଥାନ୍ତା। ପରେ ଗୃହ କମିଟି ଦାବିକଲେ। ଏ କଥା ସତ ଯେ, ବାଚସ୍ପତି ୩ରୁ ୪ଥର ସର୍ବଦଳୀୟ ବୈଠକ ଡାକିଛନ୍ତି। କଂଗ୍ରେସ ଜିଦ୍ ଧରିଲା, ସରକାର ସହମତି ହେଲେ ନାହିଁ। ସରକାରୀ ଦଳର ସଦସ୍ୟମାନେ ଟିଭିରେ କହୁଛନ୍ତି, ସରକାର ଆଲୋଚନା ପାଇଁ ପ୍ରସ୍ତୁତ। ହେଲେ ଗୃହରେ ଆଲୋଚନା ଲାଗି ପରିବେଶ ସୃଷ୍ଟି କରୁନାହାନ୍ତି। ବଡ଼ ହୃଦୟ ଦେଖାଇ ବାଚସ୍ପତି କଂଗ୍ରେସ ବିଧାୟକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରନ୍ତୁ। ନଚେତ୍ ଅସ୍ମିତା ଧ୍ୱଂସ ହୋଇଯିବ ବୋଲି ସାହୁ କହିଛନ୍ତି। ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ବାଚସ୍ପତି ଏକପାଖିଆ ନିଷ୍ପତ୍ତି ନେଇଛନ୍ତି। ୪୦ ବର୍ଷର ବିଧାନସଭା ଇତିହାସରେ ଆମେ ଏଭଳି ଦୃଶ୍ୟ ଦେଖି ନ ଥିଲୁ। ଓଡ଼ିଶା ବିଧାନସଭା ଆମର। ଆପଣ ଏଠାକୁ କିଭଳି ପୋଲିସ ଭର୍ତ୍ତି କରିଲେ। ବିନା ବିରୋଧୀ ଦଳରେ ଗୃହ ଚଳାଇବାକୁ ଚାହୁଁଥିଲେ, ଆମେ ଏଭଳି କରିବାକୁ ଦେବୁ ନାହୁଁ।

ଭାଜପା ବିଧାୟକ ସନାତନ ବିଜୁଳି କହିଛନ୍ତି, ଗୃହକୁ ଶାନ୍ତିଶୃଙ୍ଖଳାରେ ଚଳାଇବାକୁ ସରକାରୀ ଦଳ ପ୍ରସ୍ତୁତ। ମାତ୍ର ଲଗାତର ଭାବେ କଂଗ୍ରେସ ବିଧାୟକ ଗୃହରେ ଘଣ୍ଟା, ତୂରୀ ଓ ହୁଇସିଲ୍ ମାରିଲେ। ୭ ଥର ବାଚସ୍ପତି ସର୍ବଦଳୀୟ ଡକାଇ ବୁଝାଇଲେ। ହେଲେ କଂଗ୍ରେସ ବିଧାୟକଙ୍କ ଉଚ୍ଛୃଙ୍ଖଳ ପ୍ରଦର୍ଶନ ଜାରି ରହିଲା। ଆମେ ବାଚସ୍ପତିଙ୍କ ପଦକ୍ଷେପକୁ ସ୍ୱାଗତ କରୁଛୁ। ଭାଜପା ସଦସ୍ୟ ଓମ୍‌ପ୍ରକାଶ ମିଶ୍ର କହିଛନ୍ତି, ୭ ଦିନ ପୂର୍ବରୁ ଗୃହକୁ ଚଳାଇ ନ ଦେବାକୁ ବିରୋଧୀ ନିଷ୍ପତ୍ତି ନେଇଛନ୍ତି। ଗୃହ ବାହାରେ ଏନେଇ ସେମାନେ ଆଲୋଚନା କରିଛନ୍ତି। ବାଚସ୍ପତି ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଏକାଧିକଥର ଡାକିଥିଲେ ମଧ୍ୟ କଂଗ୍ରେସ ତା' ଏଜେଣ୍ଡାରୁ ହଟିଲାନାହିଁ। ତେଣୁ ଆମେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସମର୍ଥନ କଲୁ ବୋଲି ଓମ୍‌ପ୍ରକାଶ କହିଛନ୍ତି। କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶରେ କ'ଣ ଗୃହ ଚାଲିବ ବୋଲି ଭାଜପା ସଦସ୍ୟ ବାବୁ ସିଂ ପ୍ରଶ୍ନ କରିଛନ୍ତି। ବିଧାନସଭା ଚାଲିଥିବା ବେଳେ କଂଗ୍ରେସ ବିଧାୟକମାନେ ଯେଉଁଭଳି ବିଶୃଙ୍ଖଳା ସୃଷ୍ଟି କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ନିର୍ଦ୍ଦିଷ୍ଟ ବ୍ୟକ୍ତି ଯଦି ଚାହୁଁଥିବେ ତାଙ୍କ ଏଜେଣ୍ଡା ମାଧ୍ୟମରେ ବିଧାନସଭା ନ ଚାଲୁ, ତେବେ ତାହା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି, ବିଜେଡି ସରକାର ସମୟରେ ଏତେ ଲମ୍ବା ସମୟ ଧରି ବିଧାନସଭା କେବେ ଚଳାଇନାହାନ୍ତି। ବାଚସ୍ପତିଙ୍କୁ ଧନ୍ୟବାଦ ଦେବାକଥା ଗୃହର ପରିଚାଳନା ପାଇଁ। ବିରୋଧୀଙ୍କ ଏଭଳି ଆଚରଣ କେବେ ଆଗରୁ ଦେଖି ନ ଥିଲି। ବାଚସ୍ପତି ସମସ୍ତଙ୍କୁ ଡାକି ଆଲୋଚନା କରନ୍ତୁ ଓ ସ୍ଥାୟୀ ନିଷ୍ପତ୍ତି ନିଅନ୍ତୁ ବୋଲି ସେ କହଛନ୍ତି। ଏହାପରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣାକରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ମଧ୍ୟରେ ୪ଥର ଗୃହର ମୁଲତବୀ ଅବଧି ବଢ଼ିବା ପରେ କୌଣସି ନିଷ୍କର୍ଷ ନ ବାହାରିବାରୁ ଉପବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ।

## ଏମିତି କ'ଣ ଘଟିଗଲା ଯେ ...

ଅନୁକୋଣରୁ ବହୁ ପ୍ରବାସୀ ଭାରତୀୟ ଯୋଗଦେଇଥିଲେ। ସେହିପରି ଉତ୍କର୍ଷ ଓଡ଼ିଶା-୨୦୨୫ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସମେତ ଦେଶବିଦେଶର ବହୁ ଶିଳ୍ପପତି ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଗତ ୯ ତାରିଖରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ସବୁ କାର୍ଯ୍ୟକ୍ରମରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମ ସରକାର ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ଆପରାଧିକ ମାମଲାରେ ଶୂନ ସହନଶୀଳତା ନୀତି ଆପଣାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସର୍ବଦା ଗୁରୁତ୍ୱ ଦେଉଛି। ଭାଜପା ସରକାର ଶାସନକୁ ଆସିବା ପରଠାରୁ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଆପରାଧିକ ମାମଲାକୁ ଯଦି ପୂର୍ବ ବର୍ଷର ସେହି ଅବଧି ମଧ୍ୟରେ ହୋଇଥିବା ପରିସଂଖ୍ୟାନକୁ ତୁଳନା କରାଯାଏ, ତେବେ ରାଜ୍ୟରେ ଅପରାଧ ସଂଖ୍ୟା ଅପେକ୍ଷାକୃତ ହ୍ରାସ ଘଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳାଙ୍କୁ ଦୁର୍ବ୍ୟବହାର ୩.୯ ପ୍ରତିଶତ ହ୍ରାସ ଘଟିଥିବାବେଳେ ଯୌନ ଉତ୍ପୀଡ଼ନ ୧୩.୫ ପ୍ରତିଶତ, ଉଲଗ୍ନ କରି ବୁଲାଇବା ଘଟଣା ୨୨.୩ ପ୍ରତିଶତ, ମହିଳା ଚାଲାଣ ୨୯.୪ ପ୍ରତିଶତ ଏବଂ କମେଣ୍ଟମରା ୩.୮ ପ୍ରତିଶତ କମିଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି। ଏହାପରେ ଗୃହରେ ଗୃହ ବିଭାଗ ଖର୍ଚ୍ଚଦାବି ଅନୁମୋଦିତ ହୋଇଛି।

## ଆଜି ବିଧାନସଭା ...



ଭୁବନେଶ୍ୱର କଂଗ୍ରେସ ଭବନରେ ପିସିସି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ନେତାମାନେ।

ଉଦ୍ୟମ କରୁଛନ୍ତି। ସରକାର ଯେଉଁ ଗୁଣ୍ଡାରାଜ୍ ଚଳାଇଛନ୍ତି ତା'ର ଦୃଢ଼ ଜବାବ ଦିଆଯିବ ବୋଲି ଭକ୍ତ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି, ମଙ୍ଗଳବାର ସଦସ୍ୟଙ୍କୁ ନିଲମ୍ବନ ପରେ ଆମେ ୫ଜଣ ପୂର୍ବତନ ସଦସ୍ୟ ଆଇନ ଅନୁସାରେ ବିଧାନସଭା ଭିତରକୁ ଯିବାକୁ ଉଦ୍ୟମ କରିଥିଲୁ। କିନ୍ତୁ ସେଠାରେ ଏକପ୍ରକାର ଆଶ୍ଚର୍ଯ୍ୟକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଯେଉଁମାନେ ବିଧାନସଭା ଭିତରକୁ ଯିବାକୁ ଯୋଗ୍ୟ ସେମାନଙ୍କୁ ଫାଟକ ବାହାରେ ଅଟକ ରଖାଗଲା, ହେଲେ ଯେଉଁ ପୋଲିସ ଫାଟକ ବାହାରେ ରହିବା କଥା ସେମାନେ ଭିତରେ ପତିଆରା ଦେଖାଇଥିଲେ। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ସେହିପରି ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି, ମୁଖ୍ୟମନ୍ତ୍ରୀ ନାରୀ ନିର୍ଯାତନା ପ୍ରସଙ୍ଗରେ ବିବୃତି ଦେଲେନାହିଁ। ନଭେମ୍ବର ଠାରୁ ରାଜ୍ୟରେ ମହିଳା କମିଶନ ଗଠନ ହୋଇନାହିଁ। ଆମର ୧୪ଜଣ ବିଧାୟକଙ୍କୁ ନିଲମ୍ବନ କରାଗଲା। ପୂର୍ବତନ ବରିଷ୍ଠ ବିଧାୟକଙ୍କୁ ବିଧାନସଭା ଭିତରକୁ ଯିବା ଲାଗି ଅନୁମତି ଦିଆଗଲାନାହିଁ। ସରକାରଙ୍କ ଏହି ଅଗଣତାନ୍ତ୍ରିକ ଶାସନକୁ ନିନ୍ଦା କରୁଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠନେତା ଶରତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ଭିଡିଓ ବାର୍ତ୍ତା ଜାରିକରି କହିଛନ୍ତି, ଗୁରୁବାର ଆମେ ଶାନ୍ତି ଶୃଙ୍ଖଳାର ସହ ଆନ୍ଦୋଳନ କରିବୁ। ହେଲେ ଝାରସୁଗୁଡ଼ା ଥାନାରେ ଯୁବ କଂଗ୍ରେସ ସଭାପତିଙ୍କୁ ଅଟକାଯାଇଥିବା ନେଇ ଖବର ମିଳୁଛି। ପ୍ରଶାସନ ଓ ପୋଲିସ ସେ ଭୁଲ୍ କରନ୍ତୁନାହିଁ। ଆପଣ ଶୃଙ୍ଖଳା ରକ୍ଷାକରନ୍ତୁ। ଆମକୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ଦିଅନ୍ତୁ। ଯଦି ପୋଲିସ ଏଭଳି ବାତାବରଣ ସୃଷ୍ଟିକରେ ତେବେ ବିଭିନ୍ନ ସ୍ଥାନରେ ବିଦ୍ରୋହ ଦେଖାଦେଇପାରେ। ଯେଉଁଠାରେ ପୋଲିସ କଂଗ୍ରେସ କର୍ମୀଙ୍କୁ ଅଟକାଉଛି କିମ୍ବା ହଇରାଣ ହରକତ କରୁଛି ସେଠାରେ କର୍ମୀମାନେ ହିଂସାର ପଥ ନ ଆପଣାଇ ସବୁ ଝଡ଼ଝଞ୍ଜା ସହି ତୁରନ୍ତ ସୂଚନା ଆମପାଖକୁ ପଠାନ୍ତୁ। ଆପଣମାନେ ସଂଘବଦ୍ଧ ଭାବେ ଏହି ଅନ୍ୟାୟର ମୁକାବିଲା କରିବେ। ଆଗକୁ ଅନେକ ପଥ ଯିବାର ରହିଛି, ଇଏତ ନାମକୁମାତ୍ର ବୋଲି ଭକ୍ତ କଂଗ୍ରେସ କର୍ମୀଙ୍କୁ ଅନୁରୋଧ କରି କହିଛନ୍ତି।

## ଆଗକୁ ବ୍ୟାପିବ ...

ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଲ ଲଗାଇ କଂଗ୍ରେସ ସଦସ୍ୟଙ୍କୁ ଗୃହ ବାହାରକୁ କାଢ଼ିବା ପାଇଁ ଉଦ୍ୟମ କରାଯାଇଥିଲା। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଆହତ ହେବାସହ ତାରାପ୍ରସାଦ ବାହିନୀପତିଙ୍କ ସୁନା ଚେନ୍ ଚୋରି ହୋଇଯାଇଥିଲା। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ବିଧାନସଭା ଫାଟକ ସମ୍ମୁଖରୁ ଉଠାଇନେଇ ପରେ ଛାଡ଼ିଦେଇଥିଲା। ପିସିସି ସଭାପତି ଭକ୍ତ କହିଛନ୍ତି, ସରକାର ପୋଲିସକୁ ଅସ୍ତ୍ର କରିଛନ୍ତି। ସେ ଯେଉଁ ଶକ୍ତି ବିରୋଧୀଙ୍କ ସ୍ୱର ଦମନ ପାଇଁ ଖଟାଉଛନ୍ତି, ତାହାକୁ ଯଦି ମହିଳାଙ୍କ ସୁରକ୍ଷାରେ ଲଗାନ୍ତେ, ତେବେ ଏଭଳି ସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା। ଭାଜପା ନାରୀ ସୁରକ୍ଷାର କଥା କହୁଛି, ହେଲେ ଗୃହ ଭିତରେ ମହିଳା ବାଚସ୍ପତିଙ୍କ ସମ୍ମୁଖରେ ନାରୀ ଜାତି ଉପରେ ଯେଭଳି ଅଶ୍ଳୀଳ ଇଙ୍ଗିତ କରାଯାଇଛି ତାହାକୁ ରାଜ୍ୟବାସୀ କେବେ କ୍ଷମା ଦେବେନାହିଁ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଯେଉଁ ଅଶ୍ଳୀଳ ଭାଷାରେ ଗାଳି କରିଛନ୍ତି, ସେହି ନିଆଁକୁ ନେଇ ଆମେ ଲୋକଙ୍କ ପାଖକୁ ଯିବୁ ବୋଲି ଭକ୍ତ କହିଛନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଖୁବ୍‌ଶୀଘ୍ର ଥାନାରେ ଏତଲା ଦେବି। କାରଣ ଗାଇଗୋରୁଙ୍କୁ ମାରିଲାଭଳି ମୋତେ ମାର୍ଶାଲ ଧକ୍କା ମାରିଛନ୍ତି। ମୋ ସୁନାଚେନ୍ ସୁରକ୍ଷାକର୍ମୀ ନେଇଯାଇଛନ୍ତି। ମଙ୍ଗଳବାର ରାତିରେ ପୋଲିସ ଫୋର୍ସ ପଠାଇ ଆମକୁ ଟେକିନେଇ ମାଡ଼ ମରାଇଛନ୍ତି। ଦେହରେ କ୍ଷତଚିହ୍ନ ଅଛି। ଆମେ କେବଳ ମହିଳାଙ୍କ ସୁରକ୍ଷା ନେଇ ଦାବି କରିଥିଲୁ। ଆମେ ପ୍ରତିବାଦ କଲୁ କି ଆମକୁ ନ୍ୟାୟ ଦିଅ, ଗୃହ କମିଟି ଗଠନ କର। ଆମକୁ କହିବାର ସୁଯୋଗ ବାଚସ୍ପତି ଦେଲେନାହିଁ, କିନ୍ତୁ ସିଧା ନିଲମ୍ବନ କରିଦେଲେ। ଯେପର୍ଯ୍ୟନ୍ତ ଆମ ଦାବି ପୂରଣ ହୋଇନାହିଁ ସେପର୍ଯ୍ୟନ୍ତ ଲଢ଼େଇ ଜାରିରହିବ ବୋଲି ବାହିନୀପତି କହିଛନ୍ତି।

## ଆହ୍ଲାହାବାଦ ହାଇକୋର୍ଟ ...

ହାଇକୋର୍ଟ ବିଚାରପତିଙ୍କ ରାୟରେ ଥିବା କେତେକ ବିଷୟର ସମ୍ବେଦନହୀନତାକୁ ଦେଖିଲେ କଷ୍ଟ ଲାଗୁଛି। ୪ ମାସ ଧରି ରାୟ ସଂରକ୍ଷିତ ରଖିବା ପରେ ଏଭଳି ରାୟ ଦେଇଛନ୍ତି। ଏପରିସ୍ଥିତିରେ ଆମେ ସାଧାରଣତଃ ସ୍ଥଗିତାଦେଶ ଜାରିକରି ନ ଥାଉ। କିନ୍ତୁ ରାୟର ପାରା ୨୧, ୨୪ ଓ ୨୬ରେ ଅମାନବୀୟ ଆଭିମୁଖ୍ୟ ଦେଖିବାକୁ ମିଳିଛି। ସଲିସିଟର ଜେନେରାଲ ଖଣ୍ଡପୀଠଙ୍କ ଟିପ୍ପଣୀରେ ସହମତି ପ୍ରକାଶ କରିବା ସହ କହିଛନ୍ତି, କେତେକ ରାୟ ଉପରେ ସ୍ଥଗିତାଦେଶ ଜାରି କରାଯିବାର କାରଣ ସେଥିରେ ହିଁ ରହିଥାଏ। ଏହା ଏକ ଗମ୍ଭୀର ପ୍ରସଙ୍ଗ। ବିଚାରପତିଙ୍କ ସମ୍ପୂର୍ଣ୍ଣ ଅସମ୍ବେଦନଶୀଳତା ଏଥିରେ ପ୍ରତିଫଳିତ ହୋଇଛି। ଆଲୋଚ୍ୟ ମାମଲାରେ ନାବାଳିକାଙ୍କ ମା' ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତ ପବନ ଓ ଆକାଶ ପୀଡ଼ିତାଙ୍କ ସ୍ତନକୁ ଧରିବା ସହ ତାଙ୍କ ପାଇଜାମା ଓ ଅନ୍ତଃବସ୍ତ୍ରକୁ ତଳକୁ ଟାଣିଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଯୋଗୁ ୨ ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲେ। ହାଇକୋର୍ଟ ବିଚାରପତି ଏହା ଉପରେ କହିଥିଲେ, ଅଭିଯୁକ୍ତ ଦ୍ୱୟ ବଳାତ୍କାର ଉଦ୍ଦେଶ୍ୟରେ ଏପରି କରିନାହାନ୍ତି। ସୁପ୍ରିମକୋର୍ଟ ଏହାକୁ ଭର୍ତ୍ସନା କରିବା ସହ କେନ୍ଦ୍ର, ୟୁପି ସରକାର ଓ ପକ୍ଷମାନଙ୍କୁ ନୋଟିସ କରିଛନ୍ତି।

# ହାଇୱା-ବୋଲେରୋ ମୁହାଁମୁହିଁ ଧକ୍କା: ୩ ମୃତ

ସୋନପୁର,୨୬।୩ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର-ସମ୍ବଲପୁର ରାସ୍ତାର ମାଟୁପାଲି ନିକଟ ଠାକୁରପଡ଼ାଠାରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣା ଘଟିଛି। ଉଲୁଣ୍ଡାପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ୨୨ଚକିଆ ହାଇୱା ସମ୍ମୁଖରୁ ଆସୁଥିବା ଏକ ବୋଲେରୋକୁ ଧକ୍କା ଦେଇଥିଲା। ଏଥିରେ ବୋଲେରୋଟି ଭାଙ୍ଗି ଚୂର୍‌ମାର ହୋଇଯାଇଛି। ଏଥିଯୋଗୁ ବୋଲୋରୋ ଡ୍ରାଇଭର ତଥା ବୀରମହାରାଜପୁର ଥାନା ନାଏକପଡ଼ାର ସୁଶୀଲ ନାଏକ(୩୨)ଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବୋଲେରୋରେ ବସିଥିବା ଟାଟା ପାୱାର କର୍ମଚାରୀ ଗୌଡ଼ଗାଁର ତପନ ପାତ୍ରଙ୍କ ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ସେହିପରି ଗୌଡ଼ଗାଁର ଆର୍ତ୍ତତ୍ରାଣ ପୁରୋହିତଙ୍କ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ୩ଜଣ ଟାଟା ପାୱାର ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଡବ୍ଲ୍ୟୁଓଡିଏଲ)ର ଉଲୁଣ୍ଡା ଶାଖାରେ କାମ କରୁଥିଲେ। ସେମାନେ କାମସାରି ବୋଲେରୋରେ ଉଲୁଣ୍ଡାକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଅନ୍ୟପକ୍ଷେ ଦୁର୍ଘଟଣା ପରେ ହାଇୱାଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଛି। ଏଥିରେ ଥିବା ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଉମେଶ ଯାଦବ ଓ ଦେବେନ୍ଦ୍ର ଯାଦବ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଉଲୁଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଓ ବୋଲେରୋକୁ ଜବତ କରିଛି। ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରିଛନ୍ତି।

# ଓଟିଏସ୍ ମାଧ୍ୟମରେ ୯୧୪୦.୬୭ କୋଟି ଟଙ୍କା ଜଳକର ଆଦାୟ ନିଷ୍ପତ୍ତି

## ଶିଳ୍ପ, ଖଣି ସଂସ୍ଥା ଉପରେ ବକେୟା ଜଳକର ପ୍ରସଙ୍ଗ

ଯାଜପୁର,୨୬।୩
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ଶିଳ୍ପ ଓ ଖଣି ସଂସ୍ଥା ଉପରେ ୨୦୨୦-୨୧ରୁ ୨୦୨୩-୨୪ ସୁଦ୍ଧା ୯୧୪୦.୬୭ କୋଟି ଟଙ୍କା ଜଳକର ବାକି ପଡିଛି। ବକେୟା ଏହି ଜଳକରକୁ ଏକାକାଳୀନ ସମାଧାନ ବା ୱାନ୍ ଟାଇମ୍ ସେଟେଲମେଣ୍ଟ (ଓଟିଏସ୍) କରିବାକୁ ୨୦।୩।୨୦୨୫ରେ ରାଜ୍ୟ କ୍ୟାବିନେଟର ୧୬ତମ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ଜଳସମ୍ପଦ ବିଭାଗ ପକ୍ଷରୁ ୨୫।୩।୨୦୨୫ରେ ଏକ ରିଜୁ୍ୟଲେଶନ ଜାରି କରାଯାଇ ଆସନ୍ତା ମେ'୩୧ ତାରିଖ ସୁଦ୍ଧା ଓଟିଏସ୍ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ଜଳସମ୍ପଦ ବିଭାଗ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି।

ରାଜ୍ୟର ବିଭିନ୍ନ ନଦୀ ଓ ନାଳରୁ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ମାଧ୍ୟମରେ ଶିଳ୍ପ ଓ ଖଣି ସଂସ୍ଥା ପରିଚାଳନା ପାଇଁ ପ୍ରତିଦିନ ହଜାରରୁ ଉର୍ଦ୍ଧ୍ୱ କ୍ୟୁସେକ ପାଣି ଉତ୍ତୋଳନ କରାଯାଉଛି। ଏପରି କି ସ୍ଲରି ପାଇପ୍ ଲାଇନ୍ ଜରିଆରେ ଖଣିଜ ପଦାର୍ଥ ପରିବହନ ପାଇଁ ରାଜ୍ୟ ସରକାର ୧୨ଟି ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏଥିରୁ ଶତାଧିକ କ୍ୟୁସେକ ନଦୀଜଳ ଶିଳ୍ପ ସଂସ୍ଥାଗୁଡ଼ିକ ଟାଣିବେ ବୋଲି ଅନୁମତି ମିଳିଛି। ବ୍ରାହ୍ମଣୀ ନଦୀ ପାଣିରେ ଇଡ୍‌କୋ ପ୍ରାୟ ୨୫ ବର୍ଷ ହେଲା ବ୍ୟବସାୟ ଚଳାଇ ଆସୁଛି। ଇଡ୍‌କୋ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରି ବ୍ରାହ୍ମଣୀରୁ ପାଣି ନେଇ କଳିଙ୍ଗନଗରର ଶିଳ୍ପସଂସ୍ଥାମାନଙ୍କଠାରୁ ମାସିକ ଜଳକର ଆଦାୟ କରୁଛି। କିନ୍ତୁ କେଉଁ ପରିସ୍ଥିତିରେ ସରକାରଙ୍କୁ ଜଳକର ଦେବାରେ ଇଡ୍‌କୋ ଏବଂ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରିପୋର୍ଟ ଅନୁଯାୟୀ, ରାଜ୍ୟର ତାଳଚେର ବିନ୍ଦାଲ ସ୍ପଞ୍ଜ ଆଇରନ ଉପରେ ୧୧.୪୬ କୋଟି, ଚଇନପାଲ ଏନ୍‌ଟିପିସି ଉପରେ ୧୩୮.୧୬ କୋଟି, ଯୋଡା ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ୧୯.୮୯ କୋଟି, ରାଠି ଷ୍ଟିଲ ଆଣ୍ଡ ପାୱାର ୭୮.୧୮ କୋଟି, ମାହେଶ୍ୱରୀ ଇସ୍ପାତ ଲିଃ ୧୩୦.୯୮ କୋଟି, ପାରାଦୀପ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିଃ ୬୬.୬୨ କୋଟି, ସମ୍ବଲପୁର ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ୨୬୯.୨୪ କୋଟି, ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ ୨୧୧.୮୯ କୋଟି, ଏନ୍ଏଲ୍‌ସି ଇଣ୍ଡିଆ ଲିଃ ୧୦.୭୦ କୋଟି, ଟାଟା ଷ୍ଟିଲ ବିଏସ୍ଏଲ୍ ଲିଃ ୧୪୫.୯୧ କୋଟି, ଖୁଣ୍ଟୁଣୀ ବିଆରଜି ଆଇରନ ଆଣ୍ଡ ଷ୍ଟିଲ ୩୨.୪୭ କୋଟି, ଢେଙ୍କାନାଳ ଉତ୍କଳ ଆଜବେଷ୍ଟସ ୧୧.୫୬ କୋଟି, କଳିଙ୍ଗନଗରର ଟାଟା ଷ୍ଟିଲ ୫୦.୪୬ କୋଟି, ସୁନ୍ଦରଗଡ଼ ଆଧୁନିକ ମେଟାଲିକ୍ସ ୧୬୦.୨୪ କୋଟି, ଅନୁଗୋଳ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ୨୦୪.୭୭ କୋଟି, ଭଞ୍ଜନଗର ଆସ୍କା କୋଅପରେଟିଭ ସୁଗର ଫ୍ୟାକ୍ଟରୀ ୩୭.୩୧ କୋଟି, ରାୟଗଡା ଜେ.କେ. କର୍ପୋରେଶନ ଲିଃ ୨୩୯.୦୮ କୋଟି, ଚୌଦ୍ୱାର ବଲ୍ଲାରପୁର ଇଣ୍ଡଷ୍ଟ୍ରିଜ ୧୧୪୯.୦୯ କୋଟି, ଓଡ଼ିଶା ପାୱାର କଞ୍ଜରଟିୟମ ୭୦୨.୫୪ କୋଟି, ଘଣ୍ଟିଖାଲ ଆରତି ଷ୍ଟିଲ ୨୩୫.୧୬ କୋଟି, ସମ୍ବଲପୁର ଭୂଷଣ ପାୱାର ଏଣ୍ଡ ଷ୍ଟିଲ ଲିଃ ୧୯୨.୪୮ କୋଟି, ବେଲପାହାଡ଼ ଟାଟା ରିଫ୍ରାକ୍ଟୋରିଜ ଲିଃ ୧୬୭.୮୨ କୋଟି, ସମ୍ବଲପୁର ବିରାଜ ଷ୍ଟିଲ ଆଣ୍ଡ ଏନର୍ଜି ୭୭.୫୯ କୋଟି, ଢେଙ୍କାନାଳ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୨୮.୭୧ କୋଟି, ଜୟପୁର ସେୱା ପେପର ମିଲ ୨୧୯୮.୮୬ କୋଟି, ଓରିଏଣ୍ଟ ପେପର ମିଲ୍‌ର ୨୧୧.୮୯ କୋଟି ଟଙ୍କା ବାକି ପଡିଛି। ସେହିପରି ଖଣି ସଂସ୍ଥାଗୁଡିକ ମଧ୍ୟରେ ତାଳଚେର ଲିଙ୍ଗରାଜ ଓସିପି, ଏମ୍‌ସିଏଲ୍ ପାଖରେ ୧୩୬.୬୫ କୋଟି, ଭରତପୁର ଓସିପି ୭୮.୪୦ କୋଟି, ଭୁବନେଶ୍ୱରୀ ଓସିପି ୩୦.୦୧ କୋଟି, ଅନନ୍ତ ଓସିପି ୨୬.୫୭ କୋଟି, ଜଗନ୍ନାଥ କୋଲିଅରି ୩୨.୧୩ କୋଟି, ହିଙ୍ଗୁଳା ଓସିପି ୧୭.୨୮ କୋଟି, ବଳରାମପୁର ଓସିପି ୧୮.୪୬ କୋଟି, ତାଳଚେର କୋଲିଅରି ୨୧.୬୦ କୋଟି, ନନ୍ଦିରା କୋଲିଅରି ୩୭.୨୧ କୋଟି, ଓରିଏଣ୍ଟ ଓରିୟରି ୩୬.୦୫ କୋଟି, ଟିପିଏସ୍ଏଲ୍ ଲିଃ ୨୭.୪୯ କୋଟି, ବନହରିପାଲ ଆଇଟିପିଏସ୍ ୨୮.୦୩ କୋଟି, ଯୋଡା ଟାଟା ଷ୍ଟିଲ ମାଇନ୍ସ ଡିଭିଜନ ୨୨୩.୫୫ କୋଟି, ସୁନ୍ଦରଗଡ଼ ଏମ୍‌ସିଏଲ୍ ଉପରେ ୧୪.୭୦ କୋଟି ଜଳକର ବାକି ପଡିଛି।

# ୧ରୁ ପିଲାଙ୍କୁ ମିଳିବ ପୋଷଣଯୁକ୍ତ ଲଡୁ

ଭୁବନେଶ୍ୱର,୨୬।୩(ସୁଚିସ୍ମିତା ସାହୁ)

ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ସ୍କୁଲ ପିଲାଙ୍କୁ ଦିଆଯିବ ପୋଷଣଯୁକ୍ତ ଲଡୁ। ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନେ ମାଣ୍ଡିଆ, ଗୁଡ଼, ବାଦାମ ଓ ଘିଅଯୁକ୍ତ ପୋଷଣଯୁକ୍ତ ଲଡୁ ଖାଇବେ। ଏପ୍ରିଲ ୧ରୁ ଗୋଟିଏ ସପ୍ତାହରେ ପ୍ରତି ପିଲାଙ୍କୁ ୩ଟି ଲଡୁ ଖାଇବାକୁ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ପିଏମ୍ ପୋଷଣର ରାଜ୍ୟ ନୋଡାଲ ଅଧିକାରୀ ଗିରୀଶ ଚନ୍ଦ୍ର ସିଂହ ସବୁ ଜିଲାପାଳଙ୍କୁ ସୂଚନା ଦେଇଛନ୍ତି। ପିଏମ୍ ପୋଷଣ ଯୋଜନା ଅଧୀନରେ ପିଲାଙ୍କୁ ଏହି ଲଡୁ ମିଳିବ। ପୂର୍ବରୁ ପିଲାଙ୍କୁ ମଧ୍ୟାହ୍ନଭୋଜନରେ କେବଳ ଭାତ, ଡାଲି, ସୋୟାବଡ଼ି ତରକାରି ଏବଂ ଅଣ୍ଡା ତରକାରି ଦିଆଯାଉଥିଲା। ଏବେ ସୋମବାର, ମଙ୍ଗଳବାର ଏବଂ ଗୁରୁବାର ସକାଳ ସମୟରେ ପିଲାଙ୍କୁ ପୋଷଣଯୁକ୍ତ ଲଡୁ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏଥିସହ ଏହି ଲଡୁର ପ୍ରସ୍ତୁତି ପ୍ରଣାଳୀ ସହ କେତେକ ଗାଇଡ୍‌ଲାଇନ୍ ମଧ୍ୟ ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ୪୫୦ ଗ୍ରାମ ଓଜନର ଲଡୁରେ ମାଣ୍ଡିଆ ଚୂନା ୨୫୦ ଗ୍ରାମ, ଗୁଡ଼ ୧୨୫ ଗ୍ରାମ, ଚିନାବାଦାମ ୨୫ ଗ୍ରାମ, ଘିଅ ୨୫ ଗ୍ରାମ, ରାଶି ୨୫ ଗ୍ରାମ ଓ ଅଳେଇଚ ଗୁଣ୍ଡ ମିଶିବ।

# ଭିଏଲ୍-ଏସ୍ଆରଏସ୍ଏମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୨୬।୩
(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍ ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ବୁଧବାର ମଧ୍ୟାହ୍ନ ୧୨ଟାରେ ସ୍ୱଳ୍ପ ଦୂରଗାମୀ ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା 'ଭିଏଲ୍-ଏସ୍ଆର୍ଏସ୍ଏମ୍' (ଭର୍ଟିକାଲ ଲଞ୍ଚ ସର୍ଟ ରେଞ୍ଜ ସରଫେସ୍ ଟୁ ଏୟାର ମିଶାଇଲ) କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ଏବଂ ଭାରତୀୟ ନୌସେନା ପକ୍ଷରୁ ଏହି ପରୀକ୍ଷଣ କରାଯାଇଥିଲା। ଭର୍ଟିକାଲ ଲଞ୍ଚରରୁ ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା, ଯାହା ଆକାଶରେ ଦ୍ରୁତଗତିରେ ଯାଉଥିବା ଟାର୍ଗେଟ୍‌କୁ ଠିକ୍ ଭାବେ ଲକ୍ଷ୍ୟଭେଦ କରିଥିଲା। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି. କାମାତ୍ ପରୀକ୍ଷଣରେ ନିୟୋଜିତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହି କ୍ଷେପଣାସ୍ତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଯନ୍ତ୍ରାଂଶ ବ୍ୟବହାର କରାଯାଇଛି। କ୍ଷେପଣାସ୍ତ୍ରଟି ଶତ୍ରୁପକ୍ଷରୁ ଯୁଦ୍ଧ ବିମାନ, ଡ୍ରୋନ୍‌କୁ ଧ୍ୱଂସ କରିବାର କ୍ଷମତା ରଖିଛି। ଏଥିରେ ରକେଟ୍


ଭିଏଲ୍-ଏସ୍ଆର୍ଏସ୍ଏମ୍ କ୍ଷେପଣାସ୍ତ୍ର ପରୀକ୍ଷଣ।

ମୋଟର ସହ ଫ୍ଲାଇଟ୍ କଣ୍ଟ୍ରୋଲ ସିଷ୍ଟମକୁ ବ୍ୟବହାର କରାଯାଇଛି। ଏହି ମିଶାଇଲ ୮୦ କିଲୋମିଟର ଦୂରରୁ ଲକ୍ଷ୍ୟଭେଦ କରିପାରିବ। ଏହାର ଲମ୍ୱ ୩.୯୩ମିଟର ଏବଂ ଓଜନ ୧୭୦କିଲୋଗ୍ରାମ୍।

ସୂଚନାଯୋଗ୍ୟ, ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ବୁଧବାର ୩ ନମ୍ବର ଲଞ୍ଚପ୍ୟାଡ୍‌ର ଅଢ଼େଇ କିଲୋମିଟର ଦୂରତା ମଧ୍ୟରେ ବାସ କରୁଥିବା ୬ ଗ୍ରାମକୁ ୩୨ଶହ ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୩ଗୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥାନାନ୍ତରିତ ପାଇଁ ୧୦୦ରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଥିଲେ।

# ବନ୍ଦେ ଭାରତ ଉପରେ ପଥରମାଡ଼



ପଥରମାଡ଼ରେ ଟ୍ରେନର କାଚ ଭାଙ୍ଗିଯାଇଛି।

ରାଉରକେଲା,୨୬।୩(ସଙ୍ଗୀତା ଜେନା)

ପୁରୀରୁ ରାଉରକେଲା ଅଭିମୁଖେ ଆସୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ବୁଧବାର ପଥରମାଡ଼ ହୋଇଛି। ଏକ ବଗିର ଝରକା ପାଖ କାଚ ଭାଙ୍ଗି ଯାଇଥିବା ବେଳେ କେହି ଯାତ୍ରୀ ଆହତ ହୋଇ ନ ଥିବା କୁହାଯାଇଛି। ରେଲୱେ ସୁରକ୍ଷାବଳ ଏବଂ ଜିଆରପି ମାମଲାର ତଦନ୍ତ କରୁଛନ୍ତି। ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିଲା। ମିଳିଥିବା ସୂଚନା ଅନୁଯାୟୀ, କଲୁଙ୍ଗା ଷ୍ଟେଶନ ନିକଟରେ ବନ୍ଦେ ଭାରତ ଟ୍ରେନ ଅପରାହ୍ନ ୧ଟାରେ (ନଂ. ୨୦୮୩୫) ଅତିକ୍ରମ କରୁଥିବା ବେଳେ ପଥରମାଡ଼ ହୋଇଥିଲା। ସମ୍ଭବତଃ କେହି ଛୋଟପିଲା କିମ୍ବା ମାନସିକ ରୋଗୀ ଏପରି କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରେ ଆରପିଏଫ୍ କହିଛି। ତେବେ ସ୍ଥାନୀୟ ପୋଲିସ ମଧ୍ୟ ତଦନ୍ତରେ ସହଯୋଗ କରୁଛି। ରାଉରକେଲା ଷ୍ଟେଶନରେ ଟ୍ରେନ ପହଞ୍ଚିବା ପରେ ଏହାର ମରାମତି କରାଯାଇଥିଲା।

# ୯ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୩
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୬ ମହିଳାଙ୍କ ସହ ୯ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେଥିରୁ ୭ ଜଣଙ୍କ ଉପରେ ୨୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେମାନଙ୍କ ମଧ୍ୟରେ ପିଏଲ୍‌ଜିଏ ବାଟାଲିୟନ ୧ର ସଦସ୍ୟ ବଣ୍ଡୁ ଓରଫ ବାଣ୍ଡି ମାଡକମ୍, ମାସେ ଓରଫ ବେଟି କାନି, ପଦମ ସୋନି, ମାଡବୀ ହୁଙ୍ଗା, ପୁନେମ ମଙ୍ଗଡି, କଡତି ବିଜେ, ମଡକମ ଶାନ୍ତି ଓ ମୁଚାକି ମାସେ ଓ କଡତି ହିଡିଆ ରହିଛନ୍ତି। ଏମାନେ ବିଭିନ୍ନ ସଙ୍ଗଠନର ସଦସ୍ୟ, କମାଣ୍ଡର ଓ ମିଲିସିଆ ଭାବେ ସକ୍ରିୟ କାର୍ଯ୍ୟ କରି ଆସୁଥିଲେ।

# ଅଟୋ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ

## ବର୍ତ୍ତିଲେ ୪ ବର୍ଷୀୟା ଶିଶୁକନ୍ୟା

କବିସୂର୍ଯ୍ୟନଗର,୨୬।୩
(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିକଟ ବୁଢ଼ାମ୍ୱଠାରେ ବୁଧବାର ଏକ ଡାଲା ଅଟୋ ସ୍କୁଟିକୁ ଧକ୍କା ଦେବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୋଦଳା ଥାନା ଅନ୍ତର୍ଗତ ଶାଳବଣ ଗ୍ରାମର କାହ୍ନୁ ଡାକୁଆ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଡାକୁଆ। ଏଥିରୁ ମା'ବାପାଙ୍କ ସହ ଥିବା ୪ ବର୍ଷୀୟା ଶିଶୁକନ୍ୟା ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ନେଇ ବୁଢ଼ାମ୍ୱଠାରେ ସ୍ଥାନୀୟ ଲୋକେ ରାଜ୍ୟ ରାଜପଥ ଅବରୋଧ କରିଥିଲେ। କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଛି।

ସ୍ତ୍ରୀ ଓ ଝିଅଙ୍କୁ ଧରି କାହ୍ନୁ ସ୍କୁଟି ଯୋଗେ ନିଜ ଗ୍ରାମରୁ କାକରପାଣି ବନ୍ଧୁଘରକୁ ଯାଉଥିଲେ। ବାଟରେ ବୁଢ଼ାଆମ୍ୱ-ଦେଓଗାଁ ମଝିରେ ଡାଲା ଅଟୋ (ନଂ.ଓଡି୦୭ଏକେ୮୪୩୦) ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ରାସ୍ତା ପାର୍ଶ୍ୱ ଜମିକୁ ଛିଟିକି ପଡ଼ି ସ୍ୱପ୍ନାଙ୍କର ମୃତ୍ୟୁ ହୋଇଥିଲା। କାହ୍ନୁ ରାସ୍ତାମଝିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିଲେ। ଝିଅ ପଡ଼ିଥିଲେ ମଧ୍ୟ କୌଣସି ଆଘାତ ଲାଗି ନ ଥିଲା। ସ୍ଥାନୀୟ ଯୁବକମାନେ ଗୁରୁତର କାହ୍ନୁଙ୍କୁ ଅଟୋ ଯୋଗେ କୋଦଳା ମେଡିକାଲ ନେଉଥିଲେ। ଅଧାବାଟରୁ ତାଙ୍କୁ ଆମ୍ବୁଲାନ୍ସରେ ନିଆଯାଇଥିଲା। ମେଡିକାଲରେ କାହ୍ନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଅଟୋ ଚାଳକଙ୍କୁ ଅଟକ ରଖାଯାଇଛି।






ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି– ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। –ଶ୍ରୀମା



# ବୃଦ୍ଧ ଓ ଯୁବ ବାବା



ଦେବଦତ୍ତ ପଟ୍ଟନାୟକ

ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ଏବେ ଏକ ନୂଆ ପିଢ଼ିର ବାବାଙ୍କୁ ଦେଖିବା ଓ ସେମାନଙ୍କ କଥା ମଧ୍ୟ ଶୁଣିବାକୁ ମିଳୁଛି। ଏହି ବାବାମାନେ ଯୁବକ। ଦେଖିବାକୁ ହୃଷ୍ଟପୁଷ୍ଟ ଓ ସୁନ୍ଦର । ସେମାନେ ଠିକ୍ ଭାବେ ପୋଷାକ ପିନ୍ଧୁଛନ୍ତି, ଠିକ୍ ବିଷୟ କହୁଛନ୍ତି । ସେମାନେ ମଧ୍ୟ ମିଡିଆ ସହ ଜଡ଼ିତ ହେବା ବିଷୟରେ ଭଲ ଭାବେ ଜାଣନ୍ତି। ଏହି ଯୁବ ବାବାମାନେ ଏବେ ବଳିଷ୍ଠ, ଅଲୌକିକି ଶକ୍ତି ତଥା ଶ୍ମଶ୍ରୁଧାରୀ ବୃଦ୍ଧ ବାବାଙ୍କ ପ୍ରଭାବକୁ ଧୀରେ ଧୀରେ ହ୍ରାସ କରିବାରେ ଲାଗିଛନ୍ତି। ପ୍ରକୃତ ବାବା କିଏ ବର୍ତ୍ତମାନ ଲୋକେ ସନ୍ଦେହରେ ପଡ଼ିଲେଣି ଏବଂ ଏହାକୁ ନେଇ ଉଭୟ ଗୋଷ୍ଠୀର ବାବାଙ୍କ ପକ୍ଷରୁ ଜୋର୍‌ଦାର ଯୁକ୍ତି ଚାଲିଛି। ଏପରିକି ଶ୍ମଶ୍ରୁଧାରୀ ବୃଦ୍ଧ ବାବାରୁ ଯୁବ ଓ ସୁନ୍ଦର ନୂଆ ବାବାକୁ ପରିବର୍ତ୍ତନ ହେବା ବିଷୟ ହିନ୍ଦୁ ଦେବଦେବୀଙ୍କ ସହ ଜଡ଼ିତ ସିଦ୍ଧାନ୍ତ ବା ଛବିରେ ପ୍ରତିଫଳିତ ହୁଏ। ପୁରୁଣା ଛବିରେ ବହୁ ସମୟରେ ଦେବତାଙ୍କୁ ଶକ୍ତିଶାଳୀ, କଠୋର ଓ କ୍ରୋଧୀ ପୁରୁଷ ଭାବେ ବର୍ଣ୍ଣନା କରାଯାଇଛି। ଅଳ୍ପ କିଛି ଛବି ଦେବତାଙ୍କୁ ଯଥା ରାଧା, କୃଷ୍ଣ ଭଳି ପିଲା କିମ୍ବା ଦୁର୍ଗା ଭାବେ ଚିତ୍ରଣ କରିଛି। ଏମାନେ ସମସ୍ତେ ଦେଖିବାକୁ ସୁନ୍ଦର ଓ ଆକର୍ଷଣୀୟ। ଏଥିରୁ ଜଣାଯାଏ ଯେ, ଆମେ ଜଣେ ଶକ୍ତିଶାଳୀ ତଥା ଖଳ ପୁରୁଷ ବଦଳରେ ଜଣେ କୋମଳ ହୃଦୟଧାରୀ ଓ ପ୍ରେମୀ ପୁରୁଷଙ୍କୁ ଚାହୁଁ। ସମ୍ଭବତଃ ଲୋକେ ଶକ୍ତିଶାଳୀ ଗଣେଶଙ୍କୁ ନେଇ କ୍ଳାନ୍ତ ହୋଇଗଲେଣି ଏବଂ ସମସ୍ତଙ୍କ ପାଇଁ ସୁଖ ଆଣିପାରିଥିବା ଆକର୍ଷଣୀୟ କୁନି ଗଣେଶ ଫେରି ଆସିବାକୁ ଚାହୁଁଛନ୍ତି।

ପୁରାଣରେ, ଋଷି କିମ୍ବା ସନ୍ନ୍ୟାସୀମାନେ ସବୁପ୍ରକାର ରୂପ ଓ ଆକାରରେ ସାମ୍ନାକୁ ଆସିଛନ୍ତି। ଜଣେ ସନ୍ନ୍ୟାସୀ ପିଲା, ଯୁବକ କିମ୍ବା ବୃଦ୍ଧ ହୋଇପାରନ୍ତି। ଏହି ସିଦ୍ଧାନ୍ତ ମଧ୍ୟ ଦେବତାଙ୍କ କ୍ଷେତ୍ରରେ ହୋଇପାରେ। ବିଶେଷକରି ସପ୍ତଋଷିମାନେ ଆକାଶରେ ଦାଢ଼ିଧାରୀ ବୃଦ୍ଧ ଭାବେ ଦୃଶ୍ୟମାନ ହୋଇଥାନ୍ତି। ନବନାଥମାନଙ୍କୁ ସବୁବେଳେ ଜଙ୍ଗଲରେ ବୁଲୁଥିବା ଦାଢ଼ିଧାରୀ ସନ୍ଥ ଭାବେ ଦର୍ଶାଯାଇଛି। ରାମାୟଣ ଓ ମହାଭାରତର କାବ୍ୟର ରଚୟିତା ଯଥାକ୍ରମେ ଶ୍ମଶ୍ରୁଧାରୀ ବାଲ୍ମୀକି ଓ ବ୍ୟାସଙ୍କ ଭଳି ବ୍ରହ୍ମାଙ୍କୁ ସର୍ବଦା ଦେଖାଯାଏ। ଏମାନଙ୍କୁ ଦାଢ଼ିଧାରୀ ବୃଦ୍ଧ ଭାବେ ଚିତ୍ରଣ କରାଯାଇଛି। ଅଗସ୍ତ୍ୟ ଋଷିଙ୍କୁ ବେଳେବେଳେ ଜଣେ ପେଟୁଆ ଓ ଗେଡ଼ା ଭାବେ



ଦେଖାଯାଇଥିଲେ ମଧ୍ୟ ଅଧିକାଂଶ ଋଷି ହେଉଛନ୍ତି ଡେଙ୍ଗା, ସୁସ୍ଥ ଓ ପତଳା ଏବଂ ସେମାନଙ୍କର ଆକର୍ଷଣୀୟ ଯୋଗୀ ଶରୀର ରହିଛି। ପୁରାଣରେ ମଧ କ୍ରୋଧୀ ଦୁର୍ବାସା ଏବଂ ଶାନ୍ତ ଦତ୍ତାତ୍ରେୟ ଋଷିଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି।

ଶିଶୁ ବା ବାଳକ ଋଷିଙ୍କ କଥା ଦେଖିଲେ, ଉପନିଷଦରେ ୪ଜଣ ଶିଶୁ ଋଷି ସନତକୁମାରଙ୍କ ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ। ଏଥିରେ ନାରଦଙ୍କ କଥା ଅଛି, ଯିଏ କି ହାତରେ ବୀଣା ଓ ଝାଞ୍ଜ ଧରି ସବୁବେଳେ ଚୁଗୁଲି କରନ୍ତି ଓ ସମସ୍ୟା ସୃଷ୍ଟି କରିବା ପାଇଁ ସବୁଠିକୁ ଯାଆନ୍ତି। ଉପନିଷଦରେ ବ୍ୟାସଙ୍କ ପୁତ୍ର ଶୁଆ ମସ୍ତକଧାରୀ ଶୁକ ମୁନିଙ୍କ ବିଷୟରେ ବର୍ଣ୍ଣନା ରହିଛି। ସେ ଅତ୍ୟନ୍ତ ସରଳ ଓ ଯାହା ଶୁଣନ୍ତି ସବୁ ମନେରଖିପାରନ୍ତି। ନାଥ ପରମ୍ପରାରେ ଥିବା ହିମାଚଳର ମୟୂରାସୀନ ବାଳକ ନାଥ ବୃଦ୍ଧ ଗୋଷ୍ଠୀର ନବନାଥ ବିଶେଷକରି ଗୋରଖନାଥଙ୍କ ଠାରୁ ନିଜକୁ ଦୂରେଇ ରଖନ୍ତି।

ଦେବତାଙ୍କ ମଧ୍ୟରେ ହିନ୍ଦୁତ୍ୱ ଧାରାରେ ଉଗ୍ର ଶିବ, ତାନ୍ତ୍ରିକ ପରମ୍ପରାରେ ଭୈରବ ଏବଂ ବେଙ୍ଗଲର ପେଟୁ ବୁଦ୍ଧବାବା ଥିବାବେଳେ କଶ୍ମୀରରେ ବାଳକ ବଟୁକ ଭୈରବ ରହିଛନ୍ତି। ବିଷ୍ଣୁ ବାଳକ ରୂପୀ ବାମନ ଅବତାର ରୂପ ଧାରଣ କରିଥିଲେ ଏବଂ ପରେ ମହାକାୟ ଭାବେ ପ୍ରକଟ ହୋଇଥିଲେ। ସେ ହେଉଛନ୍ତି କ୍ରୋଧୀ ଯୋଦ୍ଧା ଯୋଗୀ ପର୍ଶୁରାମ ଏବଂ ସେ ବି ହେଉଛନ୍ତି ବାଳକ କୃଷ୍ଣ, ଯିଏ ସମଗ୍ର ବିଶ୍ୱକୁ ମୁଖରେ ଧାରଣ କରିପାରନ୍ତି। ଗୀତଗୋବିନ୍ଦରେ ସେହି କୁନି ଶିଶୁ କୃଷ୍ଣ ଯେତେବେଳେ ଗୋପାଳଙ୍କ ଗହଣରେ ଏକୁଟିଆ ରହିଛନ୍ତି ସେତେବେଳେ ସେ ଜଣେ ସୁନ୍ଦର ବାଳକ ଭାବେ ନିଜକୁ ପ୍ରକଟ କରିଛନ୍ତି । ସେତେବେଳେ ଗାଁର ଲୋକେ ତାଙ୍କର ଏଭଳି ରୂପ ଧାରଣ ସମ୍ପର୍କରେ ଜାଣିପାରି ନ ଥିଲେ।

ରାମଙ୍କୁ ମଧ୍ୟ ଜଣେ ବାଳକ କିମ୍ବା କୃଷ୍ଣଙ୍କ ଭଳି ଛୋଟ ପିଲା ଭାବେ ଅଧିକ ଦର୍ଶାଯାଇଥିବା ଆମେ ଦେଖିବାକୁ ପାଉ, ଯାହାଙ୍କ ପାଖରେ ତାଙ୍କ ପରିବାର କିମ୍ବା ମାତାପିତା ରହିନାହାନ୍ତି। ତାଙ୍କ ପାଖରେ କେବଳ ୨ଜଣ ସେବକ ହନୁମାନ ଓ ଗରୁଡ଼ ଏବଂ ଅନେକ ଆଦର୍ଶ ବ୍ୟକ୍ତି ରହିଛନ୍ତି। ତାଙ୍କ ଖେଳନା ଅସ୍ତ୍ରଶସ୍ତ୍ରଗୁଡ଼ିକ ଏବେ ଯୁଦ୍ଧ ଉପରେ ଆଧାରିତ ଭିଡିଓ ଗେମ୍‌ରେ ଦେଖିବାକୁ ମିଳେ, ଯେଉଁଥିରେ ପିଲାମାନେ ଅତ୍ୟଧିକ ସମୟ କଟାଉଛନ୍ତି। ପ୍ରାୟତଃ ଏମାନେ ଜେନ୍ ଜେଡ୍ (୧୩–୨୮ ବର୍ଷ ବୟସ)ର ଭାବନକୁ ଧରି ରଖିଛନ୍ତି। ତେବେ ଏହା ଉପରେ ଏତେ ଗୁରୁତ୍ୱ ଦିଆଯାଉନାହିଁ କି ଚିନ୍ତା ପ୍ରକଟ କରାଯାଉନାହିଁ।

ହିନ୍ଦୁଧର୍ମର ବୈଶ୍ୱିକ ଦୃଷ୍ଟିକୋଣକୁ ଦେଖିଲେ, ଏଥିରେ ଯେକୌଣସି ବୟସର ଜଣେ ଋଷି ହୋଇପାରିଥିବା ଦେଖାଯାଏ। ତେବେ କେବଳ ଅଭିଜ୍ଞତା ଦ୍ୱାରା ଜ୍ଞାନ ଆହରଣ କରାଯାଏ ନାହିଁ। ବିଶ୍ୱରେ ଜଣେ ବାଳକ ସବୁ ଜ୍ଞାନର ଅଧିକାରୀ ହୋଇପାରୁଥିବାବେଳେ ଜଣେ ବୃଦ୍ଧ ବା ବୟସ୍କ ବ୍ୟକ୍ତି ସବୁଠୁ ଅଜ୍ଞ ଓ ଭ୍ରମିତ ହୋଇପାରନ୍ତି। ହିନ୍ଦୁ ପୁରାଣରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଦେବତା ଉଭୟ ଜଣେ ଶିଶୁ ଓ ବୟସ୍କ ପୁରୁଷ କିମ୍ବା ବୃଦ୍ଧ ହୋଇପାରନ୍ତି ଏବଂ ସମାନ ପ୍ରକାର ବିଚାର ମଧ୍ୟ ଦେବୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ। ଦେବୀମାନେ ଯୌବନ ପୂର୍ବ କନ୍ୟାବସ୍ଥା ( କମଳା), ଯୁବତୀ (ଷୋଡ଼ଶୀ)ଠାରୁ ଆରମ୍ଭକରି ବୟସ୍କା (ମାତଙ୍ଗୀ) ଏବଂ ବୃଦ୍ଧା (ଧୁମାବତୀ) ଏକ ପୂର୍ଣ୍ଣ ଆୟୁବର୍ଗକୁ ଧାରଣ କରିଥାନ୍ତି।

ଖ୍ରୀଷ୍ଟଧର୍ମରେ ଈଶ୍ୱର ଜଣେ ବୃଦ୍ଧ ଭାବେ ରହିଛନ୍ତି। ଯିଶୁଙ୍କୁ ତାଙ୍କ ମାଆଙ୍କ କୋଳରେ ଜଣେ ଶିଶୁ ଭାବେ ଦେଖାଯାଇଥାଏ ଏବଂ ଜଣେ କ୍ରୁଶବିଦ୍ଧ ଯୁବକ ଭାବେ ବି ଦୃଶ୍ୟମାନ ହୋଇଥାନ୍ତି। ଇସ୍‌ଲାମିକ୍ ସୁଫି କବିତାରେ, ଈଶ୍ୱରଙ୍କୁ ଲମ୍ବା କୁଞ୍ଚୁକୁଞ୍ଚିଆ କେଶଧାରୀ ତଥା ଠିକ୍ ଭାବେ ଟୋପି ପିନ୍ଧି ନ ଥିବା ଜଣେ ମେଷପାଳକ ବାଳକ ଭାବେ ପରୋକ୍ଷରେ ସଙ୍କେତ ଦିଆଯାଇଛି। ଗ୍ରୀକ୍ ପୁରାଣଗୁଡ଼ିକରେ ମଧ୍ୟ ଏରୋସ୍‌ଙ୍କ ଭଳି ବାଳକ ରୂପୀ ଈଶ୍ୱର, ଆପୋଲୋଙ୍କ ଭଳି ଯୁବକ, ବୟସ୍କ ଆରିସ୍ ଏବଂ ବୃଦ୍ଧ ଜିଉସ୍‌ଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ଦେବୀଙ୍କୁ ଯବତୀ (ପରସେଫୋନ), ବୟସ୍କା (ହେରା) ଏବଂ ବୃଦ୍ଧା (ହେକାଟେ) ଭାବେ ଦର୍ଶାଯାଇଛି। ଆଧ୍ୟାତ୍ମିକ ସନ୍ତୋଷ ଆମକୁ ବେଳେବେଳେ ଯୁବକ ଏବଂ ବେଳେବେଳେ ବୃଦ୍ଧ ଅବସ୍ଥାରୁ ମିଳିଥାଏ। ତେବେ ଆମେ ନିଜକୁ କେତେ ବୃଦ୍ଧା କିମ୍ବା ଯୁବକ ଅନୁଭବ କରୁଛୁ ତାହା ଉପରେ ଏହା ନିର୍ଭରକରେ ।

–devduttofficial@gmail.com

# ନାଟକର ସଂଜ୍ଞା ଓ ସ୍ୱରୂପ



ଡ. କିଶୋର ମହାନ୍ତି

ନାଟକ ନାଟ+ଅକରୁ ସୃଷ୍ଟି। ଅଭିନୟଯୋଗ୍ୟ ସାହିତ୍ୟ ହିଁ ନାଟକ। ନାଟକର ମୂଳ ଲକ୍ଷ୍ୟ ହେଲା ମନୋରଞ୍ଜନ ପ୍ରଦାନ କରିବା। ଚିତ୍ତବିନୋଦନ ପାଇଁ ନାଟକ ତଥା ସଙ୍ଗୀତ କଳାର ସୃଷ୍ଟି। ଏକଥା ସ୍ପଷ୍ଟ ହୋଇଯିବାକୁ ପଡ଼ିବ ଯେ ଭାରତୟ ସଂସ୍କୃତ ସାହିତ୍ୟରେ ଦୃଶ୍ୟକାବ୍ୟକୁ 'ରୂପକ' ଆଖ୍ୟା ଦିଆଯାଇଥାଏ। ଏହା ରୂପ ପ୍ରାଣତାର ଦୃଶ୍ୟକାବ୍ୟ ଓ ଏହା ରୂପକ ଭାବରେ କଥିତ। ସେ ଯାହା ହେଉ ନା କାହିଁକି କୁହାଯାଏ ''କାବ୍ୟେଷୁ ନାଟକମ୍ ରମ୍ୟଂ'' କଥାଟି ସତ୍ୟ।

ସ୍ୱୟଂ ପ୍ରଜାପତି ପଞ୍ଚମ ବେଦ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚତୁର୍ବେଦଙ୍କୁ ସ୍ମରଣ କଲେ। ଚତୁର୍ବେଦରୁ ପଞ୍ଚମ ବେଦ ଏବଂ ନାଟ୍ୟ ବେଦର ଉତ୍ପତ୍ତି। ନାଟ୍ୟଶାସ୍ତ୍ର ପ୍ରଥମେ ବ୍ରହ୍ମା ସୃଷ୍ଟି କରିଥିଲେ। ଋଗ୍ ବେଦରୁ ପାଠ, ଯଜୁର୍ବେଦରୁ ଅଭିନୟ, ଅଥର୍ବ ବେଦରୁ ରସ ତଥା ସାମବେଦରୁ ଭଙ୍ଗୀ ଆଦିକୁ ନେଇ ନାଟ୍ୟବେଦ ନିର୍ମାଣ କଲେ। ଭରତ ମୁନି ବିଶିଷ୍ଟ ନାଟ୍ୟ ବିଶାରଦ ବ୍ରହ୍ମାଙ୍କଠାରୁ ଏହି ଶାସ୍ତ୍ରକୁ ଅଧ୍ୟୟନ କରି ମହାଦେବ ଶିବ ଶମ୍ଭୁଙ୍କ ପାଖରେ ଉପସ୍ଥାପିତ କଲେ। ଶିବ ପରମ ସନ୍ତୋଷ ଲାଭ କରି ପ୍ରିୟ ଶିଷ୍ୟଙ୍କୁ ନୃତ୍ୟ ଶିକ୍ଷା ପ୍ରଦାନ ପାଇଁ ଆଦେଶ ଦେଲେ। ପ୍ରଭୁଙ୍କଠାରୁ ତାଣ୍ଡବ ନୃତ୍ୟ, ପାର୍ବତୀଙ୍କଠାରୁ ଲାସ୍ୟ ନୃତ୍ୟ ଶିକ୍ଷା କରି ଭରତ ମୁନି ସର୍ବପ୍ରଥମେ ଏକ ସମ୍ପୂର୍ଣ୍ଣ ନାଟ୍ୟଶାସ୍ତ୍ର ରଚନା କଲେ। ପୃଥିବୀର ସର୍ବ ବୃହତ ନାଟ୍ୟଶାସ୍ତ୍ର ସର୍ବ ପ୍ରଥମେ ଏହି ଭାରତ ଭୂମିରେ ହିଁ ଭରତଙ୍କ ଦ୍ୱାରା ୨ୟ ଶତାବ୍ଦୀରେ ରଚନା କରାଯାଇଥିଲା।

ଆଳଙ୍କାରିକ ବିଶ୍ୱନାଥ କବିରାଜ ନାଟକର ସଂଜ୍ଞା ନିରୂପଣ କରିବାକୁ ଯାଇ ତାଙ୍କ ରଚିତ ଗ୍ରନ୍ଥ ''ସାହିତ୍ୟ ଦର୍ପଣରେ ଉଲ୍ଲେଖ କରିଛନ୍ତି 'ଦୃଶ୍ୟତତ୍ରାଭିନେୟଂ' ଅର୍ଥାତ୍ ଅଭିନୟ ଦ୍ୱାରା ରଙ୍ଗମଞ୍ଚରେ ଯେଉଁ କାବ୍ୟ

**ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ**

ପ୍ରଦର୍ଶିତ ହୁଏ, ତାହା ହିଁ ଦୃଶ୍ୟ କାବ୍ୟ ନାଟକ। ନାଟକ, ନାଟ୍ୟକାର, ନିର୍ଦ୍ଦେଶକ, କଳାକାର ଓ ଦର୍ଶକଙ୍କ ମଧ୍ୟରେ ଅଭେଦ୍ୟ ସମ୍ପର୍କ। ନାଟକ ହିଁ ଏମାନଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷାକରେ। ଯେଉଁଠି ଏମାନଙ୍କ ମଧ୍ୟରେ ଅପୂର୍ବ ସମନ୍ୱୟ ସୃଷ୍ଟି ହୋଇଥାଏ ସେଇଠି ନାଟକ ହୁଏ ରସୋତ୍ତୀର୍ଣ୍ଣ, ବଳିଷ୍ଠ ତଥା ହୃଦୟଗ୍ରାହୀ। ନାଟକ ଉଭୟେ ଦୃଶ୍ୟକାବ୍ୟ ଓ ଶ୍ରାବ୍ୟ କାବ୍ୟ ହୋଇଥିବାରୁ ଏହାର ରସଘନ କାବ୍ୟତ୍ୱ ସହ ଅଭିନୟତ୍ୱ ଦର୍ଶକର ମାନସିକତାକୁ ଯେତିକି ରସାଳ କରେ ସେତିକି ବୌଦ୍ଧିକତାରେ ପରିପୁଷ୍ଟ କରେ। ଶିକ୍ଷା, ମନୋରଞ୍ଜନ ସମାଜକୁ ଦେବା ଏହାର ମୂଳ ଲକ୍ଷ୍ୟ।

ଭାରତରେ ସଂସ୍କୃତ ନାଟକ ରଚନା ସହ ଓ ପରେ ପରେ ଲୋକ ନାଟକଗୁଡ଼ିକ ପରିବେଷଣ ହେଲା। ଲୋକ ନାଟକ ଶାସ୍ତ୍ରୀୟ ନାଟକ ଠାରୁ ସମ୍ପୂର୍ଣ୍ଣ ପୃଥକ – ଭରତ ମୁନି ତାଙ୍କ ନାଟ୍ୟଶାସ୍ତ୍ରରେ ନାଟକକୁ ଲୋକବୃତ୍ତର ଅନୁକରଣ ବୋଲି କହିଛନ୍ତି। ସେ କହନ୍ତି – ''ତ୍ରୟୀଲୋକ ସ୍ୟାସ୍ୟ ସର୍ବସ୍ୟ ନାଟ୍ୟଭାବାନୁ କୀର୍ତ୍ତନମ୍''। ବହୁବର୍ଣ୍ଣରେ ବିଭାଷିତ ତଥା ଅଭିନୟରେ ଚିତ୍ତବିନୋଦକ ଭାରତୀୟ ଲୋକ ନାଟକଗୁଡ଼ିକର ସ୍ୱତନ୍ତ୍ର ସ୍ଥାନ ରହିଛି, ଯାହା ଆଜି ଯାଏ ମନୋରଞ୍ଜନ ଦେବାରେ ସକ୍ଷମ ହୋଇପାରୁଛି। ସେଥିମଧ୍ୟରୁ ଓଡ଼ିଶାର ଚଳନ୍ତି ଲୋକନାଟକଗୁଡ଼ିକ ବେଶ୍ ମନୋରଞ୍ଜନଧର୍ମୀ।

ଏକଥା ବି ସତ୍ୟ ଯେ ନୃତ୍ୟନାଟକ ହେଉଛି ସତ୍ୟର ପ୍ରତିଫଳନ ଓ ସମାଜର ଦର୍ପଣ ସଦୃଶ। 'କଳା' ଏକ ମାଧ୍ୟମ ଯାହା ବିଶ୍ୱକୁ ଗୋଟିଏ ପରିବାରରେ ବାନ୍ଧି ରଖେ। ମଞ୍ଚ ନାଟକର ବିଶେଷତ୍ୱ ଓ ସମାଜର ପରିବର୍ତ୍ତନ କ୍ଷେତ୍ରରେ ଏହାର ପ୍ରମୁଖ ଭୂମିକାକୁ ପ୍ରଚାର କରିବା, ମଞ୍ଚ ନାଟକକୁ ଲୋକଲୋଚନକୁ ଆଣିବା, ମଞ୍ଚ ନାଟକ ପ୍ରଦର୍ଶନ ବିଶ୍ୱ ନାଟ୍ୟ ଦିବସର ମୂଳ ଲକ୍ଷ୍ୟ ଯାହା ସାରା ବିଶ୍ୱରେ ମାର୍ଚ୍ଚ ୨୭ ତାରିଖକୁ ବିଶ୍ୱ ନାଟ୍ୟ ଦିବସ ଭାବରେ ପାଳନ କରାଯାଉଛି।

ଓଡ଼ିଶାରେ ବିଭିନ୍ନ ସହରରେ ନାଟକ ମଞ୍ଚସ୍ଥ କରଯାଉଛି । କିଛିକିଛି ସୌଖୀନ ନାଟ୍ୟ ଅନୁଷ୍ଠାନ ନାଟକ ମଞ୍ଚସ୍ଥ କରିଚାଲିଛନ୍ତି କିନ୍ତୁ ପେସାଦାର ରଙ୍ଗମଞ୍ଚ ଓଡ଼ିଶାରେ ଆଉ ନାହିଁ – ଯେଉଁ କେତୋଟି ରଙ୍ଗମଞ୍ଚ ଅଛି ତା'ର ତତ୍ତ୍ୱାବଧାନ ଠିକ୍ ଭାବରେ ନିଆଯାଇପାରୁ ନାହିଁ । ଏଥିରେ ସରକାରଙ୍କ ପ୍ରୋତ୍ସାହନ ନାହିଁ। ଓଡ଼ିଶାର ବଡ଼ ବଡ଼ ସହରରେ ପ୍ରେକ୍ଷାଳୟର ଘୋର ଅଭାବ। ଗାଁ ଗଣ୍ଡାରେ ରଙ୍ଗମଞ୍ଚ ନାହିଁ କହିଲେ ଚଳେ। ଅସ୍ଥାୟୀ ରଙ୍ଗମଞ୍ଚ ନିର୍ମାଣ କରି କେହି କେହି ନାଟ୍ୟପ୍ରେମୀ ନାଟକ ମଞ୍ଚସ୍ଥ କରୁଛନ୍ତି। ନାଟ୍ୟ କଳାକୁ ଉଜ୍ଜୀବିତ କରିବାକୁ ହେଲେ ସଶକ୍ତ ଅଭିଯାନ ଲୋଡ଼ା।

ମୋ:୯୪୩୭୭୨୮୪୭୫

## ଏଇ ଭାରତରେ

ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ। ବିଶ୍ୱ ବ୍ୟାଙ୍କ ତଥ୍ୟ ଅନୁଯାୟୀ ଏହାର ଲୋକସଂଖ୍ୟା ୧୪୦ କୋଟିରୁ ଅଧିକ। ଏଭଳି ସ୍ଥିତିରେ ଭାରତରେ ଅନେକ କୋଟି ଲୋକ ଦିନକୁ ଓଳିଏ ଖାଇ ବଞ୍ଚୁଥିବାବେଳେ ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ଅନେକେ ଜୀବନ ବିତାଉଛନ୍ତି। ତେବେ ବେଙ୍ଗାଲୁରୁ ସହରରେଏଭଳି ଅସହାୟ ଲୋକଙ୍କ ପାଇଁବିଶ୍ୱାଲା ପଟେଲ ସାହାରା ପାଲଟିଛନ୍ତି । ସେ ବାଇକରେ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଖାଦ୍ୟ ଏବଂ ପୋଷାକ ଦେଉଛନ୍ତି। ଶୀତଦିନେ ମଧ ଲୋକଙ୍କୁ କମ୍ବଳ ଯୋଗାଇ ଦେଇଥାନ୍ତି ବିଶ୍ୱାଲା। ଏହି କାର୍ଯ୍ୟରେ ବିଶ୍ୱାଲାଙ୍କ ସହ ଏକ ଟିମ୍ କାର୍ଯ୍ୟ କରୁଛି। ଏହି ଟିମ୍‌ରେ ୧୩୦ ଜଣ ସ୍ୱେଚ୍ଛାସେବୀ ରହିଛନ୍ତି। ଏହି ଟିମ୍ ସ୍କୁଲ ମରାମତି ଓ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରୁଛି। ବିଶ୍ୱାଲା ପେସାରେ ଜଣେ ଇଞ୍ଜିନିୟର । ତାଙ୍କୁ ବୟସ ଏବେ ୨୭ ବର୍ଷ। ସେ ଚାକିରି ସହ ଏହି ସେବା ଜାରି ରଖିଛନ୍ତି। ତାଙ୍କ ମତରେ ସାମାଜିକ କାର୍ଯ୍ୟ ପାଇଁ ନିଜର ଶ୍ରମ ଓ ସମୟ ଦେବା ଉଚିତ। କାରଣ ଲୋକେ ଆମ ସହାୟତା ଚାହାନ୍ତି ଏବଂ ସେମାନଙ୍କ ଜୀବନରେ ଆମେ ବି ପରିବର୍ତ୍ତନ ଆଣିପାରିବା।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ମାର୍ଚ୍ଚ ୧୯୭୬

- ଡାଇରେକ୍ଟର ପ୍ରଫେସର ଡଃ. ଭି. ରାମଲିଙ୍ଗସ୍ୱାମୀ ଏବଂ ଡଃ. ପି. ଏନ୍. ଚୁଟାନିଙ୍କୁ ସେନାବାହିନୀର ସମ୍ମାନସୂଚକ ବ୍ରିଗେଡିଆର ପାହ୍ୟାରେ ନିଯୁକ୍ତି ପ୍ରଦାନ।
- ବେଲପୁର ଲୋକ ସଭା ସଭ୍ୟ ପଦରୁ ଶରତ ଯାଦବ (ସୋସିଆଲିଷ୍ଟ)ଙ୍କ ଇସ୍ତଫା ପ୍ରଦାନ।
- ଜେରୁଜେଲମ ଓ ଜୋର୍ଡାନର ପଶ୍ଚିମ ଉପକୂଳ ଅଞ୍ଚଳରେ ଇସ୍ରାଏଲର କାର୍ଯ୍ୟକଳାପକୁ ସମାଲୋଚନା କରି ୫ଟି ବିକାଶଶୀଳ ରାଷ୍ଟ୍ର ନିରାପତ୍ତା ପରିଷଦରେ ଆଗତ କରିଥିବା ପ୍ରସ୍ତାବ ଉପରେ ଆମେରିକାର ଭିଟୋ ପ୍ରୟୋଗ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | 6 | | 5 |
| | | | | | 7 | | 1 | 3 |
| 1 | | | 2 | | | | | |
| | | 5 | 1 | | | 9 | | 6 |
| 3 | | 1 | | 4 | | | | |
| | | 8 | 9 | | | | | |
| | | | | 2 | | | | |
| | | 4 | 7 | | 1 | 8 | | |
| | | | 8 | | 9 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 5 | 6 | 7 | 4 | 3 | 1 | 2 |
| 6 | 1 | 4 | 2 | 3 | 5 | 9 | 8 | 7 |
| 7 | 2 | 3 | 1 | 8 | 9 | 6 | 4 | 5 |
| 4 | 7 | 9 | 5 | 6 | 3 | 1 | 2 | 8 |
| 2 | 3 | 8 | 7 | 4 | 1 | 5 | 9 | 6 |
| 5 | 6 | 1 | 9 | 2 | 8 | 7 | 3 | 4 |
| 1 | 9 | 2 | 8 | 5 | 7 | 4 | 6 | 3 |
| 8 | 4 | 7 | 3 | 1 | 6 | 2 | 5 | 9 |
| 3 | 5 | 6 | 4 | 9 | 2 | 8 | 7 | 1 |

ଗତକାଲିର ଉତ୍ତର

# ଚାପମୁକ୍ତ ପରୀକ୍ଷା କେତେ ବାସ୍ତବ



ରବିନାରାୟଣ ସାମଲ

ଅଷ୍ଟମରେ ପଢୁଥିବା ଶତକଡ଼ା ୬୯.୫ ଭାଗ ପିଲାଙ୍କୁ ଫେଡ଼ାଣ ଆସେନା ଏବଂ ଶତକଡ଼ା ୪୮.୮ ଭାଗ ପିଲାଙ୍କୁ ହରଣ ଆସେନା। ଏହା ହେଉଛି ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେଶନ୍ ରିପୋର୍ଟ (ଏଏସ୍ଇଆର୍) ଦ୍ୱାରା ସଦ୍ୟ ପ୍ରକାଶିତ ତଥ୍ୟ। ଅଧିକନ୍ତୁ ପଞ୍ଚମ ଶ୍ରେଣୀରେ ପଢୁଥିବା ଏକ–ତୃତୀୟାଂଶ ପିଲା ଦ୍ୱିତୀୟ ଶ୍ରେଣୀ ବହି ଠିକ୍ ଭାବେ ପଢ଼ି ପାରନ୍ତି ନାହିଁ ଏବଂ ଦଶମ ଶ୍ରେଣୀରେ ପଢୁଥିବା ଏକ–ପଞ୍ଚମାଂଶ ପିଲା ନିଜ ନାମ ଠିକ୍ ଭାବେ ବି ଲେଖିପାରନ୍ତି ନାହିଁ। ଉପରୋକ୍ତ ତଥ୍ୟକୁ ଆମେ ଯଦି ଗୁରୁତ୍ୱର ସହ ବିଶ୍ଳେଷଣ କରିବା ଦେଶର ଶିକ୍ଷା ବ୍ୟବସ୍ଥା, ଶିକ୍ଷା ଅବସ୍ଥା, ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣ ସମ୍ବନ୍ଧରେ ଅନେକ କିଛି ପ୍ରଶ୍ନର ସମ୍ମୁଖୀନ ହେବା। ଶିକ୍ଷକ, ଅଭିଭାବକ, ଶିକ୍ଷା ବିଭାଗ ଓ ସ୍ୱୟଂ ସରକାର କେହି ବି ଏଥିରୁ ଦୋଷମୁକ୍ତ ହୋଇ ପାରିବେ ନାହିଁ।

ଶୈଶବ ଅବସ୍ଥାରେ ଗୋଟିଏ ପିଲାର ଆରମ୍ଭ ହୁଏ ପାଠପଢ଼ା। ପ୍ରତ୍ୟେକ ଅଭିଭାବକ ଚାହାନ୍ତି ତାଙ୍କ ପିଲାଟି କେମିତି ଭଲ ପଢ଼ିବ। ବିଦ୍ୟାଳୟରେ ଶିକ୍ଷକ ମଧ୍ୟ ଅଭ୍ୟାସ ପାଠ ଓ ଗୃହପାଠ ଦେଇ ଛାତ୍ରୀଛାତ୍ରଙ୍କୁ ଆଗେଇ ନେବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରନ୍ତି। ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହିଠାରୁ ହିଁ ଆରମ୍ଭ ହୋଇଯାଏ ପିଲାଟି ଉପରେ ଚାପ। ଅଭିଭାବକଙ୍କ ଚାପ, ଶିକ୍ଷକଙ୍କ ଚାପ, ଟିଉଟର୍‌ଙ୍କ ଚାପ ଏବଂ ସର୍ବୋପରି ଶିକ୍ଷା ବିଭାଗର ଚାପ। ପିଲାଟି ଫୁର୍‌ସତ୍ ପାଏନା ଟିକିଏ ଖେଳିବାକୁ ବା ବୁଲିବାକୁ। ସାଧାରଣତଃ ଘରୋଇ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ଏହି ଅବସ୍ଥାରେ ଅଧିକ ସନ୍ତୁଳି ହେଉଥିବାର ଦେଖିବାକୁ ମିଳେ।

ଗୋଟିଏ ବର୍ଷରେ ଅତି କମ୍‌ରେ ଦୁଇଟି ମୁଖ୍ୟ ପରୀକ୍ଷାକୁ ସମ୍ମୁଖୀନ ହେବାକୁ ପଡ଼େ ଜଣେ ଛାତ୍ରକୁ। ଏହା ସହିତ ମାସିକ ପରୀକ୍ଷା ଅଛି, ତ୍ରୟମାସିକ ପରୀକ୍ଷା ଅଛି, ଟିଉସନ୍ ପରୀକ୍ଷା ଅଛି ଏବଂ ପ୍ରତି ଅଧ୍ୟାୟ ଶେଷରେ ବି ପରୀକ୍ଷା ଅଛି। ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହେବାକୁ ଜଣେ ଅଭିଭାବକଙ୍କୁ ପିଲାଟି ପାଇଁ ବହୁତ କିଛି କରିବାକୁ ପଡ଼ିଥାଏ। ହେଉଥିବା ପରୀକ୍ଷାଗୁଡ଼ିକ କେବଳ ସାଧାରଣ ପରୀକ୍ଷା ନୁହେଁ, ଏକ ପ୍ରତିଯୋଗିତାପୂର୍ଣ୍ଣ ଅଥବା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରୀକ୍ଷା । ଏଥି ସକାଶେ ଜଣେ ଛାତ୍ରକୁ ଅହରହ ଉଦ୍ୟମ କରିବାକୁ ପଡ଼ିଥାଏ। ଏହାକୁ କ'ଣ ଅମେ ଏକ ପ୍ରକାର 'ଚାପ' ବୋଲି କହିପାରିବା ନାହିଁ? ବୃତ୍ତି ପରୀକ୍ଷାରେ ସର୍ବାଧିକ ନମ୍ବର ରଖିବା, ମାଟ୍ରିକ୍ ପରୀକ୍ଷାରେ ଏ–ଗ୍ରେଡ୍ ପାଇବା, ଉଚ୍ଚ ମାଧ୍ୟମିକ , ସ୍ନାତକ, ସ୍ନାତକୋତ୍ତର ଏବଂ ବିଭିନ୍ନ ପ୍ରକାର ବୈଷୟିକ ଶିକ୍ଷାରେ ପ୍ରଚଳିତ ପ୍ରବେଶିକା ପରୀକ୍ଷାର ସମ୍ମୁଖୀନ ହେବା ଏବଂ ସେମିଷ୍ଟର୍ ଆଦିରେ ସଫଳତା ଅର୍ଜନ କରିବା କ'ଣ 'ଚାପମୁକ୍ତ' କି? ଆମ ଦେଶରେ ଯେତେ ପ୍ରକାର ଶିକ୍ଷା ଓ ଶିକ୍ଷାନୁଷ୍ଠାନ ଅଛି ଅନ୍ୟ କୌଣସି ଦେଶରେ ସେତେ ନାହିଁ। ଆଖୁ କିଆରିରେ ଶିଆଳ ପଶିଲା ଭଳି ଆମକୁ ସେଥିରୁ ମନଲାଖି ଶିକ୍ଷା ଓ ଶିକ୍ଷାନୁଷ୍ଠାନଟିଏ ଖୋଜି ପାଇବା ସେତେ ସହଜସାଧ୍ୟ ହୁଏ ନାହିଁ। ସେଥି ପାଇଁ ଅଭିଭାବକଙ୍କୁ ବହୁ ହରକତ ହେବାକୁ ପଡ଼ିଥାଏ। ଧରି ନିଆଯାଉ ନିଟ୍ ପରୀକ୍ଷା କଥା। ପିଲାଟିଏ ଅକ୍ଳାନ୍ତ ପରିଶ୍ରମ କରି ଯଦି ଅସଫଳ ହୁଏ, ତେବେ ତାକୁ ପୁନର୍ବାର ଅନ୍ୟ କୌଣସି ବିକଳ୍ପ ଶିକ୍ଷା ବା ଶିକ୍ଷାନୁଷ୍ଠାନର ସନ୍ଧାନ କରିବାକୁ ପଡ଼ିଥାଏ। ଜଣେ ଅଭିଭାବକ ଓ ତାଙ୍କର ପିଲା ଏ କ୍ଷେତ୍ରରେ କି ମାନସିକ ଚାପ ଦେଇ ଗତି କରିଥାନ୍ତି ତାହା ସେମାନେ ହିଁ କେବଳ ବର୍ଣ୍ଣନା କରିପାରିବେ। ଆମେ କ'ଣ ଏହାକୁ 'ଚାପମୁକ୍ତ' ବୋଲି କହିପାରିବା ? ପିଲାକୁ ଉପଯୁକ୍ତ ଶିକ୍ଷା ଦେବା, ଉପଯୁକ୍ତ ମାର୍ଗଦର୍ଶନ କରାଇବା, ଉପଯୁକ୍ତ କର୍ମ ସଂସ୍ଥାନଟିଏ ଆୟୋଜନ କରିବା ଇତ୍ୟାଦି ଯାବତୀୟ ଆନୁସଙ୍ଗିକ ଅବସ୍ଥା ଓ ବ୍ୟବସ୍ଥା ଆଦୌ 'ଚାପମୁକ୍ତ' ନୁହେଁ ବୋଲି କୁହାଯାଇ ପାରିବ।



୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କଲେ 'ପରୀକ୍ଷା ପେ ଚର୍ଚ୍ଚା'। ପରୀକ୍ଷାକୁ ଏକ 'ଉତ୍ସବ' ଭାବେ ପାଳନ କରିବାକୁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଲେ। ଛଅ ବର୍ଷ ହେଲା ଏହି 'ପରୀକ୍ଷା ପେ ଚର୍ଚ୍ଚା' ଚାଲିଆସିଛି। ଛାତ୍ର ଜୀବନରେ ତାହାର ଉପଯୋଗିତା କ'ଣ କେତେ ହେଉଛି ଏଯାବତ୍ ବୋଧେ ତା'ର ସମୀକ୍ଷା କରାଯାଇ ନାହିଁ। ଦ୍ୱନ୍ଦ୍ୱରେ ରହିଆସିଥିବା ନୂତନ ଜାତୀୟ ଶିକ୍ଷାନୀତିର ଏକ ଅଂଶ ଭାବେ ଚଳିତ ବର୍ଷ 'ଚାପମୁକ୍ତ ପରୀକ୍ଷା' ଏବେ ଚର୍ଚ୍ଚାକୁ ଆସିଛି। କିଛି ଶିକ୍ଷାବିତ୍ 'ଚାପମୁକ୍ତ ପରୀକ୍ଷା' ସମ୍ପର୍କରେ ଗଣମାଧ୍ୟମରେ ନିଜସ୍ୱ ମତାମତ ବି ରଖିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି–ସେହି ବିଶିଷ୍ଟ ବ୍ୟକ୍ତିମାନେ ପରୀକ୍ଷା ସମୟରେ ନିଜ ପିଲାମାନଙ୍କ ଉପରେ ଚାପ ପ୍ରୟୋଗ କରନ୍ତି ନା ନାହିଁ? ତେବେ ସେମାନେ କାହାର ପିଲାମାନଙ୍କୁ ଚାପମୁକ୍ତ ରହିବାକୁ ପରାମର୍ଶ ଦେଉଛନ୍ତି? ପ୍ରବଞ୍ଚନା!

ଅଙ୍ଗନୱାଡିରେ ପଢ଼ିବେ ଆମରି ପିଲା, ପରୀକ୍ଷାକୁଉତ୍ସବମନାଇବେଆମରିପିଲା, ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଆମରି ପିଲା, ପରୀକ୍ଷା ଦେବାକୁ ୫ କିଲୋମିଟର ଚାଲିବେ ଆମରି ପିଲା, ପରୀକ୍ଷାରେ କପି କରିବେ ଆମରି ପିଲା, ଫେଲ୍ ହେବେ ଆମରି ପିଲା, ପରିଣାମରେ ରାଜରାସ୍ତାରେ ସାର୍ଟିଫିକେଟ୍ ଧରି ବୁଲିବେ ଆମରି ପିଲା। ଯେଉଁମାନେ ଆମକୁ ହିତୋପଦେଶ ଦେଉଛନ୍ତି ସେମାନଙ୍କ ପିଲା ପଢ଼ନ୍ତି କେଉଁ ଅଙ୍ଗନୱାଡିରେ ? ସେମାନଙ୍କ ପିଲା ନିଯୁକ୍ତି ପାଆନ୍ତି କେଉଁ କ୍ଷେତଖମାରରେ ? ସେମାନଙ୍କ ପିଲାମାନଙ୍କ ସାମାଜିକ ସ୍ଥିତି ରହେ କେତେ ନିମ୍ନରେ ?

ପରୀକ୍ଷାରେ ଯେଉଁ ପିଲାମାନେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୁଅନ୍ତି ଗଣମାଧ୍ୟମରେ ସେମାନଙ୍କ ମତମନ୍ତବ୍ୟ ପ୍ରକାଶ ପାଇଥାଏ। ପ୍ରାୟ ସମସ୍ତେ ଦିନକୁ ୮–୧୦ ଘଣ୍ଟା ପରିଶ୍ରମ କରନ୍ତି ବୋଲି କହିଥାନ୍ତି। ଏହି ୮–୧୦ ଘଣ୍ଟାର ପରିଶ୍ରମ କ'ଣ ଚାପରହିତ କି? ବିନା ଚାପରେ ପରୀକ୍ଷା ଅଛି ନା ବିନା ପରୀକ୍ଷାରେ ପାଠପଢ଼ା ଅଛି?

ସାଧାରଣତଃ ପିଲାମାନେ ଚପଳମତି ଓ ଖେଳୁଆଡ଼ ସ୍ୱଭାବର। ଏଠାରେ ଶିକ୍ଷକ–ଅଭିଭାବକଙ୍କ ଅଦେଶ–ଉପଦେଶକୁ 'ଚାପ' ବୋଲି ନ ଧରି ବରଂ ଦିଗ୍‌ଦର୍ଶନ ବୋଲି ଧରିନେବା ଅଧିକ ପ୍ରଯୁଜ୍ୟ ହେବ। କିନ୍ତୁ ଏଠାରେ ପିଲାର ଦକ୍ଷତା ହେଉଛି ସବୁଠାରୁ ବଡ଼ ମାପକାଠି। ଏହାକୁ ଅଣଦେଖା କରିବା ଠିକ୍ ହେବ ନାହିଁ। ରାଜସ୍ଥାନର କୋଟାରେ କୋଚିଂ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେଜଣ ଆତ୍ମହତ୍ୟା କରୁଥିବାର ଦେଖାଯାଏ। ଛାତ୍ର ଆତ୍ମହତ୍ୟାର କାରଣ ଜଳଜଳ କରି ଦେଖାଯାଉଥିଲେ ମଧ୍ୟ ସେଠାରେ ରୀତିମତ ବେପାର ଚାଲିଛି। ଛାତ୍ର ଆତ୍ମହତ୍ୟାକୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିକଟରେ ଚିନ୍ତା ପ୍ରକଟ କରିଛନ୍ତି। ସରକାରଙ୍କର ଏଥି ପ୍ରତି ନିଘା ନାହିଁ। ଦକ୍ଷତା ନ ଥିବା ଛାତ୍ରୀଛାତ୍ରମାନେ ଅଭିଭାବକଙ୍କ ବାଧ୍ୟବାଧକତାରେ ସେଠାରେ ପଡ଼ି ହତୋତ୍ସାହ ହୋଇପଡ଼ନ୍ତି ଏବଂ ଆତ୍ମହତ୍ୟା ପରି ଏକ ଜଘନ୍ୟ ଅପରାଧ କରିବାକୁ ପଛାନ୍ତି ନାହିଁ।

ବାସ୍ତବରେ 'ଚାପମୁକ୍ତ ପରୀକ୍ଷା'ର ଭାବନା ନିରର୍ଥକ। ଭବିଷ୍ୟତ ଏହାର ଅନ୍ଧକାର। ଉପଯୁକ୍ତ ପରିବେଶରେ ଉପଯୁକ୍ତ ଶିକ୍ଷା ପ୍ରତ୍ୟେକ ପିଲା ଯେପରି ପାଆନ୍ତି ତାହା ଆମର ଧ୍ୟେୟ ହେବା ଉଚିତ।

ମୋ: ୭୯୭୫୦୪୬୪୮୬

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଣିଗାରେଡ଼ି ଅପରାଧ ବଢୁଛି

ମହାଶୟ,

ବିଜ୍ଞାନର ଦ୍ରୁତ ଅଗ୍ରଗତି ସାଙ୍ଗକୁ ଚିକିତ୍ସା ବିଜ୍ଞାନରେ ମଧ ଉନ୍ନତି ହୋଇଛି। ହେଲେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଦେଖାଯାଉଛି। ଏହାର କାରଣ ହେଉଛି ଅଶିକ୍ଷା ଓ ଅନ୍ଧବିଶ୍ୱାସ, ଯାହା ଯୋଗୁ ନରହତ୍ୟା ଓ ଜଘନ୍ୟ ଅପରାଧ ଘଟୁଛି। ଆମ ରାଜ୍ୟରେ ପ୍ରତିବର୍ଷ ନିରୀହ ଲୋକଙ୍କର ଡାହାଣୀ, ଗୁଣିଆ ସନ୍ଦେହରେ ପ୍ରାଣ ଯାଉଛି। ଏହିଭଳି ଅପରାଧକୁ ପ୍ରତିହତ କରିବାକୁ ପ୍ରଥମତଃ ଗ୍ରାମରକ୍ଷୀଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଗାଁରେ ଜଣେ ଓ ଦୁଇ ଜଣ ଗ୍ରାମରକ୍ଷୀ ଥାଆନ୍ତି। ସେମାନେ ଗାଁର ଟିକିନିଖି ଖବର ଥାନା ଅଧିକାରୀଙ୍କୁ ଅପରାଧ ଘଟିବା ପୂର୍ବରୁ ଦେଇଥାନ୍ତି। ସେହି ଖବର ଆଧାରରେ ସାମାଜିକ, ସ୍ୱାସ୍ଥ୍ୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତି । ଦ୍ୱିତୀୟତଃ ଥାନାର କ୍ରାଇମ ହାବିଲଦାରଙ୍କ ଦାୟିତ୍ୱ ଗ୍ରାମ ଗସ୍ତକରି ଆଗୁଆ ସୂଚନା ଦେବା। ତୃତୀୟରେ ଆଶା ଦିଦି ଲୋକମାନଙ୍କ ମଧ୍ୟରେ ଉପଯୁକ୍ତ ସ୍ୱାସ୍ଥ୍ୟ ସଚେତନତା ଦେଇପାରିବେ ଯାହା ଦ୍ୱାରା ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ ଓ ଅନ୍ଧବିଶ୍ୱାସ ଦୂରହୋଇପାରିବ। ଚତୁର୍ଥରେ ସ୍ଥାନୀୟ ଶିକ୍ଷକଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଓ ଏଥିଯୋଗୁ ମଧ ଏହିଭଳି ଅପରାଧ କମିବ। ଗ୍ରାମରକ୍ଷୀ, ଆଶା ଦିଦି, ଅଙ୍ଗନୱାଡି କର୍ମୀ ଓ କ୍ରାଇମ ହାବିଲଦାର ଏହି ଭଳି ଅପରାଧ ଘଟିବା ପୂର୍ବରୁ ସୂଚନା ଦେଲେ ତାଙ୍କୁ ଯଦି ଉପଯୁକ୍ତ ଭାବେ ପୁରସ୍କୃତ କରାଯାଏ ତେବେ ସେମାନେ ଭଲ କାମ କରିବେ। ଥାନା ଅଧିକାରୀମାନେ ଲୋକଙ୍କ ସେବକ ହୋଇ ସେବା କଲେ ଏଭଳି ଅପରାଧ ଏଡାଇ ହେବ।

–ବିଷ୍ଣୁ ପ୍ରସାଦ ସାହୁ, ବେଞ୍ଚରାପୁର, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶୁଖାଇ ଦେଇ ନୟନ–ଜଳ
ମରମ ତଳେ ଜାଳି ଅନଳ
ଭୁଲିଛି ସବୁ ବେଦନା ସୁଖ
ଲୁହାରେ କିଳି ଛାତି
ନ ମାନି ଖରା ବରଷା ଦିନ ରାତି।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ


ବିଧାନସଭା ମୁଖ୍ୟ ପ୍ରବେଶ ଦ୍ୱାରରେ ବୁଧବାର ବିଜେଡି ଓ କଂଗ୍ରେସ ବିଧାୟକମାନେ ବ୍ୟାରିକେଡ୍‌କୁ ଠେଲୁଛନ୍ତି।


ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ କଂଗ୍ରେସ କର୍ମୀମାନେ ବ୍ୟାରିକେଡ୍ ଡେଇଁ ଯାଉଥିବାବେଳେ ପୋଲିସ ଅଟକାଉଛି।


କଂଗ୍ରେସ ବିଧାୟକଙ୍କ ନିଲମ୍ବନକୁ ବିରୋଧକରି କଂଗ୍ରେସ ଭବନ ସମ୍ମୁଖ ରାସ୍ତାରେ ଶୋଇଥିବା ଦଳୀୟ ବିଧାୟକ।

# ବିଶୃଙ୍ଖଳାରୁ ନିଲମ୍ବନ: ବାଚସ୍ପତିଙ୍କ ବିବୃତି

## କଂଗ୍ରେସ ସଦସ୍ୟମାନେ ସୁରକ୍ଷା କର୍ମୀ, ମାର୍ଶାଲଙ୍କୁ ଆକ୍ରମଣ କରିଥିଲେ

ଭୁବନେଶ୍ୱର,୨୬।୩(ସୁନିତ୍ ମିଶ୍ର)

ବିଧାନସଭାରୁ ୭ଟି କାର୍ଯ୍ୟଦିବସ ପାଇଁ କଂଗ୍ରେସ ସଦସ୍ୟଙ୍କୁ ନିଲମ୍ବନ କରାଯିବା ଏବଂ ସେମାନଙ୍କ ସହ ପୋଲିସ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମୁହାଁମୁହିଁ ସ୍ଥିତିକୁ ନେଇ ବାଚସ୍ପତି ସୁରମା ପାଢ଼ୀ ବୁଧବାର ଦ୍ୱିତୀୟାର୍ଦ୍ଧରେ ଗୃହରେ ବିବୃତି ରଖିଛନ୍ତି। ବାଚସ୍ପତି କହିଛନ୍ତି, ବାରମ୍ବାର ଅନୁରୋଧ ସତ୍ତ୍ୱେ କଂଗ୍ରେସ ସଦସ୍ୟମାନେ ବିଶୃଙ୍ଖଳିତ ଆଚରଣ ଦେଖାଇବାରୁ ସେମାନଙ୍କୁ ନିଲମ୍ବନ କରାଯାଇଛି।

ଚଳିତ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଯଥା ଗତ ୭ ତାରିଖଠାରୁ ପ୍ରତ୍ୟେକ ଦିନ ବିରୋଧୀ ଦଳର କେତେଜଣ ସଦସ୍ୟ ମଧ୍ୟଭାଗକୁ ଆସି ବିଭିନ୍ନ ବିଷୟରେ ପ୍ଲାକାର୍ଡ, ପୋଷ୍ଟର, ବ୍ୟାନର ଆଦି ପ୍ରଦର୍ଶନ ସହ ସ୍ଲୋଗାନ ଦେଇଆସୁଥିଲେ। ପୁନଶ୍ଚ ଗତ ୨୦ ତାରିଖଠାରୁ ବିରୋଧୀ ଦଳର କେତେଜଣ ସଦସ୍ୟ ଗୃହକାର୍ଯ୍ୟ ଆରମ୍ଭ ମାତ୍ରେ କଳାବ୍ୟାଜ୍ ସହ କଳା ପୋଷାକ ପରିଧାନକରି ଗୃହମଧ୍ୟଭାଗକୁ ଆସି ହୁଇସିଲ୍, ଘଣ୍ଟ, ଘଣ୍ଟି, ତୁରୀ, ବଂଶୀ ଆଦି ବଜାଇ ବାରମ୍ବାର ବାଧା ସୃଷ୍ଟି କରିଥିଲେ। ଗୃହର ସମସ୍ତ ସଦସ୍ୟ ଜାଣନ୍ତି, ଏଭଳି ଆରଚଣ ଦ୍ୱାରା ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଶୋଭନୀୟ ନୁହେଁ। ଏସବୁ କାର୍ଯ୍ୟ ଗୃହର ଶୃଙ୍ଖଳା ଏବଂ ପଦମର୍ଯ୍ୟାଦା ଭଙ୍ଗ କରୁଥିଲା। ଚଳିତ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଗତ ୨୫ ତାରିଖ ପର୍ଯ୍ୟନ୍ତ ମୋଟ୍ ୧୨ ବୈଠକ ଦିବସ ମଧ୍ୟରୁ ମାତ୍ର ୨ଟି ଦିବସରେ ପ୍ରଶ୍ନୋତ୍ତର କାର୍ଯ୍ୟ ସମ୍ପାଦନ କରାଯାଇ ମୋଟ୍ ୮ଟି ପ୍ରଶ୍ନର ଆଲୋଚନା ହୋଇଛି। ସେହି ୧୨ ବୈଠକ ଦିବସରେ ବିରୋଧୀ ଦଳ ସଦସ୍ୟଙ୍କ ବିଶୃଙ୍ଖଳା ପାଇଁ ଗୃହରେ ପ୍ରାୟ ୩୯ ଘଣ୍ଟା ୨ ମିନିଟ୍ ସମୟ କୌଣସି ଆଲୋଚନା ହୋଇପାରି ନାହିଁ। ତେବେ ବିଶୃଙ୍ଖଳିତ ଆଚରଣରୁ ନିବୃତ ରହିବା ପାଇଁ ବାରମ୍ବାର ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରାଯାଉଥିଲା। ଏହା ବ୍ୟତୀତ ଗୃହର ସୁପରିଚାଳନା ପାଇଁ ଗତ ୧୦, ୧୩, ୨୪ ଏବଂ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକାଯାଇ ବିରୋଧୀ ଦଳ ସଦସ୍ୟଙ୍କ ସହ ଆଲୋଚନା କରାଯାଇଥିଲା। ହେଲେ ବିରୋଧୀ ଦଳର ସଦସ୍ୟ ସେମାନଙ୍କ ବକ୍ତବ୍ୟ ନିଜ ଆସନରେ ଉତ୍ଥାପନ ନ କରି ଗୃହ ମଧ୍ୟକୁ ଆସି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିଲେ। ଯାହା ଅତ୍ୟନ୍ତ ଦୁଃଖଦାୟକ। ଗୃହ ପଦମର୍ଯ୍ୟାଦା ରକ୍ଷାକରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ କହିଛନ୍ତି।

ବାଚସ୍ପତି ଆହୁରି କହିଛନ୍ତି, କୌଣସି ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ନ କରିବାକୁ ଗତ ୨୧ ତାରିଖରେ ଉପବାଚସ୍ପତି ରୁଲିଂ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ୨୫ ତାରିଖରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ତାଙ୍କ ଦଳର ସଦସ୍ୟମାନେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିଲେ। ସେଥିଲାଗି ସେମାନଙ୍କ ୧୨ ଜଣ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ପରେ ଗୃହ ପରିତ୍ୟାଗ କରିବାର ନିୟମ ରହିଥିଲେ ମଧ୍ୟ ସେମାନେ ଗୃହର ମଧ୍ୟ ଭାଗରେ ଧାରଣା ଦେଇ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କଲେ। ତା'ପରେ ଆଉ ଥରେ ଗୃହ ପରିତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେମାନେ ସେକଥା ମାନିଲେ ନାହିଁ। ଫଳରେ ୨ଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇ ନ ପାରି ବୁଧବାର ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଥିଲା। ଏହାପରେ କଂଗ୍ରେସର ସବୁ ସଦସ୍ୟ ରାତି ସାରା ଗୃହ ମଧ୍ୟରେ ଧାରଣାରେ ବସିଥିବା ଖବର ପାଇ ସେମାନଙ୍କ ଲାଗି ସମସ୍ତ ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ସୁରକ୍ଷା ଲାଗି ବିଧାନସଭାର ସୁରକ୍ଷା କର୍ମୀ ଏବଂ ମାର୍ଶାଲଙ୍କୁ ମଧ୍ୟ ରାତିଯାକ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାତି ୯ଟା ସମୟରେ କଂଗ୍ରେସ ସଦସ୍ୟମାନେ ବାରଣ୍ଡାକୁ ଆସି ତାଙ୍କ ପିଏସ୍‌ଓ ଏବଂ ବିଧାନସଭା ଭିତରେ ଆଗରୁ ରହିଥିବା ସେମାନଙ୍କ ରାଜନୈତିକ କର୍ମୀମାନେ ମିଶି ସୁରକ୍ଷା କର୍ମୀ ଏବଂ ମାର୍ଶାଲଙ୍କ ଉପରକୁ ଆକ୍ରମଣ କରିଥିଲେ। ଏହାଦ୍ୱାରା ସୁରକ୍ଷା କର୍ମୀମାନେ କ୍ଷତବିକ୍ଷତ ହୋଇ ଏବେ କେତେଜଣ ଚିକିତ୍ସାଧୀନ ଅଛନ୍ତି। ୨୫ ତାରିଖ ରାତି ୨ଟା ସମୟରେ କଂଗ୍ରେସ ସଦସ୍ୟଙ୍କ ଏତାଦୃଶ ହିଂସାତ୍ମକ ଆଚରଣକୁ ନେଇ ସମସ୍ତ ସଦସ୍ୟଙ୍କୁ ଗୃହ ମଧ୍ୟରୁ ବାହାର କରିବା ପାଇଁ ମାର୍ଶାଲ ଏବଂ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଦେଶ ଅନୁଯାୟୀ ମାର୍ଶାଲ ଏବଂ ସୁରକ୍ଷା କର୍ମୀମାନେ କେତେଜଣ ସଦସ୍ୟଙ୍କୁ ଗୃହ ମଧ୍ୟରେ ବସିଥିବା ଧାରଣାରୁ ଉଠାଇ ବିଧାନସଭା ଗେଟ୍ ବାହାରେ ସସମ୍ମାନେ ଛାଡ଼ିଦେଇଥିଲେ ବୋଲି ବାଚସ୍ପତି କହିଛନ୍ତି।

# ବିବୃତିକୁ 'ଅସମ୍ପୂର୍ଣ୍ଣ' କହି ଗୃହ ତ୍ୟାଗକଲା ବିଜେଡି

- ଆମେ ତ ପ୍ରତିବାଦ କରିନାହୁଁ, ଆମକୁ ପୋଲିସ କାହିଁକି ଅଟକାଇଲା: ପ୍ରସନ୍ନ
- ଆଜି ତାରାଙ୍କୁ ଆକ୍ରମଣ ହେଲା, ଆଗକୁ ଆମ ଉପରେ ହୋଇପାରେ: ରଣେନ୍ଦ୍ର

ଭୁବନେଶ୍ୱର, ୨୬।୩(ସୁନିତ୍ ମିଶ୍ର)

ବିଧାନସଭାରେ ବୁଧବାର ଦ୍ୱିତୀୟାର୍ଦ୍ଧ ଗୃହକାର୍ଯ୍ୟ ଆରମ୍ଭହେବା ମାତ୍ରେ ବିଜେଡି ସଦସ୍ୟମାନେ ପ୍ରତିବାଦ ଜଣାଇଥିଲେ। ପୋଲିସ କିପରି ବିଧାନସଭା ଭିତରକୁ ପଶିଲା ବୋଲି ପ୍ରଶ୍ନ ଉଠାଇବା ସହ କଂଗ୍ରେସ ସଦସ୍ୟଙ୍କୁ ଆକ୍ରମଣ ନେଇ ଆସୁଥିବା ଅଭିଯୋଗ ଉପରେ ବାଚସ୍ପତିଙ୍କ ବିବୃତି ଦାବିକରି ବିଜେଡି ସଦସ୍ୟମାନେ ଗୃହ ଛାଡ଼ିଥିଲେ। ଏହାର କିଛି ସମୟ ମଧ୍ୟରେ କଂଗ୍ରେସର ଅଭିଯୋଗ ସମ୍ପର୍କରେ ବାଚସ୍ପତି ଗୃହରେ ବିବୃତି ରଖିବେ ବୋଲି କହିଥିଲେ। ଏହାସହ ବିଜେଡି ସଦସ୍ୟଙ୍କୁ ଗୃହକୁ ଆସିବା ଲାଗି କଥାବାର୍ତ୍ତା କରିବା ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଉପ ମୁଖ୍ୟ ସଚେତକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଜେଡି ସଦସ୍ୟମାନେ ଗୃହକୁ ଆସିଥିଲେ। ବାଚସ୍ପତିଙ୍କ ବିବୃତି ଶୁଣିବା ପରେ ଏହା 'ଅସମ୍ପୂର୍ଣ୍ଣ' ଅଭିଯୋଗକରି ସେମାନେ ଗୃହ ପରିତ୍ୟାଗ କରିଥିଲେ।

ବାଚସ୍ପତି ନିଜର ବିବୃତି ରଖିବା ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ବିବୃତି ଶୁଣି ଲାଗିଲା ଏଥିରେ ସମ୍ପୂର୍ଣ୍ଣ ଘଟଣାର ପ୍ରତିଫଳନ ହୋଇନାହିଁ। ଗୃହରେ ସମସ୍ତଙ୍କ ସହଭାଗିତା ରହିବା ଆବଶ୍ୟକ। ବିଜେଡି ସଦସ୍ୟମାନେ ତ ଗୃହରେ ହଟ୍ଟଗୋଳ କରି ନ ଥିଲେ ତେବେ ପୋଲିସ କାହିଁକି ସେମାନଙ୍କୁ ଗେଟ୍ ସମ୍ମୁଖରେ ଅଟକାଇଥିଲା ବୋଲି ପ୍ରସନ୍ନ ପ୍ରଶ୍ନ କରିଥିଲେ। ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ଆଜି ତାରା ବାହିନୀପତିଙ୍କ ଉପରେ ଆକ୍ରମଣ ହେଲା, ଆଗକୁ ଆମ ଉପରେ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ଏହାପରେ ବିଜେଡି ସଦସ୍ୟମାନେ ଗୃହ ଛାଡ଼ିଥିଲେ।




# ବିରୋଧୀ ଭାଙ୍ଗିଲେ ବିଧାନସଭା ଫାଟକ


ଆମ୍ବେଡ୍‌କର ପ୍ରତିମୂର୍ତ୍ତି ନିକଟରେ ବିଜେଡି ବିଧାୟକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୨୬।୩(ରବିନାରାୟଣ ଜେନା)

ବିରୋଧୀ ବିଜେଡି ଓ କଂଗ୍ରେସର ଉଗ୍ରରୂପ ବୁଧବାର ଦେଖିବାକୁ ମିଳିଥିଲା। ଗୋଟିଏପଟେ କଂଗ୍ରେସର ୧୪ ସଦସ୍ୟଙ୍କ ନିଲମ୍ବନକୁ ନେଇ କଂଗ୍ରେସ ଉଗ୍ରରୂପ ଧରି ବିଧାନସଭା ଭିତରକୁ ପଶିବା ପାଇଁ ଫାଟକ ବାହାରେ ବଳପ୍ରୟୋଗ କରୁଥିବାବେଳେ ବିଜେଡି ସମସ୍ତ ପଛୁଆବର୍ଗଙ୍କ ସଂରକ୍ଷଣ ଦାବିରେ ସମ୍ବିଧାନପ୍ରଣେତା ବି.ଆର୍. ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିଠାରେ ପ୍ରତିବାଦ କରିବା ପାଇଁ ଫାଟକ ପେଲି ବାହାରକୁ ଯିବାକୁ ଉଦ୍ୟମ କରୁଥିଲା। ଏହି ସମୟରେ ବିରୋଧୀ ବିଜେଡି-କଂଗ୍ରେସର ଠେଲାପେଲା ଏବଂ ପୋଲିସର ପ୍ରତିରକ୍ଷା ଉଦ୍ୟମବେଳେ ବିଧାନସଭା ଫାଟକ ଭାଙ୍ଗିଯାଇଥିଲା। ତେବେ କଂଗ୍ରେସ ସଦସ୍ୟ ବାହାରେ ଅଟକି ରହିଯାଇଥିବାବେଳେ ବିଜେଡି ସଦସ୍ୟମାନେ ଗଳାବାଟ ଦେଇ ବାହାରକୁ ଯାଉଥିବା ଦେଖିବାକୁ ମିଳିଥିଲା।

ବିଜେଡି ବିଧାୟକମାନେ ପ୍ଲା କାର୍ଡ ଧରି ଜାତିଭିତ୍ତିକ ଜନଗଣନା ଦାବି ସହ ସମସ୍ତ ପଛୁଆବର୍ଗଙ୍କ ଲାଗି ଇଞ୍ଜିନିୟରିଂ ଓ ଭେଷଜ ଶିକ୍ଷାରେ ସିଟ୍ ଓ ନିଯୁକ୍ତି ସଂରକ୍ଷଣ ଦାବିରେ ବିଧାନସଭା ପରିକ୍ରମା କରି ପ୍ରତିବାଦ କରିଥିଲେ। ପରେ ବିଜେଡି ବିଧାୟକ ପଦଯାତ୍ରାରେ ଯାଇ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ କରିଥିଲେ। ତେବେ ବିଜେଡି ସଦସ୍ୟମାନେ ବିଧାନସଭା ଭିତରକୁ ପଦଯାତ୍ରାରେ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହା ନିନ୍ଦନୀୟବୋଲି ସେ କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ, ଆମ ଦଳର ସମସ୍ତ ସଦସ୍ୟଙ୍କୁ ଅଗଣତାନ୍ତ୍ରିକ ଭାବେ ନିଲମ୍ବନ କଲେ। ଗୃହ ଭିତରେ ଆମକୁ ମାଡ଼ମାରି କ୍ଷତାକ୍ତ କଲେ। ରାଜ୍ୟବାସୀ ଆଗାମୀ ଦିନରେ ଏହାର କଡ଼ା ଜବାବ ଦେବେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ବିରୋଧୀମାନେ ସବୁ ସୀମା ଟପିଛନ୍ତି। ପବିତ୍ର ଗୃହ ଭିତରେ ସେମାନେ ଯେଭଳି ଆଚରଣ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ବାଚସ୍ପତି ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି ତ୍ରିପାଠୀ କହିଛନ୍ତି।

# ଦୁର୍ନୀତି ବିରୋଧରେ ଡବଲ ଇଞ୍ଜିନ ସରକାରକୁ ସଫଳତା ଆରମ୍ଭ: ମୁଖ୍ୟମନ୍ତ୍ରୀ

## ସରକାରୀ ଅଧିକାରୀଙ୍କ ପାଇଁ ଆସିବ ନୂତନ ବଦଳି ନୀତି

ଭୁବନେଶ୍ୱର, ୨୬।୩(ସୁନିତ୍ ମିଶ୍ର)

ଓଡ଼ିଶାକୁ ୨୦୩୬ ସୁଦ୍ଧା ଭାରତର ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଯେଉଁ ଗ୍ୟାରେଣ୍ଟି ଦିଆଯାଇଛି, ସେ ଦିଗରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ଶପଥ ଗ୍ରହଣ କରିବା ପରେ ଇତିମଧ୍ୟରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ଓଡ଼ିଶାରେ ଡବଲ ଇଞ୍ଜିନ ସରକାରକୁ ସଫଳତା ମିଳିବା ଆରମ୍ଭ ହୋଇଛି। ଦୁର୍ନୀତି ସମାଜ ପାଇଁ କ୍ୟାନ୍ସର ସଦୃଶ। ଓଡ଼ିଶା ଭଳି ଏକ ବିକାଶଶୀଳ ରାଜ୍ୟକୁ ବିକଶିତ ରାଜ୍ୟରେ ପରିଣତ ପାଇଁ ଏହି କ୍ୟାନ୍ସରର ସମୂଳେ ଉତ୍ପାଟନ ଆବଶ୍ୟକ। ତେଣୁ ଆମ ସରକାର ପ୍ରଥମ ଦିନରୁ ହିଁ ଦୁର୍ନୀତି ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଅଢ଼େଇ ଦଶନ୍ଧିରେ ଦୁର୍ନୀତିର ଛାତ୍ରଛାୟା ତଳେ ଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଗତ ୯ ମାସ ହେଲା ଭୂକମ୍ପନ ସୃଷ୍ଟି ହୋଇଛି। ବିଭିନ୍ନ ମଞ୍ଚରେ 'ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ କଥା କହିବା ସହ ଆମ ସରକାରରେ ଦୁର୍ନୀତି ବିରୋଧରେ ପ୍ରଥମ ଦିନରୁ ଯୁଦ୍ଧ ଜାରି ରହିଛି। ସରକାର ଶପଥ ଗ୍ରହଣ ପରଠାରୁ ଅଦ୍ୟାବଧି ୩୧୨ ଜଣଙ୍କ ବିରୋଧରେ ୧୭୩ଟି ମାମଲା ରୁଜୁକରି ୧୫୬ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ୮୨ଟି ମକଦ୍ଦମାରେ ସମୁଦାୟ ୧୨୩ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭିଜିଲାନ୍ସ ଅଦାଲତର ଦଣ୍ଡାଦେଶ ଯୋଗୁ ମୋଟ ୧୧ ଜଣ ଲୋକସେବକଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ୧୨ ବର୍ଷ ପର୍ଯ୍ୟନ୍ତ ଖାଲିଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପୁଣି ଚଳଚଞ୍ଚଳ ହୋଇଉଠିଛି। ଜୁଲାଇରୁ ଅଦ୍ୟାବଧି ୯୩୭୭ଟି ଅଭିଯୋଗର ଶୁଣାଣି କରାଯାଇ ସେଥିରୁ ୮୩ ପ୍ରତିଶତ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି। ସରକାରୀ କର୍ମଚାରୀଙ୍କ ବଦଳି ନୀତିରେ ପାରଦର୍ଶିତା ଆଣିବା, ପ୍ରଶାସନିକ ଆବଶ୍ୟକତା ଓ କର୍ମଚାରୀଙ୍କ ମଙ୍ଗଳକୁ ଦୃଷ୍ଟିରେ ରଖି ସରକାର ଏକ ନୂତନ ବଦଳି ନୀତି ଆଣିବାକୁ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାପରେ ଗୃହରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚଦାବି ଅନୁମୋଦିତ ହୋଇଛି।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାକେ ନାହିଁ କି ହାକେ ନାହିଁ**
**କି ଡର ନାହିଁ କାହାକୁ**
**ଯୋଡ଼ା ଭାରିଯାରେ କି ଦଶା ଅଛି**
**ପଚାରେ ତୋ ମାଆକୁ।**

ଦି ନାଆରେ ପାଦ ଦେଇଥିବା ବ୍ୟକ୍ତିଙ୍କ ପରିଣତି ସାଙ୍ଘାତିକ ହୋଇଥାଏ। ସ୍ଥଳ ବିଶେଷରେ ଏଭଳି ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗିବା ସହ ଅନେକ ହଟହଟା ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଡାଲି ଭାତ ଗୋଳେଇକରି**
**ମାରି ଦେଉଥାଇ ପିହାଣ ପରି।**

ସାଧାରଣତଃ ଖାଦ୍ୟଲୋଭୀ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରହିଥାଏ। ଯେତେ ଖାଇଲେ ମଧ୍ୟ ତାଙ୍କ ପେଟ କେବେ ପୂରିନଥାଏ, ପରନ୍ତୁ ଆହୁରି ଖାଇବା ଲାଗି ମନ ବଳିଥାଏ। ଥାଳି ଚାଟି ଭାତ ତରକାରି ଖାଇ ଯାଉଥିବା ପେଟୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସ୍ଥିତି ବଞ୍ଚାଇବାକୁ ବିଧାନସଭା ଘେରାଉ ଡାକରା ଦେଇଛି କଂଗ୍ରେସ: ପୃଥ୍ୱୀରାଜ


ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,କୃଷ୍ଣଚନ୍ଦ୍ର ମହାପାତ୍ର ଓ ଭାଜପା ବିଧାୟକ।

ଭୁବନେଶ୍ୱର,୨୬।୩(ସୁନିତ୍ ମିଶ୍ର)

ବିଧାନସଭାର ପବିତ୍ର ଗୃହରେ ଯେଉଁଠି ନୀତି ପ୍ରଣୟନ ହେବା କଥା ସେଠାରେ ନି ଜର ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରିବା ଲାଗି ହାଇଡ୍ରାମା ଚାଲିଛି। ୧୩ ଦିନ ଧରି ଗୃହକାର୍ଯ୍ୟ କିପରି ବ୍ୟାହତ ହେବ ସେଥିଲାଗି ବିଧିବଦ୍ଧ ଯୋଜନା କରାଯାଇଛି। ମାର୍ଚ୍ଚ ୭ରୁ ଯେଉଁ ଅଭାବନୀୟ ସ୍ଥିତି ସୃଷ୍ଟି କରାଯାଉଛି ତାହା ଗ୍ରହଣୀୟ ନୁହେଁ। ବାଚସ୍ପତି ନିଜର ଅନିଚ୍ଛା ସତ୍ତ୍ୱେ କଂଗ୍ରେସର ଜଣେ ସଦସ୍ୟଙ୍କୁ ୭ ଦିନ ଲାଗି ଗୃହ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ଏଭଳି ଦଣ୍ଡ ଦେଇ ସେ ଆଶା କରିଥିଲେ ଏହାପରେ ବିରୋଧୀ ବିଧାନସଭାରେ ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇବେ। ହେଲେ ସେମାନେ ନିଜ ଆରଚଣ ବଦଳାଇଲେ ନାହିଁ। ବୁଡ଼ିଯାଉଥିବା ଦଳର ସ୍ଥିତି ବଞ୍ଚାଇବାକୁ ୨୭ତାରିଖରେ ବିଧାନସଭା ଘେରାଉ କରିବ ବୋଲି କଂଗ୍ରେସ ଡାକରା ଦେଇଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ବହୁ ନୂଆ ବିଧାୟକ ଏଥର ଜିତି ଗୃହକୁ ଆସିଛନ୍ତି। ସେମାନେ ନିଜ ଅଞ୍ଚଳର ସମସ୍ୟା ବିଷୟରେ ଗୃହରେ ଉପସ୍ଥାପନା କରିବା ଲାଗି ଅପେକ୍ଷାକରି ରହିଛନ୍ତି। ହେଲେ ସେସବୁ କରାଇ ନ ଦେବା, ଶୂନ୍ୟକାଳ ବନ୍ଦ କରିବା, ସମୟ ନଷ୍ଟ କରିବା ବାସ୍ତବରେ ଅତ୍ୟନ୍ତ କଦର୍ଯ୍ୟ କଥା। ୨୭ ପର୍ଯ୍ୟନ୍ତ ଗୃହ ଚଳାଇ ନ ଦେବା ଲାଗି ଦିଲ୍ଲୀରୁ କଂଗ୍ରେସ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ରହିଛି। ଅତୀତର କାର୍ଯ୍ୟ ମନେପକାଇଲେ କଂଗ୍ରେସ ସଦସ୍ୟଙ୍କୁ ଭଗବାନ୍ ବି କ୍ଷମା ଦେବେ ନାହିଁ। ରାଜ୍ୟରେ ମହିଳାଙ୍କ ସୁରକ୍ଷା ଲାଗି ମୋହନ ସରକାର ସଚେତନ ଅଛନ୍ତି। ଗୃହକୁ ଆସିଲେ ଆଲୋଚନା ହେବ। ଉଭୟ ବିଜେଡି ଏବଂ କଂଗ୍ରେସ ରାଜ୍ୟର ଆଇନ ଶୃଙ୍ଖଳା ଏବଂ ମହିଳା ନିର୍ଯାତନା ପ୍ରସଙ୍ଗରେ ଥରେ ହେଲେ ଗୃହରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିନାହାନ୍ତି। ଭାବଦୋହ୍ରି ହୋଇ ବିଧାନସଭା ଚଳାଇ ନ ଦେବାକୁ ଏକାଠି ହୋଇଛନ୍ତି ବୋଲି ପୃଥ୍ୱୀରାଜ ଅଭିଯୋଗ କରିଛନ୍ତି।

एफएसएसएआई
fssai
भारतीय खाद्य सुरक्षा एवं मानक प्राधिकरण
Food Safety and Standards Authority of India
स्वास्थ्य एवं परिवार कल्याण मंत्रालय
MINISTRY OF HEALTH AND FAMILY WELFARE

ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସ ସହ ଆପଣଙ୍କର ପ୍ୟାନ୍‌କୁ ଆଜି ହିଁ ଲିଙ୍କ୍ କରନ୍ତୁ!

ଏଫ୍‌ଓଏସ୍‌ସିଓଏସ୍ ପୋର୍ଟାଲରେ
https://foscos.fssai.gov.in



ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସ ସହ ପ୍ୟାନ୍‌କୁ ଲିଙ୍କ୍ କରିବା ବାଧ୍ୟତାମୂଳକ କରାଯାଇଛି

ଖାଦ୍ୟ ବ୍ୟବସାୟ ସଞ୍ଚାଳକଙ୍କ ପଦକ୍ଷେପ ପାଇଁ -

- ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସ ନିମନ୍ତେ **ନୂଆ, ନବୀକରଣ ଓ ପରିବର୍ତ୍ତନ** ଆବେଦନ ଦାଖଲ କରିବା ପାଇଁ ପ୍ୟାନ୍ ଏବେ ବାଧ୍ୟତାମୂଳକ ହୋଇଯାଇଛି ।
- **'ମଡିଫିକେଶନ୍' ଟ୍ୟାବ୍** ଅଧୀନରେ **ଅଣ-ଫର୍ମ ସି ଲାଇସେନ୍ସ ପରିବର୍ତ୍ତନ (ବିନା ଦେୟ)** ଜରିଆରେ ନିଜର ପ୍ୟାନ୍ ସୂଚନା ଅପ୍‌ଡେଟ୍ କରନ୍ତୁ ।
- ଏଫ୍‌ଏସ୍‌ଏସ୍‌ଏଆଇଠାରୁ ନିୟମିତ 'ଅପ୍‌ଡେଟ୍ସ ଓ ଆଲର୍ଟସ୍' ପ୍ରାପ୍ତ କରିବା ପାଇଁ **ୟୁଜର୍ ପ୍ରୋଫାଇଲ୍ ସେକ୍ସନରେ ନିଜର ଯୋଗାଯୋଗ ବିବରଣୀକୁ ଅଧୁନାତନ କରି ରଖିବା ପାଇଁ** ମଧ୍ୟ ଖାଦ୍ୟ ବ୍ୟବସାୟ ସଂସ୍ଥାଗୁଡ଼ିକୁ ପରାମର୍ଶ ଦିଆଯାଉଛି ।

ଅଧିକ ସୂଚନା ପାଇଁ:
୧୩ ନଭେମ୍ବର ୨୦୨୪ର
ଏଫ୍‌ଏସ୍‌ଏସ୍‌ଏଆଇ ଆଦେଶ ଦେଖନ୍ତୁ
ହେଲ୍‌ପଲାଇନ୍ ସହ ସମ୍ପର୍କ କରନ୍ତୁ:
୧୮୦୦୧୧୨୧୦୦;
helpdesk-foscos@fssai.gov.in

CBC 17163/12/0021/2425

ଅନୁପାଳନ ସମ୍ପୂର୍ଣ୍ଣ କରିବା ପାଇଁ ଏବେ ହିଁ ପଦକ୍ଷେପ ନିଅନ୍ତୁ!

fssaiindia fssai fssai_safefood
fssaiindia fssai_india

# ଡ. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

୧୯୯୮ରେ ପ୍ରଥମ ଥର ପାଇଁ ପାର୍ଲାମେଣ୍ଟ ନିର୍ବାଚନରେ ଲଢ଼ି ଜିତିଥାଏ। ସେହି ସମୟରେ ନବ ନିର୍ବାଚିତ ସାଂସଦମାନଙ୍କୁ ଓଡ଼ିଶା ନିବାସରେ ରହିବା ପାଇଁ ମିଳିଥିଲା। ରାଜ୍ୟରେ ସେତେବେଳେ କଂଗ୍ରେସର ସରକାର ଥାଏ। କଂଗ୍ରେସ ବିରୋଧରେ ଲଢ଼ି ଆମେମାନେ ସବୁ ଯାଇଥିଲୁ। ସେହି ସମୟରେ ବିଜେଡିରୁ ଢେଙ୍କାନାଳ-ଅନୁଗୋଳ ଲୋକ ସଭା ଆସନରୁ ଜିତିକି ଯାଇଥାଏ। ଡକ୍ଟର ଦେବେନ୍ଦ୍ର ପ୍ରଧାନ ମୋର ପଡ଼ୋଶୀ ନିର୍ବାଚନମଣ୍ଡଳୀ ଦେବଗଡ଼ ଲୋକ ସଭା ଆସନରୁ ନିର୍ବାଚିତ ହୋଇ ଯାଇଥାଆନ୍ତି। କଂଗ୍ରେସ ସରକାର ସେତେବେଳେ ଆମମାନଙ୍କୁ ଓଡ଼ିଶା ଭବନରେ ନ ରଖି ଓଡ଼ିଶା ନିବାସରେ ରହିବାକୁ ଦେଇଥିଲେ। ଓଡ଼ିଶା ନିବାସରେ ଯେଉଁ ରୁମ୍ ମିଳିଥିଲା, ସେଠାରେ ଲାଇଟ୍ ସୁଇଚ୍ ୨ରୁ ୩ ଥର ମାରିଲେ ଆଲୁଅ ଜଳୁଥିଲା। ବାଥ୍‌ରୁମ୍‌ରେ ପାଣି ଯାଉ ନ ଥିବା ଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମିତି ଅବସ୍ଥାରେ ସେତେବେଳେ ଓଡ଼ିଶା ନିବାସର ୨ୟ ମହଲାରେ ରଖିଥିଲେ। ସେହି ସମୟରେ ମୁଁ ଡାକ୍ତର ପ୍ରଧାନଙ୍କ କଡ଼ ରୁମ୍‌ରେ ରହୁଥାଏ। ଥରେ ସକାଳୁ ଉଠିବାବେଳକୁ ଦେବେନ୍ଦ୍ରବାବୁ ତାଙ୍କ ରୁମ୍ ବାହାରେ ଠିଆହୋଇଥାଆନ୍ତି। ଓଡ଼ିଶା ନିବାସରେ ସେତେବେଳେ ଆମମାନଙ୍କୁ କିଛି ସର୍ଭିସ୍ ମିଳୁ ନ ଥାଏ। ସେଥିପାଇଁ ଦେବେନ୍ଦ୍ରବାବୁଙ୍କ ଲାଗି ଥରେ ସକାଳ ଜଳଖିଆ ଆଣିବାର ସୌଭାଗ୍ୟ ମିଳିଥିଲା। ଓଡ଼ିଶାରୁ ଜିତିକି ଯିବା ପରେ ମଧ୍ୟ ସେଠାରେ ପର ଲୋକ ଭଳି ରହିଥାଉ, ରାଜ୍ୟ ସରକାରଙ୍କ କୌଣସି ସହଯୋଗ ମିଳୁ ନ ଥାଏ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସେହି ସମୟରେ ଦେବେନ୍ଦ୍ର ପ୍ରଧାନଙ୍କୁ ଅତ୍ୟନ୍ତ ନିଜର ଗୋଟିଏ ଭାଇ ବା ବନ୍ଧୁ ଭାବେ ଦେଖୁଥାଆନ୍ତି। ଦେବେନ୍ଦ୍ର ପ୍ରଧାନଙ୍କୁ ବାଜପେୟୀ କେବଳ ମନ୍ତ୍ରୀ କରିଥିଲେ ତାହା ନୁହେଁ, ଡକ୍ଟର ପ୍ରଧାନଙ୍କ ପାଇଁ ତାଙ୍କର ଯେଉଁ ଶ୍ରଦ୍ଧା ଓ ଭଲପାଇବା ଥିଲା ତାହା ମୁଁ ସ୍ୱଚକ୍ଷୁରେ ଦେଖିଛି। ସେତେବେଳେ ୧୩ ମାସ ପରେ ପୁନର୍ବାର ଯେଉଁ ନିର୍ବାଚନ ହେଲା ଓଡ଼ିଶାର ଜଣେ ଲୋକ, ସେ ଯାଇ ଗୋଟିଏ ଭୋଟ ଦେଲେ ଏବଂ ବାଜପେୟୀ ସରକାରର ପତନ ଘଟିଥିଲା। ୧୯୯୯ରେ ତା'ପରେ ଆଉ ଥରେ ନିର୍ବାଚନ ହେଲା। ସେହି ସମୟରେ ଅଟଳ ବିହାରୀ ବାଜପେୟୀ ଓଡ଼ିଶାକୁ ଦିନଟିଏ ପାଇଁ ପ୍ରଚାର କରିବାକୁ ଆସିଥାଆନ୍ତି। ସେ ତାଙ୍କ ପ୍ରଥମ ମିଟିଂ ଅନୁଗୋଳ(ମୋ ନିର୍ବାଚନମଣ୍ଡଳୀ)ରେ କରିଥିଲେ। ଏହାପରେ ସେଠାରୁ ସେ ତାଳଚେର ଯାଇ ଦେବେନ୍ଦ୍ର ପ୍ରଧାନଙ୍କ ପାଇଁ ପ୍ରଚାର କରିଥିଲେ। ତା'ପରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଆସି ଫେରିଯାଇଥିଲେ। ଓଡ଼ିଶାର ଅନ୍ୟ କୌଣସି ସ୍ଥାନକୁ ସେ ପ୍ରଚାର କରିବାକୁ ଯାଇ ନ ଥିଲେ। ଏହାପରେ ଦେବେନ୍ଦ୍ରବାବୁ ଟେଲିଫୋନ୍ କରି କହିଥିଲେ, ତଥାଗତ ତୁମେ ବହୁତ ଭାଗ୍ୟବାନ୍, ତୁମ ପାଇଁ ବାଜପେୟୀ ଜୀ ଆସିଲେ। ମୁଁ ତାଙ୍କୁ ଉତ୍ତର ଦେଇଥିଲି, ମୋ ପାଇଁ ନୁହେଁ ବାଜପେୟୀ ଜୀ ଆପଣଙ୍କ ଯୋଗୁ ଆସିଥିଲେ ଏବଂ ସହଯୋଗୀ ଦଳ ଭାବେ ମତେ ତାଙ୍କ ଶ୍ରଦ୍ଧା ଦେଲେ।

ଡକ୍ଟର ପ୍ରଧାନଙ୍କ ସହ ବିଶେଷ ଘନିଷ୍ଠ ହେବାର ସୁଯୋଗ ପାଇ ନ ଥିଲି। ତଥାପି ଜଣେ ସାମ୍ବାଦିକ ଭାବେ ତାଙ୍କ ବିଷୟରେ ଯାହା ଜାଣିଛି, ସେଥିରୁ ବୁଝିହେଉଛି ଯେ ତାଙ୍କର ଲିଗାସିକୁ ରକ୍ଷା କରିବାର ଦାୟିତ୍ୱ ଏବେ ଓଡ଼ିଶାର ଭାଜପା ସରକାର ଉପରେ। ରାଜ୍ୟବାସୀଙ୍କ ଆଶାଆକାଂକ୍ଷା ପୂରଣକରିବା ପାଇଁ ଡକ୍ଟର ପ୍ରଧାନଙ୍କ ଇଚ୍ଛାକୁ ସରକାର ସାକାର କରିବେ ବୋଲି ଆମ ସମସ୍ତଙ୍କ ଇଚ୍ଛା।

(Signature)

# ୭୫ ବର୍ଷରେ ତୁଳସୀପୁର ଦଶଦୋଳ ମେଳଣ



ମେଳଣ ମଣ୍ଡପରେ ସୁସଜ୍ଜିତ ଦୋଳବିମାନ।

**ବାଘମାରୀ, ୨୬।୩ (ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ଥାନା ଅଧୀନ ତୁଳସୀପୁର ଗ୍ରାମର ଦଶଦୋଳ ମେଳଣ ଚଳିତବର୍ଷ ୭୫ ବର୍ଷରେ ପଦାର୍ପଣ କରିଛି। ସୋମବାର ବିଳମ୍ବିତ ରାତିରେ ସୁସଜ୍ଜିତ ବିମାନରେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବ, ଶ୍ରୀ ଶ୍ରୀ ରାସବିହାରୀ, ଶ୍ରୀ ଶ୍ରୀ ପତିତପାବନ, ମା' ଥାନପତିଙ୍କୁ ଭଜନ, କୀର୍ତ୍ତନ, ବାଜାବାଣ ସହ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ମଙ୍ଗଳବାର ଭୋର୍ ସମୟରେ ଦୋଳପଡ଼ିଆରେ ପହଞ୍ଚାଯାଇଥିଲା। ବେଦଜ୍ଞ ବ୍ରାହ୍ମଣମାନଙ୍କ ମନ୍ତ୍ରପାଠ ଓ ପୂଜାର୍ଚ୍ଚନା ପରେ ଆମନ୍ତ୍ରିତ ହୋଇ ପ୍ରଥମେ ଗାଦିଶ୍ୱର ଭାବେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବ ଉପବେଶନ କରିଥିଲେ। ପରେ ଅନ୍ୟ ଠାକୁର ନିମନ୍ତ୍ରଣ ପାଇ ନିଜ ନିଜ ସ୍ଥାନରେ ଉପବେଶନ କରିଥିଲେ। ମଙ୍ଗଳବାର ସକାଳେ ପୂଜାର୍ଚ୍ଚନା ଓ ଶୁଖୁଲି ଭୋଗ ଲାଗି କରାଯିବା ପରେ ଶ୍ରଦ୍ଧାଳୁମାନେ ଫଗୁ ପକାଇ ଦିବ୍ୟ ଦର୍ଶନ କରିଥିଲେ। ଅପରାହ୍ନରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ବାଦ୍ୟ, ହରିବୋଲ, ହୁଳହୁଳିରେ ଭକ୍ତିମୟ ପରିବେଶରେ ଠାକୁମାନେ ଅବିର ଖେଳିବା ସହ ଦୋଳବେଦି ପରିକ୍ରମା କରିବା ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଅନ୍ୟପକ୍ଷରେ ଠାକୁର ସେବା ପାଇଁ ଯୁବପିଢ଼ି ବିମୁଖ ହେବା, ବିମାନ କାନ୍ଧେଇବା, ଢୋଲ ଓ ଘଣ୍ଟ ବଜାଇବାକୁ ଲୋକ ଆଉ ମିଳୁ ନ ଥିବା ବେଳେ ଆନୁଷଙ୍ଗିକ ଖର୍ଚ୍ଚ ବଢ଼ିଯିବା ଆଦି ଅନେକ କାରଣରୁ ଦୋଳମେଳଣ ପରମ୍ପରା ହଜିଯିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି ବୋଲି ସମିତିସଭ୍ୟ ଅଲେଖ ବେହେରା, ପୂର୍ବତନ ସମିତିସଭ୍ୟ ଦାମୋଦର ସାହୁ, ସାମାଜିକ କର୍ମୀ ରବୀନ୍ଦ୍ର ସାହୁ, କୃପାକର ତ୍ରିପାଠୀ ଏବଂ ମୁନା ପ୍ରଧାନ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

## ବକେୟା ଋଣ ଅର୍ଥ ଆତ୍ମସାତ୍, ଏଜେଣ୍ଟ ଗିରଫ

**ବାଲୁଗାଁ, ୨୬।୩(ସଂଗ୍ରାମ ପାଇକରାୟ)**

ବକେୟା ଲକ୍ଷାଧିକ ଋଣ ଟଙ୍କା ଆଦାୟ କରି ଆତ୍ମସାତ କରିଥିବା ଅଭିଯୋଗରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କାର୍ଯ୍ୟରତ ଏଜେଣ୍ଟଙ୍କୁ ବାଲୁଗାଁ ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା ରାସୋଳ ଥାନା ଧୁଆଁଳିପାଳ ଗ୍ରାମର ସୌମ୍ୟରଞ୍ଜନ ଦେହୁରୀ (୨୮)। ତେବେ ଅନ୍ୟ ଜଣେ ଏଜେଣ୍ଟ ଫେରାର ଥିବାବେଳେ ତାଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଆଇଆଇସି ଜୟ ପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି । ଅଭିଯୋଗ ମୁତାବକ, ବାଲୁଗାଁସ୍ଥିତ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ସୌମ୍ୟରଞ୍ଜନ ଏବଂ ଅନ୍ୟ ଜଣେ ସହକର୍ମୀ ଋଣ ଆଦାୟ ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି। ଗତ ୧୨ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବାଲୁଗାଁ ଶାଖାରେ ଅଡିଟ୍ ହୋଇଥିଲା। ଉକ୍ତ ଅଡିଟରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଋଣ ଆଦାୟ ଅର୍ଥ ମୋଟ ୩ ଲକ୍ଷ ୫୧ ହଜାର ଟଙ୍କା କାର୍ଯ୍ୟାଳୟରେ ଜମା ନ କରି ଉପରୋକ୍ତ ୨ ଏଜେଣ୍ଟ ଆତ୍ମସାତ୍ କରିଥିବା ଜଣାପଡ଼ିଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଉଭୟଙ୍କୁ ଡାକି କୈଫିୟତ ମାଗିବାରେ ୨୨ ତାରିଖ ସୁଦ୍ଧା ସମସ୍ତ ଟଙ୍କା ପଇଠ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ମୁତାବକ ଦୁହେଁ ଟଙ୍କା ପଇଠ ନ କରିବାରୁ ଭୁବନେଶ୍ୱର କାର୍ଯ୍ୟାଳୟର କଲେକଶନ ବିଭାଗ ମୁଖ୍ୟ ପରିଚାଳକ ଅବଦୁଲ ନାଜିମ ଖାନ ଏ ସଂକ୍ରାନ୍ତରେ ବାଲୁଗାଁ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ. ୮୭/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

## ବେଆଇନ ଭାବେ ସୁନାଦେଇ ଘାଟରୁ ଉଠାଯାଉଛି ବାଲି

### ଉପଜିଲାପାଳଙ୍କୁ ଅଭିଯୋଗ କଲା ବାଙ୍କୀ ଭାଜପା

**କଳାପଥର, ୨୬।୩(ଗଙ୍ଗାଧର ସାହୁ)**

ବାଙ୍କୀ ତହସିଲ ଅଧୀନ ସୁନାଦେଇ ବାଲିଘାଟରୁ ବାଲି ଉଠାଣରେ ଅନିୟମିତତା ଓ ରାଜସ୍ୱ ହାନି ନେଇ ବୁଧବାର ବାଙ୍କୀ ଭାଜପା ଏନ୍‌ଏସି ସଭାପତି ସଞ୍ଜୟ ରଣାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବାଙ୍କୀ ଉପଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ରାଜ୍ୟ ସରକାର ଓ ଖଣି ଖଣିଜ ବିଭାଗଠାରୁ ଲିଜ୍‌ଧାରୀ ଯେତିକି ପରିସୀମାରୁ ବାଲି ଉଠାଣ ନିମନ୍ତେ ଅନୁମତି ପ୍ରାପ୍ତ ପାଇଛନ୍ତି, ତାହାଠାରୁ ଅଧିକ ଏ ଅଞ୍ଚଳରୁ ବାଲି ଉଠାଣ କରୁଛନ୍ତି। ବଡ଼ ବଡ଼ ହାଇୱା ଯୋଗେ ବାଲି ଚାଲାଣ, ମଣିଷ ବଦଳରେ ମେଶିନ ବ୍ୟବହାର, ବିନା କାଗଜପତ୍ର ଥିବା ଗାଡ଼ିଗୁଡ଼ିକରେ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ଏନ୍‌ଏସି ସଭାପତି ଦେବାଶିଷ ମାନସିଂ, ସୁଶାନ୍ତ ଭଞ୍ଜ, ରମେଶ ପଣ୍ଡା, ବନ୍ଧୁମୋହନ ନାୟକ, ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ବେଉରା, ବିନୋଦ ଦାସ, ରାମ ପଡ଼ିଆରୀ, କୃଷ୍ଣଚନ୍ଦ୍ର ରଣା, ସଂକ୍ରାଜିତ ସେଠୀ, ସୁଧାକର ବେହେରା, ତପନ କୁମାର ଛାଟୋଇ, ଅନ୍ତର୍ଯ୍ୟାମୀ ମହାପାତ୍ର, ସୁନିଲ ସାହୁ, ଅଶୋକ କୁମାର ବେହେରା ପ୍ରମୁଖଙ୍କ ସମେତ ଭାଜପା କର୍ମୀ ଦାବି କରିଛନ୍ତି।

## ଏନ୍‌ଏସ୍‌ଓ ପକ୍ଷରୁ ଶୋଭାଯାତ୍ରା, ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ୨୬।୩(ପ୍ରଭାତ ପାଣିଗ୍ରାହୀ)**

ଭାରତ ସରକାରଙ୍କ ପରିସଂଖ୍ୟାନ ମନ୍ତ୍ରାଳୟ ଅଧୀନ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ), ଭୁବନେଶ୍ୱର ଆନୁକୂଲ୍ୟରେ ବୁଧବାର ଖୋର୍ଦ୍ଧାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ବାହାରି ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଜାତୀୟ ନମୁନା ସର୍ବେକ୍ଷଣ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଦେଶବ୍ୟାପୀ ନମୁନା ସର୍ବେକ୍ଷଣ ମାଧ୍ୟମରେ ବିଭିନ୍ନ ସାମାଜିକ ଏବଂ ଅର୍ଥନୈତିକ ମାନଦଣ୍ଡ ଉପରେ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି, ଯାହା ବିକାଶ ଯୋଜନା ତଥା ନୀତି ପ୍ରଣୟନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସହଯୋଗ କରିବ। ଜଣେ ଦାୟିତ୍ୱବାନ୍ ନାଗରିକ ଭାବେ ରାଷ୍ଟ୍ର ପାଇଁ ଠିକ୍ ଓ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ।

ଏନ୍‌ଏସ୍‌ଓ କାର୍ଯ୍ୟାଳୟ ଉପ ମହାନିର୍ଦ୍ଦେଶକ ଅନୁପମ ଲାହିଡ଼ି ଉପରୋକ୍ତ ବିଷୟରେ ଉପସ୍ଥିତ ଲୋକଙ୍କୁ ବୁଝାଇବା ସହ ଏନ୍‌ମେଟରରମାନଙ୍କୁ ଠିକ୍ ତଥ୍ୟ ଦେବାକୁ ଅନୁରୋଧ କରିଥିଲେ। ଏହି ସର୍ଭେ ବୈଜ୍ଞାନିକଶୈଳୀ ମାଧ୍ୟମରେ ନମୁନା ନିରୂପଣ ହୋଇ ପ୍ରଶିକ୍ଷିତ ସର୍ଭେ ଏନ୍‌ମେଟରଙ୍କ ଦ୍ୱାରା ଟାବ୍‌ଲେଟ ମାଧ୍ୟମରେ ବିଭିନ୍ନ ଗ୍ରାମାଞ୍ଚଳ, ସହରାଞ୍ଚଳରେ ଥିବା ପରିବାର ଓ ଉଦ୍ୟୋଗଗୁଡ଼ିକରୁ ତଥ୍ୟ ଗ୍ରହଣ କରାଯାଇଥାଏ ବୋଲି କହିଥିଲେ। ଖୋର୍ଦ୍ଧା ପରିସଂଖ୍ୟାନ କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଶଙ୍କର ବେହେରା, ତପନ କୁମାର ମିଶ୍ର, ପ୍ରମୋଦ କୁମାର ମଲ୍ଲିକ, ବିଶ୍ୱଜିତ୍ ପାଣିଗ୍ରାହୀ, ସୌମେନ୍ଦ୍ର କୁମାର ନାୟକ, ହର ପ୍ରସାଦ ଖୁଣ୍ଟିଆ, ପ୍ରୀତମ୍ ରାଉତରାୟ ଏବଂ ବିଷ୍ଣୁପ୍ରସାଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ୟା ସନ୍ତାନ ସୁରକ୍ଷା ସଚେତନତା ରଥ ଗଡ଼ିଲା



ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଖୋର୍ଦ୍ଧା, ୨୬।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ପିସିପିଏନ୍‌ଡିଟି ଆକ୍ଟ-୧୯୯୪ ସଂକ୍ରାନ୍ତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ କନ୍ୟାଭ୍ରୂଣ ହତ୍ୟା ରୋକିବା ପାଇଁ ଏକ ସଚେତନତା ରଥ ଜିଲା କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା। କର୍ମଶାଳାରେ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କନ୍ୟାଭ୍ରୂଣ ହତ୍ୟା ଏକ ଜଘନ୍ୟ ଅପରାଧ। ଏହା ସମାଜରୁ ଉଚ୍ଛେଦ କରିବା ନେଇ ସମସ୍ତଙ୍କର ଦାୟିତ୍ୱ ରହିଛି। ତୃଣମୂଳସ୍ତରରୁ ସଚେତନତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ବିଶ୍ୱନାଥ ପାଢ଼ୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ସ୍ମିତା ମଞ୍ଜରୀ ମଲ୍ଲିକ, ଡା. ପ୍ରଣିତା ସାବତ, ଅଶୋକ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ବିକାଶ ଯୋଜନା ଅଧିକାରୀ ଓ ମଣ୍ଡଳ ପରିଦର୍ଶିକାମାନେ କର୍ମଶାଳାରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି ସ୍ୱାଗତ ଭାଷଣ ଓ ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ପୋଷଣ ସଂଯୋଜିକା ଅଭିଲିପ୍ସା ବେହେରା ସଂଯୋଜନା କରିଥିଲେ।

## କିଶୋରୀ ବାଳିକାଙ୍କ ଶିକ୍ଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

**ବେଗୁନିଆ, ୨୬।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟରେ କିଶୋରୀ ବାଳିକାଙ୍କ ଶିକ୍ଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉମା ବେହେରାଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ମାନସ କୁମାର ସେଠୀଙ୍କ ସଂଯୋଜନାରେ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଭାରତୀ ମହାନ୍ତି, କମଳିନୀ ନାୟକ ପ୍ରମୁଖ ଯୋଗଦେଇ କିଶୋରୀ ବାଳିକାମାନେ ନିୟମିତ ଶାରୀରିକ ବ୍ୟାୟାମ କରିବା ଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ବ୍ୟୋମକେଶ ପୃଷ୍ଟି କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୌଡ଼ ଧନ୍ୟବାଦ ଦେଇଥିଲେ।

## ରେଲ୍‌ୱେ ପ୍ରଶାସନ ଦ୍ୱାରା ରାସ୍ତା ଅବରୋଧକୁ ବିରୋଧ

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଜଟଣୀ, ୨୬।୩(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ରେଲ୍‌ୱେ ପ୍ରଶାସନ ପକ୍ଷରୁ ବୁଧବାର ସ୍ଥାନୀୟ ଟାଉନ ହଲ ସମ୍ମୁଖରୁ ରେଲ୍‌ୱେ ଷ୍ଟେଶନକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ ରେଲ୍‌ୱେ କଲ୍ୟାଣ ମଣ୍ଡପଠାରେ ବ୍ୟାରିକେଡ ଲଗାଇ ଅବରୋଧ କରାଯାଇଥିଲା। ଉକ୍ତ ରାସ୍ତାକୁ ରେଲ୍‌ୱେ ପ୍ରଶାସନର ନିର୍ଦ୍ଦେଶକ୍ରମେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଅବରୋଧ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଏହି ରାସ୍ତା ଅବରୋଧ ନିର୍ମାଣ କାର୍ଯ୍ୟକୁ ରୋକିବାକୁ ସ୍ଥାନୀୟ ଜନସାଧାରଣଙ୍କ ସହ ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, କାଉନ୍‌ସିଲର ବିଷ୍ଣୁ ସାହୁ, ବାବୁଲି ସ୍ୱାଇଁ, ଏନ୍. ସୀତା, ଉତ୍କଳକେଶରୀ ବଳିୟାରସିଂ, ପୌର ଉପାଧ୍ୟକ୍ଷ ଆରତୀ ରାଉତ, ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ ପ୍ରମୁଖ ସେଠାରେ ଉପସ୍ଥିତ ରେଲ୍‌ୱେ ଅଧିକାରୀ ଏବଂ ରେଲ୍‌ୱେ ସୁରକ୍ଷା ବଳଙ୍କୁ ଅନୁରୋଧ କରିଥିଲେ। ଏଥିସହ ସ୍ଥାନୀୟ ଲୋକେ ଏହି ରାସ୍ତାରେ ସୁବିଧାରେ ଯାତାୟାତ କରୁଥିବାରୁ ଏହାକୁ କଦାପି ବନ୍ଦ କରାଇ ଦିଆଯିବ ନାହିଁ ବୋଲି ଉପସ୍ଥିତ ଜନସାଧାରଣ ଏବଂ ଲୋକ ପ୍ରତିନିଧି ବିରୋଧ କରିଥିଲେ। ଏହାକୁ ନେଇ ରେଲ୍‌ୱେ ଅଧିକାରୀ ଏବଂ ରେଲ୍‌ୱେ ସୁରକ୍ଷା ବଳଙ୍କ ସହ ସେମାନଙ୍କ କଥା କଟାକଟି ହୋଇଥିଲା। ବିରୋଧ ପରେ ଅବରୋଧ କାର୍ଯ୍ୟ ବନ୍ଦ କରି ସେଠାରୁ ରେଲ୍‌ୱେ ଅଧିକାରୀ ଏବଂ ରେଲ୍‌ୱେ ସୁରକ୍ଷା ବଳ ଚାଲିଯାଇଥିଲେ। ଏ ଘଟଣା ବାବଦରେ ବୁଧବାର ମଧ୍ୟାହ୍ନରେ ଜଟଣୀ ନଗରପାଳ ଅନନ୍ତ ବେହେରାଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ରେଲ୍‌ୱେ ପ୍ରଶାସନ ସହ ଆଲୋଚନା କରି ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଧାୟକ ଏବଂ ଏମ୍‌ପିଙ୍କ ଦ୍ୱାରା ଉପୁଜିଥିବା ସମସ୍ୟାର ସମାଧାନ ପାଇଁ ମଧ୍ୟ ପୌରପାଳିକାର ପ୍ରତିନିଧିମଣ୍ଡଳୀଙ୍କୁ କହିଥିଲେ। ଏହି ଘଟଣାକୁ ନେଇ ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ କହିଛନ୍ତି, ଯଦି ରେଲ୍‌ୱେ ପ୍ରଶାସନ ଏଭଳି ମନୋଭାବ ରଖି ସ୍ଥାନୀୟ ଜନସାଧାରଣଙ୍କୁ ହଇରାଣ ହରକତ ଜାରି ରଖନ୍ତି, ତେବେ ଆଗକୁ ପରିସ୍ଥିତି ଭୟଙ୍କର ହେବା ସହିତ ଦୃଢ଼ ବିରୋଧ କରାଯିବ।



ଅଞ୍ଚଳବାସୀଙ୍କ ସହ ପୋଲିସ ଆଲୋଚନା କରୁଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କାର୍ତ୍ତି



@ ପ୍ରକାଶ



@ ସନାତନ



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ଟାଙ୍ଗୀ-ଖୋର୍ଦ୍ଧା, ୨୬।୩(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅଧୀନ ଲକ୍ଷ୍ମୀଧରପୁର କ୍ଲଷ୍ଟରସ୍ତରୀୟ ୨ ଦିନିଆ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ବଧିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୪୫ଟି ପ୍ରାଥମିକ ବିଦ୍ୟାଳୟ, ୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୋଟିଏ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀଙ୍କ ଶୈକ୍ଷିକ ଦକ୍ଷତାର ବିକାଶ ପାଇଁ କିପରି ରୁଚିକର, ଆନନ୍ଦମୟ ପରିବେଶ ସୃଷ୍ଟି କରାଯାଇପାରିବ ସେ ନେଇ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାଚ, ଖେଳ, ଗୀତ, ଏକକ ଅଭିନୟ ପ୍ରତିଯୋଗିତା ବେଶ୍ ଚିତ୍ତାକର୍ଷକ ହୋଇଥିଲା। ସେହିପରି ବଡ଼ପାରୀ କ୍ଲଷ୍ଟରର ବଡ଼ପାରୀ ପ୍ରାଥମିକ ବିଦ୍ୟାଳୟଠାରେ 'ଆମ ସଂସ୍କୃତି ଆମ ଖେଳନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିକୋ ବଧିସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଷମା ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୨୦ ଜଣ ସହକାରୀ ଶିକ୍ଷକ, ୯ ଜଣ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ସିଆର୍‌ସିସି ଦୁଃଶାସନ ପ୍ରଧାନ, ଶିକ୍ଷକ ସନ୍ତୋଷ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ନୂଆ ଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିବା ଜଣାପଡ଼ିଛି। ଶିକ୍ଷୟିତ୍ରୀ କୋକିଳ ଦେଇ ଧନ୍ୟବାଦ ଦେଇଥିଲେ।

## ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ

**ଖୋର୍ଦ୍ଧା, ୨୬।୩(ପ୍ରଭାତ ପାଣିଗ୍ରାହୀ)**

ଭାଲିଆବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସ୍କୁଲ କମିଟି ସଭାପତି ଆଇନଜୀବୀ ସ୍ମିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ବଦ୍ରିନାରାୟଣ ଦାଶ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମୂଲ୍ୟବୋଧ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ତୃତୀୟ ଶ୍ରେଣୀ ମେଧାବୃତ୍ତି ପାଇଥିବା ଆଦ୍ୟାଶା କରଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସବିତାରାଣୀ ଛୁଆଳସିଂହ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଦେବାଶିଷ ସେଠୀ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଅନୁପମ ମହାନ୍ତି, ବୈଜୟନ୍ତୀ ବଳିୟାରସିଂ, ପ୍ରମୋଦିନୀ ଦେଈ, ସ୍ୱାତୀ ଚୌଧୁରୀ, ପାର୍ବତୀ ସାହୁ ଓ ଦୀପକ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡ. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

୧୯୯୮ରେ ପ୍ରଥମ ଥର ପାଇଁ ପାର୍ଲାମେଣ୍ଟ ନିର୍ବାଚନରେ ଲଢ଼ି ଜିତିଥାଏ। ସେହି ସମୟରେ ନବ ନିର୍ବାଚିତ ସାଂସଦମାନଙ୍କୁ ଓଡ଼ିଶା ନିବାସରେ ରହିବା ପାଇଁ ମିଳିଥିଲା। ରାଜ୍ୟରେ ସେତେବେଳେ କଂଗ୍ରେସର ସରକାର ଥାଏ। କଂଗ୍ରେସ ବିରୋଧରେ ଲଢ଼ି ଆମେମାନେ ସବୁ ଯାଇଥିଲୁ। ସେହି ସମୟରେ ବିଜେଡିରୁ ଢେଙ୍କାନାଳ-ଅନୁଗୋଳ ଲୋକ ସଭା ଆସନରୁ ଜିତିକି ଯାଇଥାଏ। ଡକ୍ଟର ଦେବେନ୍ଦ୍ର ପ୍ରଧାନ ମୋର ପଡ଼ୋଶୀ ନିର୍ବାଚନମଣ୍ଡଳୀ ଦେବଗଡ଼ ଲୋକ ସଭା ଆସନରୁ ନିର୍ବାଚିତ ହୋଇ ଯାଇଥାଆନ୍ତି। କଂଗ୍ରେସ ସରକାର ସେତେବେଳେ ଆମମାନଙ୍କୁ ଓଡ଼ିଶା ଭବନରେ ନ ରଖି ଓଡ଼ିଶା ନିବାସରେ ରହିବାକୁ ଦେଇଥିଲେ। ଓଡ଼ିଶା ନିବାସରେ ଯେଉଁ ରୁମ୍ ମିଳିଥିଲା, ସେଠାରେ ଲାଇଟ୍ ସୁଇଚ୍ ୨ରୁ ୩ ଥର ମାରିଲେ ଆଲୁଅ ଜଳୁଥିଲା। ବାଥ୍‌ରୁମ୍‌ରେ ପାଣି ଯାଉ ନ ଥିବା ଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମିତି ଅବସ୍ଥାରେ ସେତେବେଳେ ଓଡ଼ିଶା ନିବାସର ୨ୟ ମହଲାରେ ରଖିଥିଲେ। ସେହି ସମୟରେ ମୁଁ ଡାକ୍ତର ପ୍ରଧାନଙ୍କ କଡ଼ ରୁମ୍‌ରେ ରହୁଥାଏ। ଥରେ ସକାଳୁ ଉଠିବାବେଳକୁ ଦେବେନ୍ଦ୍ରବାବୁ ତାଙ୍କ ରୁମ୍ ବାହାରେ ଠିଆହୋଇଥାଆନ୍ତି। ଓଡ଼ିଶା ନିବାସରେ ସେତେବେଳେ ଆମମାନଙ୍କୁ କିଛି ସର୍ଭିସ୍ ମିଳୁ ନ ଥାଏ। ସେଥିପାଇଁ ଦେବେନ୍ଦ୍ରବାବୁଙ୍କ ଲାଗି ଥରେ ସକାଳ ଜଳଖିଆ ଆଣିବାର ସୌଭାଗ୍ୟ ମିଳିଥିଲା। ଓଡ଼ିଶାରୁ ଜିତିକି ଯିବା ପରେ ମଧ୍ୟ ସେଠାରେ ପର ଲୋକ ଭଳି ରହିଥାଉ, ରାଜ୍ୟ ସରକାରଙ୍କ କୌଣସି ସହଯୋଗ ମିଳୁ ନ ଥାଏ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସେହି ସମୟରେ ଦେବେନ୍ଦ୍ର ପ୍ରଧାନଙ୍କୁ ଅତ୍ୟନ୍ତ ନିଜର ଗୋଟିଏ ଭାଇ ବା ବନ୍ଧୁ ଭାବେ ଦେଖୁଥାଆନ୍ତି। ଦେବେନ୍ଦ୍ର ପ୍ରଧାନଙ୍କୁ ବାଜପେୟୀ କେବଳ ମନ୍ତ୍ରୀ କରିଥିଲେ ତାହା ନୁହେଁ, ଡକ୍ଟର ପ୍ରଧାନଙ୍କ ପାଇଁ ତାଙ୍କର ଯେଉଁ ଶ୍ରଦ୍ଧା ଓ ଭଲପାଇବା ଥିଲା ତାହା ମୁଁ ସ୍ୱଚକ୍ଷୁରେ ଦେଖିଛି। ସେତେବେଳେ ୧୩ ମାସ ପରେ ପୁନର୍ବାର ଯେଉଁ ନିର୍ବାଚନ ହେଲା ଓଡ଼ିଶାର ଜଣେ ଲୋକ, ସେ ଯାଇ ଗୋଟିଏ ଭୋଟ ଦେଲେ ଏବଂ ବାଜପେୟୀ ସରକାରର ପତନ ଘଟିଥିଲା। ୧୯୯୯ରେ ତା'ପରେ ଆଉ ଥରେ ନିର୍ବାଚନ ହେଲା। ସେହି ସମୟରେ ଅଟଳ ବିହାରୀ ବାଜପେୟୀ ଓଡ଼ିଶାକୁ ଦିନଟିଏ ପାଇଁ ପ୍ରଚାର କରିବାକୁ ଆସିଥାଆନ୍ତି। ସେ ତାଙ୍କ ପ୍ରଥମ ମିଟିଂ ଅନୁଗୋଳ(ମୋ ନିର୍ବାଚନମଣ୍ଡଳୀ)ରେ କରିଥିଲେ। ଏହାପରେ ସେଠାରୁ ସେ ତାଳଚେର ଯାଇ ଦେବେନ୍ଦ୍ର ପ୍ରଧାନଙ୍କ ପାଇଁ ପ୍ରଚାର କରିଥିଲେ। ତା'ପରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଆସି ଫେରିଯାଇଥିଲେ। ଓଡ଼ିଶାର ଅନ୍ୟ କୌଣସି ସ୍ଥାନକୁ ସେ ପ୍ରଚାର କରିବାକୁ ଯାଇ ନ ଥିଲେ। ଏହାପରେ ଦେବେନ୍ଦ୍ରବାବୁ ଟେଲିଫୋନ୍ କରି କହିଥିଲେ, ତଥାଗତ ତୁମେ ବହୁତ ଭାଗ୍ୟବାନ୍, ତୁମ ପାଇଁ ବାଜପେୟୀ ଜୀ ଆସିଲେ। ମୁଁ ତାଙ୍କୁ ଉତ୍ତର ଦେଇଥିଲି, ମୋ ପାଇଁ ନୁହେଁ ବାଜପେୟୀ ଜୀ ଆପଣଙ୍କ ଯୋଗୁ ଆସିଥିଲେ ଏବଂ ସହଯୋଗୀ ଦଳ ଭାବେ ମତେ ତାଙ୍କ ଶ୍ରଦ୍ଧା ଦେଲେ।

ଡକ୍ଟର ପ୍ରଧାନଙ୍କ ସହ ବିଶେଷ ଘନିଷ୍ଠ ହେବାର ସୁଯୋଗ ପାଇ ନ ଥିଲି। ତଥାପି ଜଣେ ସାମ୍ବାଦିକ ଭାବେ ତାଙ୍କ ବିଷୟରେ ଯାହା ଜାଣିଛି, ସେଥିରୁ ବୁଝିହେଉଛି ଯେ ତାଙ୍କର ଲିଗାସିକୁ ରକ୍ଷା କରିବାର ଦାୟିତ୍ୱ ଏବେ ଓଡ଼ିଶାର ଭାଜପା ସରକାର ଉପରେ। ରାଜ୍ୟବାସୀଙ୍କ ଆଶାଆକାଂକ୍ଷା ପୂରଣକରିବା ପାଇଁ ଡକ୍ଟର ପ୍ରଧାନଙ୍କ ଇଚ୍ଛାକୁ ସରକାର ସାକାର କରିବେ ବୋଲି ଆମ ସମସ୍ତଙ୍କ ଇଚ୍ଛା।

# ହସ୍ତଶିଳ୍ପ, ହସ୍ତତନ୍ତ ପରମ୍ପରାକୁ ଆଗେଇ ନେବା ଆମର ନୈତିକ ଦାୟିତ୍ୱ

## କଳାଭୂମି ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୬।୩ (ସୌମ୍ୟରଞ୍ଜନ ରାଉତ)




ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଅନନ୍ୟ କଳାର ଉତ୍ସ ରାଜ୍ୟ ଓଡ଼ିଶା। ଏହାର ସମୃଦ୍ଧ ହସ୍ତଶିଳ୍ପ ଓ ଗରିମାମୟ ହସ୍ତତନ୍ତର ପରମ୍ପରାକୁ ଆଗେଇ ନେବା ଆମର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ। ପ୍ରତ୍ୟେକ ପ୍ରାଣରେ ଆମ ଋଦ୍ଧିମନ୍ତ କଳାର ପ୍ରସାର ଓ ବିକାଶ ପାଇଁ ଆମେ ଅଙ୍ଗୀକାରବଦ୍ଧ ବୋଲି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସପ୍ତମ କଳାଭୂମି ଉତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କାରିଗର ଓ ବୁଣାକାରଙ୍କ ମଙ୍ଗଳ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। 'କଳାଭୂମି' ରାଜ୍ୟର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରତୀକ ସାଜିଛି ବୋଲି ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ।

ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ (କଳାଭୂମି)ର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମାର୍ଚ୍ଚ ୨୨ରୁ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଏହି ଅବସରରେ ପଥର ଖୋଦେଇ ଉପରେ 'ସ୍ଥାପତ୍ୟ: ଇଟିଙ୍ଗ୍ ଲାଇଭ୍‌ଲିହୁଡ୍ ଅନ୍ ଷ୍ଟୋନ୍' କର୍ମଶାଳା, ଚିତ୍ରାଙ୍କନ ପ୍ରତିଯୋଗିତା, ଗ୍ରୀଷ୍ମ ଶିବିର, କୋଲକାତାସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ପ୍ୟାକେଜିଂ ସହିତ ପ୍ୟାକେଜିଂ, ଲେବଲିଂ ଓ ବ୍ରାଣ୍ଡିଂ ଉପରେ ଦୁଇଦିନିଆ କର୍ମଶାଳା ଆୟୋଜନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ମଧୁମିତା ରଥ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରୂପ ବଦଳିଲେ ବି ପ୍ରେମ ଅପରିବର୍ତ୍ତିତ




ଅତିଥିମାନେ 'ଧରିତ୍ରୀ'ର ଡେପୁଟି ନ୍ୟୁଜ୍ ଏଡିଟର ତଥା ଲେଖକ ଜିତେନ୍ଦ୍ର କୁମାର ନାୟକଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୬।୩ (ସୌମ୍ୟରଞ୍ଜନ ରାଉତ)

## ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ଶେଷ ସନ୍ଧ୍ୟାରେ ନାଟକ 'ଧାରା'

ପ୍ରାଗ୍ ଐତିହାସିକ ଯୁଗରୁ ମନୁଷ୍ୟ ଓ ମନୁଷ୍ୟ ସମାଜରେ ଅସଂଖ୍ୟ ପରିବର୍ତ୍ତନ ସଂଗଠିତ ହୋଇଛି। ଘଟିଛି ବହୁ ବିବର୍ତ୍ତନ। ତେବେ ଗୋଟିଏ କଥାରେ ସର୍ବଦା ଅପରିବର୍ତ୍ତିତ ହୋଇ ରହିଆସିଛି, ତାହା ହେଉଛି ଚିରନ୍ତନ ଓ ଶାଶ୍ୱତ ପ୍ରେମ। ଏ ପ୍ରେମର ଫଲ୍‌ଗୁଧାରା ଈଶ୍ୱରଙ୍କ ହୃଦୟରୁ ଝରି ଆସିଛି ପ୍ରାଣୀ ଜଗତ ପାଇଁ କରୁଣା ରୂପରେ, ପ୍ରାଣୀ ଜଗତଠାରୁ ଈଶ୍ୱରଙ୍କ ପାଇଁ ଭକ୍ତି ରୂପରେ, ମାତାପିତାଙ୍କ ଠାରୁ ଅପତ୍ୟଙ୍କ ପାଇଁ ସ୍ନେହ ସଦିଚ୍ଛା ରୂପରେ ଓ ସଚରାଚର ବିଶ୍ୱରେ ଏହି ଧାରା ତରଙ୍ଗାୟିତ ହେଉଛି ପ୍ରେମ ରୂପରେ। ପ୍ରେମର ରୂପ ବଦଳିଛି, କିନ୍ତୁ ପ୍ରେମ ରହିଛି ଅପରିବର୍ତ୍ତି। ଏହି ନିରନ୍ତର ପ୍ରବହମାନ ଧାରାକୁ କିନ୍ତୁ ମନୁଷ୍ୟ ହୃଦୟଙ୍ଗମ କରିପାରୁନାହିଁ। ଦେହଜ ପ୍ରେମକୁ ଶାଶ୍ୱତ ପ୍ରେମ ମନେକରି ନିଜର ସବୁକିଛି ହାରିଦେଉଛି ଓ ହରେଇ ଦେଉଛି ନିଜର ମାନବିକତା। ତେବେ ଐଶ୍ୱରୀୟ ପ୍ରେମ ଧାରାରୁ ନାଟକ ଧାରା ସମସ୍ତଙ୍କୁ ଟିକେ ଚେତେଇ ଦେବାର ପ୍ରଚେଷ୍ଟା କରିଛି। ଏପରି ପରିବର୍ତ୍ତିତ ଧାରାକୁ ନେଇ ବୁଧବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଧାରା'। ଅବସର ଥିଲା ଶତାବ୍ଦୀର କଳାକାର ପକ୍ଷରୁ ଚାଲିଥିବା ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ଶେଷ ସନ୍ଧ୍ୟା। ଡ. ନିବେଦିତା ଜେନାଙ୍କ ରଚିତ ହରପ୍ରସାଦ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ନାଟକକଚ କଳାକାର ଥିଏଟର୍‌ର କଳାକାରମାନେ ଅତି ନିଖୁଣ ଭାବରେ ପରିବେଶିତ କରିଥିଲେ। ଏହି ଅବସରରେ ସକଳେଶ୍ୱର ପଟ୍ଟନାୟକଙ୍କୁ 'ଜୀବନ ବ୍ୟାପି ସାଧନା ସମ୍ମାନ', ଅଭିନେତା ରାମଚନ୍ଦ୍ର ସାସମଲଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ', ଅଭିନେତା ରମେଶ ଚନ୍ଦ୍ର ମହାରଣାଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ, 'ଧରିତ୍ରୀ'ର ଡେପୁଟି ନ୍ୟୁଜ୍ ଏଡିଟର ତଥା ଲେଖକ ଜିତେନ୍ଦ୍ର କୁମାର ନାୟକଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ସାମ୍ବାଦିକ ଶ୍ରୀରାମ ଦାସ, ଶତାବ୍ଦୀର କଳାକାରର ସଭାପତି ତଥା ଗୌରହରି ଦାସ, ସାଧାରଣ ସମ୍ପାଦକ ଧିର ମଲ୍ଲିକ, ବିଶିଷ୍ଟ ନାଟ୍ୟକାର ବିଜୟ ଶତପଥୀ, ସାହିତ୍ୟିକ ତଥା ବାଣୀଚିତ୍ର ସମ୍ପାଦକ ଭାସ୍କର ଜେନା, ନାଟ୍ୟ ନିର୍ଦ୍ଦେଶକ ବିଜୟ ଦାଶ, ଇଂ. ମନୋଜ କୁମାର ମହାନ୍ତି ଓ ଉପଦେଷ୍ଟା ଅଜୟ ଦାସ ପ୍ରମୁଖ ଯୋଗଦେଇଥିଲେ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କାର୍ତ୍ତି



@ ସନାତନ



@ ଶିବପ୍ରସାଦ



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଇପିଏଫ୍ ପେନ୍‌ସନ ସର୍ବନିମ୍ନ ୯ହଜାର ଟଙ୍କା ହେଉ

ଭୁବନେଶ୍ୱର,୨୬।୩
(ସୌମ୍ୟରଞ୍ଜନ ରାଉତ)

ନିଖିଳ ଉତ୍କଳ ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ବୁଦ୍ଧମନ୍ଦିରଠାରେ ସଭାପତି ସଞ୍ଜୟ କୁମାର ରଥଙ୍କ ସଭାପତିତ୍ୱରେ ଇପିଏଫ ପେନସନ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇପିଏଫ୍ ପେନ୍‌ଶନଭୋଗୀଙ୍କ ସର୍ବନିମ୍ନ ପେନ୍‌ସନ ୧ ହଜାର ଟଙ୍କାରୁ ୯ହଜାର ଟଙ୍କା ବୃଦ୍ଧି ସହ ମହଙ୍ଗାଭତ୍ତା, ସମସ୍ତ ସହଯୋଗ ପାଇଁ ସରକାରଙ୍କ ସହ ଆଲୋଚନା ତଥା ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମିତ୍ତ ପଦକ୍ଷେପ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଜାତୀୟ ନେତା ସଭାପତି ଅଶୋକ ରାଉତ, ସମ୍ମାନିତ ଅତିଥି ଭାବେ ରମାକାନ୍ତ ନରଗଣ୍ଡେ, ଏନ୍‌ଏସି ଜାତୀୟ ମୁଖ୍ୟ ସଂଯୋଜକ ସଜ୍ଜନ ଶର୍ମା, ଭଜପା ଓଡିଶା ମୁଖ୍ୟ ପ୍ରବକ୍ତା ବିପିନ ବିହାରୀ ପାଢ଼ୀ, ଆଡ୍‌ଭୋକେଟ ସଞ୍ଜୟ କୁମାର ରଥ, ଅବସରପ୍ରାପ୍ତ ଓସିସି ଡେପୁଟି ମ୍ୟାନେଜର ମାୟାଧର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ଆସୋସିଏଶନର କସ୍ତୁରୀ ଚରଣ ସୁବୁଦ୍ଧି, ରାଜକିଶୋର ସାଇଁ, ପ୍ରସନ୍ନ ଶତପଥୀ, ପ୍ରଶାନ୍ତ ଶତପଥୀ, ପ୍ରଶାନ୍ତ ସାମନ୍ତରାୟ, ପିତାମ୍ବର ମହାନ୍ତି, ଜୟକୃଷ୍ଣ ଜେନା, ମାର୍କଣ୍ଡ ଚରଣ ସାହୁ ଓ ଲକ୍ଷ୍ମଣ ନନ୍ଦଙ୍କ ସମେତ ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟ ଓ ସମସ୍ତ ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର ନିକଟରେ ନିର୍ମାଣକୁ ବିରୋଧ



ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏଏସ୍‌ଆଇ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଉଛି।

ପୁରୁଣା ଭୁବନେଶ୍ୱର,୨୬।୩(ସୁବାସ ଚନ୍ଦ୍ର ପ୍ରଧାନ)

## ଆମ୍‌ସାର୍ ଆକ୍ଟକୁ ବେଖାତିର

ଏକାମ୍ର କ୍ଷେତ୍ରର ମେଗା ଯୋଜନାକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟ ସରକାର ପ୍ରାୟ ୯୦୦ କୋଟି ଟଙ୍କା ବ୍ୟୟ ବରାଦ ରଖିଛନ୍ତି। କିନ୍ତୁ କେତେଜଣ ଜବରଦଖଲକାରୀ ଏବଂ ଅମାନିଆ ବ୍ୟକ୍ତି ବିଶେଷଙ୍କ ପାଇଁ ଏକାମ୍ର କ୍ଷେତ୍ରର ଅନେକ କୋଠାବାଡ଼ି ପୁନଃ ନିର୍ମାଣ କାର୍ଯ୍ୟ ଚାଲିଛି, ଯାହା ଏଏସ୍‌ଆଇର ଆମ୍‌ସାର୍ ଆକ୍ଟକୁ ସମ୍ପୂର୍ଣ୍ଣ ବିରୋଧ କରୁଛି। ମନ୍ଦିର ପ୍ରଶାସନ ଏବଂ ଏଏସ୍‌ଆଇର ନୀରବତା ପାଇଁ ଏକାମ୍ର ମେଗା ପ୍ରକଳ୍ପରେ ସଫଳତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଙ୍ଗଳବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏଏସ୍‌ଆଇର ଓଡ଼ିଶା ମଣ୍ଡଳଙ୍କ ନିକଟରେ ଏନେଇ ଅଭିଯୋଗ କରାଯାଇଛି। ଅଭିଯୋଗ ପତ୍ରରେ ବାସୁଦେବ ମନ୍ଦିରଠାରେ ମାତ୍ର ୮୦ ମିଟର ଦୂରରେ ଦେବୀ ପାଦହରା ନିକଟ ଏବଂ ଅନେକ ମନ୍ଦିର ନିକଟରେ ବେଧଡ଼କ ନିର୍ମାଣ ଚାଲିଥିବା ଦର୍ଶାଯାଇଛି। ଆମ୍‌ସାର୍ ଆକ୍ଟର ଉଲ୍ଲଂଘନକାରୀ ସମ୍ପୃକ୍ତ ନିର୍ମାଣକୁ ବନ୍ଦ କରିବା ସହ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ମଞ୍ଚ ଦାବି କରିଛି ବୋଲି ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

# ମାଲ ପରିବହନରେ ଚକ୍ରଧରପୁର ରେଳ ଡିଭିଜନର ରେକର୍ଡ

ଭୁବନେଶ୍ୱର,୨୬।୩ (ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନ ୧୫୦ ମିଲିୟନ ଟନ୍ ମାଲ ପରିବହନ କରି ଦକ୍ଷତା ପ୍ରଦର୍ଶନ କରିଛି। ୨୦୨୪ ଏପ୍ରିଲ ୧ରୁ ୨୦୨୫ ମାର୍ଚ୍ଚ ୨୬ ମଧ୍ୟରେ ଡିଭିଜନ ଏହି ଉଲ୍ଲେଖନୀୟ ରେକର୍ଡ କରିଛି। ଏହି ଅବଧି ମଧ୍ୟରେ ଚକ୍ରଧରପୁର ଡିଭିଜନ ୧୦୧.୮୪ ମିଲିୟନ ଟନ୍ ଲୁହାପଥର, ୨୦.୫୧ ମିଲିୟନ୍ ଟନ୍ କୋଇଲା, ୧୩.୪୪ ମିଲିୟନ୍ ଟନ୍ ଇସ୍ପାତ, ୧୨.୫୮ ମିଲିୟନ୍ ଟନ୍ ସିମେଣ୍ଟ ପରିବହନ କରିଛି। ପରିବହନ ହେଉଥିବା ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ଖାଦ୍ୟ ଶସ୍ୟ, ସାର, ଆଦି ରହିଛି। ଚକ୍ରଧରପୁର ଡିଭିଜନ ପୂର୍ବରୁ ମଧ୍ୟ ପରିବହନ କ୍ଷେତ୍ରରେ ୧୩୦୩୦.୧୬ କୋଟି ଟଙ୍କା ଆୟ କରି ରେକର୍ଡ କରିଥିବାବେଳେ ଗତ ଆର୍ଥିକ ବର୍ଷରେ ୧.୨୯% ବୃଦ୍ଧି ଘଟିଛି।

# ଭକ୍ତ ଦାସିଆ ପୀଠର ରୂପ ବଦଳିବ

ଭୁବନେଶ୍ୱର,୨୬।୩ (ଅନୁରାଧା ମହାରଣା)

- ସମୀକ୍ଷା ବୈଠକରେ ୧୮ ପ୍ରକଳ୍ପ ଗୃହୀତ
- ରାସ୍ତା ପ୍ରଶସ୍ତୀକରଣ ଓ ଆଲୋକୀକରଣ ଦାବି

ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ତଥା ପୁରୀ ଜିଲା ପିପିଲି ବ୍ଲକ୍ ଅନ୍ତର୍ଗତ ବାଲିଗାଁର ରୂପ ବଦଳିବ। ଏହାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଥିବାବେଳେ ଭକ୍ତ ଦାସିଆ ସ୍ମୃତି କମିଟି ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଅଣ୍ଟା ଭିଡିଛି। ଏନେଇ ଭୁବନେଶ୍ୱର ଶହୀଦନଗରସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ସମୀକ୍ଷା ବୈଠକ ସ୍ମୃତି କମିଟି ସଭାପତି ଡ. ପ୍ରତିଭା ମହାରଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ପ୍ରକଳ୍ପ ନେଇ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ମୋଟ ୨ କୋଟି ଟଙ୍କା ଆର୍ଥିକ ଅନୁଦାନ ମିଳିଥିବାରୁ ଉପସ୍ଥିତ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ଐତିହ୍ୟ ପୁଷ୍କରିଣୀ ଗୋଠଗଡ଼ିଆ, ରତ୍ନଚିରା ନଦୀରେ ନୌକା ବିହାର, ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆନନ୍ଦ ବଜାର, କମ୍ୟୁନିଟି ହଲ୍, ଭକ୍ତ ନିବାସ, ଯାତ୍ରୀବାହୀ ବସ୍‌ର ପାର୍କିଂ, ଭକ୍ତ ଦାସିଆଙ୍କ ଅଲୌକିକତାର ଆଧାରରେ ମ୍ୟୁଜିୟମ, ତୁଳସୀ ଉଦ୍ୟାନର ଉନ୍ନତୀକରଣ, ଗୁଣ୍ଡିଚା ଘର, ସ୍ନାନ ମଣ୍ଡପର ନବୀକରଣ ଆଦି ୧୮ ପ୍ରକଳ୍ପ ରହିଥିବାବେଳେ ଏନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏଥିସହ ପୀଠକୁ ଜାତୀୟ ରାଜପଥରୁ ସଂଯୋଗ କରିଥିବା ରାସ୍ତାର ପ୍ରଶସ୍ତୀକରଣ, ଭକ୍ତ ଦାସିଆ ପୀଠ ପରିସର ତଥା ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟୁତ୍ ଆଲୋକୀକରଣ କରାଗଲେ ସ୍ଥାନୀୟ ୫୦ ହଜାର ଗ୍ରାମବାସୀଙ୍କ ସହ ଓଡ଼ିଶା ତଥା ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ଇଂ. ଦେବ ନାରାୟଣ ପାଲ୍, କିଟ୍ +୨ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ଇଂ. ବସନ୍ତ କୁମାର ମିଶ୍ର, ଇଂ. ସୁରେନ୍ଦ୍ର କୁମାର ନାଥ ପଣ୍ଡା ପ୍ରମୁଖ ପୀଠର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଙ୍ଗୀତକାର ଅଜୟ ଦାସ, ଆନ୍ତର୍ଜାତିକ ବଂଶୀବାଦକ ପର୍ଶୁରାମ ଦାସ ଶ୍ରୀଜଗନ୍ନାଥଙ୍କ ସଙ୍ଗୀତ ପରିବେଷଣ କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ଅନୁଷ୍ଠାନର ଆୟବ୍ୟୟ ବିବରଣୀ ଦେଇଥିଲେ। ଆଲୋଚନାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅର୍ଜ୍ଜୁନ ଚରଣ ସାମଲ, ଡ. ଦୁର୍ଗାପ୍ରସାଦ ମିଶ୍ର, ଦିଲୀପ କୁମାର ଦ୍ୱିବେଦୀ, ଲକ୍ଷ୍ମୀନାରାୟଣ ଦାସ, ପଞ୍ଚାନନ ନାୟକ, ସମାଜସେବୀ ମନୋରମା ମହାପାତ୍ର, ସପନ କୁମାର ଦାସ, ତ୍ରିନାଥ ଲେଙ୍କା, ବୃନ୍ଦାବନ ମହାପାତ୍ର, ଗୋପାଳ ବଳ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଫଟୋ ରେ ଖ ବ ର



କେତକୀ ଫାଉଣ୍ଡେଶନ ପକ୍ଷରୁ ଲଳିତକଳା ଏକାଡେମୀଠାର ବୁଧବାର ଅନୁଷ୍ଠିତ ଚିତ୍ରକଳା ଶିବିରକୁ କଳାପ୍ରେମୀମାନେ ବୁଲି ଦେଖୁଛନ୍ତି।



ନିଯୁକ୍ତିର ସ୍ଥାୟୀକରଣ ଓ ଦରମା ବୃଦ୍ଧି ଆଦି ଦାବି ନେଇ ଅଲ୍ ଓଡ଼ିଶା ଟି.ବି. ଚାମ୍ପିୟନ ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

## ମଣ୍ଡଳସ୍ତରୀୟ ଉଦ୍ୟାନ କୃଷି ତାଲିମ ଶିବିର

କଟକସଦର,(ସୁଶାନ୍ତକୁମାରଜେନା):କଟକସଦରବ୍ଲକଆମ୍ବାପକ୍ଷରୁକନ୍ଦରପୁରଠାରେମଣ୍ଡଳସ୍ତରୀୟଉଦ୍ୟାନକୃଷିତାଲିମଓଦକ୍ଷତାଶିବିରବୁଧବାରଅନୁଷ୍ଠିତହୋଇଯାଇଛି।ଆମ୍ବାସଭାପତିରମାପ୍ରସାଦବିଶ୍ୱାଳଙ୍କପୌରୋହିତ୍ୟରେଅନୁଷ୍ଠିତଶିବିରରେକୃଷକମୋର୍ଚ୍ଚାରାଜ୍ୟଉପସଭାପତିହୃଷୀକେଶଜେନା, ଭାଜପାରାଜ୍ୟକାର୍ଯ୍ୟକାରିଣୀସଭ୍ୟାପ୍ରତିଭାଶତପଥୀ, ଜିଲାପରିଷଦସଭ୍ୟପ୍ରଦୀପ୍ତ ମାହାଳି, ଚିତ୍ତରଞ୍ଜନ ସାହୁ, ଗୋକୁଳ ପ୍ରଧାନ, ସରପଞ୍ଚ ସୁବାସିନୀ ରାଉତ, ଅଭୟ ସ୍ୱାଇଁ ଯୋଗଦେଇ ଘରବାରିରେ ପରିବା ଚାଷ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦେବୀ ପ୍ରସାଦ ରାଉତ ସ୍ୱାଗତ ଭାଷଣ, ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ରାଉଳ କାର୍ଯ୍ୟକ୍ରମ ସଂଯୋଜନା ଓ ମଣ୍ଡଳ ପ୍ରତିନିଧି ସୁରେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ଡ. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

୧୯୯୮ରେ ପ୍ରଥମ ଥର ପାଇଁ ପାର୍ଲାମେଣ୍ଟ ନିର୍ବାଚନରେ ଲଢ଼ି ଜିତିଥାଏ। ସେହି ସମୟରେ ନବ ନିର୍ବାଚିତ ସାଂସଦମାନଙ୍କୁ ଓଡ଼ିଶା ନିବାସରେ ରହିବା ପାଇଁ ମିଳିଥିଲା। ରାଜ୍ୟରେ ସେତେବେଳେ କଂଗ୍ରେସର ସରକାର ଥାଏ। କଂଗ୍ରେସ ବିରୋଧରେ ଲଢ଼ି ଆମେମାନେ ସବୁ ଯାଇଥିଲୁ। ସେହି ସମୟରେ ବିଜେଡିରୁ ଢେଙ୍କାନାଳ-ଅନୁଗୋଳ ଲୋକ ସଭା ଆସନରୁ ଜିତିକି ଯାଇଥାଏ। ଡକ୍ଟର ଦେବେନ୍ଦ୍ର ପ୍ରଧାନ ମୋର ପଡ଼ୋଶୀ ନିର୍ବାଚନମଣ୍ଡଳୀ ଦେବଗଡ଼ ଲୋକ ସଭା ଆସନରୁ ନିର୍ବାଚିତ ହୋଇ ଯାଇଥାଆନ୍ତି। କଂଗ୍ରେସ ସରକାର ସେତେବେଳେ ଆମମାନଙ୍କୁ ଓଡ଼ିଶା ଭବନରେ ନ ରଖି ଓଡ଼ିଶା ନିବାସରେ ରହିବାକୁ ଦେଇଥିଲେ। ଓଡ଼ିଶା ନିବାସରେ ଯେଉଁ ରୁମ୍ ମିଳିଥିଲା, ସେଠାରେ ଲାଇଟ୍ ସୁଇଚ୍ ୨ରୁ ୩ ଥର ମାରିଲେ ଆଲୁଅ ଜଳୁଥିଲା। ବାଥ୍‌ରୁମ୍‌ରେ ପାଣି ଯାଉ ନ ଥିବା ଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମିତି ଅବସ୍ଥାରେ ସେତେବେଳେ ଓଡ଼ିଶା ନିବାସର ୨ୟ ମହଲାରେ ରଖିଥିଲେ। ସେହି ସମୟରେ ମୁଁ ଡାକ୍ତର ପ୍ରଧାନଙ୍କ କଡ଼ ରୁମ୍‌ରେ ରହୁଥାଏ। ଥରେ ସକାଳୁ ଉଠିବାବେଳକୁ ଦେବେନ୍ଦ୍ରବାବୁ ତାଙ୍କ ରୁମ୍ ବାହାରେ ଠିଆହୋଇଥାଆନ୍ତି। ଓଡ଼ିଶା ନିବାସରେ ସେତେବେଳେ ଆମମାନଙ୍କୁ କିଛି ସର୍ଭିସ୍ ମିଳୁ ନ ଥାଏ। ସେଥିପାଇଁ ଦେବେନ୍ଦ୍ରବାବୁଙ୍କ ଲାଗି ଥରେ ସକାଳ ଜଳଖିଆ ଆଣିବାର ସୌଭାଗ୍ୟ ମିଳିଥିଲା। ଓଡ଼ିଶାରୁ ଜିତିକି ଯିବା ପରେ ମଧ୍ୟ ସେଠାରେ ପର ଲୋକ ଭଳି ରହିଥାଉ, ରାଜ୍ୟ ସରକାରଙ୍କ କୌଣସି ସହଯୋଗ ମିଳୁ ନ ଥାଏ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସେହି ସମୟରେ ଦେବେନ୍ଦ୍ର ପ୍ରଧାନଙ୍କୁ ଅତ୍ୟନ୍ତ ନିଜର ଗୋଟିଏ ଭାଇ ବା ବନ୍ଧୁ ଭାବେ ଦେଖୁଥାଆନ୍ତି। ଦେବେନ୍ଦ୍ର ପ୍ରଧାନଙ୍କୁ ବାଜପେୟୀ କେବଳ ମନ୍ତ୍ରୀ କରିଥିଲେ ତାହା ନୁହେଁ, ଡକ୍ଟର ପ୍ରଧାନଙ୍କ ପାଇଁ ତାଙ୍କର ଯେଉଁ ଶ୍ରଦ୍ଧା ଓ ଭଲପାଇବା ଥିଲା ତାହା ମୁଁ ସ୍ୱଚକ୍ଷୁରେ ଦେଖିଛି। ସେତେବେଳେ ୧୩ ମାସ ପରେ ପୁନର୍ବାର ଯେଉଁ ନିର୍ବାଚନ ହେଲା ଓଡ଼ିଶାର ଜଣେ ଲୋକ, ସେ ଯାଇ ଗୋଟିଏ ଭୋଟ ଦେଲେ ଏବଂ ବାଜପେୟୀ ସରକାରର ପତନ ଘଟିଥିଲା। ୧୯୯୯ରେ ତା'ପରେ ଆଉ ଥରେ ନିର୍ବାଚନ ହେଲା। ସେହି ସମୟରେ ଅଟଳ ବିହାରୀ ବାଜପେୟୀ ଓଡ଼ିଶାକୁ ଦିନଟିଏ ପାଇଁ ପ୍ରଚାର କରିବାକୁ ଆସିଥାଆନ୍ତି। ସେ ତାଙ୍କ ପ୍ରଥମ ମିଟିଂ ଅନୁଗୋଳ(ମୋ ନିର୍ବାଚନମଣ୍ଡଳୀ)ରେ କରିଥିଲେ। ଏହାପରେ ସେଠାରୁ ସେ ତାଳଚେର ଯାଇ ଦେବେନ୍ଦ୍ର ପ୍ରଧାନଙ୍କ ପାଇଁ ପ୍ରଚାର କରିଥିଲେ। ତା'ପରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଆସି ଫେରିଯାଇଥିଲେ। ଓଡ଼ିଶାର ଅନ୍ୟ କୌଣସି ସ୍ଥାନକୁ ସେ ପ୍ରଚାର କରିବାକୁ ଯାଇ ନ ଥିଲେ। ଏହାପରେ ଦେବେନ୍ଦ୍ରବାବୁ ଟେଲିଫୋନ୍ କରି କହିଥିଲେ, ତଥାଗତ ତୁମେ ବହୁତ ଭାଗ୍ୟବାନ୍, ତୁମ ପାଇଁ ବାଜପେୟୀ ଜୀ ଆସିଲେ। ମୁଁ ତାଙ୍କୁ ଉତ୍ତର ଦେଇଥିଲି, ମୋ ପାଇଁ ନୁହେଁ ବାଜପେୟୀ ଜୀ ଆପଣଙ୍କ ଯୋଗୁ ଆସିଥିଲେ ଏବଂ ସହଯୋଗୀ ଦଳ ଭାବେ ମତେ ତାଙ୍କ ଶ୍ରଦ୍ଧା ଦେଲେ।

ଡକ୍ଟର ପ୍ରଧାନଙ୍କ ସହ ବିଶେଷ ଘନିଷ୍ଠ ହେବାର ସୁଯୋଗ ପାଇ ନ ଥିଲି। ତଥାପି ଜଣେ ସାମ୍ବାଦିକ ଭାବେ ତାଙ୍କ ବିଷୟରେ ଯାହା ଜାଣିଛି, ସେଥିରୁ ବୁଝିହେଉଛି ଯେ ତାଙ୍କର ଲିଗାସିକୁ ରକ୍ଷା କରିବାର ଦାୟିତ୍ୱ ଏବେ ଓଡ଼ିଶାର ଭାଜପା ସରକାର ଉପରେ। ରାଜ୍ୟବାସୀଙ୍କ ଆଶାଆକାଂକ୍ଷା ପୂରଣକରିବା ପାଇଁ ଡକ୍ଟର ପ୍ରଧାନଙ୍କ ଇଚ୍ଛାକୁ ସରକାର ସାକାର କରିବେ ବୋଲି ଆମ ସମସ୍ତଙ୍କ ଇଚ୍ଛା।

[signature]

# କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା


କମ୍ପାନୀ ଫାଟକ ସମ୍ମୁଖରେ ମୃତଦେହ ରଖି ଧାରଣା ଦିଆଯାଇଛି।

**ମଙ୍ଗୁଳି-ଜଗତପୁର,୨୬।୩(ମାନସ ସାମଲ)**

କଟକ ଜିଲା ଟାଙ୍ଗୀସ୍ଥିତ ଓରିକ୍ଲିନ ନାମକ ଡିଟରଜେଣ୍ଟ କମ୍ପାନୀରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କର ବୁଧବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ବ୍ଲକ ଅଧୀନ ସମସରପୁର ଗ୍ରାମର ମକରା ବେହେରା। କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ପ୍ରଦାନ ସହ ପରିବାରର ଜଣଙ୍କୁ ଚାକିରି ଦେବା ଦାବିରେ ମୃତଦେହ ରଖି ତାଙ୍କ ପରିବାର ଲୋକେ କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଧାରଣାରେ ଶ୍ରମିକ ସାଥୀ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଟାୟାର ଜାଳି ପ୍ରତିବାଦ କରିବା ସହ କମ୍ପାନୀର ୩ଟି ଗେଟ୍‌ରେ ତାଲା ପକାଇ ଦେଇଥିଲେ।

ସୂଚନା ଅନୁଯାୟୀ, ପ୍ରାୟ ୨୧ ବର୍ଷ ହେବ ମକରା ଉକ୍ତ କମ୍ପାନୀରେ କାମ କରୁଥିଲେ। ବୁଧବାର ସକାଳ ୭ଟାରେ ସେ କମ୍ପାନୀରେ କାମ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତଦେହକୁ କମ୍ପାନୀ ପରିସରକୁ ଅଣାଯାଇ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଫଳରେ ପରିବାର ଲୋକେ ପହଞ୍ଚି ମକରାଙ୍କ ମୃତ୍ୟୁ ଘଟିଥିବା ଦେଖିଥିଲେ। ତେବେ ଅଧିକ ଖରାରେ କାମ କରୁଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହିତ କ୍ଷତିପୂରଣ ବାବଦ ୧୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ଚାକିରି ପ୍ରଦାନ ପାଇଁ ଜିଦ୍‌ଧରି ବସିଛନ୍ତି। ଏହାକୁ କମ୍ପାନୀର ଅନ୍ୟ ଶ୍ରମିକ ଓ ସ୍ଥାନୀୟ ଗ୍ରାମବାସୀ ସମର୍ଥନ ଜଣାଇଛନ୍ତି। ଖବରପାଇ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ବିଫଳ ହେବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ମୃତକଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ୨ଲକ୍ଷ ଟଙ୍କା ଦିଆଯାଇଛି। ଆଗାମୀ ଦିନରେ ପରିବାରର ଜଣଙ୍କୁ ଚାକିରି ଦିଆଯିବ ବୋଲି କମ୍ପାନୀର ମାନବ ସମ୍ବଳ ଅଧିକାରୀ ସୁବାଶିଷ ପଟ୍ଟନାୟକ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କମ୍ପାନୀରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କୀର୍ତ୍ତି


@ ପ୍ରକାଶ


@ ସନାତନ


@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତା ଆଲୋକୀକରଣ, ୱାର୍ଡ ପୁନର୍ଗଠନ କରାଯାଉ

**ଚୌଦ୍ୱାର,୨୬।୩(ଆଶୁତୋଷ ଦାସ)**

## ଜାଜଭୈରବ ବରିଷ୍ଠ ନାଗରିକ ପରିଷଦର ସମାବେଶ

ସ୍ଥାନୀୟ ଜାଜଭୈରବ ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମାବେଶ ଆଗ୍ରାହାଟ ନିକଟ ଦକ୍ଷିଣେଶ୍ୱରୀ କାଳୀମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ କୁମାର ସାମଲ, ଚୌଦ୍ୱାର ଥାନା ନୋଡାଲ ଅଫିସର ସେଖ୍ ଫାରୁକ୍ ଅଲ୍ଲୀ ଅହମ୍ମଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ୫ଟି କଲୋନୀର ବରିଷ୍ଠ ନାଗରିକ ଏଥିରେ ଯୋଗଦେଇ କଲୋନୀଗୁଡ଼ିକୁ ପୌରପାଳିକାକୁ ହସ୍ତାନ୍ତର, ୱାର୍ଡ ପୁନର୍ଗଠନ, ଆବଶ୍ୟକ ରାସ୍ତା ନିର୍ମାଣ, ଜଳଯୋଗାଣ, ଡ୍ରେନ୍, ରାସ୍ତା ଆଲୋକୀକରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା ଆଦି ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରିଥିଲେ। ସଙ୍ଗଠକ ବିଶ୍ୱକଲ୍ୟାଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ପ୍ରତିଷ୍ଠାତା ବୀରେନ୍ଦ୍ର ନାଥଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜୟକୃଷ୍ଣ ସ୍ୱାଇଁ, ଅଚ୍ୟୁତାନନ୍ଦ ପରିଡ଼ା, ଯଦୁମଣି ବେହେରା, କୀର୍ତ୍ତନ ପାତ୍ର, ପ୍ରଦୀପ ସାମଲ, ଉତ୍ତମ କୁମାର ସ୍ୱାଇଁ, ଦେବରାଜ ଦାସ, ନିରଞ୍ଜନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।


ସମାବେଶରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଅନ୍ୟମାନେ।

# ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଘାଟିତ

**ଫୁଲନଖରା,୨୬।୩(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ଜିଲା କୁରାଙ୍ଗଶାସନଠାରେ ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନିଆଳି ବିଧାୟକ ଛବି ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବକୁ ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ସହିତ ନିକଟସ୍ଥ ପଡ଼ିଆରେ ଶ୍ରୀଜଗନ୍ନାଥଙ୍କ ୨୪ଟି ବେଶ ପ୍ରଦର୍ଶନ କରାଯାଇଥିଲା। କୁରାଙ୍ଗଶାସନଠାରୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିକୁ ଏକ ସୁସଜ୍ଜିତ ରଥରେ ବସାଯାଇ ଶୋଭାଯାତ୍ରାରେ ମହୋତ୍ସବ ପଡିଆରେ ପହଞ୍ଚିଥିଲା। ପରେ ସାଧୁସନ୍ଥମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅମୃତାନନ୍ଦ ମହାରାଜ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଦେଇଥିଲେ।

# 'କ୍ରୀଡ଼ାରେ ଛାତ୍ରୀଛାତ୍ର ଭବିଷ୍ୟତ ଗଢ଼ି ପାରିବେ'

## ଓଟିଏମ୍ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ମଙ୍ଗୁଳି-ଜଗତପୁର,୨୬।୩(ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ଓଟିଏମ୍ ହାଇସ୍କୁଲକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍‌ଶ୍ରୀ ମାନ୍ୟତା ମିଳିଛି। ଏହି ଅବସରରେ ବୁଧବାର ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ଜିତେନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର କେବଳ ପାଠ ନୁହେଁ କ୍ରୀଡ଼ା ଦ୍ୱାରା ମଧ୍ୟ ନିଜର ଭବିଷ୍ୟତ ଗଢିପାରିବେ। ଏଥିରେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଭୀମସେନ ମାହାଲି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ବିଜୟଲକ୍ଷ୍ମୀ ବେହେରା, ସଖାୱାତ ଖାଁ, ଅର୍ଜୁନ ପଣ୍ଡା, ଜାତୀୟ କ୍ରିକେଟ୍ ଖେଳାଳି ବିନୁ ସାହୁ ଯୋଗଦେଇଥିଲେ। ଶିକ୍ଷକ ରବି ନାରାୟଣ ଦାସ ସଭା ପରିଚାଳନା ଓ ଶିକ୍ଷୟିତ୍ରୀ ହେମଲତା ବିଶୋଇ ଧନ୍ୟବାଦ ଦେଇଥିଲେ।

# ସୁରଟରୁ ୫ ଅଭିଯୁକ୍ତ ଗିରଫ

**କଟକ,୨୬।୩(କାର୍ତ୍ତିକ ସାହୁ)**

## କ୍ରିପ୍ଟୋ କରେନ୍ସି ଟ୍ରେଡିଂ ସାଇବର ଠକେଇ ମାମଲା

■ଆଇବିଏମ୍ କମ୍ପାନୀର ସଫ୍ଟୱେର ଡେଭଲପର ପରିଚୟ ଦେଇଥିଲେ


କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିବା ୫ ଅଭିଯୁକ୍ତ।

ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚ ପ୍ରାୟ ୬,୧୬,୩୭,୦୮୪ ଟଙ୍କା ଅନ୍‌ଲାଇନରେ କ୍ରିପ୍ଟୋ କରେନ୍ସି ଟ୍ରେଡିଂ ସାଇବର ଠକେଇ ମାମଲାରେ ଗୁଜରାଟରୁ ୫ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଗୁଜରାଟ ସୁରଟ ଅଞ୍ଚଳର ସେଜଲ ରବିକୁମାର ସଭୟା(୩୨), ସଭୟା ରବି କୁମାନଭାଇ(୩୨), ସଭୟା କୁମାନଭାଇ(୫୮), ପାରସ ଧୀରୁଭାଇ ଜେସାନି(୩୨) ଓ ଧର୍ମେଶ ନାନୁଭାଇ ସଭଲିୟା(୨୬)। ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍‌କାର୍ଡ, ହ୍ୱାଟ୍ସଆପ୍ ଚାଟିଂର ସ୍କ୍ରିନ୍‌ସଟ୍, ଆଧାର କାର୍ଡ, ପାନ୍ କାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ଚେକ୍ ବୁକ୍ ଓ ଡେବିଟ୍ କାର୍ଡ ଆଦି ଜବତ କରାଯାଇଛି।

ସୂଚନାନୁସାରେ, ସାଇବର ଠକେଇର ଶିକାର ହୋଇଥିବା ଗଞ୍ଜାମ ଜିଲା ବ୍ରହ୍ମପୁରର ଜନୈକ ବ୍ୟକ୍ତି ସାଇବର ଥାନାରେ ୨୦୨୪ ଜୁଲାଇ ୯ରେ ଏତଲା ଦେଇଥିଲେ। ଫେସ୍‌ବୁକ୍ ଫ୍ରେଣ୍ଡ ହୋଇ ନିଜକୁ ହଂକରେ ଥିବା ଆଇବିଏମ୍ କମ୍ପାନୀର ସଫ୍ଟୱେର ଡେଭଲପର ଭାବେ ପରିଚୟ ଦେଇ ଅଭିଯୋଗକାରୀଙ୍କୁ ଲୁଟିଥିଲେ ମିସ୍ ସଞ୍ଜନା ଶ୍ରୀନିବାସନ। ସେ ଜେଡ୍‌ଏଆଇଏଫ୍ ପ୍ଲାଟ୍‌ଫର୍ମରେ ଡିଜିଟାଲ କରେନ୍ସି ବିନିଯୋଗ ଜରିଆରେ ଅଧିକ ଲାଭ ପାଇବାର ଲୋଭ ଦେଖାଇଥିଲେ। ଯଦ୍ୱାରା ପୀଡ଼ିତ ବ୍ୟକ୍ତି ୨୦୨୪ମେ' ୨୩ରୁଜୁନ୍୨୪ତାରିଖମଧ୍ୟରେ ସଞ୍ଜନାଙ୍କ ଆକାଉଣ୍ଟକୁ ୬,୧୬,୩୭,୦୮୪ ଟଙ୍କା ଟ୍ରାନ୍ସଫର କରିଦେଇଥିଲେ। ପ୍ରାଥମିକ ଅବସ୍ଥାରେ ବହୁ କ୍ଷତି ହୋଇଥିଲେ ବି ସେ ଅଧିକ ଅର୍ଥ ବିନିଯୋଗ ପାଇଁ ପୀଡ଼ିତଙ୍କୁ ପ୍ରବର୍ତ୍ତାଇଥିଲେ। ପୀଡ଼ିତ ବିନିଯୋଗ କରିଥିବା ଅର୍ଥକୁ ଉଠାଇବାକୁ ଚାହିଁଥିଲେ। ମାତ୍ର ଜେଡ୍‌ଏଆଇଏଫ୍ ଏହି ଉଠାଣ ପାଇଁ ୮୯,୦୦,୦୦୦ ଟଙ୍କା ଅତିରିକ୍ତ ଦେବାକୁ ଦାବି କରିଥିଲା ଏବଂ ଅର୍ଥ ଉଠାଣ ନିମନ୍ତେ ମନା କରିଦେଇଥିଲା। ଫଳରେ ପୀଡ଼ିତ ଜଣକ ସାଇବର ଠକେଇର ଶିକାର ହୋଇଥିବା ହୃଦ୍‌ବୋଧ କରି ଏତଲା ଦାଏର କରିଥିଲେ। ଏନେଇ କ୍ରାଇମ୍‌ବ୍ରାଞ୍ଚରେ ଜିଆର କେସ୍ (ନଂ. ୧୪୩୪/୨୪) ରୁଜୁ ହୋଇଥିଲା। ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଟିମ୍ ବିଭିନ୍ନ ପ୍ରମାଣପତ୍ର ଯୋଗାଡ଼ କରିବା ପରେ ଅଭିଯୁକ୍ତମାନେ ଗୁଜୁରାଟର ବୋଲି ଜାଣିବାକୁ ପାଇଥିଲା। ଗିରଫ ଅଭିଯୁକ୍ତମାନେ ନିଜକୁ ଜେଡ୍‌ଏଆଇଏଫ୍ ଜାପାନ କଷ୍ଟମର ସର୍ଭିସର କର୍ମଚାରୀ ଭାବେ ଅନ୍ୟମାନଙ୍କ ଆଗରେ ଦର୍ଶାଉଥିଲେ। ତେବେ କ୍ରାଇମ୍‌ବ୍ରାଞ୍ଚ ଗୁଜରାଟ ଯାଇ ସେମାନଙ୍କୁ ଗିରଫ କରିବା ପରେ ସୁରଟସ୍ଥିତ ୧୨ତମ ଅତିରିକ୍ତ ସିନିୟର ସିଭିଲ ଜଜ୍ ଆଣ୍ଡ ଏସିଜେଏମ୍ ଅଦାଲତରେ ହାଜର କରାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଓଡ଼ିଶାରେ ପହଞ୍ଚିଛି। ଏନେଇ ଅଧିକ ତଦନ୍ତ କରାଯାଉଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଲୋକମାନଙ୍କୁ ସାମାଜିକ ଗଣମାଧ୍ୟମ ଓ ବିଭିନ୍ନ ଆପ୍‌ରେ ଅର୍ଥ ବିନିଯୋଗ କରି ଅଧିକ ପାଇବାର ଲୋଭରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି। କେହି ଏଭଳି ଠକାମିର ଶିକାର ହେଲେ ତୁରନ୍ତ ନିକଟସ୍ଥ ଥାନାରେ ଜଣାଇବାକୁ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ବିରୋଧରେ ଥାନାଧିକାରୀଙ୍କୁ ଦାବିପତ୍ର

**ଚୌଦ୍ୱାର,୨୬।୩(ଆଶୁତୋଷ ଦାସ)**

ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଦୁର୍ବ୍ୟବହାର କରାଯିବା, ବିନା କାରଣରେ ଲାଇନ୍ କଟିବା ଆଦି ଅଭିଯୋଗ ନେଇ ଟାଙ୍ଗୀ-ଚୌଦ୍ୱାର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ମଞ୍ଚର ପ୍ରତିନିଧିମାନେ ବୁଧବାର ସନ୍ଧ୍ୟାରେ ଆଇଆଇସି ବିଶ୍ୱ ରଞ୍ଜନ ସାହୁଙ୍କୁ ପ୍ରଦାନ କରିଛନ୍ତି। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଗ୍ରୀଷ୍ମଋତୁରେ ମନଇଚ୍ଛା ବିଦ୍ୟୁତ୍ କାଟ୍ କରାଯାଉଛି। ଏପରି କି ଓଟିଏମ୍ ବଜାର ପାଖରେ ରହୁଥିବା ଜଣେ ମହିଳାଙ୍କୁ ଗତ ୨୪ ତାରିଖରେ ବିଦ୍ୟୁତ୍ ବିଲ୍ ଅଦାୟ ନାମରେ ବିଦ୍ୟୁତ୍ ବିଭାଗର ୨ ଜଣ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ତେଣୁ ସେମାନଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ଚାକିରିରୁ ବହିଷ୍କାର ପାଇଁ ଦାବି କରାଯାଇଛି। ମଞ୍ଚର ପ୍ରତିନିଧି ଜୟ ସିଂ, ବିଷ୍ଣୁ ଚରଣ ସାହୁ, ମାନସ କୁମାର ପରିଡ଼ା, ମୋନାଲିସା ଦାସ, ଝୁଲେନ୍ଦ୍ର ନାୟକ, ସୁବାସ ଦଳାଇ, ରମେଶ ନାୟକ, ଗଗନ ସାହୁଙ୍କ ସମେତ ବହୁ ଲୋକ ଥାନାରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ।

## ଫଟୋରେ ଖବର



କଟକ ସିଡିଏସ୍ଥିତ ୱିଣ୍ଡସର ପ୍ଲେସ୍‌ରେ ବୁଧବାର କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ୫୨ତମ ବାର୍ଷିକ ସାଧାରଣ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।



କଟକ ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ କଟକ ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବିଦ୍ୟାଳୟ ହେଉଛି କ୍ରୀଡ଼ାର ଅନ୍ତୁଡ଼ିଶାଳ**

ସାକ୍ଷୀଗୋପାଳ,(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):ବିଦ୍ୟାଳୟ ହେଉଛି କ୍ରୀଡ଼ାର ଅନ୍ତୁଡ଼ିଶାଳ ବୋଲି ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱନାଥପୁର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ ମତ ଦେଇଛନ୍ତି। ବ୍ରାହ୍ମଣପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନ ଶିକ୍ଷକ ଗଦାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଅନ୍ୟତମ ଅତିଥି ବିଶ୍ୱନାଥପୁର ପଞ୍ଚାୟତ ସମିତିସଭ୍ୟ ଜଗନ୍ନାଥ ଷଡ଼ଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ମହାପାତ୍ର, ଶିକ୍ଷକ ପ୍ରଶାନ୍ତ କୁମାର ଜେନା, ପାଟଣାସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମେଶ ସିଂ ଓ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ଡ. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

୧୯୯୮ରେ ପ୍ରଥମ ଥର ପାଇଁ ପାର୍ଲାମେଣ୍ଟ ନିର୍ବାଚନରେ ଲଢ଼ି ଜିତିଥାଏ। ସେହି ସମୟରେ ନବ ନିର୍ବାଚିତ ସାଂସଦମାନଙ୍କୁ ଓଡ଼ିଶା ନିବାସରେ ରହିବା ପାଇଁ ମିଳିଥିଲା। ରାଜ୍ୟରେ ସେତେବେଳେ କଂଗ୍ରେସର ସରକାର ଥାଏ। କଂଗ୍ରେସ ବିରୋଧରେ ଲଢ଼ି ଆମେମାନେ ସବୁ ଯାଇଥିଲୁ। ସେହି ସମୟରେ ବିଜେଡିରୁ ଢେଙ୍କାନାଳ-ଅନୁଗୋଳ ଲୋକ ସଭା ଆସନରୁ ଜିତିକି ଯାଇଥାଏ। ଡକ୍ଟର ଦେବେନ୍ଦ୍ର ପ୍ରଧାନ ମୋର ପଡ଼ୋଶୀ ନିର୍ବାଚନମଣ୍ଡଳୀ ଦେବଗଡ଼ ଲୋକ ସଭା ଆସନରୁ ନିର୍ବାଚିତ ହୋଇ ଯାଇଥାଆନ୍ତି। କଂଗ୍ରେସ ସରକାର ସେତେବେଳେ ଆମମାନଙ୍କୁ ଓଡ଼ିଶା ଭବନରେ ନ ରଖି ଓଡ଼ିଶା ନିବାସରେ ରହିବାକୁ ଦେଇଥିଲେ। ଓଡ଼ିଶା ନିବାସରେ ଯେଉଁ ରୁମ୍ ମିଳିଥିଲା, ସେଠାରେ ଲାଇଟ୍ ସୁଇଚ୍ ୨ରୁ ୩ ଥର ମାରିଲେ ଆଲୁଅ ଜଳୁଥିଲା। ବାଥ୍‌ରୁମ୍‌ରେ ପାଣି ଯାଉ ନ ଥିବା ଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମିତି ଅବସ୍ଥାରେ ସେତେବେଳେ ଓଡ଼ିଶା ନିବାସର ୨ୟ ମହଲାରେ ରଖିଥିଲେ। ସେହି ସମୟରେ ମୁଁ ଡାକ୍ତର ପ୍ରଧାନଙ୍କ କଡ଼ ରୁମ୍‌ରେ ରହୁଥାଏ। ଥରେ ସକାଳୁ ଉଠିବାବେଳକୁ ଦେବେନ୍ଦ୍ରବାବୁ ତାଙ୍କ ରୁମ୍ ବାହାରେ ଠିଆହୋଇଥାଆନ୍ତି। ଓଡ଼ିଶା ନିବାସରେ ସେତେବେଳେ ଆମମାନଙ୍କୁ କିଛି ସର୍ଭିସ୍ ମିଳୁ ନ ଥାଏ। ସେଥିପାଇଁ ଦେବେନ୍ଦ୍ରବାବୁଙ୍କ ଲାଗି ଥରେ ସକାଳ ଜଳଖିଆ ଆଣିବାର ସୌଭାଗ୍ୟ ମିଳିଥିଲା। ଓଡ଼ିଶାରୁ ଜିତିକି ଯିବା ପରେ ମଧ୍ୟ ସେଠାରେ ପର ଲୋକ ଭଳି ରହିଥାଉ, ରାଜ୍ୟ ସରକାରଙ୍କ କୌଣସି ସହଯୋଗ ମିଳୁ ନ ଥାଏ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସେହି ସମୟରେ ଦେବେନ୍ଦ୍ର ପ୍ରଧାନଙ୍କୁ ଅତ୍ୟନ୍ତ ନିଜର ଗୋଟିଏ ଭାଇ ବା ବନ୍ଧୁ ଭାବେ ଦେଖୁଥାଆନ୍ତି। ଦେବେନ୍ଦ୍ର ପ୍ରଧାନଙ୍କୁ ବାଜପେୟୀ କେବଳ ମନ୍ତ୍ରୀ କରିଥିଲେ ତାହା ନୁହେଁ, ଡକ୍ଟର ପ୍ରଧାନଙ୍କ ପାଇଁ ତାଙ୍କର ଯେଉଁ ଶ୍ରଦ୍ଧା ଓ ଭଲପାଇବା ଥିଲା ତାହା ମୁଁ ସ୍ୱଚକ୍ଷୁରେ ଦେଖିଛି। ସେତେବେଳେ ୧୩ ମାସ ପରେ ପୁନର୍ବାର ଯେଉଁ ନିର୍ବାଚନ ହେଲା ଓଡ଼ିଶାର ଜଣେ ଲୋକ, ସେ ଯାଇ ଗୋଟିଏ ଭୋଟ ଦେଲେ ଏବଂ ବାଜପେୟୀ ସରକାରର ପତନ ଘଟିଥିଲା। ୧୯୯୯ରେ ତା'ପରେ ଆଉ ଥରେ ନିର୍ବାଚନ ହେଲା। ସେହି ସମୟରେ ଅଟଳ ବିହାରୀ ବାଜପେୟୀ ଓଡ଼ିଶାକୁ ଦିନଟିଏ ପାଇଁ ପ୍ରଚାର କରିବାକୁ ଆସିଥାଆନ୍ତି। ସେ ତାଙ୍କ ପ୍ରଥମ ମିଟିଂ ଅନୁଗୋଳ(ମୋ ନିର୍ବାଚନମଣ୍ଡଳୀ)ରେ କରିଥିଲେ। ଏହାପରେ ସେଠାରୁ ସେ ତାଳଚେର ଯାଇ ଦେବେନ୍ଦ୍ର ପ୍ରଧାନଙ୍କ ପାଇଁ ପ୍ରଚାର କରିଥିଲେ। ତା'ପରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଆସି ଫେରିଯାଇଥିଲେ। ଓଡ଼ିଶାର ଅନ୍ୟ କୌଣସି ସ୍ଥାନକୁ ସେ ପ୍ରଚାର କରିବାକୁ ଯାଇ ନ ଥିଲେ। ଏହାପରେ ଦେବେନ୍ଦ୍ରବାବୁ ଟେଲିଫୋନ୍ କରି କହିଥିଲେ, ତଥାଗତ ତୁମେ ବହୁତ ଭାଗ୍ୟବାନ୍, ତୁମ ପାଇଁ ବାଜପେୟୀ ଜୀ ଆସିଲେ। ମୁଁ ତାଙ୍କୁ ଉତ୍ତର ଦେଇଥିଲି, ମୋ ପାଇଁ ନୁହେଁ ବାଜପେୟୀ ଜୀ ଆପଣଙ୍କ ଯୋଗୁ ଆସିଥିଲେ ଏବଂ ସହଯୋଗୀ ଦଳ ଭାବେ ମତେ ତାଙ୍କ ଶ୍ରଦ୍ଧା ଦେଲେ।

ଡକ୍ଟର ପ୍ରଧାନଙ୍କ ସହ ବିଶେଷ ଘନିଷ୍ଠ ହେବାର ସୁଯୋଗ ପାଇ ନ ଥିଲି। ତଥାପି ଜଣେ ସାମ୍ବାଦିକ ଭାବେ ତାଙ୍କ ବିଷୟରେ ଯାହା ଜାଣିଛି, ସେଥିରୁ ବୁଝିହେଉଛି ଯେ ତାଙ୍କର ଲିଗାସିକୁ ରକ୍ଷା କରିବାର ଦାୟିତ୍ୱ ଏବେ ଓଡ଼ିଶାର ଭାଜପା ସରକାର ଉପରେ। ରାଜ୍ୟବାସୀଙ୍କ ଆଶାଆକାଂକ୍ଷା ପୂରଣକରିବା ପାଇଁ ଡକ୍ଟର ପ୍ରଧାନଙ୍କ ଇଚ୍ଛାକୁ ସରକାର ସାକାର କରିବେ ବୋଲି ଆମ ସମସ୍ତଙ୍କ ଇଚ୍ଛା।

ତଥାଗତ ସତପଥୀ

# ମଙ୍ଗଳା ନଦୀ ପୁନରୁଦ୍ଧାର ଉପରେ ଗୁରୁତ୍ୱ


ବୈଷୟିକ କମିଟିର ସଦସ୍ୟମାନେ ନଦୀ ଓ ନାଳ ସଂଯୋଗ ସ୍ଥଳ ପରିଦର୍ଶନ କରୁଛନ୍ତି।

**ସ୍ଲୁଇସ୍ ଗେଟ୍ ନିର୍ମାଣ ସହ ରିଭରଫ୍ରଣ୍ଟ ଡେଭ୍‌ଲପମେଣ୍ଟ ପ୍ରୋଜେକ୍ଟରେ ସାମିଲ ପ୍ରସ୍ତାବ**

ପୁରୀ, ୨୬।୩(ଅଜିତ୍ କୁମାର ମହାନ୍ତି)

ମଙ୍ଗଳା ନଦୀ ବୈଷୟିକ କମିଟିର ଶେଷ ବୈଠକ ବୁଧବାର ୱାଟ୍‌କୋ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି କମିଟିର ଅଧ୍ୟକ୍ଷ ମୁଖ୍ୟଯନ୍ତ୍ରୀ ତଥା ଅତିରିକ୍ତ ସଚିବ ଅରବିନ୍ଦ ଜେନା ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ସହଅଧ୍ୟକ୍ଷ ରାଜେଶ ଚନ୍ଦ୍ର ମହାନ୍ତି, ରମାକାନ୍ତ ମଲ୍ଲିକ, ଗିରିଜା ଶଙ୍କର ନାୟକ, ଅମିୟ କୁମାର ସେଠ, ବିକ୍ରମ ରାଉତ ଓ ଭକ୍ତକବି ଦାଶ ପ୍ରମୁଖ ଯୋଗଦେଇ ମଙ୍ଗଳା ନଦୀର ପୁନରୁଦ୍ଧାର ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଜଳଭଣ୍ଡାର ପାଖରେ ଦୁଇଟି ସ୍ଲୁଇସ୍ ଗେଟ୍ ଓ ଗୋଟିଏ ଓଁକାରେଶ୍ୱର ମନ୍ଦିର ପାଖରେ ଗୋଟିଏ ସ୍ଲୁଇସ୍ ଗେଟ୍ କରିବାକୁ ପ୍ରସ୍ତାବ ଦିଆଯାଇଛି। ମୂଷା ନଦୀରୁ ଆସୁଥିବା ବର୍ଜ୍ୟ ଜଳକୁ ପମ୍ପିଙ୍ଗ ମାଧ୍ୟମରେ ଏସ୍‌ଟିପି ସହିତ ସଂଯୋଗ କରିବା ପାଇଁ ୱାଟ୍‌କୋ, ପୁରୀ ଜିଏମ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି। ମଙ୍ଗଳା ନଦୀକୁ ପଶୁଥିବା ବର୍ଜ୍ୟଜଳକୁ ବିଶୋଧନ କରି ନଦୀରେ ଛାଡ଼ିବାର ବ୍ୟବସ୍ଥା କରାଯିବ। ଯେଉଁ ଷ୍ଟପ୍ ସହିତ ୧୨ଟି ନାଳ ପୂର୍ବରୁ ସଂଯୋଗ କରାଯାଇଥିଲା, ତାହାକୁ ବୈଷୟିକ ଟିମ୍ ପରିଦର୍ଶନ କରିଥିଲା। ମଙ୍ଗଳା ନଦୀ ଗ୍ରାମ୍ୟ କୋର୍ଡିନେଶନ କମିଟି ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି ମଙ୍ଗଳା ନଦୀର ଖନନ, ଦଳ ନିଷ୍କାସନ ଓ ମଙ୍ଗଳା ନଦୀକୁ ମହାନଦୀ ଭଳି ରିଭରଫ୍ରଣ୍ଟ ଡେଭ୍‌ଲପମେଣ୍ଟ ପ୍ରୋଜେକ୍ଟରେ ସାମିଲ କରବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ୧୦ ଲକ୍ଷ ଲୋକଙ୍କ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ବୈଠକରେ ଚନ୍ଦନ ବାରିକ, ବିଶ୍ୱମ୍ଭର ଖଟେଇ, ରେବତୀରମଣ ମଲ୍ଲିକ, କାଜଲ ଗୋଛାୟତ ଓ ଲଳିତା ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ଭାଇଚାରା ସୃଷ୍ଟି କରିଥାଏ

ଗୋପ,୨୬।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଖେଳ ବନ୍ଧୁତା ସୃଷ୍ଟି କରିଥିବାବେଳେ ଆମମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ବୁଧବାର ଗୋପ ବ୍ଲକ ଅନ୍ତର୍ଗତ କଣ୍ଟାପଡ଼ା ଠାରେ ୩ଦିନିଆ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନାଲ୍‌କୋର ପୂର୍ବତନ ଅଧ୍ୟକ୍ଷ ତପନ ଚାନ୍ଦ, ସମ୍ମାନିତ ଅତିଥି ଭାବେ ଯୁବନେତା ମନଦୀପ ପାଇକରାୟ, ପବିତ୍ର କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ଶିକ୍ଷାବିତ୍ ଦିନବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସମରସଯୁକ୍ତ ରାଷ୍ଟ୍ରୀୟ ଭାବନା ସୃଷ୍ଟି କରିବା ଲକ୍ଷ୍ୟ

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

ପୁରୀ ନଗରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ଘୋଡ଼ାବଜାର ଠାରେ ରାଷ୍ଟ୍ରବାଦୀ ସାହିତ୍ୟ ସଂଗଠନ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଏକ ବୈଠକ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ହାଲଦାରଙ୍କ ଆବାହାକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ପରିଷଦର କ୍ଷେତ୍ରୀୟ ସଂଗଠନ ସମ୍ପାଦକ ନାରାୟଣ ନାୟକ, ଓଡ଼ିଶାର ରାଜ୍ୟ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ଯୋଗଦେଇ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆବଶ୍ୟକତା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଲୋଚନା ପ୍ରସଙ୍ଗରେ ସାହିତ୍ୟ ସମାଜରେ ଏକ ସମଦର୍ଶୀ, ସମରସଯୁକ୍ତ ରାଷ୍ଟ୍ରୀୟ ଭାବନା ସୃଷ୍ଟି କରିବା ସହିତ ସମାଜ ପାଇଁ ସମର୍ପଣର ଭାବ ସୃଷ୍ଟି କରେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ନୃସିଂହ ଚରଣ ସାହୁ, ପ୍ରାଧ୍ୟାପକ ପ୍ୟାରୀମୋହନ ପଟ୍ଟନାୟକ, ରାଜକିଶୋର ସାହୁ, ଅଧ୍ୟାପକ ପ୍ରଭାତ ରଞ୍ଜନ ମହାପାତ୍ର, ଡ. କଲ୍ୟାଣୀ ନନ୍ଦୀ, ଡ. କେଶବ ଚନ୍ଦ୍ର ପାତ୍ର, ନାରାୟଣ ନନ୍ଦ, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ନର ଧରିତ୍ରୀ**
**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**
metroselfie@gmail.com


@ କ୍ରିତି ରଞ୍ଜନ


@ ପ୍ରକାଶ


@ ଶିବ ପ୍ରସାଦ


@ ସନାତନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୬।୩।୨୦୨୫

| ୬,୮୧,୨୧୪ ଟଙ୍କା | |
|---|---|
| ସୁନା | ୦.୮୫୦ ଗ୍ରାମ୍ |
| ରୁପା | ୧୩୦ ଗ୍ରାମ୍ |

## ସତ୍ୟବାଦୀ ହାଇସ୍କୁଲ୍‌ର ପୂର୍ବତନ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ,୨୬।୩(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଦିବଂଗତ ପୂର୍ବତନ ଶିକ୍ଷକ ସ୍ୱର୍ଗତ ଚନ୍ଦ୍ରଶେଖର ପାଣିଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ର, ଶିକ୍ଷକ ଗୁରୁବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ସ୍ୱର୍ଗତ ଶିକ୍ଷକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶ୍ରଦ୍ଧା ନିବେଦନ କରିଥିଲେ। ୨ ମିନିଟ ନୀରବ ପ୍ରାର୍ଥନା ପରେ ସ୍ମୃତିଚାରଣ କରି ସ୍ୱର୍ଗତ ଶିକ୍ଷକଙ୍କ ଛାତ୍ରବତ୍ସଳ ଗୁଣ, ଉତ୍ତମ ଶିକ୍ଷାଦାନ, ଇଂଲିଶ ଭାଷା ଶିକ୍ଷାରେ ପାରଦର୍ଶିତା ଓ ବିଦ୍ୟାଳୟର ପ୍ରତିଟି କାର୍ଯ୍ୟରେ ସହଯୋଗ ଅବିସ୍ମରଣୀୟ ବୋଲି ଆଲୋଚନା କରାଯାଇଥିଲା।

## 'ରାଜନୀତିରୁ ଊର୍ଦ୍ଧ୍ୱରେ ଥିଲେ ଦେବେନ୍ଦ୍ର'

ପୁରୀ, ୨୬।୩(ଅଜିତ୍ କୁମାର ମହାନ୍ତି)



କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରସ୍ଥିତ ଜୟଦେବ ଅଡିଟୋରିୟମରେ ବୁଧବାର ଶ୍ରୀପତି ବିଦ୍ୟାର୍ଥୀ ଟ୍ରଷ୍ଟ ତରଫରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ଭାଜପା ରାଜ୍ୟ ସଭାପତି ସ୍ୱର୍ଗତ ଡ. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରର ମଠ ମହନ୍ତ, ସାଧୁସନ୍ଥ ଓ ସଙ୍ଗଠକମାନେ ଡା. ପ୍ରଧାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ସଭାରେ ଏବିଭିପିର ରାଜ୍ୟ ଉପସଭାପତି ଡ. ନନ୍ଦିଘୋଷ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଭାରତ ବିକାଶ ପରିଷଦର ଓଡ଼ିଶା ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମଠାଧୀଶ ରାମକୃଷ୍ଣ ଦାସ ମହାରାଜ, ବିଜୟ ରାମାନୁଜ ଦାସ ମହାରାଜ, ରାମ ଚରଣ ଦାସ ମହାରାଜ, ରାଜ୍ୟ ମହିଳା ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଞ୍ଜିତା ପାଢ଼ୀ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଜିଲା ସଭାପତି ଦେବେନ୍ଦ୍ର ତରାଇ, ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଆର୍‌ଏସ୍‌ଏସ୍ କର୍ମୀ ରାଜକିଶୋର ମିଶ୍ର, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ମଧୁସୂଦନ ସିଂହାରୀ ଏବଂ ଦିଗ୍‌ଦର୍ଶନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦ୍ୱାରା ଭଲ ମଣିଷ ଗଢ଼ାଯାଇପାରିବ

ଡେଲାଙ୍ଗ,୨୬।୩(ରଶ୍ମିରଞ୍ଜନ ପ୍ରଧାନ)

**ମୂଲ୍ୟବୋଧ ଶିକ୍ଷା ଆଲୋଚନାଚକ୍ର, କବିତା ପାଠ**

ଶୃଙ୍ଖଳା, ସମୟାନୁବର୍ତ୍ତିତା, ସମ୍ବେଦନଶୀଳତା, ପାରସ୍ପରିକ ଉତ୍ତମ ବୁଝାମଣା ଓ ସହଯୋଗ, ପିତା, ମାତା, ଗୁରୁ ଭକ୍ତି ଏବଂ ମାନବିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦ୍ୱାରା ଭଲ ମଣିଷ ଗଠନ କରାଯାଇପାରିବ ବୋଲି ଡେଲାଙ୍ଗ ଉନ୍ନୀତ ଉପ୍ରା ବିଦ୍ୟାଳୟ ପକ୍ଷରୁ ଆୟୋଜିତ ମୂଲ୍ୟବୋଧ ଶିକ୍ଷା ଆଲୋଚନାଚକ୍ର ଓ କବିତା ପାଠ ସମାବେଶରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପ୍ରାକ୍ତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ପ୍ରିୟପତ୍ର ଓ ଟିକିତାରାର ସମ୍ପାଦକ ବିପିନ ଦଳେଇ, କବୟିତ୍ରୀ ଶୈଳବାଳା ମହାପାତ୍ର, କବି ସନ୍ତୋଷ କୁମାର ମହାନ୍ତି, ଗାନ୍ଧୀବାର୍ତ୍ତା ପ୍ରଚାରକ ଅନାମ ମଲ୍ଲିକ, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ସମ୍ମାନିତ ବକ୍ତା ଭାବେ ମୂଲ୍ୟବୋଧ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ।

ଏହି ଅବସରରେ କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ ଓ କବି ଅଜୟ କୁମାର ବଳିୟାରସିଂହଙ୍କ ସଂଯୋଜନାରେ 'ବିଦ୍ୟା ଦଦାତି ବିନୟଂ' ଶୀର୍ଷକ ସ୍ୱରଚିତ କବିତା ଆବୃତ୍ତି କରାଯାଇଥିଲା। କବି ସୁଦର୍ଶନ ପ୍ରଧାନ, ଗମାତିଆ କବି ଶରତ କୁମାର ମହାପାତ୍ର, ଶୁଭେନ୍ଦୁ କୁମାର ଶତପଥୀ, ବ୍ୟଙ୍ଗ କବି ଗଣେଶ ପ୍ରସାଦ ଓରଫ ଶ୍ରୀମାନ ଗବା, ଶିକ୍ଷକ ଲିଙ୍ଗରାଜ ମହାପାତ୍ର, ପ୍ରଭାତ କୁମାର ସେଠି, ଜିତେନ୍ଦ୍ରନାଥ ପେଣ୍ଠୋଇ, ରୋହିତ କୁମାର ଚମ୍ପତି, ମହେଶ୍ୱର ବେହେରା, ଆଧ୍ୟାତ୍ମିକ ପ୍ରବଚକ ଶରତ କୁମାର ରାଉତ ପ୍ରମୁଖ କବିତା ଆବୃତ୍ତି କରିଥିଲେ। ସମସ୍ତ କବି, କବୟିତ୍ରୀଙ୍କୁ ପ୍ରଂଶସାପତ୍ର ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ, ମାନସ ରଞ୍ଜନ ସ୍ୱାଇଁ, ଟିକେଇ ଦଳେଇ, ସୋମନାଥ ବେହେରା, ଅଜୟ ପ୍ରଧାନ, ଶିକ୍ଷୟିତ୍ରୀ ପପଲିନ ପ୍ରଧାନ, ସତ୍ୟଭାମା ବେହେରା, ରୋଜାଲିନ ମହାରଣା, ପ୍ରିୟତମା ସାହୁ ପ୍ରମୁଖ ସମାବେଶ ପରିଚାଳନାରେ ସହଯୋଗ କରିଥିଲେ।

## 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୨୬।୩(ମମତା ଜେନା)

କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧୀନ ତିରିକଣା ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳଣା' କର୍ମଶାଳା ଓ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଫଜଲୁର୍ ରହମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଧାନସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାହୁ ଯୋଗଦେଇଥିଲେ। କର୍ମଶାଳାରେ ଛାତ୍ରୀଛାତ୍ରମାନେ ଶିକ୍ଷକ ଓ ଅଭିଭାବକଙ୍କ ତତ୍ତ୍ୱାବଧାନରେ ୩ ଦିନ ଧରି ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାର ମାଟି କଣ୍ଢେଇ, ଷଢ଼େଇ ଖେଳଣା, ମୂର୍ତ୍ତି, କାଗଜତିଆରି ଖେଳଣା, ପତାକା, ବର୍ଜ୍ୟବସ୍ତୁରୁ ଡଙ୍ଗା, ନିକିତି, କଲମଷ୍ଟାଣ୍ଡ, ନଡ଼ିଆପତ୍ରରୁ ତିଆରି ଖେଳଣା ଭୋଗେଇ ଓ କତାରୁ ତିଆରି ବିଭିନ୍ନ ଖେଳଣା ପ୍ରଦର୍ଶନ କରିଥିଲେ।

# ନାମଲେଖା ପାଇଁ ନିମନ୍ତ୍ରଣ କଲେ ବିଇଓ

ସାକ୍ଷୀଗୋପାଳ,୨୬।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)


ଶିକ୍ଷାଧିକାରୀ ଭବମ୍ ପ୍ରଧାନ ଜଣେ ଶିଶୁଙ୍କୁ ନାମଲେଖା ପାଇଁ ନିମନ୍ତ୍ରଣ କରୁଛନ୍ତି।

ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି ନୂତନ ଶିକ୍ଷାନୀତି-୨୦୨୦। ଏହି ପରିପ୍ରେକ୍ଷୀରେ ସତ୍ୟବାଦୀ ହାଇସ୍କୁଲରେ ବୁଧବାର ସକାଳ ୮ଟାରେ ଉକ୍ତ ଶିକ୍ଷାଯାତ୍ରା ନିମନ୍ତେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଭବମ୍ ପ୍ରଧାନ ଯୋଗଦେଇ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ଆସିଥିବା ନିମନ୍ତ୍ରଣପତ୍ର ଦେଇ ଜଣେ ଶିଶୁ ଓ ତାଙ୍କ ମା'ଙ୍କୁ ନିମନ୍ତ୍ରଣ ମାଧ୍ୟମରେ ଉତ୍ସାହିତ କରିଥିଲେ। ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ଶିକ୍ଷୟିତ୍ରୀ ତପସ୍ୱିନୀ ତ୍ରିପାଠୀ, ସୌଦାମିନୀ ନାୟକ ଓ ଶିକ୍ଷକ ବସନ୍ତ ସ୍ୱାଇଁ ପ୍ରମୁଖଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଆରମ୍ଭ କରାଯାଉଛି। ବିଦ୍ୟାଳୟରେ ପିଲାଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ମଧ୍ୟ ଅନେକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଶିକ୍ଷାଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ଚନ୍ଦ୍ରଭାଗା ଉଡେନ୍ ରେଷ୍ଟୁରାଣ୍ଟର ପୁନରୁଦ୍ଧାର ହେବ

**ଅନୁଧ୍ୟାନ କଲେ ପର୍ଯ୍ୟଟନ ନିର୍ଦ୍ଦେଶକ**

କୋଣାର୍କ,୨୬।୩(ଜ୍ୟୋତିରାଜ ମହାନ୍ତି)


ସ୍ଥିତି ଅନୁଧ୍ୟାନ କରୁଛନ୍ତି ପର୍ଯ୍ୟଟନ ନିର୍ଦ୍ଦେଶକ ମାନସୀ ମିନ୍ଦଲଙ୍କ ସମେତ ଅନ୍ୟ ଅଧିକାରୀମାନେ।

କୋଣାର୍କରେ ପର୍ଯ୍ୟଟନ ବିଭାଗ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଛି। ଖୁବ୍‌ଶୀଘ୍ର କୋଣାର୍କ ଯାତ୍ରୀନିବାସ, ଗୀତାଞ୍ଜଳି ରେଷ୍ଟୁରାଣ୍ଟ ଓ ଚନ୍ଦ୍ରଭାଗା ଉଡେନ୍ ରେଷ୍ଟୁରାଣ୍ଟର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବୁଧବାର ଅପରାହ୍ଣରେ ପର୍ଯ୍ୟଟନ ନିର୍ଦ୍ଦେଶକ ମାନସୀ ମିନ୍ଦଲ କୋଣାର୍କ ଯାତ୍ରୀନିବାସ, ଗୀତାଞ୍ଜଳୀ ରେଷ୍ଟୁରାଣ୍ଟ ଓ ଚନ୍ଦ୍ରଭାଗା ଉଡେନ ରେଷ୍ଟୁରାଣ୍ଟ ବୁଲି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ଯାତ୍ରୀନିବାସରେ ପହଞ୍ଚି ରେଷ୍ଟୁରାଣ୍ଟ ଓ ବିଭିନ୍ନ ରୁମ ବୁଲି ଦେଖିଥିଲେ। ପରେ ଚନ୍ଦ୍ରଭାଗାରେ ଉଡେନ୍ ରେଷ୍ଟୁରାଣ୍ଟରେ କିଛି ସମୟ ରହି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ସାଧାରଣ ପରିଚାଳକ ଲଲାଟେନ୍ଦୁ ସାହୁ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାରୀ ସେଠୀ, କୋଣାର୍କ ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ସଂଖ୍ୟାଲଘୁଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଉ ପ୍ରଶାସନ'

ପୁରୀ,୨୬।୩(ଅଜିତ୍ କୁମାର ମହାନ୍ତି)

**ଜାତୀୟ ସଂଖ୍ୟାଲଘୁ କମିଶନ ଅଧ୍ୟକ୍ଷଙ୍କ ସମୀକ୍ଷା**

ଜାତୀୟ ସଂଖ୍ୟାଲଘୁ କମିଶନ ଅଧ୍ୟକ୍ଷ ଇକ୍‌ବାଲ୍ ସିଂ ଲାଲପୁରା ବୁଧବାର ପୁରୀ ଜିଲା ଗସ୍ତରେ ଆସି ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିମାନଙ୍କ ସହିତ ସର୍କିଟ ହାଉସ୍‌ରେ ଆଲୋଚନା କରିଛନ୍ତି। ଲାଲପୁରାଙ୍କୁ ଜିଲା ପ୍ରଶାସନ ଏବଂ ଅନ୍ୟ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଲାଲପୁରା କହିଥିଲେ, ଭାରତ ସର୍ବଧର୍ମ ସମନ୍ୱୟର ପ୍ରତୀକ। ତେଣୁ ସବୁ ବର୍ଗର ଲୋକଙ୍କ ସୁରକ୍ଷା, ସମ୍ମାନ ଓ ସହାବସ୍ଥାନ ଜରୁରୀ। ଆମ ଗଣତନ୍ତ୍ରରେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ୍ୟ ହୋଇପାରିଛନ୍ତି। ତେଣୁ ସମସ୍ତଙ୍କୁ ସମାନତା ଆମ ସମ୍ବିଧାନର ମହତ୍ତ୍ୱ। ସଂଖ୍ୟାଲଘୁଙ୍କ ପାଇଁ ହେଉଥିବା ଅତିରିକ୍ତ ଯୋଜନା ବ୍ୟବସ୍ଥାର ସୁବିଧା ସେମାନେ ନେବା ଉଚିତ। ସେମାନଙ୍କ ନିକଟରେ ପ୍ରଶାସନ ସମ୍ପୃକ୍ତ ଯୋଜନା ପହଞ୍ଚାଇବା ସହ ସଚେତନତା ସୃଷ୍ଟି ପାଇଁ ସେ ପରାମର୍ଶ ଦେଇଥିଲେ। ବିଭିନ୍ନ ସମ୍ପ୍ରଦାୟର ପ୍ରତିନିଧିମାନେ ଯୋଗଦେଇ ଉପୁଜୁଥିବା ସମସ୍ୟାର ସମାଧାନ, ଆବଶ୍ୟକତା ପୂରଣ ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଜିଲାରେ ସଂଖ୍ୟାଲଘୁଙ୍କ ସ୍ଥିତି, ସେମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବିଷୟରେ ଅବଗତ କରାଇବା ସହ ପ୍ରଶାସନ ସେମାନଙ୍କ ସହିତ ସବୁ ସମୟରେ ରହିଛି ବୋଲି କହିଥିଲେ। ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଜିଲାରେ ଥିବା ସଂଖ୍ୟାଲଘୁଙ୍କ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏବଂ ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉପଜିଲାପାଳ ରାଜକିଶୋର ଜେନା ଧନ୍ୟବାଦ ଦେଇଥିଲେ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରାଯାଉ

## ବିକ୍ଷୋଭ, ଅନିର୍ଦ୍ଦିଷ୍ଟ କାଳ ଧାରଣା

ଭୁବନେଶ୍ୱର,୨୬।୩ (ସୁଚିସ୍ମିତା ସାହୁ)

ଆଉଟ୍‌ସୋର୍ସିଂ ଉଚ୍ଛେଦ, ଛଟେଇ କର୍ମଚାରୀଙ୍କୁ ନିଯୁକ୍ତି ଆଦି ବିଭିନ୍ନ ଦାବିରେ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ରାଜ୍ୟରେ ସରକାରୀ କାର୍ଯ୍ୟାଳୟଗୁଡିକରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିଲେ ସୁଦ୍ଧା ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ନ କରି ଛଟେଇ କରାଯାଉଛି। ଏହାକୁ ନେଇ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ମାତୃତ୍ୱକାଳୀନ ଛୁଟି, ପ୍ରୋତ୍ସାହନ ରାଶି, ଠିକ୍ ସମୟରେ ଦରମା ଏବଂ ଇଏସ୍‌ଆଇ/ ଇପିଏଫ୍ ଭରଣା କରିବାକୁ ଦାବି କରିଛନ୍ତି। ଏନେଇ ମହାସଂଘର ରାଜ୍ୟ ଅଧ୍ୟକ୍ଷ ପ୍ରଭାତ ମହାନ୍ତି ଓ ସଭାପତି ସଞ୍ଜୟ ପଟ୍ଟନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯେତେବେଳେ ବିରୋଧିଦଳର ମୁଖ୍ୟସଚେତକ ଥିଲେ ସେତେବେଳେ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନବୀନ ସରକାର କରିଥିବା ଅନ୍ୟାୟ ସମ୍ପର୍କରେ ବିଧାନସଭାରେ ଉଠାଉଥିଲେ। ହେଲେ ଏବେ ଆଉଟସୋର୍ସିଂଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯିବ ନାହିଁ ବୋଲି କହୁଛନ୍ତି। ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସବୁଜିଲା ଏବଂ ଅଭିଯୋଗ ପ୍ରକୋଷ୍ଠରେ ଏସମ୍ପର୍କରେ ଜଣାଯାଇଛି। ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ କିଛି ଶୁଣିବା ତ ଦୂରର କଥା ଆବେଦନ ପତ୍ରକୁ ପାଖରେ ବସିଥିବା ଅଧିକାରୀଙ୍କ ହାତକୁ ବଢେଇ ଦେଇ ଦାୟିତ୍ୱ ସାରିଦେଉଛନ୍ତି। ଅସହାୟ କର୍ମଚାରୀଙ୍କୁ ନ୍ୟାୟ ଦେବା କ'ଣ ସରକାରଙ୍କର କର୍ତ୍ତବ୍ୟ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ମାନସିକତା, ପ୍ରଶାସନିକ ଷଡଯନ୍ତ୍ର ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟଶାସନ ସଚିବଙ୍କ ଅବିଚାର ବିରୋଧରେ ନ୍ୟାୟ ପାଇଁ ରାଜ୍ୟର ହଜାର ହଜାର କର୍ମଚାରୀ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିବେ ବୋଲି ଅଧ୍ୟକ୍ଷ ମହାନ୍ତି ଓ ସଭାପତି ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ମହାସଂଘର ରାଜ୍ୟ ମହାସଚିବ ହେମନ୍ତ ବସ୍ତିଆ ଓ ସାଧାରଣ ସମ୍ପାଦକ ମାନସ ଦାଶ କହିଛନ୍ତି, ମଧ୍ୟପ୍ରଦେଶ, ଦିଲ୍ଲୀ ହରିୟାଣା ଭଳି ଭାଜପା ଶାସିତ ରାଜ୍ୟର ଆଉଟସୋର୍ସିଂ କର୍ମଚାରୀଙ୍କୁ ସରକାର ସ୍ଥାୟୀନିଯୁକ୍ତି ଦେଇଛନ୍ତି। ଉତ୍ତରପ୍ରଦେଶ ସରକାର ସମସ୍ତ ଆଉଟସୋର୍ସିଂ ବ୍ୟବସ୍ଥାକୁ ଉଚ୍ଛେଦ କରି ସ୍ଥାୟୀ କର୍ମଚାରୀ ମାନ୍ୟତା ଦେଇଥିବା ବେଳେ ପଶ୍ଚିମବଙ୍ଗ ସରକାର ସର୍ବନିମ୍ନ ଦରମା ୨୬ହଜାରରୁ ୪୬ ହଜାର କରିଛନ୍ତି। ହେଲେ ଓଡିଶା ସରକାର ଦରମା ବୃଦ୍ଧି ଓ ସ୍ଥାୟୀ ନିଯୁକ୍ତି ହେବା ପରିବର୍ତ୍ତେ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେଉନାହାନ୍ତି ବୋଲି ସେମାନେ କହିଛନ୍ତି। ଏହି ଆନ୍ଦୋଳନରେ କର୍ମଚାରୀ ନେତା ବିଜୟ ମଲ୍ଲ, ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ପ୍ରସନ୍ନ ବିଶୋଇ, ଅଶୋକ ପାଇକରାୟ, ପ୍ରତାପ ଦାସ, ସମାଜିକ କର୍ମୀ ସୁଦର୍ଶନ ଦାସ, ମିହିର ନାରାୟଣ ଜେନା, ପ୍ରଶାନ୍ତ ପଟ୍ଟନାୟକ, ସାମ୍ବାଦିକ ସତୀଶ ମିଶ୍ର ଯୋଗ ଦେଇଥିଲେ।



ଆଉଟ୍‌ସୋର୍ସିଂ ଉଚ୍ଛେଦ, ଛଟେଇ କର୍ମଚାରୀଙ୍କୁ ନିଯୁକ୍ତି ଆଦି ବିଭିନ୍ନ ଦାବିରେ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

## ମଙ୍ଗଳବାର ଚାଲିବନି ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ

ଭୁବନେଶ୍ୱର,୨୬।୩ (ଅନୁରାଧା ମହାରଣା)

ଯାତ୍ରୀ ସୁବିଧାକୁ ବୃଦ୍ଧି କରିବା ପାଇଁ ରାଉରକେଲା-ପୁରୀ-ରାଉରକେଲା (୨୦୮୩୫) ଓ ପୁରୀ-ରାଉରକେଲା-ପୁରୀ (୨୦୮୩୬) ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ସେବାସୂଚୀକୁ ସଂଶୋଧନ କରାଯାଇଛି। ଶନିବାର ବ୍ୟତୀତ ପ୍ରତିଦିନ ଚଳାଚଳ କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଏବେ ମଙ୍ଗଳବାର ବ୍ୟତୀତ ପ୍ରତିଦିନ ଚଳାଚଳ କରିବ। ସଂଶୋଧିତ ସେବା ସମୟସୂଚୀ ଅନୁସାରେ, ଜୁନ୍ ୩ରୁ ସାପ୍ତାହିକ ଛୁଟି ଅର୍ଥାତ୍ ମଙ୍ଗଳବାର ଦିନ ଚଳାଚଳ ବନ୍ଦ ରହିବ ଏବଂ ୭ ଜୁନ୍‌ରୁ ଶନିବାର ଦିନ ଚଳାଚଳ ସ୍ୱାଭାବିକ ରହିବ। ତେବେ ଏହି ଟ୍ରେନ ପାଇଁ ସ୍ଥିରୀକୃତ ଷ୍ଟେଶନଗୁଡ଼ିକରେ ଟ୍ରେନର ସମୟ ଓ ରହଣିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଆଦିବାସୀ ଜମି ଦଖଲ କରିଛନ୍ତି ଅଣଆଦିବାସୀ ବ୍ୟବସାୟୀ

ଭୁବନେଶ୍ୱର,୨୬।୩ (ଅନୁରାଧା ମହାରଣା)

ଆୟକର ବିଭାଗର ତଦନ୍ତକାରୀ ଶାଖା(ଇନ୍‌ଭେଷ୍ଟିଗେଶନ ୱିଙ୍ଗ)ର ବେନାମୀ ନିରୋଧୀ ୟୁନିଟ(ବିପିୟୁ) ଅଣଆଦିବାସୀ ବ୍ୟବସାୟୀଙ୍କ ଦ୍ୱାରା ଆଦିବାସୀ ଜମି ଦଖଲ ସମ୍ପର୍କିତ ଏକ ବଡ଼ ଦୁର୍ନୀତିର ତଥ୍ୟ ପ୍ରକାଶ କରିଛି। ତଦନ୍ତରୁ ବିଭାଗ ଜାଣିବାକୁ ପାଇଛି ଯେ, ଅନେକ ଅଣଆଦିବାସୀ ଧନିକ ବ୍ୟକ୍ତି ଆଦିବାସୀଙ୍କ ନାମରେ ଜମି କିଣୁଛନ୍ତି। ଆଇନ ଅନୁଯାୟୀ, ରାଜ୍ୟରେ ଅନୁସୂଚିତ ଜନଜାତିର ଜମି ଅଣ-ଅନୁସୂଚିତ ଜନଜାତିଙ୍କୁ ହସ୍ତାନ୍ତର ଉପରେ ପ୍ରତିବନ୍ଧକ ଏବଂ ନିୟମ ରହିଥିବା ସତ୍ତ୍ୱେ ଏହାର ଖୋଲା ଉଲ୍ଲଙ୍ଘନ କରାଯାଇଛି।

ମିଳିଥିବା ସୂଚନାନୁସାରେ, ଖାରସୁଗୁଡ଼ାର ଜଣେ କୋଲ୍ ଟ୍ରାନ୍ସପୋର୍ଟର ପ୍ରାୟ ୨୫କୋଟି ଟଙ୍କା ମୂଲ୍ୟର ୨୨ଏକର ଅନୁସୂଚିତ ଜନଜାତିଙ୍କ ନାମରେ ଥିବା ଜମିକୁ ଲଳିତ ଭୋଇ, ନବୀନ ଚନ୍ଦ୍ର କୁମୁରା ଏବଂ ଉମ୍ବରୁଧର ନାଏକଙ୍କ ନାମରେ ବେନାମୀ ଖରିଦ କରିଛନ୍ତି। ଏହି ଜମି କିଣାରେ ସମ୍ପୃକ୍ତ କୋଲ୍ ଟ୍ରାନ୍ସପୋର୍ଟର ବିଶେଷ ଲାଭବାନ ହୋଇଛନ୍ତି। ଉକ୍ତ ଜମି କିଣା ପାଇଁ ଦେଇଥିବା ସମସ୍ତ ଟଙ୍କା ଉକ୍ତ କୋଲ୍ ଟ୍ରାନ୍ସପୋର୍ଟରଙ୍କ ସ୍ତ୍ରୀଙ୍କ ବ୍ୟବସାୟିକ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଇଥିବା ଘଟଣାର ଖୋଳତାଡ଼ ପରେ ତଥ୍ୟ ସାମ୍ନାକୁ ଆସିଛି। ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଅଞ୍ଚଳରେ ଏହି ବେନାମୀ ସମ୍ପତ୍ତି, ବେନାମୀ ବ୍ୟାଙ୍କ ଆକାଉଣ୍ଟ ଉକ୍ତ ବ୍ୟବସାୟୀଙ୍କ ଅଧୀନରେ ଥିବା ବିପିୟୁ ୟୁନିଟ ତଦନ୍ତରୁ ଜାଣିବାକୁ ପାଇଛି। ଉକ୍ତ ୨୨ ଏକର ଜମିକୁ ଭୁବନେଶ୍ୱର ବିପିୟୁ ୟୁନିଟର ନିର୍ଦ୍ଦେଶ କ୍ରମେ ପ୍ରୋଭିଜନାଲି ଆଟାଚ୍ କରାଯିବା ସହ ଏହାକୁ କୋଲକାତାସ୍ଥିତ ଆଡ୍‌ଜୁଡିକେଶନ କର୍ତ୍ତୃପକ୍ଷଙ୍କ ନିକଟକୁ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ପଠାଯାଇଛି। ଏହି ସମୟରେ ବିବାଦୀୟ ସମ୍ପତ୍ତି ଅନ୍ୟ କୌଣସି ତୃତୀୟ ପକ୍ଷକୁ ଯେପରି ହସ୍ତାନ୍ତର ନହୁଏ ସେନେଇ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ସବ୍-ରେଜିଷ୍ଟ୍ରାର ଏବଂ ଜିଲା ପ୍ରଶାସନକୁ ସୂଚନା ଦିଆଯାଇଛି।

## ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଜୀବିକା ମିଶନ ଇସି ସଂଘର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୨୬।୩(ସୁଚିସ୍ମିତା ସାହୁ): ପୁନର୍ଗଠନ ପ୍ରକ୍ରିୟାରୁ ଇସି ସଦସ୍ୟଙ୍କୁ ବାଦ୍ ଦେଇ ସ୍କିମ୍ ୱାର୍କର ମାନ୍ୟତା ପ୍ରଦାନ ସହ ୪ ଦଫା ଦାବି ନେଇ ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ଇସି ସଦସ୍ୟମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଦିବାରାତ୍ର ଆନ୍ଦୋଳନ ଚଳାଇଥିଲେ। ମଙ୍ଗଳବାର ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ୨୦ଜଣିଆ ପ୍ରତିନିଧି ମଣ୍ଡଳୀ ବିଧାନସଭା ପରିସରରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠରେ ତାଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଇସି ସଂଘର ଦାବିପତ୍ର ଗ୍ରହଣ କରିବା ସହ ଆଲୋଚନା କରିଥିଲେ। ଓଡ଼ିଶାରେ କାର୍ଯ୍ୟରତ ଜୀବିକା ମିଶନ ଓ ମିଶନ ଶକ୍ତିର କୌଣସି ଇସି ସଦସ୍ୟଙ୍କୁ ବାହାର କରାଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିଦେଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ଝଡ଼ରେ ଧାରଣା ସ୍ଥଳରେ ନ ବସି ଖୁସି ମନରେ ଘରକୁ ଯାଆନ୍ତୁ। ଯେଉଁଭଳି ଇସିମାନେ କାର୍ଯ୍ୟ କରୁଥିଲେ, ସେପରି ବଜାୟ ରଖନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଆଲୋଚନା ସକାରାତ୍ମକ ହୋଇଥିବାରୁ ୭ଦିନ ଧରି ଚାଲିଥିବା ଦିବାରାତ୍ର ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ବୁଧବାର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ବିଧାୟିକା ପ୍ରମିଳା ମଲ୍ଲିକ, ସୁଜାତା ସାହୁ, ସୁବାସିନୀ ଜେନା ଓ ବର୍ଷା ସିଂ ବରିହା ଉପସ୍ଥିତ ଥିବାବେଳେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ସଂଘ ସଭାପତି ଜୟନ୍ତ ଦାସ, ବିଭିନ୍ନ ଜିଲାର ନେତୃତ୍ୱକାରୀ ଇସି ସଦସ୍ୟ ମୀରା ମହାନ୍ତି, ବିଷ୍ଣୁପ୍ରିୟା ଦାସ ପ୍ରମୁଖ ଦାବିପତ୍ର ଉପସ୍ଥାପନ ସହ ଆଲୋଚନା କରିଥିଲେ।




ଚିକିତ୍ସା ସୁବିଧା ସହ ବିଭିନ୍ନ ଦାବି ନେଇ ଓଡ଼ିଶା ଡ୍ୟୁସେନ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏଶନ(ଓଡିଏମ୍‌ଡିଏ) ପକ୍ଷରୁ ବୁଧବାର ବହୁ ଦିବ୍ୟାଙ୍ଗ ପିଲାମାନେ ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ଧାରଣା ଦେଇଛନ୍ତି।

## ବିକ୍ଷୋଭ ନିୟନ୍ତ୍ରଣ ପାଇଁ ୮୦ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର,୨୬।୩ (ସୂର୍ଯ୍ୟକାନ୍ତ ବେହେରା) : କଂଗ୍ରେସ ଦଳ ପକ୍ଷରୁ ଗୁରୁବାର ବିଧାନସଭା ଘେରାଉ କରାଯିବାକୁ ଘୋଷଣା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସହରରେ ଟ୍ରାଫିକ ସମସ୍ୟା ସୃଷ୍ଟି ସହ ଅଶାନ୍ତ ପରିବେଶ ଉପୁଜିବାର ଆଶଙ୍କା ରହିଛି। ତେଣୁ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ୮୦ ପ୍ଲାଟୁନ ପୋର୍ସ ମୁତୟନ କରାଯାଇଛି। ଏହାସହ ୧୦ ପ୍ଲାଟୁନ ମହିଳା ଫୋର୍ସ ମୁତୟନ କରାଯିବ। ଫଳରେ କୌଣସି ବିଶୃଙ୍ଖଳା ଘଟିଲେ ପୋଲିସ ତରଫରୁ ନିୟନ୍ତ୍ରଣ କରାଯାଇ ପାରିବ। ଏପରି କି ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ବୁଧବାର ସୂଚନା ଦେଇଛନ୍ତି। ସେହିପରି ଦଙ୍ଗା ନିୟନ୍ତ୍ରଣ ପାଇଁ ଓଡିଶା ସ୍ୱିଫ୍ଟ ଆକ୍ସନ ଫୋର୍ସ(ଓଏସ୍ଏଏଫ୍) ମଧ୍ୟ ମୁୟତନ ରହିବେ। ଟ୍ରାଫିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାବେଳେ ଟ୍ରାଫିକ ଡିସିପି ଅଫିସରୁ ଏହାକୁ ନିରୀକ୍ଷଣ କରାଯିବ। ଅପରପକ୍ଷେ ବିକ୍ଷୋଭକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଘେରାଉ କରିବାକୁ ଡିସିପି ନିବେଦନ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-03-2025, ତା.20.03.2025ରିଖ

କାର୍ଯ୍ୟର ନାମ: (1)ବାରଙ୍ଗ-ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.182 ପରିବର୍ତ୍ତେ ରେଳବାଇ କି.ମି. 422/6-8 ଠାରେ ସ୍ପାନ (2x36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଏବଂ (2) ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ-ପଲାସା ମେନ୍ ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.263 ପରିବର୍ତ୍ତେ ରେଳବାଇ କି.ମି.532/35-533/1 ଠାରେ ସ୍ପାନ (1x 36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଯୁକ୍ତ ରୋଡ଼ ଓଭର ବ୍ରିଜ୍ (ROB) ନିର୍ମାଣ (କେବଳ ରେଳବାଇ ଅଂଶ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 5442.57 ଲକ୍ଷ, EMD (ଟଙ୍କାରେ): 28,71,300/-, କାର୍ଯ୍ୟ ଶେଷ ହେବା ଅବଧି: 18(ଅଠର)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.04.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ-2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ସଡ଼କ ସୁରକ୍ଷା ପ୍ରକଳ୍ପ/ଭୁବନେଶ୍ୱର
PR-190/CH/24-25

## ଯକ୍ଷ୍ମା ସଚେତନତା ଲାଗି ବେଦାନ୍ତର 'ନିକ୍ଷୟ ମିତ୍ର ବାହନ'

ଭୁବନେଶ୍ୱର,୨୬।୩(ଅନୁରାଧା ମହାରଣା)



ସଚେତନ କରୁଛି 'ନିକ୍ଷୟ ମିତ୍ର ବାହନ'।

ଯକ୍ଷ୍ମା ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ ଓଡ଼ିଶା ପକ୍ଷରୁ ସୁନ୍ଦରଗଡ଼ ଜିଲାରେ ଯକ୍ଷ୍ମା (ଟିବି) ଉପରେ ଏକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଇତିମଧ୍ୟରେ ଏହି ଅଭିଯାନ ୪୫୦୦ରୁ ଅଧିକ ବାସିନ୍ଦାଙ୍କ ନିକଟରେ ପହଞ୍ଚିଛି। ଏନେଇ ଅଧିକ ସଚେତନତା ସୃଷ୍ଟି ଲାଗି ବିଲେଇମୁଣ୍ଡା ଗାଁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ 'ନିକ୍ଷୟ ମିତ୍ର ବାହନ' ନାମକ ଏକ ଯକ୍ଷ୍ମା ସଚେତନତା ଯାନର ଶୁଭାରମ୍ଭ କରାଯାଇଛି। ଏହି ସଚେତନତା ଅଭିଯାନରେ ଜାମଖାନୀ ଏବଂ ଘୋଘରପଲ୍ଲୀ ଖଣି ଅଞ୍ଚଳ ସମେତ ହେମଗିର ବ୍ଲକର ଆଖପାଖ ଗ୍ରାମରେ ଯକ୍ଷ୍ମା ଏବଂ ଏହାର ଚିକିତ୍ସା ଉପରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ପ୍ରସ୍ତୁତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହାବ୍ୟତୀତ କମ୍ପାନୀର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମ୍‌ଏଚ୍‌ୟୁ) ଯକ୍ଷ୍ମା ଉପରେ ସଚେତନତା ଅଧିବେଶନ ଆୟୋଜନ କରିଥିଲା। ଶୀଘ୍ର ରୋଗ ଚିହ୍ନଟ, ନିରାକରଣ, ପୁଷ୍ଟିକର ମାର୍ଗଦର୍ଶନ ଏବଂ ଉପଲବ୍ଧ ସରକାରୀ ସୁବିଧାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ବେଦାନ୍ତ ସୁନ୍ଦରଗଡ଼ ଜିଲାର ୬୩ଜଣ ଯକ୍ଷ୍ମା ରୋଗୀଙ୍କୁ ବର୍ଷସାରା ପୁଷ୍ଟିକର କିଟ୍ ସହାୟତା ପ୍ରଦାନ କରିବାକୁ ଯୋଜନା ରଖିଛି। କାର୍ଯ୍ୟକ୍ରମରେ କୋଇଲା ଖଣିର ସିଇଓ ଡାଭିଡ୍ ଷ୍ଟୋନ କହିଲେ, ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଜରିଆରେ ଆମେ ଗୋଷ୍ଠୀ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛୁ। ବିଲେଇମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)ର ଚିକିତ୍ସା ଅଧିକାରୀ ଡାକ୍ତର ଅଭିଲାଷ ସାହୁ କହିଛନ୍ତି, ବେଦାନ୍ତ ଆଲୁମିନିୟମର ଯକ୍ଷ୍ମା ସଚେତନତା ଅଭିଯାନ ଯକ୍ଷ୍ମାର ଶୀଘ୍ର ନିରାକରଣ ଏବଂ ଚିକିତ୍ସା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

**DISTRICT EDUCATION OFFICE, NABARANGPUR**
PHONE NO.06858-295390
E-mail : deonabarangpur23@gmail.com, mdm.ngp@gmail.com
No. 1705/S&ME (MDM)-06/VII/2025 Dated: 26.03.2025

**ADDENDUM**

It is hereby informed to all concerned that, the following one additional term is added to the Terms and Conditions of the Tender Call Notice No.1502 dtd.11.03.2025 for selection of Transport Contractor for all blocks of Nabarangpur District for supply of food grains for the FY 2025-26 under PM POSHAN (MDM) Scheme;

**1(ix). The tenderer should not be a Rice Miller / OSCSC Ltd H&T contractor Level- 1 & Level-2. An affidavit to this effect sworn before the Executive Magistrate or the Notary along with Non-involvement and non-pendency of any criminal offences and also about No-Government -Dues pending against him must be enclosed with the tender paper.**

Further the last date of receipt of tender paper is hereby extended to 10.04.2025 and opening of the tender is scheduled to be fixed on 11.04.2025 at 10.A.M. at Collectorate, Nabarangpur. Other terms and conditions of tender papers remain unchanged.

Sd./- Collector & District Magistrate, Nabarangpur

**Tender Call Notice**

**PANCHAYAT SAMITI, MANESWAR, DIST. - SAMBALPUR**
**BID IDENTIFICATION NO. 01 PS/MAN/02/2025-26**
**No. 562 Dtd. 25.03.2025**

The Block Development Officer, Maneswar on behalf of Governor of Odisha invites Percentage Rate bids in single cover system for the execution of works as detailed in the following table.

| Sl. No. | Name of the Work | Value of work put to Tender (without GST) | Period of Completion | Class of Contractor | Bid Security @1% (Rs) | Cost of bid document with labour charges |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day sub centre building Sindurpank | 3667759.00 | 09 (Nine) Calendar months | B & C class | 36678.00 | Rs.6500.00 |

The sale of the Bid documents shall start from **Dt.27.03.2025 at 11.00 A.M. and close on Dt.04.04.2025 at 03.00 P.M.** Bids shall be received by this office up to **05.00 P.M.** of **05.04.2025** through Registered Post/Speed Post only. The authorization date will be extended when the postal department is closed. **Date & Time of opening 05.04.2025 at 11.00 A.M. Details available in DTCN. Website Address http://sambalpur.odisha.gov.in**

**N.B. : The intending bidders who have defulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work.**

The undersigned reserves the right to reject any or all bids without assigning any reasons thereof.

Sd./- Block Development Officer
Maneswar

# ଅସ୍ଥିରତାର ଭୂମି ଉପରେ କବି ବାସ୍ତବର ଯାଦୁ ଦେଖାଏ

## 'ହୃଷୀକେଶ କବିତା ସନ୍ଧ୍ୟା'

ଭୁବନେଶ୍ୱର,୨୬।୩ (ସୌମ୍ୟରଞ୍ଜନ ରାଉତ)




'ହୃଷୀକେଶ କବିତା ସନ୍ଧ୍ୟା'ରେ କବି ଅଶୋକ ବାଜପେୟୀଙ୍କ ଅନ୍ୟ ଅତିଥିମାନେ।

ୱାର୍ଲଡ ଓଡ଼ିଶା ସୋସାଇଟି ପକ୍ଷରୁ 'ହୃଷୀକେଶ କବିତା ସନ୍ଧ୍ୟା' ପ୍ରେସ କ୍ଲବ୍ ଅଫ ଇଣ୍ଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷାରେ ଚାଳିଶଟିରୁ ଉର୍ଦ୍ଧ୍ୱ ପୁସ୍ତକର ରଚୟିତା ହୃଷୀକେଶ ମଲ୍ଲିକଙ୍କର ନିର୍ବାଚିତ କବିତାଗୁଡିକୁ ଇଂଲିଶ, ହିନ୍ଦୀ, ବଙ୍ଗଳା ଏବଂ କନ୍ନଡ଼ ଭାଷାରେ ଅନୁବାଦ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଅଶୋକ ବାଜପେୟୀ ଯୋଗଦେଇ କହିଲେ, ହୃଷୀକେଶ ମଲ୍ଲିକ ଜଣେ ଦୂରଦୃଷ୍ଟି ସମ୍ପନ୍ନ, ବିସ୍ତୃତ ଦିଗନ୍ତର କବି, ଯାହାଙ୍କର ମନୋଯୋଗ କବିତାରେ ସଦା ଜାଗ୍ରତ ଥାଏ। ତାଙ୍କ କବିତା ସୃଷ୍ଟିରେ ଆଖପାଖର ଚିହ୍ନା ମଣିଷ ଓ କାଳ୍ପନିକ ଚରିତ୍ରମାନେ ଖୁବ୍ ନିକଟରୁ ଧରା ଦିଅନ୍ତି। ଭାରତୀୟ କବିତା ଜଗତରେ ମଲ୍ଲିକ ଜଣେ ପ୍ରଜ୍ଞାଦୀପ୍ତ, କଳାତ୍ମକ ସାମର୍ଥ୍ୟରେ ପରିପୂର୍ଣ୍ଣ ଗଭୀର ଅନ୍ତର୍ବୋଧର କବି ବୋଲି ବାଜପେୟୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପୂର୍ବତନ ପ୍ରାଧ୍ୟାପକ ସୁମନ୍ୟୁ ଶତପଥୀ, ଜବାହାରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ପ୍ରାଧ୍ୟାପକ ଦେବେନ୍ଦ୍ର ଚୌବେ, ଓଡ଼ିଆ ଶିକ୍ଷା ବିଭାଗ ଚେୟାରର ପ୍ରଫେସର ଉଦୟନାଥ ସାହୁ, ପ୍ରସିଦ୍ଧ କୁଟନୀତିଜ୍ଞ ତଥା କବି ଅମରେନ୍ଦ୍ର ଖଟୁଆ, ଖ୍ୟାତନାମା କବୟିତ୍ରୀ ମନ୍ଦିରା ଘୋଷ ପ୍ରମୁଖ ହୃଷୀକେଶ ମଲ୍ଲିକଙ୍କ ସୃଜନଶୀଳତାର ଶ୍ରେଷ୍ଠତା ଓ ସ୍ୱାତନ୍ତ୍ରତାର ପ୍ରଶଂସା କରିଥିଲେ। କବି ମଲ୍ଲିକ ତାଙ୍କ ଭାଷଣରେ ଆଜିର କବି ପେଣ୍ଡୁ ଉପରେ ଖେଳ ଦେଖାଉଥିବା ସର୍କସର କଳାକାର ସଦୃଶ ବୋଲି କହିଥିଲେ। ଅସ୍ଥିରତାର ଭୂମି ଉପରେ ସେ ବାସ୍ତବର ଯାଦୁ ଦେଖାଇଥାଏ ବୋଲି ମଲ୍ଲିକ ଦର୍ଶାଇଥିଲେ। ମୋ କବିତାର ଗୁରୁ ସେଇ ପଡ଼ୋଶୀ, ଯିଏକି ସକାଳୁ ସଞ୍ଜ ମୁଠେ ଭାତ ଓ ଟିକେ ଖୁସି ପାଇଁ ବ୍ୟବସ୍ଥା ସହିତ ନିୟମିତ ଭାବେ ଲଢ଼େଇ କରିଥାଏ ବୋଲି ମଲ୍ଲିକ ମତବ୍ୟକ୍ତ କରିଥିଲେ। ୱାଓସୋ କର୍ମକର୍ତ୍ତା ତଥା ମହିଳା ଶାଖା ଉପସଭାପତି ରୀତା ପାତ୍ର, ସାଧାରଣ ସମ୍ପାଦିକା ପୁଷ୍ପାଞ୍ଜଳି ବାରିକ, କାବେରୀ ବେହେରା, ନୂଆଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ର ଶାଖାର ସାଧାରଣ ସମ୍ପାଦକ ଜ୍ଞାନ ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

अल्पकालीन ई–निविदा आमंत्रण सूचना संख्या – EE/RDSD/LATEHAR/25/2024-25

1. कार्य की विस्तृत विवरणीः

| क्र० सं० | कार्य का नाम | परिमान विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार पंचायत भुसूर में जिलास्तरीय पुस्तकालय का निर्माण। | 4,77,72,074 | 9,55,500 | 10000 | 12 माह |

2. वेबसाइट में निविदा प्रकाशन की तिथि – 07.04.2025
3. ई–निविदा प्राप्ति की तिथि एवं समय– दिनांक 07.04.2025 से दिनांक 21.04.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –23.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.349259 Rural Development(24-25):D

# ଡ୍ରାଇଭରଙ୍କ ସମେତ ୩ କୋର୍ଟ ଚାଲାଣ

**କଟକ,୨୬ା୩(କାର୍ତ୍ତିକ ସାହୁ):**

## ବ୍ୟବସାୟୀଙ୍କଠାରୁ ୫ ଲକ୍ଷ ଟଙ୍କା ଲୁଟ୍ ଘଟଣା

ବାଦାମବାଡ଼ି ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରୁ ୫ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଗନ୍ଦିଆ ଥାନା ଅନ୍ତର୍ଗତ ଲତାଦେଇପୁର ଗ୍ରାମର ମଣ୍ଟୁ ଓରଫ ସଞ୍ଜୟ ମଲ୍ଲିକ, ପପୁ ଓରଫ ବିକାଶ ମଲ୍ଲିକ ଓ ଶେଷ ଓରଫ ସୁଶାନ୍ତ ମଲ୍ଲିକ। ସେମାନଙ୍କ ନିକଟରୁ ୨,୮୦,୯୨୦ ଟଙ୍କା, ୪ଟି ମୋବାଇଲ ଫୋନ୍, ଲୁହା ମାରଣାସ୍ତ୍ର, ଖେଳଣା ବନ୍ଧୁକ ଓ ଅପରାଧରେ ବ୍ୟବହୃତ ବାଇକ୍ ଜବତ କରାଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ମଣ୍ଟୁ ଅଭିଯୋଗକାରୀଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସେ ହିଁ ଏହି ଲୁଟ୍ ଘଟଣାର ମୁଖ୍ୟ ସୂତ୍ରଧର ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନାନୁସାରେ, ବାଦାମବାଡ଼ି ଅଞ୍ଚଳର କୌସ୍ତୁଭ ଆପାର୍ଟମେଣ୍ଟରେ ରହୁଥିବା ନିରଞ୍ଜନ ଗୋଏଙ୍କା ମାଲଗୋଦାମରେ ଜଣେ ହୋଲ୍‌ସେଲ୍ ବ୍ୟବସାୟୀ। ସୋମବାର ରାତି ୮ଟାରେ ସେ ମାଲଗୋଦାମରୁ ବ୍ୟବସାୟ ସାରି ନିଜ ଘରକୁ ଫେରୁଥିଲେ। ସେ ରହୁଥିବା ଆପାର୍ଟମେଣ୍ଟ ଆଗରେ କାର୍ ରଖି ଡ୍ରାଇଭରଙ୍କ ସହିତ ପ୍ରଥମ ମହଲାକୁ ପାହାଚ ଚଢୁଥିଲେ। ଏହି ସମୟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ତାଙ୍କ ମୁଣ୍ଡ ଓ ଶରୀରର ଅନ୍ୟାନ୍ୟ ଅଂଶକୁ ବାଡ଼େଇଥିଲେ। ଏଥିସହ ତାଙ୍କ ଡ୍ରାଇଭର ହାତରେ ଧରିଥିବା ଟଙ୍କା ଥଳିକୁ ଛଡ଼ାଇ ନେଇ ବାଇକ୍‌ରେ ପଳାଇ ଯାଇଥିଲେ। ସେହି ଥଳିରେ ୪/୫ ଲକ୍ଷ ଟଙ୍କା, ଏକ ମୋବାଇଲ ଫୋନ୍, ଗୋଦାମ ଚାବି ରହିଥିବା ସେ ଏତଲାରେ ଦର୍ଶାଇଥିଲେ। ଏନେଇ ବାଦାମବାଡ଼ି ଥାନାରେ ଏକ ମାମଲା (ନଂ. ୧୧୬/୨୫) ରୁଜୁ ହେବା ପରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ୍ ତଦନ୍ତ ଆରମ୍ଭ କରିଥିଲା।

ଜୋନ୍-୬ ଏସିପି ଅଶୋକ କୁମାର ଗିରି, ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ବାଦାମବାଡ଼ି ଆଇଆଇସି ଅଜୟ କୁମାର ରାଉଳ, ଜଗତ୍‌ପୁର ଆଇଆଇସି ଅନିରୁଦ୍ଧ ନାୟକ, କ୍ୟାଣ୍ଟନମେଣ୍ଟ ଆଇଆଇସି ଯତୀନ୍ଦ୍ର ସେଠୀ, ମଙ୍ଗଳାବାଗ ଆଇଆଇସି ଉମାକାନ୍ତ ସାହୁଙ୍କ ସମେତ ବହୁ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ତଦନ୍ତବେଳେ ସହରର ବିଭିନ୍ନ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଘଟଣା ଘଟିବା ପରେ ମଣ୍ଟୁଙ୍କ ହାବଭାବ ଉପରେ ସନ୍ଦେହ ହୋଇଥିଲା। ମଣ୍ଟୁ ଭଲ ଭାବରେ ଜାଣିଥିଲେ ପ୍ରତିଦିନ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ହେବା ପରେ ତାଙ୍କ ମାଲିକ ବହୁ ପରିମାଣର ଅର୍ଥ ସାଙ୍ଗରେ ନେଇ ଘରକୁ ଫେରନ୍ତି। ସହଜରେ ଟଙ୍କା ହାତେଇବାର ଉଦ୍ଦେଶ୍ୟ ରଖି ତାଙ୍କ ଗ୍ରାମର ଅନ୍ୟ ୨ ଜଣଙ୍କୁ ସାମିଲ କରି ଲୁଟ୍ ଯୋଜନା ପ୍ରସ୍ତୁତ କରିଥିଲେ। ଏମାନେ ପୂର୍ବରୁ ଅର୍ଥାତ୍ ଗତ ଫେବୃୟାରୀ ୩ ତାରିଖରେ ଲୁଟ୍ ଉଦ୍ୟମ କରିଥିଲେ। ମାତ୍ର ଅଭିଯୋଗକାରୀ ସଚେତନ ହୋଇଯିବାରୁ ଯୋଜନା ଫଳପ୍ରଦ ହୋଇପାରି ନ ଥିଲା। ଶେଷରେ ସୋମବାର ବିକାଶ ଓ ସୁଶାନ୍ତ ଢେଙ୍କାନାଳରୁ ବାଇକ୍‌ରେ ଆସି ଆପାର୍ଟମେଣ୍ଟ ନିକଟରେ ପହଞ୍ଚିଥିଲେ। ପୂର୍ବ ଯୋଜନା ଅନୁସାରେ ଡ୍ରାଇଭର ସଞ୍ଜୟ ମାଲଗୋଦାମରୁ ଗାଡ଼ି ଛାଡ଼ିବା କ୍ଷଣି ଅନ୍ୟ ୨ ଜଣ ଅଭିଯୁକ୍ତଙ୍କୁ ଜଣାଇଥିଲେ। ଅଭିଯୋଗକାରୀ କାରରେ ଆସି ଆପାର୍ଟମେଣ୍ଟ ସମ୍ମୁଖରେ ପହଞ୍ଚିବା ମାତ୍ରେ ବିକାଶ ଦେଢ଼ମାସ ତଳେ ଆମାଜନରୁ କିଣିଥିବା ଖେଳଣା ବନ୍ଧୁକ ଦେଖାଇ ଡରାଇଥିଲେ। ଅଭିଯୋଗକାରୀ ପାହାଚ ଚଢୁଥିବାବେଳେ ଦୁହେଁ ତାଙ୍କୁ ଆକ୍ରମଣ କରିଥିଲେ। ହେଲେ ପୋଲିସ ଦଳ ଅତ୍ୟନ୍ତ ଦକ୍ଷତାର ସହ ତଦନ୍ତ କରି ଘଟଣାର ପର୍ଦ୍ଦାଫାସ କରିଥିବା ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି।


ଜବତ ଟଙ୍କା, ମୋବାଇଲ, ଖେଳନା ବନ୍ଧୁକ ଓ ଗିରଫ ୩ ଅଭିଯୁକ୍ତ ।

# ୟୁବିଆଇ କଟକ କ୍ଷେତ୍ର ପକ୍ଷରୁ ୱାକାଥନ୍


ୱାକାଥନ୍‌ରେ ବ୍ୟାଙ୍କ କର୍ମଚାରୀ ଓ ଅନ୍ୟମାନେ ସାମିଲ ହୋଇଛନ୍ତି ।

**ଭୁବନେଶ୍ୱର,୨୬ା୩(ଅଭୟ ଦାଶ):** ଦେଶରେ ମହିଳାମାନଙ୍କର ବିକାଶ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ପକ୍ଷରୁ 'ଏମ୍‌ପାୱାର ହର' ଶୀର୍ଷକ ଫ୍ଲାଗ୍‌ସିପ୍ ବ୍ୟାନରରେ ଦୀର୍ଘ ଏକ ମାସବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। କ୍ଷେତ୍ରୀୟ କାର୍ଯ୍ୟାଳୟ କଟକ ପକ୍ଷରୁ କଟକ ସହରରେ ଥିବା ଏହାର ବିଭିନ୍ନ ଶାଖାମାନଙ୍କ ଦ୍ୱାରା ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ଅବସରରେ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟରେ ମହିଳା ଗ୍ରାହକ ଏବଂ ମହିଳା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ କୁମଣ୍ଡ, ମଣିପୁର, ବାରୋ, ଜୟନଗର ଆଦି ସ୍ଥାନରେ ମହିଳାମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ସିଏସ୍ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କଟକସ୍ଥିତ ଦୟାଶ୍ରମରେ ଅନ୍ତେବାସୀଙ୍କୁ ୨ଟି ଏସି ପ୍ରଦାନ କରାଯାଇଥିଲା।

# ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ

## ସ୍ୱପ୍ନେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟ

**ବାଙ୍କୀ, ୨୬ା୩( ଶୁଭେନ୍ଦୁ ମହାପାତ୍ର )**

ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ରତାଗଡ଼ ସ୍ୱପ୍ନେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟରେ ଆମ ସଂସ୍କୃତି ଓ ଆମ ଖେଳନା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ୭୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ସିଂ, ପ୍ରଧାନଶିକ୍ଷକ ଶୈଳ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବନ୍ଦନା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧୮ ଜଣ କୃତୀ ପିଲାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଡ.ସୁକାନ୍ତଙ୍କୁ ଶ୍ରେଷ୍ଠ ଅଧ୍ୟାପକ ପୁରସ୍କାର ସମ୍ମାନ

**ବାଙ୍କୀ,୨୬ା୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମପଞ୍ଚାୟତସ୍ଥ ରାମଚନ୍ଦ୍ରପୁର ଗାଁ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ଡ. ସୁକାନ୍ତ କୁମାର ପ୍ରଧାନ ଅରୁଣାଚଳ ପ୍ରଦେଶ ସରକାରଙ୍କଠାରୁ ଶ୍ରେଷ୍ଠ ଅଧ୍ୟାପକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

ସୂଚନାଯୋଗ୍ୟ, ଡ. ପ୍ରଧାନ ସମ୍ପ୍ରତି ଅରୁଣାଚଳପ୍ରଦେଶର ଇନ୍ଦିରା ଗାନ୍ଧୀ ସରକାରୀ ମହାବିଦ୍ୟାଳୟ ତେଜୁରେ ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ। ସେ ଜଣେ ଦକ୍ଷ ଅଧ୍ୟାପକ ଭାବେ ଅରୁଣାଚଳପ୍ରଦେଶ ସରକାରଙ୍କଠାରୁ ଚଳିତବର୍ଷ ଶ୍ରେଷ୍ଠ ରାଜ୍ୟପାଳ ଶିକ୍ଷକ ସମ୍ମାନ ଆକାରରେ ରାଜ୍ୟପାଳ କେ.ଟି. ପଟ୍ଟନାୟକଙ୍କଠାରୁ ଟ୍ରଫି ଗ୍ରହଣ କରିଛନ୍ତି। ଇଟାନଗରଠାରେ ଆୟୋଜିତ ଉତ୍ସବରେ ଅରୁଣାଚଳପ୍ରଦେଶର ଶିକ୍ଷାମନ୍ତ୍ରୀ ପ୍ରସଙ୍ଗ ଦର୍ଜିସୋନା ଓ ଯୁଗ୍ମଶିକ୍ଷା ନିର୍ଦ୍ଦେଶକ ବନକ୍ୱେଟ୍ ହଲ୍ ଉପସ୍ଥିତ ଥିଲେ। ଏତାଦୃଶ ସଫଳତା ପାଇଁ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବାଙ୍କୀ କଲେଜ ପରିଚାଳନା କମିଟି ସଦସ୍ୟ ସମରେନ୍ଦ୍ର ମହାପାତ୍ର ଓ ବାଙ୍କୀ କଲେଜ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ମହାପାତ୍ର ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଇଛନ୍ତି। ଡ. ପ୍ରଧାନ ନିଜ ଗ୍ରାମ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର ଥିଲେ। ପରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗରେ ପାଠ ଶେଷ କଲାପରେ ରେଭେନ୍‌ଶା ମହାବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ।

# ୧୦ରେ ଶିଶୁଭବନ ମୁଖ୍ୟ ଫାଟକ ଖୋଲିବ

## ସମସ୍ତ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ, ଏସ୍‌ସିବି କୁଳସଚିବ

**କଟକ,୨୬ା୩(ଶିକ୍ସା ପ୍ରିୟଦର୍ଶିନୀ):**

କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ବୁଧବାର ଶିଶୁଭବନର ନୂତନ କୋଠା ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଅଶ୍ୱିନ୍ତି. ଏସ୍ ମଙ୍ଗଳବାର ସନ୍ଧ୍ୟାରେ ଶିଶୁଭବନ ଗସ୍ତ କରି ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ସମସ୍ତ ବିଷୟରେ ଆଲୋଚନା କରିଥିଲେ। ବୁଧବାର ପୂର୍ବାହ୍ନରେ ଜିଲାପାଳ ସିନ୍ଦେ, ଏସ୍‌ସିବି ମେଡିକାଲର କୁଳସଚିବ ସୁବାସ ରାଏଙ୍କ ସମେତ ଶିଶୁଭବନ କର୍ତ୍ତୃପକ୍ଷ, ସମସ୍ତ ବିଭାଗୀୟ ଅଧିକାରୀ ଶିଶୁଭବନ ଗସ୍ତକରି ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହିତ ଅଧା ରହିଥିବା କାର୍ଯ୍ୟଗୁଡ଼ିକୁ ବୁଲି ଦେଖିଥିଲେ। କିଛିଦିନ ତଳେ ଶିଶୁଭବନରେ ଅବ୍ୟବସ୍ଥା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଭଳି ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜିଲାପାଳ ସିନ୍ଦେ କହିଛନ୍ତି, ସ୍ୱାସ୍ଥ୍ୟ ସଚିବ ମେଡିକାଲ ଗସ୍ତକରି ସମସ୍ତ ବ୍ୟବସ୍ଥା ଓ ଅବ୍ୟବସ୍ଥା ସମ୍ପର୍କରେ ବୁଝିବା ସହ ବିଭିନ୍ନ ବିଷୟରେ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ମେଡିକାଲରେ ଡାକ୍ତର, ନର୍ସ ଓ କର୍ମଚାରୀ ନିଯୁକ୍ତି ପାଇଁ ଏକ ତାଲିକା ମେଡିକାଲ ପକ୍ଷରୁ ସ୍ୱାସ୍ଥ୍ୟ ସଚିବଙ୍କୁ ଦିଆଯାଇଥିଲା। ଆସନ୍ତା ଏପ୍ରିଲ ୧୦ରେ ଶିଶୁଭବନର ମୁଖ୍ୟ ଫାଟକ ଖୋଲାଯିବ। ସେହିପରି କମ୍ ସମୟ ମଧ୍ୟରେ କୋଠାର ସମସ୍ତ ମହଲା କାର୍ଯ୍ୟକାରୀ କରି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଶିଶୁଭବନର ନୂତନ ଜି+୬ କୋଠା ଗତ ଫେବୃଆରୀରେ କାର୍ଯ୍ୟକ୍ଷମ ହୋଇଥିଲା। ଏବେ ଉକ୍ତ କୋଠାର ପଞ୍ଚମ ମହଲାରେ ପ୍ରଶାସନିକ ବ୍ଲକ, ଗ୍ରାଉଣ୍ଡ୍ ଫ୍ଲୋରରେ ଭେଷଜ ଓ ସର୍ଜରି ବହିଃ ବିଭାଗ, ତୃତୀୟ ମହଲାରେ ଭେଷଜ ୱାର୍ଡ ଖୋଲାଯାଇଛି। ଆଗାମୀ ଦିନରେ ଦ୍ୱିତୀୟ ମହଲାର ୩୪୭୦ ବର୍ଗଫୁଟ୍ ଜାଗାରେ ୧୫ ଶଯ୍ୟା ବିଶିଷ୍ଟ ପିଆଇସିୟୁ, ୪୦ ଏନ୍ଆଇସିୟୁ, ୧୧ ଶଯ୍ୟା ବିଶିଷ୍ଟ କଙ୍ଗାରୁ ମଦର କେୟାର ୱାର୍ଡ(କେଏମ୍‌ସି) ଖୋଲିବ। ଏଥିସହ ୬ ଶଯ୍ୟା ବିଶିଷ୍ଟ ଏକ ଫିଡିଂ ପ୍ରକୋଷ୍ଠ ଉପଲବ୍ଧ ରହିବ। ସେହିପରି ତୃତୀୟ ମହଲାରେ ୨୦୦ ଶଯ୍ୟା ବିଶିଷ୍ଟ ନ୍ୟୁବର୍ଣ୍ଣ ୟୁନିଟ୍, ୯୧ ଶଯ୍ୟାର ମାତୃ ବିଶ୍ରାମ ୱାର୍ଡ, ୨୨ ଶଯ୍ୟା ବିଶିଷ୍ଟ କଙ୍ଗାରୁ ମଦର କେୟାର ୱାର୍ଡ, ଚତୁର୍ଥ ମହଲାରେ ୪୦ ଶଯ୍ୟା ବିଶିଷ୍ଟ ପେଡିଆଟ୍ରିକ୍ ସର୍ଜରି ୱାର୍ଡ ଓ ୩ଟି ଅପରେଶନ ଥିଏଟର କାର୍ଯ୍ୟ କରିବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।


ଶିଶୁଭବନ ନୂତନ କୋଠାରେ ଜିଲାପାଳ କାର୍ଯ୍ୟ ତଦାରଖ କରୁଛନ୍ତି ।

# ଦରଦୀ ବ୍ୟକ୍ତି ଥିଲେ ଡା. ଦେବେନ୍ଦ୍ର

**ବାଙ୍କୀ,୨୬ା୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର )**

ବାଙ୍କୀ ଟାଉନ କ୍ଲବ ପରିସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ବୁଧବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆୟୋଜିତ ସଭାରେ ବାଙ୍କୀର ଜନସାଧାରଣ, ବୁଦ୍ଧିଜୀବୀ, ସବୁଦଳର କର୍ମକର୍ତ୍ତା ଯୋଗଦାନ କରି ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାକୁ ବାଙ୍କୀ ଡମପଡ଼ା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ସରୋଜ କୁମାର ମଉଗଜସିଂହ ସଂଯୋଜନା କରିଥିଲେ। ଏଥିରେ ପୂର୍ବତନ ବାଙ୍କୀ ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ସାମନ୍ତ, ଜଗନ୍ନାଥ ପରିଡ଼ା, ଆଇନଜୀବୀ ସନ୍ତୋଷ କୁମାର ନାୟକ, ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର, କାହ୍ନୁଚରଣ ସିଂହ, ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ଭରତ ଚନ୍ଦ୍ର ବେହେରା, ଆଇନଜୀବୀ ସୁଶାନ୍ତ ଭଞ୍ଜ, ପୂର୍ବତନ ସରପଞ୍ଚ ଭରତ ବେହେରା, ସରୋଜ ମିଶ୍ର, ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, ଦେବାଶିଷ ମାନସିଂହ, ଆଇନଜୀବୀ ଅମୂଲ୍ୟ ପ୍ରଧାନ, ରମେଶ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଡା. ପ୍ରଧାନ ଜଣେ ଅମାୟିକ, ବନ୍ଧୁବତ୍ସଳ, ଦରଦି ବ୍ୟକ୍ତି ଭାବେ ଓଡ଼ିଶା ମାଟି ପାଇଁ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ବକ୍ତାମାନେ ମତପ୍ରକାଶ କରିଥିଲେ। ପ୍ରଧାନଙ୍କ ସୁପୁତ୍ର ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ବୋଲି ଭାଜପା ନେତା ଚକ୍ରବର୍ତ୍ତୀ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବାଙ୍କୀ ଭାଜପା ନଗର ସଭାପତି ସଞ୍ଜୟ ରଣା ପରିଚାଳନା କରିଥିଲେ।

**DISTRICT EDUCATION OFFICE, NABARANGPUR**
PHONE NO.06858-295390
E-mail : deonabarangpur23@gmail.com, mdm.ngp@gmail.com
No. 1705/S&ME (MDM)-06/VII/2025 Dated: 26.03.2025
**ADDENDUM**
It is hereby informed to all concerned that, the following one additional term is added to the Terms and Conditions of the Tender Call Notice No.1502 dtd.11.03.2025 for selection of Transport Contractor for all blocks of Nabarangpur District for supply of food grains for the FY 2025-26 under PM POSHAN (MDM) Scheme;
**1(ix). The tenderer should not be a Rice Miller / OSCSC Ltd H&T contractor Level- 1 & Level-2. An affidavit to this effect sworn before the Executive Magistrate or the Notary along with Non-involvement and non-pendency of any criminal offences and also about No-Government -Dues pending against him must be enclosed with the tender paper.**
Further the last date of receipt of tender paper is hereby extended to 10.04.2025 and opening of the tender is scheduled to be fixed on 11.04.2025 at 10.A.M. at Collectorate, Nabarangpur. Other terms and conditions of tender papers remain unchanged.
**Sd./- Collector & District Magistrate, Nabarangpur**

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-03-2025, ତା.20.03.2025ରିଖ
**କାର୍ଯ୍ୟର ନାମ:** (1)ବାରଙ୍ଗ-ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.182 ପରିବର୍ତ୍ତେ ରେଳବାଇ କି.ମି. 422/6-8 ଠାରେ ସ୍ପାନ୍ (2x36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଏବଂ (2) ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ପଲାସା ମେନ୍ ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.263 ପରିବର୍ତ୍ତେ ରେଳବାଇ କି.ମି.532/35-533/1 ଠାରେ ସ୍ପାନ୍ (1x36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଯୁକ୍ତ ରୋଡ୍ ଓଭର ବ୍ରିଜ୍ (ROB) ନିର୍ମାଣ (କେବଳ ରେଳବାଇ ଅଂଶ) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 5442.57 ଲକ୍ଷ, EMD (ଟଙ୍କାରେ): 28,71,300/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.04.2025 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର-2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ସଡ଼କ ସୁରକ୍ଷା ପ୍ରକଳ୍ପ/ଭୁବନେଶ୍ୱର
PR-190/CH/24-25

# ଉଦ୍ୟାନ କୃଷି ତାଲିମ କର୍ମଶାଳା

**ବାଙ୍କୀ,୨୬ା୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ଡମପଡ଼ା ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜାତମୁଣ୍ଡିଆସ୍ଥିତ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ସ୍ମୃତିରେଖା ଦାସ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ଯୋଗଦେଇ ଉଦ୍ୟାନ କୃଷି ବିଭାଗକୁ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଯୋଜନା ବିଷୟରେ ତଥ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଆତ୍ମାର ଅଧ୍ୟକ୍ଷ ସଞ୍ଜୟ ମହାରଣା, ଡମପଡ଼ା ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ତନ୍ମୟୀ ପଟ୍ଟନାୟକ, ଜୈବ କୃଷିବିଜ୍ଞାନୀ ପ୍ରଦୀପ ଧଳ, ମତ୍ସ୍ୟ ବିଭାଗ ଅଧିକାରିଣୀ ନର୍ମଦା ଦାସ, ମହୁଚାଷ ବିଜ୍ଞାନୀ ଅରୁଣ କୁମାର ଗିରି ଯୋଗଦେଇଥିଲେ। ଚାଷୀ କିପରି ଫଳ, ଫୁଲ, ମାଛ ପ୍ରଭୃତି ବିଭିନ୍ନ ଚାଷକରି ଲାଭବାନ୍ ହେବା ସହ ଜୈବସାର ପ୍ରୟୋଗ କରିବାକୁ ବୁଝାଇଥିଲେ। ଏଥିରେ କୁଶୁପଙ୍ଗି, ଦୁଲଣାପୁର, ତାଳବସ୍ତ, ଗୋବିନ୍ଦପୁର, ବିଲିପଡ଼ାର ଶତାଧିକ ଚାଷୀ ଯୋଗଦାନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ଉଦ୍ୟାନ ବିଭାଗ କର୍ମଚାରୀ ଫକୀର ମୋହନ ଜେନା ଏବଂ ସନ୍ତୋଷ ଲେଙ୍କା ପରିଚାଳନା କରିଥିଲେ।

# ପଦ୍ମ ଫୁଲ ସୂତାରେ ଜଗନ୍ନାଥଙ୍କ ଅଙ୍ଗବସ୍ତ୍ର


ବାର୍ଷିକ ସାଧାରଣ ସଭାରେ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଟିଗିରିଆ, ୨୬ା୩( ଜାଫର ଖାଁ):**

## ନୂଆପାଟଣା ନମ୍ବର-୧ ତନ୍ତୁବାୟ ସହଯୋଗ ସମିତି ଲିଃ ବାର୍ଷିକ ସଭା

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ନମ୍ବର-୧ ତନ୍ତୁବାୟ ସହଯୋଗ ସମିତି ଲିଃର ୭୬ତମ ବର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ହେମନ୍ତ କୁମାର କୁଣ୍ଡୁଙ୍କ ସଂଯୋଜନା, ସଭାପତି କେଶବ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ସମ୍ମାନିତ ଅତିଥି ଭାବେ ବୟନଶିଳ୍ପ ତତ୍ତ୍ୱାବଧାରକ ଦାମୋଦର ବେହେରା, ସମବାୟ ସମିତି ସମୂହର ଉପସହକାରୀ ନିବନ୍ଧକ ଅବିନାଶ ସେଠୀ, ବୟନ ସହାୟକ ଚକ୍ରଧର କଟୁଆଳ ପ୍ରମୁଖ ଉପସ୍ଥିତ ରହି ସମିତିର ଉନ୍ନତି ପାଇଁ ବୁଣାକାରଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି କହିଥିଲେ। ଚଳିତବର୍ଷ ପଦ୍ମ ଓ ଗୋଲାପ ଫୁଲ ସୂତାରେ ଜଗନ୍ନାଥଙ୍କ ପାଇଁ ଅଙ୍ଗବସ୍ତ୍ର ତିଆରି କରି ଦିଆଯିବ ବୋଲି କାର୍ଯ୍ୟ ଚାଲିଛି।

କାର୍ଯ୍ୟକ୍ରମରେ ସମସ୍ତ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମସ୍ତ ଅତିଥି ଅନୁଷ୍ଠାନର ପ୍ରତିଷ୍ଠାତା ଅର୍ଜୁନ ସୁବୁଦ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନୁଷ୍ଠାନର ଦିବଂଗତ ବୁଣାକାରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ପରେ ଅନୁଷ୍ଠାନର ସମ୍ପାଦକ କୁଣ୍ଡୁ ବାର୍ଷିକ ବିବରଣୀ ପାଠ ସହ ଚଳିତ ଆର୍ଥିକ ବର୍ଷର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ସମସ୍ତ ଅତିଥି ଅଞ୍ଚଳର ଏହି ପୁରାତନ ଅନୁଷ୍ଠାନ ପାଇଁ ଗତବର୍ଷ ସବୁଠାରୁ ଗୌରବମୟ ବର୍ଷ ଥିଲା ବୋଲି କହିଥିଲେ। ଅନୁଷ୍ଠାନର ମୁଖ୍ୟ ବୁଣାକାର ଅର୍ଜୁନ ପାଳଙ୍କ ନେତୃତ୍ୱରେ ଅହିଂସା ସୂତାରେ ବଳଦେବଜୀଉ, ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠାରେ ରାମଲାଲାଙ୍କ ପାଇଁ ଅହିଂସା ପାଟ ପ୍ରସ୍ତୁତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅନୁଷ୍ଠାନର ବୁଣାକାରଙ୍କ ପକ୍ଷରୁ ଖଣ୍ଡୁଆପାଟ ଉପହାର, ସାଧାରଣତନ୍ତ୍ର ଦିବସରେ ଅହିଂସା ସୂତାରେ ପ୍ରସ୍ତୁତ ଜାତୀୟ ପତାକା ରାଜଭବନରେ ଉଡ଼ିଥିଲା। ଏହି ଅବସରରେ ଅନୁଷ୍ଠାନର ସୁନାମଧନ୍ୟ ବୁଣାକାର ପାଳ ଅନୁଷ୍ଠାନରେ ବୁଣାକାରଙ୍କ ବୟନ କ୍ଷେତ୍ରରେ ଯେଉଁ ସମସ୍ତ ଅସୁବିଧା ଦେଖାଦେଇଛି ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଉପସ୍ଥିତ ବୁଣାକାରମାନେ ନିଜ ନିଜର ଅଭିଯୋଗ ସହ ଅନୁଷ୍ଠାନ ଓ ବୁଣାକାରଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏଥିରେ ଅନୁଷ୍ଠାନର ପଞ୍ଜୀକୃତ ବୁଣାକାରଙ୍କ ମଧ୍ୟରେ ସୁଦର୍ଶନ ତୋଷ, ବେଣୁଧର ବେହେରା, ଯୋଗୀନାଥ ବର୍ଦ୍ଧନଙ୍କୁ ଅଧିକ ପାଟବସ୍ତ୍ର ଉତ୍ପାଦନ ପାଇଁ ସମ୍ମାନିତ କରାଯାଇଥିଲା। ସେହିପରି ଜାତୀୟ ଓ ରାଜ୍ୟସ୍ତରରେ ବିଭିନ୍ନ ପୁରସ୍କାର ଲାଭ କରିଥିବା ବୁଣାକାର ଅର୍ଜୁନ ପାଳଙ୍କ ସମେତ ବୁଣାକାର ଶରତ କୁମାର ବେହେରା, ରମାକାନ୍ତ ତୋଷ, ମନୋରଞ୍ଜନ ତୋଷଙ୍କୁ ବୟନରେ ଉତ୍କର୍ଷତା ନିମନ୍ତେ ଅତିଥିଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅନୁଷ୍ଠାନର ୧୫ ଜଣ ବୋର୍ଡ ସଦସ୍ୟ, ପଞ୍ଜୀକୃତ ବୁଣାକାର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପରିଚାଳନା କମିଟିର ସଦସ୍ୟ ମହେଶ୍ୱର ବର୍ଦ୍ଧନ ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ଦେଇଥିଲେ।

**Tender Call Notice**
**PANCHAYAT SAMITI, MANESWAR, DIST. - SAMBALPUR**
**BID IDENTIFICATION NO. 01 PS/MAN/02/2025-26**
**No. 562 Dtd. 25.03.2025**
The Block Development Officer, Maneswar on behalf of Governor of Odisha invites Percentage Rate bids in single cover system for the execution of works as detailed in the following table.

| Sl. No. | Name of the Work | Value of work put to Tender (without GST) | Period of Completion | Class of Contractor | Bid Security @1% (Rs) | Cost of bid document with labour charges |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day sub centre building Sindurpank | 3667759.00 | 09 (Nine) Calendar months | B & C class | 36678.00 | Rs.6500.00 |

The sale of the Bid documents shall start from **Dt.27.03.2025 at 11.00 A.M. and close on Dt.04.04.2025 at 03.00 P.M.** Bids shall be received by this office up to **05.00 P.M. of 05.04.2025** through Registered Post/Speed Post only. The authorization date will be extended when the postal department is closed. **Date & Time of opening 05.04.2025 at 11.00 A.M. Details available in DTCN. Website Address http://sambalpur.odisha.gov.in**
**N.B. : The intending bidders who have defulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work.**
The undersigned reserves the right to reject any or all bids without assigning any reasons thereof.
**Sd./- Block Development Officer**
**Maneswar**

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**
अल्पकालीन ई–निविदा आमंत्रण सूचना संख्या – EE/RDSD/LATEHAR/25/2024-25
1. कार्य की विस्तृत विवरणी:

| क्र० सं० | कार्य का नाम | परिमान विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार पंचायत भुसूर में जिलास्तरीय पुस्तकालय का निर्माण। | 4,77,72,074 | 9,55,500 | 10000 | 12 माह |

2. वेबसाइट में निविदा प्रकाशन की तिथि – 07.04.2025
3. ई–निविदा प्राप्ति की तिथि एवं समय– दिनांक 07.04.2025 से दिनांक 21.04.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –23.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल, लातेहार।
PR.NO.349259 Rural Development(24-25):D

## ସଂକ୍ଷେପରେ

### କଲ୍ୟାଣପୁରକୁ ହରାଇ ସେମିରେ ଗଙ୍ଗପଡ଼ା

**ପ୍ରଭାତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ**

ଯାଁଳା,୨୬।୩(ବୁଲା ବାରିକ)

ତମାଣ୍ଡୋ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଭାତ ମେମୋରିଆଲ ଟି-ଟ୍ୱେଣ୍ଟି କ୍ରିକେଟ୍ ଟୁର୍ନାମେଣ୍ଟରେ ବୁଧବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲ୍ୟାଣପୁରକୁ ହରାଇ ଗଙ୍ଗପଡ଼ା ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ଗଙ୍ଗପଡ଼ା ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ୍ ହରାଇ ୨୧୨ ରନ୍ କରିଥିଲା। ବିପକ୍ଷ ଦଳର ସୂର୍ଯ୍ୟକାନ୍ତ ମଲ୍ଲିକ ୩ଟି ଓ ଜଗତପ୍ରିୟ ରାଉତରାୟ ୨ଟି ଉଇକେଟ ନେଇଥିଲେ। ଜବାବରେ କଲ୍ୟାଣପୁର ୯ ଉଇକେଟ ହରାଇ ୨୦୦ ରନ୍ କରି ପରାଜିତ ହୋଇଥିଲା। ବିପକ୍ଷ ଦଳର ରଶ୍ମିରଞ୍ଜନ ଜେନା ୩ଟି ଏବଂ ଶୁଭେନ୍ଦୁ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ଗଙ୍ଗପଡ଼ାର ଶୁଭେନ୍ଦୁ ପ୍ରଧାନ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇ ଅତିଥି ସାମାଜିକ କର୍ମୀ ଗୁନ ବେହେରାଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଅକ୍ଷୟ ସ୍ୱାଇଁ ଏବଂ ସୁଶାନ୍ତ କୁମାର ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ଗୁରୁବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ତମାଣ୍ଡୋ ଏବଂ ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

### ଚିତ୍ରକୂଟ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ନିରାକାରପୁର,୨୬।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା ସରକାରୀ ଚିତ୍ରକୂଟ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ନିରାକାରପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିପିନ କୁମାର ଜୟସିଂ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂ, ସିଆର୍‌ସିସି ମଳୟ କୁମାର ମଙ୍ଗରାଜ, ରେଙ୍ଗିଟା ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମର କୁମାର ଜୟସିଂ, ଟାଙ୍ଗୀ ବ୍ଲକ ଖବରଦାତା ସଂଘ ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିଙ୍କ ସମେତ ଅନ୍ୟ ଖବରଦାତା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଟ୍ଟନାୟକ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ସଚିତ୍ର କୁମାର ପାଇକରାୟ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ସହକାରୀ ଶିକ୍ଷୟିତ୍ରୀ ନମିତା ଭଡ଼ଙ୍କ ସମେତ ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ଅଭିଯୋଗ

ବେଗୁନିଆ,୨୬।୩(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ ଥାନା ଅଧୀନ ସିମୋର-ଗଂପୁର ପୂର୍ତ୍ତ ବିଭାଗ ରାସ୍ତାରେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ମେଣ୍ଢାଶାଳ ଗ୍ରାମର ଇନ୍ଦ୍ରଜିତ୍ ମହାରଣା ବାଇକ୍‌ରେ ପତ୍ନୀଙ୍କ ସହ ଶ୍ୱଶୁର ଘର ଓସ୍ତପୁରକୁ ଯାଉଥିଲେ। ଏହି ସମୟରେ ତାଙ୍କୁ କେତେଜଣ ଲୁଟେରା ଏକ ବାଇକ୍‌ରେ ପିଛା କରିଥିଲେ। ପରେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ମାଙ୍କଡ଼ା ପଥର ଖଣିରେ ପୋଲିସ ଚଢ଼ାଉ

- ୩ ଜେସିବି, ୭ ଟ୍ରକ୍, ୯ ବାଇକ୍, ୬ ପାୱାରଟିଲର ଜବତ
- ପୋଲିସ ଉପରକୁ ପଥର ଫିଙ୍ଗିଲେ ଖଣିମାଫିଆ, ୨ ଅଟକ

ଟାଙ୍ଗୀ,୨୬।୩(ରଘୁନାଥ ସାହୁ)



ଜବତ ଜେସିବି ଓ ଗାଡ଼ି।

ଖୋର୍ଦ୍ଧା ଜିଲାର ଚଣ୍ଡେଶ୍ୱର ଅଞ୍ଚଳରେ ଚାଲିଥିବା ଏକ ବେଆଇନ ମାଙ୍କଡ଼ା ପଥର ଖଣିରେ ଟାଙ୍ଗୀ ଥାନା ପୋଲିସ ଚଢ଼ାଉ କରିଛି। ସେଠାରୁ ୩ ଜେସିବି, ୭ ଟ୍ରକ୍, ୯ ବାଇକ୍, ୬ ପାୱାରଟିଲର ଜବତ କରାଯାଇଛି। ଏଥିସହ ପୋଲିସ କୁହୁଡ଼ି ଗୋପୀନାଥପୁରର ମନୋଜ ଭାରିମଲ୍ଲ ଓ ଦୀକ୍ଷିତପଡ଼ାର ଅମ୍‌ଜାଦ ଖାଁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଏକ କେସ୍ (ନଂ. ୨୦୨/୨୫) ରୁଜୁ ହୋଇଛି। ତେବେ ଚଢ଼ାଉ ସମୟରେ ପୋଲିସ କର୍ମଚାରୀଙ୍କ ଉପରକୁ ଖଣିମାଫିଆମାନେ ଢେଲା, ପଥର ଫିଙ୍ଗିଥିବାବେଳେ ପୋଲିସ ପକ୍ଷରୁ ଫାଙ୍କା ଗୁଳିଚାଳନା କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ମାଙ୍କଡ଼ା ପଥର ଖଣିଗୁଡ଼ିକରୁ ଦିନରାତି ବେଆଇନ ଭାବେ ପଥର କଟାଯାଇ ଚୋରାଚାଲାଣ ହେଉଛି। କିଛିଦିନ ତଳେ ପୋଲିସ ପକ୍ଷରୁ ଖୋର୍ଦ୍ଧାରେ ବଡ଼ଧରଣର ଚଢ଼ାଉ କରାଯାଇ ବହୁ ଗାଡ଼ି ଜବତ କରାଯାଇଥିଲା। ଗତ ମଙ୍ଗଳବାର ରାତିରେ ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ଚଣ୍ଡେଶ୍ୱର ଅଞ୍ଚଳର ଏକ ମାଙ୍କଡ଼ା ପଥର ଖଣିରେ ଚଢ଼ାଉ କରିଥିଲା। ହଠାତ୍ ପୋଲିସକୁ ଦେଖି ଖଣିମାଫିଆମାନେ ଛାନିଆ ହୋଇପଡ଼ିଥିଲେ। ସେମାନେ ପୋଲିସ ଉପରକୁ ଢେଲା, ପଥର ଫିଙ୍ଗି ଆକ୍ରମଣ ଉଦ୍ୟମ କରିଥିଲେ। ବାଧ୍ୟହୋଇ ପୋଲିସ ଫାଙ୍କା ଗୁଳିଚାଳନା କରିବାରୁ ଭୟରେ ମାଫିଆ, ଗାଡ଼ି ଡ୍ରାଇଭର ଓ ଶ୍ରମିକମାନେ ଦୌଡ଼ି ପଳାଇଥିଲେ। ପୋଲିସ ସମ୍ପୃକ୍ତ ଖଣିରୁ ୩ ଜେସିବି, ୭ ଟ୍ରକ୍, ୯ ବାଇକ୍ ଓ ୬ଟି ପାୱାରଟିଲର ଜବତ କରି କୁହୁଡ଼ି ଫାଣ୍ଡିକୁ ଆଣିଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ଖବର ପାଇ ଖୋର୍ଦ୍ଧା ଜିଲା ଖଣି ଅଧିକାରୀ ଜଗନ ବେହେରା କୁହୁଡ଼ି ଫାଣ୍ଡିରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଦୀର୍ଘବର୍ଷ ଧରି ଖଣିଗୁଡ଼ିକରୁ ବେଆଇନ ଭାବେ ପଥର ଚୋରାଚାଲାଣ ହେଉଥିବାବେଳେ ପ୍ରଶାସନ ଓ ପୋଲିସ ପକ୍ଷରୁ କାଁ ଭାଁ ଚଢ଼ାଉ ଦ୍ୱାରା ମାଫିଆମାନଙ୍କ ଉପରେ କୌଣସି ପ୍ରଭାବ ପଡୁ ନ ଥିବା ଦେଖାଯାଉଛି। ବର୍ଷତମାମ ଖଣିମାଫିଆମାନେ ଏଭଳି ଭାବେ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବାବେଳେ ଜରିମାନା କିମ୍ବା ମକଦ୍ଦମାକୁ ହେୟଜ୍ଞାନ କରୁଛନ୍ତି। ତେଣୁ ଏ ନେଇ କଠୋର ଆଇନ ପ୍ରଣୟନ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## ଦଳେଇପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୨୬।୩(ପ୍ରଭାତ ପାଣିଗ୍ରାହୀ)

ଦଳେଇପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଶିକ୍ଷାବିତ ସତ୍ୟବାନ୍ ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବାନନ୍ଦ ଦାସ, କୁରାଢ଼ମଲ୍ଲ ପଞ୍ଚାୟତ ସମିତିସଭ୍ୟା ପୁଷ୍ପାଞ୍ଜଳି ଜଗଦେବ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରାଜୀବ ଚରଣ ମହାପାତ୍ର ଏବଂ ସାମାଜିକକର୍ମୀ ଯୋଗେଶ୍ୱର ଜଗଦେବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୃସିଂହ ଚରଣ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମଞ୍ଜୁଲତା ପଣ୍ଡା, ମଧୁସ୍ମିତା ଦାସ, ପ୍ରିୟଦର୍ଶିନୀ ନନ୍ଦ, ଗୀତାଞ୍ଜଳି ପରିଡ଼ା ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ଫାଇନାଲରେ ପାଇକତିଗିରିଆ ଏଜେ କ୍ଲବ

**ରାଇଜିଂ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ**

ବେଗୁନିଆ,୨୬।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ ସିକୋ ଗ୍ରାମରେ ରାଇଜିଂ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶରଧାପୁର ଏମ୍‌ଏସ୍‌ଏ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ପାଇକତିଗିରିଆ ଏଜେ କ୍ଲବ ଫାଇନାଲକୁ ପ୍ରବେଶ କରିଛି। ରେଫରି ଏମ୍.ଏଚ୍. ବେଗଙ୍କ ନେତୃତ୍ୱରେ ଶରତ ଚନ୍ଦ୍ର ଛୋଟରାୟ ଓ ଚିତ୍ତରଞ୍ଜନ ପରିଡ଼ା ଲାଇନମ୍ୟାନ ଭାବେ ରହି ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ କଂଗ୍ରେସ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ମାଣ୍ଡୋଇ, ସାମାଜିକ କର୍ମୀ ଯୋଗେଶ୍ୱର ଛୋଟରାୟ, ଲିଙ୍ଗରାଜ ପରମଗୁରୁ, ସୁବାସଚନ୍ଦ୍ର ରାୟ, ସାଧୁଚରଣ ଚମ୍ପତି, ବିଭୂତିଭୂଷଣ ବେହେରା, ଦାଶରଥି ନରେନ୍ଦ୍ର, ପ୍ରମୋଦ ମହାପାତ୍ର ଓ କୈଳାସ ସାହୁ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ବେଗୁନିଆ ବ୍ଲକ ସିକୋ ଗ୍ରାମରେ ବୁଧବାର ରାଇଜିଂ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅବସରରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-03-2025, ତା.20.03.2025ରିଖ

କାର୍ଯ୍ୟର ନାମ: (1)ବାରଙ୍ଗ-ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.182 ପରିବର୍ତ୍ତେ ରେଳବାଇ କି.ମି. 422/6-8 ଠାରେ ସ୍ପାନ୍ (2x36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଏବଂ (2) ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ପଲାସା ମେନ୍ ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.263 ପରିବର୍ତ୍ତେ ରେଳବାଇ କି.ମି.532/35-533/1 ଠାରେ ସ୍ପାନ୍ (1x 36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଯୁକ୍ତ ରୋଡ୍ ଓଭର ବ୍ରିଜ୍ (ROB) ନିର୍ମାଣ (କେବଳ ରେଳବାଇ ଅଂଶ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 5442.57 ଲକ୍ଷ, EMD (ଟଙ୍କାରେ): 28,71,300/-, କାର୍ଯ୍ୟ ଶେଷ ହେବା ଅବଧି: 18(ଅଠର)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.22.04.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଜେଟ୍ଡ ଆଫିସରଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ-2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ସଡ଼କ ସୁରକ୍ଷା ପ୍ରକଳ୍ପ/ଭୁବନେଶ୍ୱର

PR-190/CH/24-25


# ରୂପ ବଦଳିଛି, କିନ୍ତୁ ପ୍ରେମ ରହିଛି ଅପରିବର୍ତ୍ତିତ

**୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ଶେଷ ସନ୍ଧ୍ୟାରେ ନାଟକ 'ଧାରା'**

ଭୁବନେଶ୍ୱର,୨୬।୩ (ସୌମ୍ୟରଞ୍ଜନ ରାଉତ)

ପ୍ରାଗ୍ ଐତିହାସିକ ଯୁଗରୁ ମନୁଷ୍ୟ ଓ ମନୁଷ୍ୟ ସମାଜରେ ଅସଂଖ୍ୟ ପରିବର୍ତ୍ତନ ସଂଗଠିତ ହୋଇଛି। ଘଟିଛି ବହୁ ବିବର୍ତ୍ତନ। ତେବେ ଗୋଟିଏ କଥାରେ ସର୍ବଦା ଅପରିବର୍ତ୍ତିତ ହୋଇ ରହିଆସିଛି, ତାହା ହେଉଛି ଚିରନ୍ତନ ଓ ଶାଶ୍ୱତ ପ୍ରେମ। ଏ ପ୍ରେମର ଫଲ୍‌ଗୁଧାରା ଈଶ୍ୱରଙ୍କ ହୃଦୟରୁ ଝରି ଆସିଛି ପ୍ରାଣୀ ଜଗତ ପାଇଁ କରୁଣା ରୂପରେ, ପ୍ରାଣୀ ଜଗତଠାରୁ ଈଶ୍ୱରଙ୍କ ପାଇଁ ଭକ୍ତି ରୂପରେ, ମାତାପିତାଙ୍କ ଠାରୁ ଅପତ୍ୟଙ୍କ ପାଇଁ ସ୍ନେହ ସଦିଚ୍ଛା ରୂପରେ ଓ ସଚରାଚର ବିଶ୍ୱରେ ଏହି ଧାରା ତରଙ୍ଗାୟିତ ହେଉଛି ପ୍ରେମ ରୂପରେ। ପ୍ରେମର ରୂପ ବଦଳିଛି, କିନ୍ତୁ ପ୍ରେମ ରହିଛି ଅପରିବର୍ତ୍ତି। ଏହି ନିରନ୍ତର ପ୍ରବହମାନ ଧାରାକୁ କିନ୍ତୁ ମନୁଷ୍ୟ ହୃଦୟଙ୍ଗମ କରିପାରୁନାହିଁ। ଦେହଜ ପ୍ରେମକୁ ଶାଶ୍ୱତ ପ୍ରେମ ମନେକରି ନିଜର ସବୁକିଛି ହାରିଦେଇଛି ଓ ହରେଇ ଦେଉଛି ନିଜର ମାନବିକତା। ତେବେ ଐଶ୍ୱରୀୟ ପ୍ରେମ ଧାରାରୁ ନାଟକ ଧାରା ସମସ୍ତଙ୍କୁ ଟିକେ ଚେତେଇ ଦେବାର ପ୍ରଚେଷ୍ଟା କରିଛି। ଏପରି ପରିବର୍ତ୍ତିତ ଧାରାକୁ ନେଇ ବୁଧବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଧାରା'। ଅବସର ଥିଲା ଶତାବ୍ଦୀର କଳାକାର ପକ୍ଷରୁ ଚାଲିଥିବା ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବର ଶେଷ ସନ୍ଧ୍ୟା। ଡ. ନିବେଦିତା ଜେନାଙ୍କ ରଚିତ ହରପ୍ରସାଦ ପଟ୍ଟନାୟଙ୍କ ନିର୍ଦ୍ଦେଶିତ ଏହି ନାଟକକଚ କଳାକାର ଥିଏଟର୍‌ର କଳାକାରମାନେ ଅତି ନିଖୁଣ ଭାବରେ ପରିବେଶିତ କରିଥିଲେ। ଏହି ଅବସରରେ ସକଳେଶ୍ୱର ପଟ୍ଟନାୟକଙ୍କୁ 'ଜୀବନ ବ୍ୟାପି ସାଧନା ସମ୍ମାନ', ଅଭିନେତା ରାମଚନ୍ଦ୍ର ସାସମଲଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ', ଅଭିନେତା ରମେଶ ଚନ୍ଦ୍ର ମହାରଣାଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ, 'ଧରିତ୍ରୀ'ର ଡେପୁଟି ନ୍ୟୁଜ୍ ଏଡିଟର ତଥା ଲେଖକ ଜିତେନ୍ଦ୍ର କୁମାର ନାୟକଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ସାମ୍ବାଦିକ ଶ୍ରୀରାମ ଦାସ, ଶତାବ୍ଦୀର କଳାକାରର ସଭାପତି ତଥା ଗୌରହରି ଦାସ, ସାଧାରଣ ସମ୍ପାଦକ ଧ୍ରୁବ ମଲ୍ଲିକ, ବିଶିଷ୍ଟ ନାଟ୍ୟକାର ବିଜୟ ଶତପଥୀ, ସାହିତ୍ୟିକ ତଥା ବାଣୀଚିତ୍ର ସମ୍ପାଦକ ଭାସ୍କର ଜେନା, ନାଟ୍ୟ ନିର୍ଦ୍ଦେଶକ ବିଜୟ ଦାଶ, ଇଂ. ମନୋଜ କୁମାର ମହାନ୍ତି ଓ ଉପଦେଷ୍ଟା ଅଜୟ ଦାସ ପ୍ରମୁଖ ଯୋଗଦେଇଥିଲେ।

# 'ଆମ ସଂସ୍କୃତି ଆମ ଖେଳନା'ରେ ୪୨ ପ୍ରକଳ୍ପ



କାର୍ଯ୍ୟକ୍ରମରେ ଛାତ୍ରୀମାନେ ଖାଦ୍ୟ ପ୍ରଦର୍ଶନ କରୁଛନ୍ତି।

ବାଣପୁର,୨୬।୩(ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଅବସ୍ଥିତ ବାଣପୁର ନୋଡାଲ ହାଇସ୍କୁଲ, ବାଣପୁରରେ 'ଆମ ସଂସ୍କୃତି ଆମ ଖେଳନା' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ ସଂସ୍କୃତି, ପରମ୍ପରା ଓ ହସ୍ତ କୌଶଳକୁ ଆଧାର କରି ଛାତ୍ରୀଛାତ୍ର ଉତ୍ସାହର ସହ ୪୨ଟି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଡ. ଚିନ୍ତାମଣି ମିଶ୍ର, ସକ୍ରିୟ ସଦସ୍ୟ ସରୋଜ କୁମାର ରଥ ଓ ଦେବବ୍ରତ ବଡ଼ଜେନା, ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ଲାଠି ଓ ଶିକ୍ଷକ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁର ବରିଷ୍ଠ ସଦସ୍ୟ ନୃସିଂହ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ପ୍ରକଳ୍ପ ପରିଦର୍ଶନ ସମୟରେ ଛାତ୍ରୀଛାତ୍ରଙ୍କଠାରୁ ଆଞ୍ଚଳିକ ସଂସ୍କୃତି, ପରମ୍ପରା ଓ ପାରମ୍ପରିକ ହସ୍ତକୌଶଳ ସମ୍ବନ୍ଧରେ ପ୍ରଶ୍ନକରି ଆତ୍ମସନ୍ତୋଷଜନକ ଉତ୍ତର ପାଇ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସ୍ନିଗ୍ଧାଞ୍ଜଳି ମହାପାତ୍ର, ଶିକ୍ଷୟିତ୍ରୀ ତୃପ୍ତିମୟୀ ଖଣ୍ଡୁଆଲ ଓ ଶିକ୍ଷୟିତ୍ରୀ ସୁଶ୍ରୀ ଶୁଭସ୍ମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।


**DISTRICT EDUCATION OFFICE, NABARANGPUR**

PHONE NO.06858-295390

E-mail : deonabarangpur23@gmail.com, mdm.ngp@gmail.com

No. 1705/S&ME (MDM)-06/VII/2025 Dated: 26.03.2025

**ADDENDUM**

It is hereby informed to all concerned that, the following one additional term is added to the Terms and Conditions of the Tender Call Notice No.1502 dtd.11.03.2025 for selection of Transport Contractor for all blocks of Nabarangpur District for supply of food grains for the FY 2025-26 under PM POSHAN (MDM) Scheme;

**1(ix). The tenderer should not be a Rice Miller / OSCSC Ltd H&T contractor Level- 1 & Level-2. An affidavit to this effect sworn before the Executive Magistrate or the Notary along with Non-involvement and non-pendency of any criminal offences and also about No-Government -Dues pending against him must be enclosed with the tender paper.**

Further the last date of receipt of tender paper is hereby extended to 10.04.2025 and opening of the tender is scheduled to be fixed on 11.04.2025 at 10.A.M. at Collectorate, Nabarangpur. Other terms and conditions of tender papers remain unchanged.

Sd./- Collector & District Magistrate, Nabarangpur



**Tender Call Notice**

**PANCHAYAT SAMITI, MANESWAR, DIST. - SAMBALPUR**

**BID IDENTIFICATION NO. 01 PS/MAN/02/2025-26**

**No. 562 Dtd. 25.03.2025**

The Block Development Officer, Maneswar on behalf of Governor of Odisha invites Percentage Rate bids in single cover system for the execution of works as detailed in the following table.

| Sl. No. | Name of the Work | Value of work put to Tender (without GST) | Period of Completion | Class of Contractor | Bid Security @1% (Rs) | Cost of bid document with labour charges |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day sub centre building Sindurpank | 3667759.00 | 09 (Nine) Calendar months | B & C class | 36678.00 | Rs.6500.00 |

The sale of the Bid documents shall start from **Dt.27.03.2025 at 11.00 A.M. and close on Dt.04.04.2025 at 03.00 P.M.** Bids shall be received by this office up to **05.00 P.M. of 05.04.2025** through Registered Post/Speed Post only. The authorization date will be extended when the postal department is closed. **Date & Time of opening 05.04.2025 at 11.00 A.M. Details available in DTCN. Website Address http://sambalpur.odisha.gov.in**

**N.B. : The intending bidders who have defulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work.**

The undersigned reserves the right to reject any or all bids without assigning any reasons thereof.

Sd./- Block Development Officer
Maneswar


# ଶୃଙ୍ଖଳିତ ଆଚରଣ ସଫଳ ବିଦ୍ୟାର୍ଥୀଙ୍କ ପରିଚୟ

**ପିତା ମାତା ସହଭାଗିତା କର୍ମଶାଳା**

ବୋଲଗଡ଼,୨୬।୩(ଦେବବ୍ରତ ହୋତା)



କର୍ମଶାଳାରେ ଯୋଗଦେଇଥିବା ଅତିଥି।

ଆଦିବାସୀ ଉନ୍ନୟନ ବିଭାଗ ପରିଚାଳିତ ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ହରିପୁରସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅବସରରେ ଦ୍ୱିତୀୟ ପର୍ଯ୍ୟାୟ ମାତାପିତା ସହାଭାଗିତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଧ୍ରୁବନନ୍ଦ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବୋଲଗଡ଼ ଗୋଷ୍ଠୀଶିକ୍ଷା ଅଧିକାରୀ ଗୋକୁଳଚନ୍ଦ୍ର ବଳନ୍ତରାୟ ଯୋଗଦେଇ ବିଦ୍ୟାର୍ଥୀମାନେ ସଫଳତା ପାଇଁ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ସମ୍ମାନିତ ଅତିଥି ଭାବେ ବୋଲଗଡ଼ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରସାରଣ ଅଧିକାରିଣୀ ତାପସୀ ପ୍ରିୟଦର୍ଶିନୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରଶେଖର ନାୟକ, ମୋ ସ୍କୁଲ କମିଟି ସଭାପତି କୈଳାଶ ଛାଟୋଇ, ପରିଚାଳନା କମିଟି ସଭାପତି ଭାରତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଆରାଧନା ଶତପଥି ବେଦପାଠ କରିବା ପରେ କାର୍ଯ୍ୟ ଆରମ୍ଭରେ ସଭାପତି ନାୟକ ସ୍ୱାଗତ ଭାଷଣ ଓ ଶିକ୍ଷକ ଗୌରଚନ୍ଦ୍ର ସୁବୁଦ୍ଧି ଅତିଥି ପରିଚୟ ଦେଇଥିଲେ। କର୍ମଶାଳାରେ କନ୍ଧମାଳ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାରୁ ୧୫୨ଜଣ ଅଭିଭାବକ ଯୋଗଦେଇଥିଲେ। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ମିଳୁଥିବା ପ୍ରୋତ୍ସାହନ, ଛାତ୍ରାବାସରେ ଉପଲବ୍ଧ ସୁବିଧା ସୁଯୋଗ, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ବିଇଓ ବଳନ୍ତରାୟ ଅଭିଭାବକଙ୍କୁ ସୂଚନା ଦେଇଥିଲେ। ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ମିଳୁଥିବା ଉତ୍ତମ ସେବା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କର୍ତ୍ତବ୍ୟ ନିଷ୍ଠା ପାଇଁ ଅଭିଭାବକଙ୍କ ପକ୍ଷରୁ କନ୍ଧମାଳର ପିଟର ମାଝୀ ସାଧୁବାଦ ଜଣାଇଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ବନ୍ଦନା ମାନ୍ଧାତା, ମାଳତୀ ନାୟକ ଓ ଶିକ୍ଷକ ଦେବେନ୍ଦ୍ର ଗିରି, ଜଗମୋହନ ମାନସିଂ, ପବିତ୍ର ମଲ୍ଲିକ ଓ ଶ୍ରୀଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଜନୀକାନ୍ତ ପୃଷ୍ଟି ଧନ୍ୟବାଦ ଦେଇଥିଲେ।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

अल्पकालीन ई–निविदा आमंत्रण सूचना संख्या – EE/RDSD/LATEHAR/25/2024-25

1. कार्य की विस्तृत विवरणीः

| क्र० सं० | कार्य का नाम | परिमान विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार पंचायत भुसूर में जिलास्तरीय पुस्तकालय का निर्माण। | 4,77,72,074 | 9,55,500 | 10000 | 12 माह |

2. वेबसाइट में निविदा प्रकाशन की तिथि – 07.04.2025
3. ई–निविदा प्राप्ति की तिथि एवं समय– दिनांक 07.04.2025 से दिनांक 21.04.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –23.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.349259 Rural Development(24-25):D

**ଜଗଦୀଶ ରାଉତ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି**

**ପୁରୀ, (ଅଜିତ୍ କୁମାର ମହାନ୍ତି):** ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ପୁରୀ ଜିଲ୍ଲା ଛାତ୍ର କଂଗ୍ରେସର ନୂତନ ସଭାପତି ଭାବେ ଜଗଦୀଶ ରାଉତଙ୍କ ନାମ ଘୋଷଣା କରିଛନ୍ତି। ଏ ନେଇ ଜଗଦୀଶ ଖୁସି ପ୍ରକାଶ କରି କହିଛନ୍ତି, ଛାତ୍ରଶକ୍ତିକୁ ଏକ କରି ଛାତ୍ରମାନଙ୍କ ହକ୍ ପାଇଁ ଲଢେଇ କରୁଥିଲି। ଆଗାମୀ ଦିନରେ ଲଢେଇ ଆହୁରି ଜୋରଦାର ହେବ। ସମସ୍ତ କଲେଜରେ ଚିକିତ୍ସା ସୁବିଧା, ପୁରାତନ ଛାତ୍ରାବାସ, କ୍ଲାସରୁମ୍ ଓ ଶୌଚାଳୟ ଆଦିର ନବୀକରଣ କରାଯାଉ। ବିଶୁଦ୍ଧ ପାନୀୟଜଳ ଯୋଗାଣ, ଫ୍ରି ଇ-ରିକ୍ସା ବ୍ୟବସ୍ଥା, କଲେଜ ଓ ହଷ୍ଟେଲରେ ଫ୍ରି ୱାଇଫାଇ ସୁବିଧା ଆଦି କରାଯିବାକୁ ଜଗଦୀଶ ଦାବି କରିଛନ୍ତି। ବେଆଇନ ନିଶା କାରବାର ରୋକାଯିବା ପାଇଁ ଆନ୍ଦୋଳନ କରିବେ ବୋଲି ଜଗଦୀଶ କହିଛନ୍ତି।



## ବାଇକ୍‌ରୁ ଖସି ଦିଅର, ଭାଉଜ ଗୁରୁତର

ନିମାପଡ଼ା,୨୬।୩ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ବାଲିପାଟଣା ରାସ୍ତାର ଭାଟବନ୍ଧ ଛକ ହମ୍ପ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ୨ ଜଣ ଗୁରୁତର ହୋଇଛନ୍ତି। ଆହତମାନେ ବାଲିପାଟଣା ଥାନା ଅଧୀନ ବିଶ୍ୱନାଥପୁର ଗ୍ରାମର ରବୀନ୍ଦ୍ର ବେହେରା ଓ ତାଙ୍କ ଭାଉଜ ଅଞ୍ଜଳି ମହାପାତ୍ରଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ନିମାପଡ଼ା ମେଡିକାଲକୁ ପଠାଇଥିଲେ। ଅଞ୍ଜଳିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଦିଅର, ଭାଉଜ ଚଅଁରପଦା ଅଞ୍ଚଳକୁ ବିବାହ ନିମନ୍ତେ ବୋହୂ ଦେଖିବାକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## କଲ୍ୟାଣ ମଣ୍ଡପରୁ ଫ୍ୟାନ୍ ଚୋରି

ନିମାପଡ଼ା,୨୬।୩ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଭୋଗଶାଳଦା ପଞ୍ଚାୟତ ସାଇଲୋ ଛକ ନିକଟରେ ଥିବା କଲ୍ୟାଣ ମଣ୍ଡପରୁ ୨୫ ହଜାର ଟଙ୍କା ମୂଲ୍ୟର ୧୦ଟି ସିଲିଂ ଫ୍ୟାନ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ୮୭/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମଙ୍ଗଳବାର ଏହି ବାବଦରେ ଜାଣି ସରପଞ୍ଚ ବିଶ୍ୱନାଥ ସେନାପତି ଅଭିଯୋଗ କରିଛନ୍ତି।

# ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ ନିର୍ମାଣ ସରିଲାନି

### ଭିତ୍ତିପ୍ରସ୍ତରକୁ ୧୭ ବର୍ଷ ବିତିଲା

ପୁରୀ,୨୬।୩ (ଅଜିତ୍ କୁମାର ମହାନ୍ତି)

ବିଶ୍ୱସ୍ତରୀୟ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ ପାଇଁ ଭିତ୍ତିପ୍ରସ୍ତରକୁ ୧୭ବର୍ଷ ପୂରିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଏଥିପ୍ରତି ପ୍ରଶାସନର ଅବହେଳା ସ୍ପଷ୍ଟ ବାରି ହେଉଛି। କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବାବେଳେ ଉକ୍ତ ସ୍ଥାନ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏ ନେଇ ସଂସ୍କୃତିପ୍ରେମୀ ତଥା ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ପୁରୀରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ ହେଲେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ଗବେଷଣାରତ ଛାତ୍ରୀଛାତ୍ର ଏହାଦ୍ୱାରା ଲାଭବାନ ହୋଇପାରିବେ। ଏହି ଲକ୍ଷ୍ୟରେ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟ ପ୍ରତିଷ୍ଠା ନିମନ୍ତେ ତତ୍କାଳୀନ ବିଜେଡି ସରକାର ପଦକ୍ଷେପ ନେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ସ୍ୱେଚ୍ଛାକୃତ ଆଗ୍ରହ ଦେଖାଇଥିଲେ। ପୁରୀ ବଳିଆପଣ୍ଡା ଅଞ୍ଚଳର ଓଡ଼ିଶା ଭବନ ନିକଟରେ ଏହି ପ୍ରକଳ୍ପ ପାଇଁ ୪ ଏକର ୬ ଡେସିମିଲ୍‌ର ଏକ ସରକାରୀ ଜାଗା ଚିହ୍ନଟ ହୋଇଥିଲା। ତେବେ ୧୭ ବର୍ଷ ତଳେ ପାଚେରି ନିର୍ମାଣ ଏବଂ ଅନ୍ୟାନ୍ୟ ବାବଦକୁ ପ୍ରାୟ ୨୫ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଖର୍ଚ୍ଚ କରାଯାଇଥିଲା। ତାହା ବର୍ତ୍ତମାନ ବରବାଦ ହେବାକୁ ବସିଛି। ଭିତ୍ତିପ୍ରସ୍ତର ସ୍ଥାପନରେ କାର୍ଯ୍ୟ ଅଟକି ରହିଛି। ବର୍ତ୍ତମାନ ସେଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଏହି ବିଶ୍ୱସ୍ତରୀୟ ସଂଗ୍ରହାଳୟ ପାଇଁ ୨୦୦୮ ଫେବୃଆରୀ ୨୯ରେ ତତ୍କାଳୀନ ବାଚସ୍ପତି ତଥା ପୂର୍ବତନ ପୁରୀ ବିଧାୟକ ମହେଶ୍ୱର ମହାନ୍ତି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଇତିମଧ୍ୟରେ ୧୭ ବର୍ଷ ବିତିଗଲାଣି, କିନ୍ତୁ ଏହି ସ୍ୱପ୍ନ ଆଜି ପର୍ଯ୍ୟନ୍ତ ସାକାର ହୋଇପାରିନି। ରାଜ୍ୟ ସରକାର ନା ଜିଲ୍ଲା ପ୍ରଶାସନ କେହି ବି ଏଥିପ୍ରତି ଆଗ୍ରହ ଦେଖାଉନଥିବାରୁ ଏହି ପ୍ରକଳ୍ପ ହଜିଯିବାକୁ ବସିଲାଣି। ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ରକୁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଅତ୍ୟାଧୁନିକ ଶୈଳୀରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଜ୍ଞାନ ପ୍ରଦାନ ସହ ଏହା ଉପରେ ଅଧିକ ଗବେଷଣା ଲକ୍ଷ୍ୟରେ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟର ପରିକଳ୍ପନା କରାଯାଇଥିଲା। ଏଠାରେ ନିର୍ମିତ ପାଚେରି ଭାଙ୍ଗି ମାଟିରେ ମିଶିଗଲାଣି। ସଂଗ୍ରହାଳୟର ବିସ୍ତୀର୍ଣ୍ଣ ପଡ଼ିଆ ଏବେ ଜବରଦଖଲରେ। ଏକାଧିକ ବସ୍ତି ଓ ଘର ଏହା ଭିତରେ ଗଢ଼ି ଉଠିଲାଣି। ମୁଖ୍ୟ ଫାଟକ ଗ୍ରୀଲ୍ ତାଡ଼ି ନିଆଯାଇଛି। ୧୭ବର୍ଷ ତଳେ ଯାହା କିଛି କାମ ହୋଇଥିଲା, ସେବେଠୁ ଇଟା ଖଣ୍ଡିଏ ବି ପଡ଼ିନି। ତେଣୁ ବହୁ ପ୍ରତୀକ୍ଷିତ ଏହି ପ୍ରକଳ୍ପ ସ୍ୱପ୍ନରେ ରହିଯିବା ଆଶଙ୍କା ଦେଖାଦେଇଛି। ଏହାର ପୁନଃ ନିର୍ମାଣ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ଏନେଇ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ନରେଶ କୁମାର ଦାଶ କହିଛନ୍ତି, ଯେଉଁ ଭକ୍ତମାନଙ୍କୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ନିମନ୍ତେ ଅନୁମତି ନାହିଁ ସେମାନେ ସଂଗ୍ରହାଳୟରେ ମହାପ୍ରଭୁଙ୍କ ବେଶ, ନୀତି ଆଦି ଦର୍ଶନ କରିପାରିଥାନ୍ତେ। ଫଳରେ ମହାପ୍ରଭୁଙ୍କ ବିଷୟରେ ସେମାନେ ଜାଣିପାରିଥାନ୍ତେ। ଏହାର ଲକ୍ଷ୍ୟନେଇ ସେତେବେଳେ ଶ୍ରୀକ୍ଷେତ୍ର ସଂସ୍କୃତି ସଂଗ୍ରହାଳୟର ପରିକଳ୍ପନା କରାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଯୋଜନା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହା ଦୁଃଖ ଓ କ୍ଷୋଭର କଥା। ସରକାର ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ସଂସ୍କୃତି ସଂଗଠକ ତଥା ପୁରୀ ବାସିନ୍ଦା ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ଭିତ୍ତିପ୍ରସ୍ତର ପରେ କେବଳ ପାଚେରୀ ବୁଲିଥିଲା। ଯାହା ବର୍ତ୍ତମାନ ଭାଙ୍ଗିଗଲାଣି। ଆଉ କାମ କିଛି ହୋଇନାହିଁ। ତେଣୁ ସରକାର ଏଥିପ୍ରତି ଧ୍ୟାନ ଦେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏହା ସଂସ୍କୃତି ବିଭାଗର ଦୃଷ୍ଟିରେ ରହିଛି। ଏ ନେଇ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ବିଭାଗ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ସେହିପରି ଯଦି ଉକ୍ତ ସ୍ଥାନରେ ଜବରଦଖଲ କରାଯାଇଛି ତାହାକୁ ଉଚ୍ଛେଦ କରାଯିବ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।

## ନିମାପଡ଼ାରେ ଖୁବ୍‌ଶୀଘ୍ର ଆନିମଲ ଆମ୍ବୁଲାନ୍ସ ସେବା



ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନାଲ୍‌କୋର କର୍ତ୍ତୃପକ୍ଷମାନେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ନିମାପଡ଼ା,୨୬।୩ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଞ୍ଚଳରେ ଖୁବ୍‌ଶୀଘ୍ର ଆନିମଲ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବ। ଏଥିପାଇଁ ନାଲ୍‌କୋ କମ୍ପାନୀ ଆର୍ଥିକ ସହାୟତାର ହାତ ବଢ଼ାଇଛି। ଏହି ଆମ୍ବୁଲାନ୍ସ କ୍ରୟ ପାଇଁ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ କାର୍ଯ୍ୟାଳୟଠାରେ ତାଙ୍କ ଉପସ୍ଥିତିରେ ନାଲ୍‌କୋର ସିଏମ୍‌ଡି, ଡିଜିଏମ୍ ପ୍ରମୁଖ ନିମାପଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସଙ୍କୁ ୪୪ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଆନ୍ତରିକ ଉଦ୍ୟମ ଓ ପ୍ରଚେଷ୍ଟା ଯୋଗୁ ଏନ୍‌ଏସି ପାଇଁ ସମ୍ଭବ ହୋଇପାରିଛି। ଏହି ଆମ୍ବୁଲାନ୍ସ ଦ୍ୱାରା ପ୍ରାଣୀ ଚିକିତ୍ସା ପାଇଁ ଜରୁରିକାଳୀନ ସେବା ଉପଲବ୍ଧ ହୋଇପାରିବ। ଫଳରେ ପ୍ରାଣୀ ପାଳନ କରୁଥିବା ଲୋକେ ବହୁଳ ଭାବେ ଉପକୃତ ହୋଇପାରିବେ ଓ ପ୍ରାଣୀଧନଙ୍କ ଚିକିତ୍ସା ସୁବିଧା ନିମନ୍ତେ ନିମାପଡ଼ାରେ ଏକ ଆନିମଲ ଆମ୍ବୁଲାନ୍ସର ଯଥେଷ୍ଟ ଆବଶ୍ୟକତା ଥିଲା ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

## ରମାକାନ୍ତ ଓଡ଼ିଶାର ଅମ୍ଳାନ ପ୍ରତିଭା

### ନିମାପଡ଼ା ସାହିତ୍ୟ ସଂସଦ ପକ୍ଷରୁ ସ୍ମୃତିଚାରଣ ସମାରୋହ

ନିମାପଡ଼ା,୨୬।୩ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଶାର ପ୍ରଖ୍ୟାତ କବି, ସାହିତ୍ୟକ, ଦକ୍ଷ ପ୍ରଶାସନ, ଶିକ୍ଷାବିତ୍ ସ୍ୱର୍ଗତ ରମାକାନ୍ତ ରଥଙ୍କ ସ୍ମୃତିରେ ଏକ ସ୍ମୃତିଚାରଣ ଶ୍ରଦ୍ଧାଞ୍ଜଳି ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ପ୍ରୟାସ ଉନ୍ନୟନ ସଂସ୍ଥା ସଭାଗୃହରେ ଆୟୋଜିତ ଏହି ସମାରୋହରେ ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ରାଉତରାୟ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ବିଶିଷ୍ଟ କବି ଡ. ବଂଶୀଧର ଷଡ଼ଙ୍ଗୀ, ଶିକ୍ଷାବିତ୍, ଗବେଷକ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ବିଶ୍ୱ ଭାରତୀ ଶାନ୍ତି ନିକେତନର ପ୍ରଫେସର ମନୋରଞ୍ଜନ ପ୍ରଧାନ, ପ୍ରଖ୍ୟାତ କବି, ସାହିତ୍ୟିକ ଭିକାରୀ ଧଳ, ସ୍ତମ୍ଭକାର, ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର, ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର, ଡ. ରବୀନ୍ଦ୍ରନାଥ ପାଢୀ, ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସହ ସଂଯୋଜକ ଉମାଶଙ୍କର ଆଚାର୍ଯ୍ୟ, ନିମାପଡ଼ା ସାହିତ୍ୟ ସଂସଦ ଉପସଭାପତି ଡ. ଦିଲୀପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର, ପରିବେଶର ସୁରକ୍ଷା ଦିଗରେ ସ୍ୱର୍ଗତ ରମାକାନ୍ତଙ୍କ ଦାନ ଅତୁଳନୀୟ, ପ୍ରଶାସନିକ ସେବା, ବିଶିଷ୍ଟ କବି, ସାହିତ୍ୟିକ ଭାବେ ସେ ଓଡ଼ିଶାର ଏକ ଅମ୍ଳାନ ପ୍ରତିଭା ଥିଲେ ବୋଲି ଅତିଥି ମତବ୍ୟକ୍ତ କରିଥିଲେ।


ସମାରୋହରେ ମଞ୍ଚାସୀନ ଅତିଥି।

## ସଂସ୍କୃତି, ସଂସ୍କୃତ ପାଇଁ ସଦାଶିବ ରଥଶର୍ମା ସ୍ମରଣ ରହିବେ


ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ।

ପୁରୀ,୨୬।୩ (ଅଜିତ୍ କୁମାର ମହାନ୍ତି)

ସଂସ୍କୃତିର ସୁରକ୍ଷା ଏବଂ ସଂସ୍କୃତ ଭାଷାର ବିକାଶ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବଚକ ସ୍ୱର୍ଗତ ପଦ୍ମଶ୍ରୀ ସଦାଶିବ ରଥଶର୍ମାଙ୍କୁ ଏହି ଜାତି ସ୍ମରଣ ରଖିବ ବୋଲି ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ, ଉତ୍ତରପାର୍ଶ୍ୱ ମଠାଧୀଶ ନାରାୟଣ ରାମାନୁଜ ଦାସ, ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରାକ୍ତନ ସଦସ୍ୟ ରାମଚରଣ ଦାସ ଏବଂ ବରିଷ୍ଠ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି। ସ୍ୱର୍ଗତ ରଥଶର୍ମାଙ୍କ ୩୬ତମ ସ୍ମୃତିଚାରଣ ଉପଲକ୍ଷେ ଶ୍ରୀନୀଳାଦ୍ରି ସତ୍‌ସଙ୍ଗ, ପୁରୀ ଚାରଣ ଗୋଷ୍ଠୀ, ବିଶ୍ୱ ଜଗନ୍ନାଥ ଚେତନା ସଂସଦ, ସଦାଶିବ ରଥଶର୍ମା ସ୍ମୃତି ସଂସଦ ଏବଂ ରଥଶର୍ମା ପରିବାରର ମିଳିତ ସହଯୋଗରେ ସଦାଶିବ ରଥଶର୍ମା ମାର୍ଗସ୍ଥିତ ସୁନ୍ଦରାଜାଗାଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୀତିକାର ତଥା କଥାକାର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ଗବେଷକ ତଥା ପ୍ରବଚକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ପରିଚାଳନାରେ ଏକ ସଭା ହୋଇଥିଲା। ଶ୍ରୀଜଗନ୍ନାଥଙ୍କୁ ବିଶ୍ୱମୟ ପାଇଁ ତାଙ୍କ ଆମେରିକା ଯାତ୍ରା ସମ୍ପର୍କରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ମୁକ୍ତିମଣ୍ଡପ ପଣ୍ଡିତ ଉଦୟନାଥ ମହାପାତ୍ର, ମହନ୍ତ ରାମକୃଷ୍ଣ ଦାସ ଓ ମହନ୍ତ ରାମଚରଣ ଦାସ, ରାଇଘର ପଣ୍ଡିତ ସହଦେବ ଗଣ୍ଡ, ବସ୍ତା-ବାଲେଶ୍ୱର ଏବଂ ଖୁଣ୍ଟା-ମୟୂରଭଞ୍ଜ ଆଧାତ୍ମିକ ଚେତନା ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ୟାମପ୍ରକାଶ ସେନାପତି ସଂଯୋଜନା, ଚାରଣ ଗୋଷ୍ଠୀର ରାଜ୍ୟ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ଓ ସଞ୍ଜୀବ ରଥଶର୍ମା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶ୍ରୀମନ୍ଦିର ପରିସରରେ ଗୀତାପାଠ କରାଯାଇଥିଲା।

## ଜେଲ୍ ଗଲେ ସ୍ୱାମୀ, ଶ୍ୱଶୁର, ଦେଢ଼ଶ୍ୱଶୁର

### ବଧୂହତ୍ୟା ଘଟଣା

କୋଣାର୍କ,୨୬।୩ (ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ଥାନା ଅଧୀନ ଭୂଆଁ ଗ୍ରାମରେ ନବବଧୂଙ୍କୁ ଶାରୀରିକ ଓ ଯୌତୁକ ନିର୍ଯାତନା ଦେଇ ହତ୍ୟା ଘଟଣାରେ ରାମଚଣ୍ଡୀ ଥାନା ପୋଲିସ ମୃତା ନବବଧୂଙ୍କ ସ୍ୱାମୀ ହେମନ୍ତ କୁମାର ସେଠୀ, ଶ୍ୱଶୁର ସୁବାସ ସେଠୀ ଓ ଦେଢ଼ଶ୍ୱଶୁର ସୁମନ୍ତ କୁମାର ସେଠୀଙ୍କୁ ଗିରଫ କରି ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଭୂଆଁ ଗ୍ରାମର ନବବଧୂ ସୁଭଦ୍ରା ସେଠୀଙ୍କୁ ତାଙ୍କ ସ୍ୱାମୀ, ଶ୍ୱଶୁର ଓ ଦେଢ଼ଶ୍ୱଶୁର ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଅଧିକ ଯୌତୁକ ଦାବିକରି ମିଳିତ ଭାବେ ହତ୍ୟା କରିଥିବା ନେଇ ମୃତାଙ୍କ ବାପା ସନାତନ ସେଠୀ ମାର୍ଚ୍ଚ ୬ରେ ରାମଚଣ୍ଡୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ନଂ.୧୭/୨୫ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରେ ବିଳମ୍ବ ହେବାରୁ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ସନାତନ। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାମଚଣ୍ଡୀ ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଗତ ମଙ୍ଗଳବାର ଭୁବନେଶ୍ୱରରୁ ଅଭିଯୁକ୍ତ ସ୍ୱାମୀ, ଶ୍ୱଶୁର ଓ ଦେଢ଼ଶ୍ୱଶୁରଙ୍କୁ ଗିରଫ କରିଥିଲା। ବୁଧବାର ଅପରାହ୍ନରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ରାମଚଣ୍ଡୀ ଥାନାଧିକାରୀ ସାହୁ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-03-2025, ତା.20.03.2025ରିଖ

**କାର୍ଯ୍ୟର ନାମ:** (1)ବାରଙ୍ଗ-ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.182 ପରିବର୍ତ୍ତେ ରେଳବାଇ କି.ମି. 422/6-8 ଠାରେ ସ୍ପାନ୍ (2x36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଏବଂ (2) ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ପଲାସା ମେନ୍ ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.263 ପରିବର୍ତ୍ତେ ରେଳବାଇ କି.ମି.532/35-533/1 ଠାରେ ସ୍ପାନ୍ (1x 36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଯୁକ୍ତ ରୋଡ୍ ଓଭର ବ୍ରିଜ୍ (ROB) ନିର୍ମାଣ (କେବଳ ରେଳବାଇ ଅଂଶ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 5442.57 ଲକ୍ଷ, EMD (ଟଙ୍କାରେ): 28,71,300/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.04.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ-2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ସଡ଼କ ସୁରକ୍ଷା ପ୍ରକଳ୍ପ/ଭୁବନେଶ୍ୱର

PR-190/CH/24-25

## ଆଜି ବାରୁଣୀ ସ୍ନାନ

# ଭୃଗୁ ଘାଟରେ ମିଳେ ମହୋଦଧିର ପୁଣ୍ୟ

ସାକ୍ଷୀଗୋପାଳ,୨୬।୩ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ଶତଭିଷା ନକ୍ଷତ୍ର ମହାବାରୁଣୀ ଯୋଗରେ ଗୁରୁବାର ମଧ୍ୟାହ୍ନରେ ବଳପୁର ଗ୍ରାମସ୍ଥିତ ଭାର୍ଗବୀ ନଦୀର ଭୃଗୁ ଘାଟରେ ବାରୁଣୀସ୍ନାନ ପ୍ରତିବର୍ଷ ଭଳି ଅନୁଷ୍ଠିତ ହେବ। ଏହି ଶୁଭ ମୁହୂର୍ତ୍ତରେ ଭାର୍ଗବୀ ନଦୀର ଜଳରାଶି ମହୋଦଧି ଜଳଭଳି ପବିତ୍ର ହୋଇଥାଏ। ପରମ୍ପରାକ୍ରମେ ଅନୁଜ ବଳପୁର ବାଲୁଙ୍କେଶ୍ୱର ଦେବ ସାଗରସ୍ନାନ ମେଳା ପାଇଁ ଅଗ୍ରଜ ବରାଳ ବାଲୁଙ୍କେଶ୍ୱର ଦେବଙ୍କୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରକୁ ବିଜେ କରିବେ। ଦୁଇଭାଇଙ୍କର ମୁକ୍ତିମଣ୍ଡପ ପନ୍ତିଭୋଗ ପରେ ସୁସଜ୍ଜିତ ବିମାନରେ ଠାକୁର ସାଗରସ୍ନାନ ମଣ୍ଡପରେ ବିରାଜିତ ହେବେ। ସେବାୟତମାନେ ନଦୀରୁ ଜଳ ସଂଗ୍ରହକରି ଠାକୁରଙ୍କୁ ସ୍ନାନ କରିବାପରେ ସେଠାରେ ଅପେକ୍ଷା କରିଥିବା ହଜାର ହଜାର ଶ୍ରଦ୍ଧାଳୁ ଭାର୍ଗବୀ ନଦୀରେ ବୁଡ଼ ପକାଇବେ। ଏପରିକି କେଶଦାନ, ବ୍ରତ ଓ ବିବାହ ସମୟରେ ବ୍ୟବହୃତ ମଶିଣା, ମୁକୁଟ, ଦଣ୍ଡ ନଦୀରେ ବିସର୍ଜନ କରାଯାଇଥାଏ। ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟକରି ସାଗରସ୍ନାନ ମେଳାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭାର୍ଗବୀ ନଦୀରେ ଘାଟ, ରାସ୍ତା ମରାମତି, ଅସ୍ଥାୟୀ ବିଦ୍ୟୁତ୍, ପାନୀୟଜଳ, ସୁରକ୍ଷିତ ସ୍ନାନ ନିମନ୍ତେ ନଦୀଘାଟରେ ବାରିକେଡ୍, ସଫେଇ କାମ ଶେଷ ହୋଇଛି। ନଦୀପଠାରେ ଆମ୍ବ, ପଣସ, ପୋଲାଙ୍ଗ ଗଛ ଛାଇତଳେ ଅସ୍ଥାୟୀ ବଜାର ଖୋଲାଯିବା ସହ ଠାକୁରଙ୍କ ସ୍ନାନମଣ୍ଡପକୁ ସଫା କରାଯାଇ ଚୂନ ଦିଆଯାଇଛି। ସ୍ନାନମଣ୍ଡପ ନିକଟରେ ଶିବଙ୍କ ପ୍ରତିମା ସ୍ଥାପନ କରାଯାଇଛି।

ସ୍ଥାନୀୟ ପ୍ରଶାସନ, ପୋଲିସ, ବରାଳ ଓ ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ସେବାୟତ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ପ୍ରସ୍ତୁତି ବୈଠକର ନିଷ୍ପତ୍ତିକ୍ରମେ ଶୀଘ୍ର ଦେବନୀତି, ଭୃଗୁଘାଟକୁ ଠାକୁରଙ୍କ ବିଜେ, ସ୍ନାନ, ଭୋଗ ଓ ସାଧାରଣ ଦର୍ଶନ ସୁବିଧା ପାଇଁ ସୁବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ପରିଚାଳନା ପାଇଁ ବଳପୁର ମନ୍ଦିର ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ବଳପୁର ଦେଶ କମିଟି ସଦସ୍ୟ ଧ୍ରୁବ ମୁଦୁଲି, ପ୍ରଭାକର ପ୍ରଧାନ, ବେଣୁଧର ପ୍ରଧାନ ପ୍ରମୁଖ ମେଳାପଡ଼ିଆ ତଦାରଖ କରିଛନ୍ତି। ସେହିପରି ନଦୀ ଅପରପାର୍ଶ୍ୱ ସୁଆଣ୍ଡୋ ଘାଟରେ ଲୋକେଶ୍ୱର ଓ ଭାବକୁଣ୍ଡଳେଶ୍ୱର ବିରାଜମାନ କରିବେ ଏବଂ ଗଙ୍ଗାନାରାୟଣପୁର ଗ୍ରାମରେ ଠାକୁରଙ୍କ ସାଗରସ୍ନାନ ଅନୁଷ୍ଠିତ ହେବ।

**DISTRICT EDUCATION OFFICE, NABARANGPUR**

PHONE NO.06858-295390

E-mail : deonabarangpur23@gmail.com, mdm.ngp@gmail.com

No. 1705/S&ME (MDM)-06/VII/2025 Dated: 26.03.2025

**ADDENDUM**

It is hereby informed to all concerned that, the following one additional term is added to the Terms and Conditions of the Tender Call Notice No.1502 dtd.11.03.2025 for selection of Transport Contractor for all blocks of Nabarangpur District for supply of food grains for the FY 2025-26 under PM POSHAN (MDM) Scheme;

**1(ix). The tenderer should not be a Rice Miller / OSCSC Ltd H&T contractor Level- 1 & Level-2. An affidavit to this effect sworn before the Executive Magistrate or the Notary along with Non-involvement and non-pendency of any criminal offences and also about No-Government -Dues pending against him must be enclosed with the tender paper.**

Further the last date of receipt of tender paper is hereby extended to 10.04.2025 and opening of the tender is scheduled to be fixed on 11.04.2025 at 10.A.M. at Collectorate, Nabarangpur. Other terms and conditions of tender papers remain unchanged.

**Sd./- Collector & District Magistrate, Nabarangpur**

**Tender Call Notice**

**PANCHAYAT SAMITI, MANESWAR, DIST. - SAMBALPUR**

**BID IDENTIFICATION NO. 01 PS/MAN/02/2025-26**

**No. 562 Dtd. 25.03.2025**

The Block Development Officer, Maneswar on behalf of Governor of Odisha invites Percentage Rate bids in single cover system for the execution of works as detailed in the following table.

| Sl. No. | Name of the Work | Value of work put to Tender (without GST) | Period of Completion | Class of Contractor | Bid Security @1% (Rs) | Cost of bid document with labour charges |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day sub centre building Sindurpank | 3667759.00 | 09 (Nine) Calendar months | B & C class | 36678.00 | Rs.6500.00 |

The sale of the Bid documents shall start from **Dt.27.03.2025 at 11.00 A.M. and close on Dt.04.04.2025 at 03.00 P.M.** Bids shall be received by this office up to **05.00 P.M. of 05.04.2025** through Registered Post/Speed Post only. The authorization date will be extended when the postal department is closed. **Date & Time of opening 05.04.2025 at 11.00 A.M. Details available in DTCN. Website Address http://sambalpur.odisha.gov.in**

**N.B. : The intending bidders who have defulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work.**

The undersigned reserves the right to reject any or all bids without assigning any reasons thereof.

**Sd./- Block Development Officer**
**Maneswar**

# ଆଜିଠୁ ଜଳଛତ୍ର ଖୋଲିବାକୁ ବିଡିଓଙ୍କ ନିର୍ଦ୍ଦେଶ

କାକଟପୁର/ଅସ୍ତରଙ୍ଗ, ୨୬।୩ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)


ବୈଠକରେ ବିଡିଓଙ୍କ ସହ ଅନ୍ୟ ଅଧିକାରୀମାନେ।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବୁଧବାର ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମ, ପଡ଼ା ଓ ୱାର୍ଡରେ ଜଳସଙ୍କଟ ଥିବା ଅଞ୍ଚଳକୁ ଚିହ୍ନଟକରି ପାନୀୟ ଜଳଯୋଗାଣ ସୁନିଶ୍ଚିତ କରିବା, ଅନ୍ୟାନ୍ୟ ବ୍ୟବହାର ପାଇଁ ୱାଟର ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଇ ଦେବା, ବଜାରଘାଟ, ବସଷ୍ଟାଣ୍ଡ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ପାନୀୟଜଳ ସେବାକେନ୍ଦ୍ର ଓ ଜଳଛତ୍ର ଖୋଲିବା ସହ ଆଗୁଆ ଅଚଳ ନଳକୂପଗୁଡ଼ିକର ମରାମତି, ପାଇପ୍ ଜଳଯୋଗାଣ ତ୍ୱରାନ୍ୱିତ କରିବା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରିଣୀ ବେହେରା ପାନୀୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ ଅସ୍ତରଙ୍ଗ ବ୍ଲକରେ ଟ୍ୟାଙ୍କର ୨ଟି ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ନିୟୋଜିତ ହୋଇଥିବା ବେଳେ ୭୩୫ଟି ଟ୍ୟୁବ୍‌ୱେଲ୍ ସ୍ଥାପନ ହୋଇଛି। ମତ୍ସ୍ୟପାଳନ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ବୁଲାଗୋରୁମାନଙ୍କ ପିଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଥିବା ଅଚଳ ନଳକୂପଗୁଡ଼ିକ ମରାମତି ସହ ପ୍ରଚୁର ପରିମାଣର ଓଆରଏସ୍ ମହଜୁଦ ରଖିବା ପାଇଁ କୁହାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କେବଳ ସକାଳବେଳା ଖୋଲାରଖିବା ସହ ପାନୀୟ ଜଳ ବ୍ୟବସ୍ଥା ଓ ଆବଶ୍ୟକ ପରିମାଣର ଓଆରଏସ୍ ପ୍ୟାକେଟ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଯୋଗାଇଦେବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ପରାମର୍ଶ ଦିଆଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଂଶୁଘାତ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା, ଜୀବନ ରକ୍ଷାକାରୀ ଔଷଧ, ସାଲାଇନ୍ ଓ ଓଆରଏସ୍ ମହଜୁଦ ରଖିବା ଏବଂ ଜନସାଧାରଣଙ୍କ ମଧ୍ୟରେ ଅଂଶୁଘାତଜନିତ ସଚେତନତା ବାର୍ତ୍ତା ପ୍ରଚାର ବ୍ୟବସ୍ଥା କରିବା ସହ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତଜନିତ ସ୍ୱାସ୍ଥ୍ୟ ପରିଚାଳନା ପାଇଁ ସ୍ୱତନ୍ତ୍ର ଗୃହ ରଖିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ବୈଠକରେ ଅନୁପସ୍ଥିତ ରହିଲେ ଏକାଧିକ ଅଧିକାରୀ

ବୈଠକରେ ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ବୈଠକରେ ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀ ଯେପରିକି ମଣ୍ଡଳ ଶିକ୍ଷାଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅନୁପସ୍ଥିତ ଥିବାବେଳେ ଜଳସେଚନ ବିଭାଗର କୌଣସି ଅଧିକାରୀ ନ ଥିବାରୁ କେନାଲ ଜଳସେଚନ ସମ୍ବନ୍ଧରେ ଆଲୋଚନା ହୋଇ ନ ଥିଲା। ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରୁ କେବଳ ଅସ୍ତରଙ୍ଗ, ଖାଡ଼ଲିଙ୍ଗ, ପାଟଳଦା ଓ ଛୁରିଆନା ସରପଞ୍ଚ ଉପସ୍ଥିତ ଥିବାବେଳେ ଅନ୍ୟ ପଞ୍ଚାୟତ ସରପଞ୍ଚ ଅନୁପସ୍ଥିତ ଥିଲେ।

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

अल्पकालीन ई–निविदा आमंत्रण सूचना संख्या – EE/RDSD/LATEHAR/25/2024-25

1. कार्य की विस्तृत विवरणीः

| क्र० सं० | कार्य का नाम | परिमान विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार पंचायत भुसूर में जिलास्तरीय पुस्तकालय का निर्माण। | 4,77,72,074 | 9,55,500 | 10000 | 12 माह |

2. वेबसाइट में निविदा प्रकाशन की तिथि – 07.04.2025
3. ई–निविदा प्राप्ति की तिथि एवं समय– दिनांक 07.04.2025 से दिनांक 21.04.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –23.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.349259 Rural Development(24-25):D

# ଟଙ୍କା ପାଇଁ ଅପହରଣ ପରେ ହତ୍ୟା

**ୱାଜିରାବାଦ୍(ଦିଲ୍ଲୀ), ୨୬।୩**

ନାବାଳକଙ୍କ ମଧ୍ୟରେ ଅପରାଧ ପ୍ରବଣତା ବଢ଼ିବାରେ ଲାଗିଛି। ଟଙ୍କା ଲୋଭରେ ନିଜ ସାଥୀଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି। ଏଭଳି ଏକ ଘଟଣା ଦିଲ୍ଲୀ ୱାଜିରାବାଦ୍ ଅଞ୍ଚଳରେ ଘଟିଛି। ଜଣେ ୧୫ବର୍ଷୀୟ ନାବାଳକଙ୍କୁ ତାଙ୍କର ୩ଜଣ ସାଥୀ ଅପହରଣ ପରେ ହତ୍ୟା କରିଛନ୍ତି। ପରେ ମୃତ ନାବାଳକଙ୍କ ମୋବାଇଲ୍‌ରୁ ତାଙ୍କ ବାପାଙ୍କ ପାଖକୁ ଫୋନ କରି ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ହେଲେ ସେମାନଙ୍କ ଏହି ଚାଲ୍ ଧରା ପଡ଼ିଯାଇଥିଲା। ଅଭିଯୋଗ ପରେ ପୋଲିସ ସିସିଟିଭି ଭିଡିଓକୁ ଯାଞ୍ଚକରି ୩ଜଣ ନାବାଳକ ସାଥୀଙ୍କୁ ଧରି ସେମାନଙ୍କୁ ପଚରାଉଚରା କରୁଛି।



ପୁଅ ମୃତ୍ୟୁ ଖବର ପାଇବା ପରେ ଶୋକାକୁଳ ପରିବାର ସଦସ୍ୟ।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ମିଳନ ବିହାରରେ ବିକାଶ ଗର୍ଗ ନାମକ ଜଣେ ଡ୍ରାଇଭର ରୁହନ୍ତି। ତାଙ୍କ ପୁଅ ବୈଭବ ମୁଖାର୍ଜୀ ନଗରରେ ଥିବା ଏକ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢ଼ନ୍ତି। ଗତ ରବିବାର ବୈଭବଙ୍କୁ କେହି ଅପହରଣ କରି ନେଇଥିଲେ। ପୁଅକୁ ବହୁ

**ଧରାପଡ଼ିଲେ ୩ ନାବାଳକ ସାଥୀ**

ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ପାଇବାରୁ ବିକାଶ ପିସିଆର୍ କଲ୍ ମାଧ୍ୟମରେ ୱାଜିରାବାଦ୍ ଥାନାକୁ ସୋମବାର ଜଣାଇଥିଲେ। ତଦନ୍ତ ସମୟରେ ବୈଭବ ତାଙ୍କ ୩ଜଣ ନାବାଳକ ସାଥୀଙ୍କ ସହ ଏକ ବାଇକ୍‌ରେ ବସି ଖାରୋଡ଼ାପୁଷ୍ଟ ରୋଡ୍ ଦେଇ ଯାଉଥିବାର ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଉକ୍ତ ୩ଜଣ ନାବାଳକଙ୍କ ଉପରେ ପୋଲିସ ସନ୍ଦେହ କରି ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଜେରା ସମୟରେ ୩ ନାବାଳକ ବୈଭବଙ୍କୁ ଟଙ୍କା ପାଇଁ ହତ୍ୟା କରିଥିବା ସ୍ୱୀକାର କରିଥିଲେ ବୋଲି ଡିସିପି(ନର୍ଥ) ରାଜା ବାଣ୍ଠିଆ କହିଛନ୍ତି। ଧରାପଡ଼ିଥିବା ନାବାଳକଙ୍କ କହିବା ଅନୁସାରେ, ସେମାନେ ବୈଭବଙ୍କୁ ବାଇକ୍‌ରେ ବସାଇ ଭାଲାସ୍ୱ ଲେକ୍ ନିକଟସ୍ଥ ଏକ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ବୈଭବଙ୍କୁ ଛୁରିରେ ହତ୍ୟା କରିବା ପରେ ମୃତଦେହ ମାଟିତଳେ ପୋତି ସେଠାରୁ ଚାଲିଆସିଥିଲେ। ପରଦିନ ବୈଭବଙ୍କ ମୋବାଇଲରୁ ତାଙ୍କ ବାପାଙ୍କୁ ଫୋନ କରି ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଏହା ଶୁଣି ବିକାଶ ପୋଲିସକୁ ସୂଚନା ଦେଇଥିଲେ। ଏହି ଘଟଣାରେ ପୋଲିସ ୩ଜଣ ନାବାଳକଙ୍କୁ ଧରି ସେମାନଙ୍କ ସୂଚନା ଆଧାରରରେ ମଙ୍ଗଳବାର ମୃତଦେହକୁ ଉଦ୍ଧାର କରିବା ସହ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଜଟଣୀ ପୌର ପରିଷଦ ଇଓ ଗିରଫ

## ପ୍ରକୃତ ଆୟଠାରୁ ଆୟବହିର୍ଭୂତ ସମ୍ପତ୍ତି ୧୫୫% ଅଧିକ

- ବ୍ୟାଙ୍କ, ପୋଷ୍ଟାଲ ଓ ଅନ୍ୟାନ୍ୟ ଜମା ୧.୪୦ କୋଟି ଠାବ
- ମିଳିଲା ଆଉ ୩୨୫ ଗ୍ରାମର ସୁନା, ମାମଲାରେ ଫସିଲେ ପତ୍ନୀ

**ଭୁବନେଶ୍ୱର/ଜଟଣୀ, ୨୬।୩ (ସତ୍ୟଜିତ୍ ରାଉତ/ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ) ସୂର୍ଯ୍ୟମଣି ପାଢୀଯୋଶୀଙ୍କୁ ବୁଧବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ଅଧିକ ଯାଞ୍ଚ ପରେ ସୂର୍ଯ୍ୟମଣି ୧ କୋଟି ୪୦ ଲକ୍ଷ ୮୮ ହଜାର ୭୦୪ ଟଙ୍କାର ବ୍ୟାଙ୍କ, ପୋଷ୍ଟାଲ ଓ ଅନ୍ୟାନ୍ୟ ଜମାରାଶି ରଖିଥିବା ଜଣାପଡ଼ିଛି। ଏଥିସହ ତାଙ୍କ ଘରୁ ଭିଜିଲାନ୍ସ ଟିମ୍ ଆଉ ୩୨୫ ଗ୍ରାମର ସୁନା ଅଳଙ୍କାର ମଧ୍ୟ ପାଇଛି। ଏହାବ୍ୟତୀତ ଏହି ଦୁଇଦିନର ଯାଞ୍ଚରେ ଭିଜିଲାନ୍ସ ଟିମ୍ ସୂର୍ଯ୍ୟମଣି ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଏହି ଆୟବହିର୍ଭୂତ ସମ୍ପତ୍ତି ସୂର୍ଯ୍ୟମଣିଙ୍କ ପ୍ରକୃତ ଆୟଠାରୁ ୧୫୫ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂର୍ଯ୍ୟମଣିଙ୍କ ବିରୋଧରେ ଭିଜିଲାନ୍ସ ସେଲ୍ ଥାନାରେ ଏ ସଂକ୍ରାନ୍ତୀୟ ମାମଲା(ନଂ.୩/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହି ମାମଲାରେ ସୂର୍ଯ୍ୟମଣିଙ୍କ ସ୍ତ୍ରୀ ମଧ୍ୟ ଫସିଛନ୍ତି। ସମ୍ପତ୍ତି ଠୁଳ କରିବାରେ ସ୍ତ୍ରୀ ସହଯୋଗ କରିଥିବାରୁ ଭିଜିଲାନ୍ସ ତାଙ୍କୁ ମାମଲାରେ ଅଭିଯୁକ୍ତ ଦର୍ଶାଇଛି। ତେବେ ଅଭିଯୁକ୍ତ ସୂର୍ଯ୍ୟମଣିଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ସୂର୍ଯ୍ୟମଣି ପାଢୀଯୋଶୀ

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ସୂର୍ଯ୍ୟମଣିଙ୍କ ଘର ସମେତ ଜଟଣୀ, ଭୁବନେଶ୍ୱର, ବ୍ରହ୍ମପୁର ଓ ଗଞ୍ଜାମର ମୋଟ ୧୦ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଏହି ଚଢ଼ାଉରେ ୪ଟି ଦାମୀ ଫ୍ଲାଟ୍, ୨ ବହୁତଳ ପ୍ରାସାଦ ଓ ୧୧ ପ୍ଲଟ୍ ଠାବ କରିଥିଲା। ସେହିପରି ମୋଟ ୪୭୫ ଗ୍ରାମର ସୁନା ଅଳଙ୍କାର, ୧୭ ଲକ୍ଷ ନଗଦ ଟଙ୍କା, ଗୋଟିଏ କାର୍, ୩ଟି ୨ ଚକିଆ ଯାନ ଓ ୧୮.୩୨ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରିଛି। ଏହି ମାମଲାରେ ଭିଜିଲାନ୍ସ ଅଧିକ ତଦନ୍ତ ଚଳାଇଛି।

# ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା

**ଅଭିଯୁକ୍ତ ସ୍ୱାମୀ ଗିରଫ**

**ସୁନ୍ଦରଗଡ, ସବ୍‌ଡେଗା, ୨୬।୩ (ଜୟନାରାୟଣ ମେଣ୍ଡୁଲୀ/ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ହୁଟୁପାନି ଗ୍ରାମରେ ଘରୋଇ କଳହକୁ କେନ୍ଦ୍ର କରି ବୁଧବାର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ମୃତାଙ୍କ ନାମ ଦୁର୍ଗାବତୀ ସିଂ(୪୫)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ରୂପନନ୍ଦ ସିଂ(୫୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତାଙ୍କ ପୁଅ ଚାନ୍ଦପ୍ରସାଦ ସିଂଙ୍କ ଏତଲାକ୍ରମେ ଥାନାରେ ଏକ ମାମଲା(ନଂ.୬୦/୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ସକାଳେ ଦୁର୍ଗାବତୀ ଜଙ୍ଗଲ ପାଖରେ ଥିବା ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇଥିଲେ। ମହୁଲ ଗୋଟାଉଥିବା ସମୟରେ ସକାଳ ପ୍ରାୟ ୮ଟା ବେଳେ ତାଙ୍କ ସ୍ୱାମୀ ରୂପନନ୍ଦ ସେଠାରେ ପହଞ୍ଚିଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରୂପନନ୍ଦ ପାଖରେ ଥିବା ଏକ ପଥର ଦୁର୍ଗାବତୀଙ୍କ ମୁଣ୍ଡରେ ଓ ମୁହଁରେ ଛେଚି ଦେଇଥିଲେ। ଚିତ୍କାର କରି ଦୁର୍ଗାବତୀ ସେଠାରେ ଟଳି ପଡିଥିଲେ। ଏହି ସମୟରେ ଆଖପାଖରେ ମହୁଲ ଗୋଟାଉଥିବା ଗାଁର ମହିଳାମାନେ ରୂପନନ୍ଦଙ୍କ ଏପରି କାଣ୍ଡ ଦେଖି ସେଠାରୁ ଭୟରେ ଦୌଡି ପଳାଇ ଆସିଥିଲେ। ଗାଁର ମହିଳାମାନଙ୍କଠାରୁ ଖବର ପାଇ ଦୁର୍ଗାବତୀଙ୍କ ପୁଅ ତଳସରା ଥାନା ପୋଲିସକୁ ଜଣାଇଥିଲେ। ତଳସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଗାବତୀଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲା। ଅପରପକ୍ଷରେ ଅଭିଯୁକ୍ତ ସବ୍‌ଡେଗାରେ ଥିବା ଖବର ପାଇ ପୋଲିସ ତାଙ୍କୁ ସେଠାରୁ ଗିରଫ କରିଥିଲା। ପଚରାଉଚରା ବେଳେ ରୂପନନ୍ଦ ଦୋଷ ସ୍ୱୀକାର କରିଥିବା ତଳସରା ଥାନା ଆଇଆଇସି ପୁଷ୍ପେନ୍ଦୁ ସାଗର କହିଛନ୍ତି।

ପ୍ରକାଶଥାଉ କି, ଆଉ ତିନି ଦିନ ପରେ ଦୁର୍ଗାବତୀଙ୍କ ପୁଅ ଚାନ୍ଦପ୍ରସାଦ ସିଂ(୨୨)ଙ୍କର ବିବାହ ହୋଇଥାନ୍ତା।

# ସିନ୍ ରିକ୍ରିଏଶନ୍ କଲା କ୍ରାଇମ୍‌ବ୍ରାଞ୍ଚ

**ବାପାଙ୍କ ଦ୍ୱିତୀୟ ବିବାହକୁ ବିରୋଧ ଯୋଗୁ ୨ ପୁଅ ହତ୍ୟା ଘଟଣା**

**ନୟାଗଡ଼, ୨୬।୩(ଲୋକନାଥ ମିଶ୍ର)**

ବହୁ ଚର୍ଚ୍ଚିତ ନୟାଗଡ଼ ଜିଲା ଫତେଗଡ଼ ଥାନା ଧାନଚାଙ୍ଗଡା ଗାଁର ୨ ନାବାଳକ ଭାଇ ଆକାଶ (୧୪) ଓ ସାନ ଭାଇ ବିକାଶ ମହାନ୍ତି (୯) ହତ୍ୟା ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ବୁଧବାର ହତ୍ୟାକାରୀ ବାପାଙ୍କୁ ଧାନଚାଙ୍ଗଡା ଗାଁକୁ ଆଣି କ୍ରାଇମବ୍ରାଞ୍ଚ ସିନ୍ ରିକ୍ରିଏଶନ୍ କରିଛି। ବାପା କିପରି ନିଜ ୨ପୁଅଙ୍କୁ ହତ୍ୟା କଲେ ତାର ଡେମୋ କ୍ରାଇମବ୍ରାଞ୍ଚଙ୍କୁ ଦେଖାଇନ୍ତି।

ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଧାନଚାଙ୍ଗଡ଼ା ଗାଁରେ ବାପାଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରିବାରୁ ଜଣେ ବ୍ୟକ୍ତି ଉତ୍ତେଜିତ ହୋଇ ନିଜର ୨ ନାବାଳକ ପୁଅଙ୍କୁ ହତ୍ୟା କରି ସିଡ଼ି ରେଲିଂରେ ଝୁଲାଇ ଦେଇଥିଲେ। ୨ ନାବାଳକଙ୍କ ମାମୁ ଲକ୍ଷ୍ମଣ ନାୟକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୧/୨୫) ରୁଜୁ କରି ଫତେଗଡ଼ ଥାନା ପୋଲିସ ମୃତକଙ୍କ ବାପା ପ୍ରକାଶ ମହାନ୍ତି (୪୦) ଓ ଜେଜେମା' ସଉରୀ ମହାନ୍ତି(୬୮)ଙ୍କୁ ଗିରଫ କରିଥିଲା।

# ଜାଲିଆତି କରି ବ୍ୟାଙ୍କରୁ ୩.୮୨ କୋଟି ଠକେଇ



ଗିରଫ ଅଭିଯୁକ୍ତ ଓ ଜବତ ନକଲି ଟଙ୍କା।

**ଭୁବନେଶ୍ୱର, ୨୬।୩ (ସୂର୍ଯ୍ୟକାନ୍ତ ବେହେରା)**

ଏକ ଜମିକୁ ଚକ୍ରାନ୍ତ କରି ନିଜକୁ ମାଲିକାନା ଦର୍ଶାଇବା ସହ ବ୍ୟାଙ୍କରେ ବନ୍ଧକ ରଖି ୩.୮୨ କୋଟି ଋଣ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଜଣେ ହୋମ୍‌ଗାର୍ଡଙ୍କ ସମେତ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଚାନ୍ଦିନୀଚୌକ ଅଞ୍ଚଳର ଧନଞ୍ଜୟ ପୃଷ୍ଟି, କଟକ ଲାଲ୍‌ବାଗ ଥାନା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର ନିରାପଦ କର୍ମକାର, ଚୌଦ୍ୱାରର ସୁରେନ୍ଦ୍ର କୁମାର ବେଉରା, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଭଦ୍ରକ ଭଣ୍ଡାରିପୋଖରୀର ନିରଞ୍ଜନ ଶତପଥୀ ଓ ତାଙ୍କ ସ୍ତ୍ରୀ ରିନାରାଣୀ ଶତପଥୀ। ନିରଞ୍ଜନଙ୍କ ଘରେ ଚଢ଼ାଉ ବେଳେ ଇଓଡବ୍ଲ୍ୟୁ ନଗଦ ୫୧ ହଜାର ୧୦୦ଟଙ୍କା, ଏକାଧିକ ସେଲ୍‌ଡିଡ୍, ଆଧାର କାର୍ଡ, ପ୍ୟାନ, ଏଟିଏମ୍ କାର୍ଡ, ପାସ୍‌ବୁକ, ୫ ହଜାରରୁ ଅଧିକ ନକଲି ଭାରତୀୟ ମୁଦ୍ରା ସହ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ଏନେଇ ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କଟକ ଓପିଆଇଡି କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କଟକ ଏସ୍‌ବିଆଇ

- ହୋମଗାର୍ଡଙ୍କ ସମେତ ୫ ଗିରଫ
- ଦମ୍ପତିଙ୍କ ଘରୁ ମିଳିଲା ନକଲି ନୋଟ

କାର୍ଯ୍ୟାଳୟର ବ୍ୟାଙ୍କ ମ୍ୟାନେଜର ଭବାନୀ ଶଙ୍କର ମହାନ୍ତିଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଏହି ପଦକ୍ଷେପ ଗ୍ରହଣ କରିଛି। ଅନ୍ୟପଟେ ନକଲି ନୋଟ ଜବତ ହେବା ପରେ ଏସ୍‌ଟିଏଫ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବାକୁ ସୁପାରିସ କରାଯାଇଛି। ସେହିପରି ଏହି ମାମଲାରେ ଆଉ କେତେକ ଅଭିଯୁକ୍ତ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

ଇଓଡବ୍ଲ୍ୟୁ ସୂଚନାନୁଯାୟୀ, ଅଭିଯୁକ୍ତ ଧନଞ୍ଜୟ ଓ ସୁରେନ୍ଦ୍ର ୨୦୨୨ରେ ମା' ଗଙ୍ଗା ଏଣ୍ଟରପ୍ରାଇଜ୍ ନାମକ ଏକ ସହଭାଗୀ(ପାର୍ଟନରଶିପ୍) କମ୍ପାନୀ କରିଥିଲେ। ୨୦୨୩ ରେ ଉଭୟ ସହଭାଗୀ କମ୍ପାନୀରୁ ଇସ୍ତଫା ଦେବା ସହ ଜୋନାକୀ କର୍ମକାର ଏବଂ ଶରତ ଚନ୍ଦ୍ର ସ୍ୱାଇଁଙ୍କୁ ଉକ୍ତ କମ୍ପାନୀ ହସ୍ତାନ୍ତର କରିଥିଲେ। ହସ୍ତାନ୍ତର ପରେ ନୂତନ ସହଭାଗୀମାନେ ବେଆଇନ ଜମି ଜମା କାଗଜପତ୍ର ଜରିଆରେ କ୍ଷୁଦ୍ର ଶିଳ୍ପ ସଂସ୍ଥା କରିବା ନାଁରେ ୩.୫୦ କୋଟି ଟଙ୍କାର ଋଣ (ଏବିଏଲ) ପାଇଁ ଆବେଦନ କରିଥିଲେ। ତେବେ ଜମିର ପ୍ରକୃତ ମାଲିକଙ୍କ ନାମ ଶରତ ଚନ୍ଦ୍ର ସ୍ୱାଇଁ ହୋଇଥିବାରୁ ସମାନ ନାମର ସୁଯୋଗ ନେଇ ଅଭିଯୁକ୍ତମାନେ ଜାଲିଆତି କରି ଜମିର କାଗଜପତ୍ର ବନ୍ଧକ ରଖି ମଧୁପାଟଣାର ଏସ୍‌ବିଆଇ ବ୍ୟାଙ୍କରୁ ଋଣ ଆଣିବାରେ ସଫଳ ହୋଇଥିଲେ। ପରେ ଅଭିଯୁକ୍ତମାନେ ଧନଞ୍ଜୟ ଏବଂ ସୁରେନ୍ଦ୍ର ବେଉରାଙ୍କ ନାମରୁ ଜୋନାକୀ କର୍ମକାର ଏବଂ ଶରତ ଚନ୍ଦ୍ର ସ୍ୱାଇଁଙ୍କ ନାମକୁ ପରିବର୍ତ୍ତନ କରିଥିଲେ। ତେବେ ପ୍ରକୃତ ଜମି ମାଲିକ ଶରତ ଚନ୍ଦ୍ର ସ୍ୱାଇଁ ତାଙ୍କ ଉପରୋକ୍ତ ଜମିକୁ ପ୍ରଦୀପ କୁମାର ବେଉରିଆ ଏବଂ ବୀରେନ୍ଦ୍ର କୁମାର ମହାନ୍ତିଙ୍କୁ ବିକ୍ରୟ କରିବା ପରେ ଠକେଇ ପଦାକୁ ଆସିଥିଲା। ଫଳରେ ବ୍ୟାଙ୍କ ପ୍ରକୃତ ଜମି ମାଲିକଙ୍କ ବିକ୍ରୟ ଅର୍ଥ ଅଟକାଇ ଦେଇଥିଲା। ଗିରଫ ଅଭିଯୁକ୍ତ ନିରାପଦ କର୍ମକାର(ଜାନୋକି କର୍ମକାରଙ୍କ ସ୍ୱାମୀ), ନିରଞ୍ଜନଙ୍କ ସ୍ତ୍ରୀ ରିନାରାଣୀ ଏବଂ ଅନ୍ୟମାନେ ଠକେଇର ମୁଖ୍ୟ ଅଭିଯୁକ୍ତ ଥିଲେ। ଏପରି କି ଅନ୍ୟ ଅଭିଯୁକ୍ତମାନଙ୍କ ସହିତ ଏକ ଷଡ଼ଯନ୍ତ୍ରରେ ସାମିଲ ହୋଇ ଉପରୋକ୍ତ ଜମିର ଜାଲ ସେଲ୍ ଡିଡ୍ ଜମା କରି ଜାନୋକି କର୍ମକାର ଏବଂ ନକଲି ଶରତ ଚନ୍ଦ୍ର ସ୍ୱାଇଁଙ୍କ ସପକ୍ଷରେ ଋଣ ପାଇବାରେ ସଫଳ ହୋଇଥିଲେ।

# ଠକ ମା', ଝିଅଙ୍କୁ ଗିରଫ କଲା ପୋଲିସ

**ବିବାହ ଆଳରେ ଆନ୍ଧ୍ର ଯୁବକଙ୍କୁ ଠକେଇ**

**ଭୁବନେଶ୍ୱର, ୨୬।୩ (ସତ୍ୟଜିତ୍ ରାଉତ)**

ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମ୍‌ର ଜଣେ ଯୁବକଙ୍କୁ ବିବାହ କରିବା ଆଳରେ ଓଡ଼ିଶାର ଜଣେ ମହିଳା ଏବଂ ତାଙ୍କ ବିବାହିତ ଝିଅ ସୁନା ଓ ରୁପା ଅଳଙ୍କାର, ଟଙ୍କା ଆଦି ଠକି ନେଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ନୟାପଲ୍ଲୀ ଥାନା ପୋଲିସ ଠକ ମା' ଓ ଝିଅଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତା ମା' ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନିରେ ରହୁଥିବା ନୟାଗଡ଼ ଓଡ଼ଗାଁ ଥାନା ଅଞ୍ଚଳର ମମତା ଦାସ ଓ ଝିଅ ଲକ୍ଷ୍ମୀ ଦିଗଲ୍। ସେମାନଙ୍କଠୁ ସୁନା ଓ ରୁପା ଅଳଙ୍କାର ଆଦି ପୋଲିସ ଜବତ କରିଛି। ଅଭିଯୁକ୍ତଦ୍ୱୟଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ପୀଡ଼ିତ ଯୁବକ ହେଲେ ଆନ୍ଧ୍ରରେ ଏକ ଫାଇନାନ୍ସ ସଂସ୍ଥାରେ ଚାକିରି କରୁଥିବା ଏମ୍.ବି ଶଙ୍କର। ମଧ୍ୟସ୍ଥ ଦ୍ୱାରା ସେ ଝିଅ ଘର ପକ୍ଷଙ୍କ ସହ ପରିଚିତ ହୋଇଥିଲେ। ଗତ ୧୯ତାରିଖରେ ଶଙ୍କର ଓ ତାଙ୍କ ପରିବାର ଲୋକମାନେ ଭୁବନେଶ୍ୱରରେ ପହଞ୍ଚିଥିଲେ। ନୟାପଲ୍ଲୀ ରେଣ୍ଟାଲ କଲୋନିରେ ରହୁଥିବା ଝିଅ ଘର ପରିବାରକୁ ସେମାନେ ଭେଟିବା ପରେ ବିବାହ ନେଇ ଆଲୋଚନା ହୋଇଥିଲା। ଶଙ୍କର ଟଙ୍କା ଖର୍ଚ୍ଚ କରି ବିବାହ ପାଇଁ ନିଜର ଓ ଝିଅ ପାଇଁ ଶପିଂ ମଧ୍ୟ କରିଥିଲେ। ପରେ ୨୧ ତାରିଖରେ ଭୁବନେଶ୍ୱରର ଏକ ହୋଟେଲରେ ନିର୍ବନ୍ଧ ହୋଇଥିଲା। ତେବେ ଆନ୍ଧ୍ରପ୍ରଦେଶର ପରମ୍ପରା ଅନୁଯାୟୀ ନିର୍ବନ୍ଧ ବେଳେ ପୁଅ ଘର ପକ୍ଷରୁ ଝିଅକୁ ୩ ଲକ୍ଷ ୫୦ ହଜାର ଟଙ୍କାର ବିଭିନ୍ନ ସୁନାରୁପା ଅଳଙ୍କାର, ନଗଦ ୫୦ ହଜାର ଟଙ୍କା ଆଦି ଦିଆଯାଇଥିଲା। ୨୩ ତାରିଖରେ କୋର୍ଟରେ ବିବାହ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ହେଲେ ବିବାହ ପାଇଁ ଝିଅ ଘର ପକ୍ଷ ନ ଆସିବାରୁ ଶଙ୍କରଙ୍କ ସନ୍ଦେହ ହୋଇଥିଲା। ପରେ ଅଧିକ ବୁଝିବାରୁ ଲକ୍ଷ୍ମୀ ପୂର୍ବରୁ ବିବାହିତ ବୋଲି ଜଣାପଡ଼ିଥିଲା। ଏପରିକି ତାଙ୍କର ଏକ ପୁତ୍ର ସନ୍ତାନ ଥିବା ବେଳେ ବିବାହ ବିଚ୍ଛେଦ ପାଇଁ ସ୍ୱାମୀଙ୍କ ସହ ବିବାଦ ଚାଲିଥିବା ଜଣାପଡ଼ିଥିଲା। ସୁନା ଅଳଙ୍କାର ଓ ଟଙ୍କା ଠକିବା ଉଦ୍ଦେଶ୍ୟରେ ଝିଅ ଓ ମା' ଏଭଳି ଚାଲ୍ ଖେଳିଥିବା ଜଣାପଡ଼ିବା ପରେ ଶଙ୍କରଙ୍କ ମା' କୁମାରୀ ଲିମାଇ ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ.୧୨୫/୨୦୨୫) ରୁଜୁକରି ତଦନ୍ତ କରିଥିଲା।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

**ଅପ୍ରାକୃତ ଯୌନ ସମ୍ପର୍କ ମାମଲା**

**କେନ୍ଦୁଝର, ୨୬।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଜଣେ ୭ବର୍ଷର ବାଳକ ସହ ଅପ୍ରାକୃତ ଯୌନ ସମ୍ପର୍କ ମାମଲାର ଶୁଣାଣି ହୋଇଛି। ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମୋନାଲିସା ମହାନ୍ତ ଏହାର ଶୁଣାଣିକରି ଅଭିଯୁକ୍ତ କାଉଚିଆ ନାଏକ(୨୩)ଙ୍କୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ପୀଡ଼ିତଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି।

ପ୍ରକାଶ ଯେ, ନାବାଳକ ଜଣକ ୨୦୧୯ ସେପ୍ଟେମ୍ବର ୧୫ରେ ବାପାଙ୍କ ସହ ଶାଳପଡ଼ା ସାଉନ୍ତିସାହିସ୍ଥିତ ଅଜାଙ୍କ ଘରକୁ ଯାଇଥିଲେ। ସନ୍ଧ୍ୟାରେ ପରିବାର ସହ ହାଟକୁ ଯାଇଥିବା ବେଳେ ନାବାଳକ କାନ୍ଦିଥିଲେ। କାଉଚିଆ ତାଙ୍କୁ ଘରେ ଛାଡ଼ ଦେବ କହି ହାଟ ନିକଟ ଏକ ବୁଦା ମୂଳେ ଅପ୍ରାକୃତ ଭାବେ ଯୌନ ସମ୍ପର୍କ ରଖିଥିଲେ। ନାବାଳକଙ୍କ ବାପା ଘରକୁ ଫେରି ପୁଅ ଫେରି ନ ଥିବା ଜାଣିବାକୁ ପାଇଥିଲେ। ଖୋଜାଖୋଜି ପରେ ଗୁରୁତର ଅବସ୍ଥାରେ ବୁଦାମୂଳେ ପଡ଼ିଥିବା ଦେଖିଥିଲେ। ଏ ସଂକ୍ରାନ୍ତରେ ନାବାଳକଙ୍କ ବାପା ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୧୫ ଜଣ ସାକ୍ଷୀ ଏବଂ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ପିପି ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।


ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 447/383 | 64/2891 | 0.35 | 0.15 | ଶାରଦ ଦୁଇ | ସାରଙ୍ଗ ହାଁସଦା, ପି:କିଷ୍ଟାଇ ହାଁସଦା, ଫୁଲ ହାଁସଦା, ସ୍ୱା:ସାରଙ୍ଗ ହାଁସଦା, ମାୟାବତୀ ହାଁସଦା, ଶିବ ଶଙ୍କର ହାଁସଦା, ପି:ସାରଙ୍ଗ ହାଁସଦା, ଜା:ସାନ୍ତାଳ, ବା:ବ୍ରାହ୍ମଣ ପଟକା |
| 447/395 | 30 | 0.52 | 0.03 | ଆଶୁ | ବାବା ବଟେଶ୍ୱର ଉଚ୍ଚ ଇଂରାଜୀ ବିଦ୍ୟାଳୟ, ବଡାମପୁର, ମାରଫତ-ସମ୍ପାଦକ |
| 447/408 | 635/2915 | 0.28 | 0.06 | ଶାରଦ ଦୁଇ | ଦାସ ହାଁସଦା, ସିଙ୍ଗରାୟ ହାଁସଦା, ପି:ମଠା ମାଝୀ, ପାହ୍ଲ ହାଁସଦା, ସ୍ୱା:ମଠା ମାଝୀ, ରାମଦାସ ମାଝୀ ଓରଫ ହାଁସଦା, ପି: ରାମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ, ସୁନ୍ଦର ହାଁସଦା ଚୈତନ୍ୟ ହାଁସଦା, ପି:ବିଶ୍ୱନାଥ ହାଁସଦା, ଜା:ସାନ୍ତାଳ, ବା:ପାଞ୍ଚମାଣିଆ |
| | 65 | 0.23 | 0.07 | ଶାରଦ ତିନି | |
| 447/409 | 635/2917 | 0.29 | 0.06 | ଶାରଦ ଦୁଇ | ବୁଢାଏ ମାଝୀ ଓରଫ ମାର୍ଣ୍ଡି, ପି: ଲକ୍ଷ୍ମଣ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 447/410 | 635 | 0.26 | 0.07 | ଶାରଦ ଦୁଇ | ମଠା ମାଝୀ ଓରଫ ମାର୍ଣ୍ଡି, ପି:ଲକ୍ଷ୍ମଣ ମାଝୀ, ଜା:ସାନ୍ତାଳ, ବା:ବଡାମପୁର |
| 447/411 | 64 | 0.68 | 0.18 | ଶାରଦ ଦୁଇ | ସୁରାଇ ମାର୍ଣ୍ଡି, ରଥ ମାର୍ଣ୍ଡି, ପି:ଲକ୍ଷ୍ମଣ ମାର୍ଣ୍ଡି, ସନିଆ ମାର୍ଣ୍ଡି, ପି:ଖୁସାଲ ମାର୍ଣ୍ଡି, ମାନକ ମାର୍ଣ୍ଡି, ସ୍ୱା:ଖୁସାଲ ମାର୍ଣ୍ଡି, ଜା:ସାନ୍ତାଳ, ବା:ବଡାମପୁର |
| | 65/2920 | 0.06 | 0.02 | ଶାରଦ ତିନି | |
| 447/419 | 649/2403 | 0.14 | 0.01 | ଶାରଦ ତିନି | ପ୍ରଭାକର ବେହେରା, ପି:ଯୋଗେନ୍ଦ୍ର ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| | 649/2402 | 0.09 | 0.05 | ଶାରଦ ଦୁଇ | |
| 447/442 | 75 | 0.80 | 0.33 | ଆଶୁ | ସର୍ବେଶ୍ୱର ବେହେରା, ବିଘ୍ନେଶ୍ୱର ବେହେରା, ପି:କାଙ୍ଗାଳି ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| 447/445 | 1000/2956 | 0.32 | 0.02 | ଶାରଦ ତିନି | ମନ୍ଦର ଧର ରାଉତ, ପି:ଗୋବିନ୍ଦ ଚନ୍ଦ୍ର ରାଉତ, ଜା:ଖଡାଳ, ବା:ନିଜଗାଁ |
| 447/472 | 917 | 0.29 | 0.12 | ଶାରଦ ଏକ | ସଲମା କିସ୍କୁ, ସ୍ୱା:ମଙ୍ଗଲ କିସ୍କୁ, ଜା:ସାନ୍ତାଳ, ବା: ଭୁତୁରୁବଣୀ, ଥା:ବାରିପଦା, ଜି:ମୟୂରଭଞ୍ଜ |
| 447/481 | 1248 | 1.52 | 0.08 | ଶାରଦ ଏକ | ଅଂଶୁମାନ ଧରମହାପାତ୍ର, ପି:ପ୍ରଦୀପ କୁମାର ଧରମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ |
| 447/483 | 535 | 0.15 | 0.01 | ଶାରଦ ଦୁଇ | ପ୍ରଦୀପ କୁମାର ଧରମହାପାତ୍ର, ପି:ଶ୍ରୀନିବାସ ଧରମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 536 | 0.25 | 0.12 | ଶାରଦ ତିନି | |
| 447/510 | 469 | 0.23 | 0.01 | ଶାରଦ ଦୁଇ | ଛିତା ମାଝୀ, ସ୍ୱା:ଲକ୍ଷ୍ମଣ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 447/513 | 74 | 0.42 | 0.08 | ଆଶୁ | କିସୁନ ମାଝୀ, ପି:କନ୍ଦା ମାଝୀ, ଜା:ସାନ୍ତାଳ, ବା:କରତପଟା |
| 447/536 | 2007/3041 | 0.17 | 0.03 | ଶାରଦ ଏକ | ରଇବା ମହାନ୍ତ, ପି:ପର୍ଶୁ ମହାନ୍ତ, ଜା:କୁଡୁମୀ, ବା:ବଡାମପୁର |
| 447/567 | 1142/2449 | 0.15 | 0.01 | ଶାରଦ ଦୁଇ | ମନ ମୋହନ ଦଣ୍ଡପାଟ, ପି:ହରି ଦଣ୍ଡପାଟ, ଜା:ଖଡାଳ, ବା:ନିଜଗାଁ |
| 447/609 | 541 | 0.16 | 0.10 | ଶାରଦ ଦୁଇ | ନବ କୁମାର ରାଉତ, ପି:ମକୁ ରାଉତ, ଜା:ବଗାଳ, ବା:ନିଜଗାଁ |
| 447/611 | 83/3114 | 0.30 | 0.04 | ଡାହି ଦୁଇ | ରାମ ହେମ୍ବ୍ରମ, ପି:କଟିକାମ ହେମ୍ବ୍ରମ, ଜା:ସାନ୍ତାଳ, ବା:ନିଜଗାଁ |
| 447/625 | 31 | 0.69 | 0.25 | ଶାରଦ ତିନି | ବିରେନ୍ଦ୍ର ଓରଫ ମଙ୍ଗଲ ବେଶ୍ରା, ପି:ଗାଙ୍ଗୁ ଓରଫ ଜଗା ବେଶ୍ରା, ଜା:ସାନ୍ତାଳ, ବା:କେତକୀଶୂଳ |
| 447/644 | 2006 | 0.38 | 0.13 | ଶାରଦ ଏକ | ଯୋଗେଶ୍ୱର ଦଣ୍ଡପାଟ, ବିଘ୍ନେଶ୍ୱର ଦଣ୍ଡପାଟ, ସ୍ୱପ୍ନେଶ୍ୱର ଦଣ୍ଡପାଟ, ସିଦ୍ଧେଶ୍ୱର ଦଣ୍ଡପାଟ, ବାଲକେଶ୍ୱର ଦଣ୍ଡପାଟ, ଅନୁପମା ରାଉତ, ପି: ମନମୋହନ ଦଣ୍ଡପାଟ, ଇଲାରାଣୀ ଦଣ୍ଡପାଟ, ସ୍ୱା:ମନମୋହନ ଦଣ୍ଡପାଟ, ଜା:ଖଡାଳ, ବା:ନିଜଗାଁ |
| 451/19 | 1659 | 0.28 | 0.07 | ଶାରଦ ଦୁଇ | ଉଦୟ ମାଝୀ, ପି:ମାଙ୍ଗାତ ମାଝୀ, ଗଡ୍ଡି ମାଝୀ, ପି: ଦୁଃଖିଆ ମାଝୀ, ବା: |
| 451/23 | 1654 | 0.33 | 0.08 | ଶାରଦ ଏକ | ଥୁଣ୍ଡା ମାଝୀ, ପି:ଛୋଟରାୟ ମାଝୀ, ଜା:ସାନ୍ତାଳ, ବା:ବଡାମପୁର |
| 451/26 | 1661 | 0.44 | 0.21 | ଶାରଦ ଦୁଇ | ସଦାଶିବ ମଲ୍ଲିକ, ଅନନ୍ତ ମଲ୍ଲିକ, ପି:ବୃନ୍ଦାବନ ମଲ୍ଲିକ, ଜା:ସୁଣ୍ଡି, ବା:ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 235 | 263 | | 0.62 | ଶାରଦ ତିନି | ପୁନ୍ତା ମାଝୀ, ସ୍ୱା:ଗୋବିନ୍ଦା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 364 | 266 | | 0.15 | ଶାରଦ ତିନି | ଲଛମନ ମାଝୀ, ପି:କାମ ମାଝୀ, ହିରା ମାଝୀ, ସ୍ୱା:କାମ ମାଝୀ, କରଣ ମାଝୀ, ଅର୍ଜୁନ ମାଝୀ, ପି:ଦାଡକା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 272 | | 0.09 | ପତିତ | |
| 443 | 267 | | 0.14 | ଶାରଦ ତିନି | ହିନ୍ଦୁ ମାଝୀ, ପି:କାମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 292 | 268 | | 0.19 | ଶାରଦ ତିନି | ଭୁକ୍କୁ ମାଝୀ, ପି:ଜଟା ମାଝୀ, ମନ୍ଦ ମାଝୀ, ସ୍ୱା:ବୁଢଣ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 230 | 270 | | 0.24 | ଶାରଦ ତିନି | ପୁଗୁରୀ ମାଝୀ, ଭୁଟୀ ମାଝୀ, ପି:ଚାମୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 261 | 277 | | 0.20 | ଶାରଦ ତିନି | ବିଶ୍ୱନାଥ ମାଝୀ, ପି:ସାନଖେଲା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 271 | | 0.10 | ପତିତ | |
| 53 | 284 | | 0.22 | ଶାରଦ ଦୁଇ | କାରମୁ ମାଝୀ, ଖୁଡୁ ମାଝୀ, ପି:ଲେଙ୍ଗା ମାଝୀ, ଲେଙ୍ଗଟା ମାଝୀ, ପି:ମଙ୍ଗଲା ମାଝୀ, ରୁହିଆ ମାଝୀ, ପ୍ରଫୁଲ୍ଲ ମାଝୀ, କାଳିଆ ମାଝୀ, ପି:ବାର୍ଷା ମାଝୀ, ଜା:ସାନ୍ତାଳ, ବା:ରାମଚନ୍ଦ୍ରପୁର, ଜିଲ୍ଲା:ବାଲେଶ୍ୱର, ଧୁମା ମାଝୀ, ପି:ଭୁରୁଙ୍ଗା ମାଝୀ, ଗମା ମାଝୀ, ପି:ଚେପା ମାଝୀ, ଜା:ସାନ୍ତାଳ, ବା:ଗୋବିନ୍ଦପୁର |
| 230 | 273 | | 0.26 | ଶାରଦ ତିନି | ପୁଗୁରୀ ମାଝୀ, ଭୁଟୀ ମାଝୀ, ପି:ଚାମୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 112 | 285 | | 0.03 | ଶାରଦ ଦୁଇ | ଗୌରହରି ବାସ୍କେ, ପି:କାରୁ ବାସ୍କେ, ବାହ୍ଲି ବାସ୍କେ, ସ୍ୱା:କାରୁ ବାସ୍କେ, ଚାନ୍ଦୁ ବାସ୍କେ, ପି:ରେଣ୍ଟା ବାସ୍କେ, ଜା:ସାନ୍ତାଳ, ବା:ନିଜଗାଁ |
| ମୋଟ | ୨୦୩ ପ୍ଲଟ | ଏ. ୧୦୬.୩୨ ଡେ.ମି. | ଏ. ୨୪.୨୬ ଡେ.ମି. | | |

Sd./- Amin | Sd./- Revenue Inspector L.A. Zone, S.I.P. Laxmiposi | Sd./- Zone Officer-cum-L.A. Collector S.I.P. Laxmiposi Zone | Sd./- Spl. Land Acquisition Officer, S.I.P. Baripada

OIPR-24001/14/0166/2425

# ଟିପିସିଓଡିଏଲ୍‌ର ନୂତନ ଫିଡର ଉଦ୍‌ଘାଟିତ

**ଭୁବନେଶ୍ୱର,୨୬।୩(ଅଭୟ ଦାଶ)**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ନୂତନ ଫିଡରକୁ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ ସହ ଜନସାଧାରଣଙ୍କ ପାଇଁ ଉକ୍ତ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଭୁବନେଶ୍ୱରର ଉତ୍ତରା ଛକଠାରେ ନବନିର୍ମିତ ୩୩ କେଭି ସିଉଲା ଫିଡରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି।

ସେହିଭଳି ଉତ୍ତରା ଆର୍‌ଆଇ ଛକଠାରୁ ସିଉଲା ପର୍ଯ୍ୟନ୍ତ ନୂତନ ଫିଡର କାର୍ଯ୍ୟକ୍ଷମ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ୬ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉନ୍ନତ ବିଦ୍ୟୁତ୍ ସେବା ପାଇପାରିବେ। ଏହା ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ଗୋଟିଏ ଭୂତଳ ଫିଡର ଥିଲା। ଏହା ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ହେଉଥିଲା। କୌଣସି କାରଣରୁ ଏଥିରେ ତ୍ରୁଟି ଉପୁଜିଲେ ମରାମତି ପାଇଁ ଅଧିକ ସମୟ ଲାଗୁଥିଲା। ନୂତନ ଫିଡର କାର୍ଯ୍ୟକ୍ଷମ ହେବା ଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ମରାମତିକରି ପୁନଃ ସେବା ଯୋଗାଇ ଦିଆଯାଇପାରିବ।



ନୂତନ ଫିଡର ଉଦ୍‌ଘାଟନୀ ଅବସରରେ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ସେହିପରି ଏହି ଫିଡର କାର୍ଯ୍ୟକ୍ଷମ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଭୋଲ୍ଟେଜ୍ ସମସ୍ୟାର ସମାଧାନ ହୋଇପାରିଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗକରି ଏହି ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ କରାଯାଇଥିବାରୁ ବିଧାୟକ ଆଶ୍ରିତ ପଟ୍ଟନାୟକ ଖୁସି ପ୍ରକାଶ କରିଛନ୍ତି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ସମ୍ବନ୍ଧୀୟ ଅସୁବିଧା ଦୂରହେବ ବୋଲି ବିଧାୟକ ପଟ୍ଟନାୟକ କହିଛନ୍ତି। ଲୋକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍‌ର ପ୍ରୟାସଙ୍କୁ ସେ ପ୍ରଶଂସା କରିଛନ୍ତି। ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦିଆଯାଉଛି।

# ପାରିବାରିକ ବ୍ୟବସାୟକୁ ଆଗକୁ ନେବା ଭାଗ୍ୟର କଥା

**ଓଡ଼ିଶାର ଘରେ ଘରେ ପରିଚିତ ସାଲେପୁରସ୍ଥିତ ବିକାଳାନନ୍ଦ କରଙ୍କ ରସଗୋଲା। ଦିନେ ଏକ ବରଗଛ ତଳେ ରସଗୋଲା ଓ ବରା ଡାଲମା ବିକୁଥିଲେ ବିକାଳାନନ୍ଦ। ମେଳା ମହୋତ୍ସବ ହେଲେ ସେ ସେଠାରେ ପହଞ୍ଚିଯାଉଥିଲେ। ଗ୍ରାହକଙ୍କୁ ଆକୃଷ୍ଟ କରିବା କଳା ତାଙ୍କୁ ବେଶ୍ ଜଣାଥିଲା। ସେତେବେଳେ ବିଜୁଳି ଆଲୁଅ ବା ବ୍ୟାଟେରି ଆଲୋକ ଖୁବ୍ କମ୍ ଦେଖିବାକୁ ମିଳୁଥିଲା। ତେଣୁ ସେ ବେପାରକୁ ବାହାରିବାବେଳେ ସାଥିରେ ଏକ ଲାଇଟ୍ ନେଇଯାଉଥିଲେ। ସେହି ଲାଇଟ୍ ଦେଖିବାକୁ ତାଙ୍କ ପାଖରେ ଜମୁଥିଲା ଲୋକଙ୍କ ଭିଡ଼ ଏବଂ ବେପାର ମଧ ଖୁବ୍ ଭଲ ହେଉଥିଲା। ତାଙ୍କର ଏପରି ବ୍ୟବସାୟ କଳାରେ ଅନୁପ୍ରାଣିତ ହୋଇ ପାରିବାରିକ ବ୍ୟବସାୟକୁ ପିଢ଼ି ପରେ ପିଢ଼ି ଆଗକୁ ବଢ଼ାଇନେଇଛନ୍ତି। ପ୍ରାୟ ୧୦୦ବର୍ଷର ଏହି ପ୍ରତିଷ୍ଠାନର ମଙ୍ଗ ଧରିଥିବା ବିକାଳାନନ୍ଦ କରଙ୍କ ନାତୁଣୀ ତଥା କର ଆଣ୍ଡ୍ ବ୍ରଦର୍ସର ଡାଇରେକ୍ଟର ସାଇ ଶିବାନୀ କରଙ୍କ ସହ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଆଳାପ...**

**ପ୍ର-ଆପଣଙ୍କ ନିକଟରେ ଅନେକ ସୁଯୋଗ ରହିଥିଲେ ମଧ ପାରିବାରିକ ବ୍ୟବସାୟରେ କାହିଁକି ପାଦଦେଇଥିଲେ?**

ଉ- ଜେଜେଙ୍କ ପରେ ତାଙ୍କର ତିନିପୁଅ ସ୍ୱର୍ଗତ ଦେବେନ୍ଦ୍ରନାଥ, ପ୍ରଦୀପ୍ତ କୁମାର ଓ ପ୍ରଶାନ୍ତ କୁମାର ବ୍ୟବସାୟରେ ଯୋଗଦେଇଥିଲେ। ଜେଜେ ହାତରେ ମିଠା ଗଢୁଥିବାବେଳେ ବଡ଼ବାପା ଦେବେନ୍ଦ୍ର ମିଠା ପ୍ରସ୍ତୁତି ଓ ପ୍ୟାକେଜିଂରେ ମେଶିନ୍ ପ୍ରୟୋଗ ଆରମ୍ଭ କରିଥିଲେ। ମୋର ପାଠପଢ଼ା ସମୟରେ ବ୍ୟବସାୟ ବିଷୟରେ ଘରେ ସବୁବେଳେ ଆଲୋଚନା ହୁଏ। ସେତେବେଳେ ମୁଁ ଓ ସାନ ଭଉଣୀ ସାଇପ୍ରିୟା କର ଏହି ବ୍ୟବସାୟକୁ ସମ୍ପ୍ରସାରଣ କରିବୁ ବୋଲି ସ୍ଥିର କରିଥିଲୁ। ବି.କମ୍ ପରେ ହସ୍ପିଟାଲିଟି ଆଣ୍ଡ୍ ମ୍ୟାନେଜମେଣ୍ଟରେ ଏମବିଏ କରିବା ପରେ ପ୍ରାୟ ୭/୮ ବର୍ଷ ତଳେ ମୁଁ ଏଥିରେ ଯୋଗଦେଇଥିଲି। ପାରିବାରିକ ବ୍ୟବସାୟକୁ ଆଗକୁ ନେବା ମୋ ପାଇଁ ଭାଗ୍ୟର କଥା।



ସାଇ ଶିବାନୀ କର

**ପ୍ର- ଆପଣଙ୍କ ଉତ୍ପାଦ ଓଡ଼ିଶାର ଘରେ ଘରେ ପରିଚିତ, କିପରି ଅନୁଭବ କରନ୍ତି?**

ଉ- ରସଗୋଲା କଥା ଆସିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଥା ଆସେ। ତେଣୁ ମହାପ୍ରଭୁଙ୍କ ପ୍ରିୟ ରସଗୋଲା ପ୍ରସ୍ତୁତ କରିବାରେ ଆମକୁ ଖୁବ୍ ଭଲ ଲାଗେ। ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ଆମେ ବହୁତ ପ୍ରୟାସ କରିଥିଲୁ। ଜିଆଇ ଟ୍ୟାଗର ବ୍ୟବହାର ପାଇଁ ଆମେ ସ୍ୱୀକୃତିପ୍ରାପ୍ତ ହୋଇଥିବାରୁ ସେ ଅନୁଭବ ମଧ ନିଆରା। ମୁସ୍‌ମୁସ୍, ଚମଚମ, ରାଜାଭୋଗ ସହ ନମକିନ୍‌ର ବହୁତ ଚାହିଦା ରହୁଛି। ତେଣୁ ନୂଆ ନୂଆ ମିଠା ପ୍ରସ୍ତୁତି କରିବାକୁ ଯୋଜନା କରୁଛୁ। ସଚେତନ ଲୋକମାନେ ସୁଗାର ଫ୍ରି ମିଠା ଉପରେ ନିର୍ଭର କରୁଛନ୍ତି। ସେହି ମୁତାବକ ଅଧିକ ମିଠା ପ୍ରସ୍ତୁତ କରୁଛୁ।

**ପ୍ର- ବ୍ୟବସାୟ ବିସ୍ତାର ପାଇଁ ଆଗକୁ କ'ଣ ଯୋଜନା ରହିଛି? ଅନଲାଇନ୍ କାରବାର ବ୍ୟବସାୟକୁ ସହଜ କରିଛି କି?**

ଉ- ଓଡ଼ିଶାରେ ଆମର ବର୍ତ୍ତମାନ ୧୩ଟି ଆଉଟଲେଟ୍ ରହିଛି। ଭୁବନେଶ୍ୱରରେ ୬ଟି, ଅନୁଗୋଳ ଓ ସାଲେପୁରରେ ଗୋଟିଏ ଲେଖାଏ, କଟକରେ ୪ଟି ଆଉଟଲେଟ୍ ରହିଛି। ଆଗକୁ ସାଲେପୁରରେ ଆଉ ଏକ ଷ୍ଟୋର ଖୋଲିବ। ନୂଆ ନୂଆ ଜ୍ଞାନକୌଶଳ ବା ଯନ୍ତ୍ରାଂଶର ପ୍ରୟୋଗ ମଧ ବଢ଼ାଯିବ। ଅନଲାଇନ୍ ପ୍ଲାଟଫର୍ମ ବ୍ୟବସାୟକୁ ବେଶ୍ ତ୍ୱରାନ୍ୱିତ କରୁଛି। ଓଡ଼ିଶା ସମେତ ସମଗ୍ର ଦେଶକୁ ଆମର ଉତ୍ପାଦ ଯାଉଛି। ବିଦେଶରୁ ମଧ ମିଠା ବରାଦ ରହୁଛି।

**ପ୍ର- ବ୍ୟବସାୟ ସହ ସାମାଜିକ ଦାୟିତ୍ୱକୁ କିପରି ତୁଲାଇଥା'ନ୍ତି?**

ଉ- ଜେଜେଙ୍କ ସ୍ମୃତିରେ ୨୦୦୪ରୁ ବିକାଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ଗଠନ କରାଯାଇ ସାଲେପୁର ଅଞ୍ଚଳରେ ଲୋକାଭିମୁଖୀ କାର୍ଯ୍ୟ ହାତକୁ ନିଆଯାଉଛି। ୧୯୬୪ରେ ଅନ୍ୟମାନଙ୍କ ସହ ମିଶି ଜେଜେ ସାଲେପୁର କଲେଜ ପ୍ରତିଷ୍ଠା କରିଥିଲେ। ଏଠାରେ ପ୍ରତିବର୍ଷ ୭୦ରୁ ୮୦ ପିଲାଙ୍କ ଶିକ୍ଷା ଖର୍ଚ୍ଚ ଆମେ ବହନ କରୁଛୁ। ଭାରତବର୍ଷରେ ପ୍ରଥମକରି ବିକାଳାନନ୍ଦ କର ବୈଷୟିକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇ, ମିଷ୍ଟାନ୍ନ ପ୍ରସ୍ତୁତି ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷିତ ପିଲାଙ୍କୁ ଆମ ଅନୁଷ୍ଠାନରେ ନିଯୁକ୍ତି ସୁଯୋଗ ମଧ ପ୍ରଦାନ କରାଯାଉଛି। ଗୋସେବା, ରକ୍ତଦାନ ଶିବିର ଆଦିର ମଧ ଆୟୋଜନ କରାଯାଉଛି।

**ପ୍ର- ଖାଦ୍ୟଶିଳ୍ପରେ ପ୍ରବେଶ କରୁଥିବା ଯୁବ ଉଦ୍ୟୋଗୀଙ୍କ ପାଇଁ କ'ଣ ବାର୍ତ୍ତା ଦେବେ?**

ଉ- ଏହା ଏପରି ଏକ ବ୍ୟବସାୟ ଯେଉଁଥିରେ କାରବାରରେ ନିରନ୍ତରତା, ପ୍ରସ୍ତୁତି ପ୍ରଣାଳୀରେ ସ୍ୱଚ୍ଛତା, ଚାହିଦା ମୁତାବକ ଉପଲବ୍ଧତା ଆଦି ହିଁ ସଫଳତାର ମନ୍ତ୍ର। ସଫଳତା ପାଇଁ କୌଣସି ଶର୍ଟକଟ୍ କାମ କରେ ନାହିଁ। ତେଣୁ ନିଷ୍ଠାର ସହ ଏହି ବ୍ୟବସାୟରେ ପ୍ରବେଶ କରିବା ଦରକାର।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୨୬।୩**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୨୯(୭୨୮.୬୯) ପଏଣ୍ଟ ହ୍ରାସ ଘଟି ୭୭,୨୮୮ (୭୭,୨୮୮.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୨ (୧୮୧.୮୦) ପଏଣ୍ଟ କମି ୨୩,୪୮୭ (୨୩,୪୮୬.୮୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ମଣିପାଲ ହସ୍ପିଟାଲରେ ଅତ୍ୟାଧୁନିକ କ୍ୟାଥ୍‌ଲାବ୍

**ଭୁବନେଶ୍ୱର,୨୬।୩**

ରାଜ୍ୟର ପ୍ରମୁଖ ଘରୋଇ ହସ୍ପିଟାଲ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଅତ୍ୟାଧୁନିକ ତଥା ନୂତନ କ୍ୟାଥ୍‌ଲାବ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ, କ୍ଲଷ୍ଟର ଡାଇରେକ୍ଟର ସୁଧାକର କାନ୍ତିପୁଡି, ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ଯଯାତି କେଶରୀ ପାଢ଼ୀ, ଡା. ଲିଙ୍ଗରାଜ ନାଥ, ଡା.ମହେଶ ଅଗ୍ରୱାଲ, ଡା .ଦିବ୍ୟରଞ୍ଜନ ବେହେରା ଏବଂ ଡା. ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ କହିଛନ୍ତି, ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ହୃଦ୍‌ରୋଗ ଚିକିତ୍ସା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିଭଳି ଭୁବନେଶ୍ୱରର ମେଡ଼ିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଥିଲେ, ହୃଦ୍‌ରୋଗ ଚିକିତ୍ସା ପାଇଁ ଆମ ହସ୍ପିଟାଲରେ ଦ୍ୱିତୀୟ କ୍ୟାଥ୍‌ଲାବ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଖୁସି ଖବର ହୋଇଥିଲାବେଳେ ଆମେ ସମସ୍ତ ପ୍ରକାର ହୃଦ୍‌ରୋଗର ସଫଳ ଚିକିତ୍ସା କରିବା ପାଇଁ ସହାୟକ ହେବ। ଏଥିପାଇଁ ସେ ହୃଦ୍‌ରୋଗ ବିଭାଗର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମଣିପାଲ ହସ୍ପିଟାଲରେ ହୃଦରୋଗ ଚିକିତ୍ସାକୁ ଆହୁରି ଉନ୍ନତ କରିବା ଏବଂ ହୃଦ୍‌ରୋଗୀଙ୍କ ପାଇଁ ଉଚ୍ଚ ପ୍ରଯୁକ୍ତି ସୁବିଧା ଦେବା ପାଇଁ ଅତ୍ୟାଧୁନିକ ଦ୍ୱିତୀୟ କ୍ୟାଥ୍‌ଲାବ୍ ଆରମ୍ଭ ହୋଇଛି। ଏହା କେବଳ ଓଡ଼ିଶାର ନୁହେଁ ପୂର୍ବ ଭାରତର ମଧ୍ୟ ଅନ୍ୟତମ ଅତ୍ୟାଧୁନିକ କ୍ୟାଥ୍‌ଲାବ୍ ହୋଇଥିଲାବେଳେ ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ ଆଉ ଏକ ମାଇଲଷ୍ଟୋନ୍ ଅତିକ୍ରମ କରିଛି। ଏହି କ୍ୟାଥ୍‌ଲାବରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସହ ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ (ଏଆଇ) ଜ୍ଞାନକୌଶଳର ସୁବିଧା ରହିଛି। ଫଳରେ ମଣିପାଲ ହସ୍ପିଟାଲରେ ସମସ୍ତ ପ୍ରକାର ହୃଦ୍‌ରୋଗ ସହ ଜଟିଳ ହୃଦ୍‌ରୋଗ ସମସ୍ୟାର ମଧ୍ୟ ସଫଳ ଚିକିତ୍ସା କରାଯାଇପାରିବ। ବିଶେଷକରି ଏହା ରୋଗୀଙ୍କ ପାଇଁ ଶୀଘ୍ର ସୁସ୍ଥତା ଏବଂ ଅଧିକ ସୁରକ୍ଷିତ ଚିକିତ୍ସା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

# ଆକାଶରେ ନିଃଶୁଳ୍କ ରାପିଡ୍ ରିଭିଜନ କୋର୍ସର ଶୁଭାରମ୍ଭ

**ଭୁବନେଶ୍ୱର,୨୬।୩**

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ତଥା ନିଃଶୁଳ୍କ ରାପିଡ୍ ରିଭିଜନ କୋର୍ସର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆକାଶ ପକ୍ଷରୁ ଏନ୍‌ଇଇଟି ଓ ଜେଇଇ ଆଶାୟୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସେହିଭଳି ୨୦୨୫ ମେ ୪ରେ ଏନ୍‌ଇଇଟି ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଏଇଏସ୍‌ଏଲ୍ ପକ୍ଷରୁ ଏହି କୋର୍ସ ଆରମ୍ଭ କରାଯାଇଛି। ଏପରିକି ଆସନ୍ତା ୧୨ ଦିନ ମଧ୍ୟରେ ଯେଉଁମାନେ ଯୋଗଦେବେ ସେମାନଙ୍କୁ ଆକାଶ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଆବଶ୍ୟକ ଶିକ୍ଷାଦାନ ପ୍ରଦାନ କରାଯିବ। ୨୦୨୫ ମାର୍ଚ୍ଚ ୩୧ରୁ ଆରମ୍ଭ ହେଉଥିବା ପରବର୍ତ୍ତୀ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ଏନ୍‌ଇଇଟି ରାପିଡ୍ ରିଭିଜନ କୋର୍ସ ମିଳିବ। ଏଥିରେ ୧୦୦ରୁ ଅଧିକ ଘଣ୍ଟାର ଲାଇଭ ଅନ୍‌ଲାଇନ ଶିକ୍ଷାଦାନ ଅଧିବେଶନ ସମେତ ୯ଟେଷ୍ଟ ଓ ପ୍ରାକ୍ଟିକାଲ ପ୍ରଶ୍ନ ରହିଛି। ଏଥିସହ ଏଇଏସ୍‌ଏଲ୍ ପକ୍ଷରୁ ଜେଇଇ ଆଡଭାନ୍ସଡ ଆଶାୟୀଙ୍କ ପାଇଁ କ୍ରାସ୍ କୋର୍ସର ଉନ୍ମୋଚନ କରାଯାଇଛି, ଯାହା ଆକାଶ ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଉପଲବ୍ଧ।

ଏ ସମ୍ପର୍କରେ ଏଇଏସ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ଦୀପକ ମେହରୋତ୍ରା କହିଛନ୍ତି, ଆମ ରାପିଡ୍ ରିଭିଜନ କୋର୍ସ ଓ ସୁଲଭ କ୍ରାସ୍ କୋର୍ସ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚାଇବ। ଏପରିକି ସଫଳ ହେବାକୁ ଅଭିଳାଷ ରଖିଥିବା ସମସ୍ତଙ୍କ ପାଖରେ ଗୁଣାତ୍ମକ ଶିକ୍ଷା ପହଞ୍ଚୁ ବୋଲି ଆମେ ଚାହୁଁଛୁ। ଏହି ଅଭିଯାନ ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆମେ ସେମାନଙ୍କୁ ଆବ୍ୟଶକ ଟୁଲ୍ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।

# ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ ଉପରେ କଠୋର ଆଇନ ଆବଶ୍ୟକ: ନବୀନ

**ନୂଆଦିଲ୍ଲୀ,୨୬।୩**

ବର୍ତ୍ତମାନ ସମୟରେ ଅପମିଶ୍ରଣ ଏବଂ ଖାଦ୍ୟର ମାନ ଦିନକୁ ଦିନ ହ୍ରାସ ପାଉଛି। କାରଣ ଖାଦ୍ୟ କ୍ରୟ ଓ ବିକ୍ରୟ ଉପରେ କୌଣସି ପ୍ରକାର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କିମ୍ବା କଠୋର ନିୟମ ନ ଥିବାରୁ ଉପଭୋକ୍ତାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଏମ୍‌ପି ନବୀନ ଜିନ୍ଦଲ ବୁଧବାର ସଂସଦରେ ଯୁକ୍ତି ବାଢ଼ିଛନ୍ତି। ଏପରିକି ସେ ସଂସଦରେ ରିଫାଇନ୍‌ଡ ତେଲ ଏବଂ ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ (ଅଲ୍ଟ୍ରା ପ୍ରୋସେସ୍ଡ୍ ଫୁଡ୍) ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗ ଉଠାଇଛନ୍ତି। ଅପରପକ୍ଷରେ ଜନସାଧାରଣଙ୍କ ସୁସ୍ଥ ଜୀବନଯାପନ ପାଇଁ ସେ ଅଧିକ ସ୍ୱଚ୍ଛତା, କଠୋର ନିୟମ ଏବଂ ଗ୍ରାହକ ସଚେତନତାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଏ ନେଇ ନବୀନ ଜିନ୍ଦଲ ବିଭିନ୍ନ ଦିଗ ପ୍ରତି ବିସ୍ତୃତ ଆଲୋଚନା କରିଛନ୍ତି। ସେହିଭଳି ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣକରି ଆବଶ୍ୟକ ନିୟମାବଳୀକୁ ଅଧିକ କଠୋର କରିବା ଆବଶ୍ୟକ ବୋଲି ନୀବନ ମତପ୍ରକାଶ କରିଛନ୍ତି। ଖାଦ୍ୟ ସାମଗ୍ରୀ ଉପରେ ବାଧ୍ୟତାମୂଳକ ଏବଂ ସ୍ପଷ୍ଟ ଲେବଲିଂକୁ ମଧ୍ୟ ଗୁରୁତ୍ୱ ଦେବା ସହ ଜିନ୍ଦଲ ସରକାରଙ୍କୁ କଠୋର ଖାଦ୍ୟ ଲେବଲିଂ ଆଇନ ପ୍ରଣୟନ କରିବାକୁ ଅନୁରୋଧ କରିଥିଲେ। ଏପରିକି ସ୍ୱାସ୍ଥ୍ୟ ପ୍ରଭାବ ଉପରେ ଶ୍ୱେତପତ୍ର ଏକ ଶ୍ୱେତପତ୍ର ଜାରି କରିବାକୁ ସେ ସରକାରଙ୍କୁ ଅନୁରୋଧ କରିବା ସହ ଲୁକ୍କାୟିତ ସ୍ୱାସ୍ଥ୍ୟ ସଙ୍କଟରୁ ଉପଭୋକ୍ତାଙ୍କ ସୁରକ୍ଷା ଏବଂ ଏକ ପ୍ରଭାବଶାଳୀ ଆଇନ ପ୍ରଣୟନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।



ସଂସଦରେ ଏମ୍‌ପି ନବୀନ ଜିନ୍ଦଲ ଆଲୋଚନା କରୁଥିବା ବେଳେ ଅନ୍ୟମାନେ ନିକଟରେ ଉପସ୍ଥିତ ଅଛନ୍ତି।

# ଶିଭମ୍ ହୋଣ୍ଡାରେ ମେଗା ମାର୍ଚ୍ଚ ଅଫର

## ଫ୍ଲାଟ୍ ୫୧୦୦ ଟଙ୍କାର ରିହାତି

**ଭୁବନେଶ୍ୱର,୨୬।୩**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ସ୍ୱୀକୃତିପ୍ରାପ୍ତ ଡିଲର 'ଶିଭମ ହୋଣ୍ଡା'ର ବହୁ ପ୍ରତୀକ୍ଷିତ ରିହାତି ଅଫର 'ମେଗା ମାର୍ଚ୍ଚ ଅଫର' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଶିଭମ ହୋଣ୍ଡାର ଶହୀଦନଗର ଭୁବନେଶ୍ୱର, ନଖରା କଟକ ଏବଂ ପୁରୀ ଭିଆଇପି ରୋଡ୍‌ସ୍ଥିତ ଏକ୍ସକ୍ଲୁସିଭ ଶୋ'ରୁମ୍‌ଗୁଡିକରେ ଉପଲବ୍ଧ।

ସେହିଭଳି ଏହି ଅଫର ଏଚ୍‌ଏମ୍‌ଏସ୍‌ଆଇର ଅପ୍‌ଡେଟେଡ୍ ଓବିଡି୨ଏ ନିୟାମକ ଗାଡିଗୁଡିକ ଉପରେ ଉପଲବ୍ଧ ହେଉଥିଲା ବେଳେ ଆଶାୟୀ ଗ୍ରାହକଙ୍କୁ ଫ୍ଲାଟ୍ ୫୧୦୦ ଟଙ୍କାର ରିହାତି ଶୋ'ରୁମ୍‌ଗୁଡିକ ପକ୍ଷରୁ ଯୋଗାଇ ଦିଆଯାଉଛି।

ସେହିପରି ଏହି ଅଫର କେବଳ ଏଚ୍‌ଏମ୍‌ଏସ୍‌ଆଇର ସିବି୨୦୦ଏକ୍ସ, ହର୍ନେଟ୨.୦, ଏସ୍‌ପି ୧୬୦, ଲିଭୋ, ସାଇନ୧୦୦, ଆକ୍ଟିଭା ୧୨୫,ଡିଓ ୧୨୫, ଆକ୍ଟିଭା ଏବଂ ଡିଓ ମଡେଲଗୁଡିକ ଉପରେ ଉପଲବ୍ଧ ବୋଲି ଶିଭମ୍ ହୋଣ୍ଡା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଚିତ୍କାରା ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୟ ଆଲୁକ୍କାସ୍‌ଙ୍କୁ ଡକ୍ଟରେଟ୍ ଉପାଧି




**ନୂଆଦିଲ୍ଲୀ,୨୬।୩**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ଜୟ ଆଲୁକ୍କାସ୍‌ଙ୍କୁ ନିକଟରେ ଆଉ ଏକ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଛି। ଏପରିକି ଭାରତୀୟ ଅଳଙ୍କାର ବ୍ୟବସାୟକୁ ବିଶ୍ୱସ୍ତରରେ ଆଧୁନିକୀକରଣ, ଉଦ୍ୟୋଗିତା ଏବଂ ଦାତବ୍ୟଶୀଳତା ଓ ତାଙ୍କ ଅନୁକରଣୀୟ ଅବଦାନ ପାଇଁ ଚିତ୍କାରା ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୟ ଆଲୁକ୍କାସ୍‌ଙ୍କୁ ଡକ୍ଟର ଅଫ୍ ଲିଟେରେଚର(ଅନରିସ କାଉସା) ଡିଗ୍ରୀ ଉପାଧି ପ୍ରଦାନ କରିଛି। ସେହିଭଳି ଜୟଆଲୁକ୍କାସ୍‌ଙ୍କ ସଫଳତା ଏବଂ ସାମାଜିକ ଓ ସାମୁଦାୟିକ କଲ୍ୟାଣ ପ୍ରତି ତାଙ୍କ ପ୍ରତିବଦ୍ଧତାକୁ ସମ୍ମାନିତ କରିବା ପାଇଁ ଉକ୍ତ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସମାବର୍ତ୍ତନ ସମାରୋହର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ଚାନ୍ସେଲର ଡକ୍ଟର ଅଶୋକ କେ. ଚିତ୍କାରା, ପ୍ରୋ-ଚାନ୍ସେଲର ଡକ୍ଟର ମଧୁ ଚିତ୍କାରା, ଭାଇସ୍-ଚାନ୍ସେଲର ଡକ୍ଟର ସନ୍ଧିର ଶର୍ମା, ପ୍ରୋ ଭାଇସ୍-ଚାନ୍ସେଲର ଡକ୍ଟର କ୍ୟାଭିତା ତାରାଗି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍କାରା ବିଶ୍ୱବିଦ୍ୟାଳୟର ପ୍ରୋ ଚାନ୍ସେଲର ଡକ୍ଟର ମଧୁ ଚିତ୍କାରା କହିଥିଲେ, ଆମେ ଜୟ ଆଲୁକ୍କାସ୍‌ଙ୍କୁ ଡକ୍ଟର ଅଫ୍ ଲେଟର୍ସ (ଅନରିସ କାଉସା) ଡିଗ୍ରୀ ଉପାଧି ପ୍ରଦାନ କରୁଥିବାରୁ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ। ଏପରିକି ତାଙ୍କ କ୍ୟାରିଅର କେବଳ ଶିଳ୍ପ ନୁହେଁ ବରଂ ସମଗ୍ର ସମାଜ ଓ ଗୋଷ୍ଠୀକୁ ଗଠନ କରିବାରେ ଉତ୍ସର୍ଗୀକୃତ ରହିଛି। ସେହିପରି ଦୀକ୍ଷାନ୍ତ ସମାରୋହ ପରେ ଜୟ ଆଲୁକ୍କାସ୍ ଛାତ୍ର ଏବଂ ଅଧ୍ୟାପକଙ୍କ ସହ ଏକ ବିସ୍ତୃତ ଆଲୋଚନା କରିଥିଲେ। ଉଦ୍ୟୋଗିତା ଏବଂ ସାମାଜିକ ଦାୟିତ୍ୱ ମଧ୍ୟରେ ଥିବା ସମ୍ପର୍କ ଓ ଗୁରୁତ୍ୱ ଉପରେ ସେ ବିସ୍ତୃତ ଭାବେ ବକ୍ତବ୍ୟ ରଖିଥିଲେ। ସମାରୋହ ପରେ ଚିତ୍କାରା ବିଶ୍ୱବିଦ୍ୟାଳୟ ଏବଂ ଜୟଆଲୁକ୍କାସ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି, ଯାହା ଉତ୍କର୍ଷ, ଗବେଷଣା ଏବଂ ସମ୍ପ୍ରଦାୟ ସମ୍ପୃକ୍ତିର ସଂସ୍କୃତିକୁ ଗବେଷଣା କରିବା ପାଇଁ ପ୍ରତିବଦ୍ଧ ରହିଛି।

# ବ୍ରହ୍ମପୁରରେ ମାଲାବାରର ନୂତନ ଶୋ'ରୁମ୍

**ବ୍ରହ୍ମପୁର,୨୬।୩(ଅଶୋକ କୁମାର ସାହୁ)**

ଦାୟିତ୍ୱସମ୍ପନ୍ନ ଜୁଏଲର ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ବ୍ରହ୍ମପୁରରେ ବୁଧବାର ନୂଆ ଶୋ'ରୁମ୍ ଉଦଘାଟନ କରିଛି। ଏହାକୁ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ବ୍ରାଣ୍ଡ ଆମ୍ବାସାଡାର ଓଡ଼ିଶାର ଚର୍ଚ୍ଚିତ ସିନେ ଅଭିନେତା ସବ୍ୟସାଚୀ ମିଶ୍ର, ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ.ବିବେକ ରେଡ୍ଡି ପ୍ରମୁଖ ଉଦଘାଟନ କରିଥିଲେ।

ଉଦଘାଟନୀ ଅବସରରେ ବ୍ରାଣ୍ଡ ଆମ୍ବସାଡାର କହିଲେ ଯେ, ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ୍‌ସର ଭାରତ, ମଧ୍ୟପ୍ରାଚ୍ୟ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୧୩ ଦେଶରେ ୩୮୦ରୁ ଅଧିକ ଶୋ'ରୁମ ସହିତ ବୈଶ୍ୱିକ ଉପସ୍ଥିତି ରହିଛି। ଏହାର ବିପୁଳ କଲେକ୍ସନ, ଅତୁଳନୀୟ ଗୁଣବତ୍ତା ଏବଂ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ପାଇଁ ସୁଖ୍ୟାତି ରହିଛି। ସିଏସଆର କାର୍ଯ୍ୟ କରିବାରେ ବି କମ୍ପାନୀର ସୁଖ୍ୟାତି ରହିଛି। ତେଣୁ ଚଳିତ ମାସରେ ଭାରତର ବିଭିନ୍ନ ସ୍ଥାନରେ ୧୨ଟି ନୂଆ ଶୋ'ରୁମ୍ ଉଦଘାଟନ ସହିତ ନିଜର ଉପସ୍ଥିତିକୁ ସମ୍ପ୍ରସାରିତ କରିଛି। ଏଠାରେ ବିଭିନ୍ନ ଡିଜାଇନର ସୁନା, ରୁପା ଓ ହୀରା ଗହଣା ବିକ୍ରି ଉପଲବ୍ଧ ହେଉଛି। ତେଣୁ ବ୍ରହ୍ମପୁର ଭଳି ଏକ ବ୍ୟବସାୟିକ ପେଣ୍ଠସ୍ଥଳରେ ନୂଆ ଶୋ' ରୁମ୍ ଖୋଲିବା ସହରବାସୀଙ୍କ ପାଇଁ ଭରସାଯୋଗ୍ୟ ହେବ ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ। ବିଏମସି ମେୟର ବ୍ରହ୍ମପୁର ସୁନାରୁପା ବ୍ୟବସାୟ କ୍ଷେତ୍ରରେ ଓଡ଼ିଶାରେ କିଭଳି ନାଁ କରିଛି ତାହା ଉପରେ ବର୍ଣ୍ଣନା କରିଥିଲେ। ଏ ସମ୍ପର୍କରେ ମାଲାବାର ଗ୍ରୁପର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଥିଲେ, ସମଗ୍ର ଭାରତରେ ଜନସାଧାରଣଙ୍କୁ ବିଶ୍ୱଶ୍ରେଣୀର ଗହଣା ଯୋଗାଇଦେବାକୁ ଆମର ଯାତ୍ରା ଜାରି ରହିଛି। ବ୍ରହ୍ମପୁରରେ ନୂଆ ଶୋ' ରୁମ୍ ଉଦଘାଟନ କରି ଆମର କାରିଗରୀର ପରାକାଷ୍ଠା ଦେଖାଇବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ନୂଆ ନୂଆ ଡିଜାଇନର ଗହଣା ପ୍ରଦର୍ଶନ ନିଶ୍ଚିତ ଭାବେ ବ୍ରହ୍ମପୁର ଅଧିବାସୀଙ୍କ ପାଇଁ ଅବିସ୍ମରଣୀୟ ରହିବ। ପୁରୁଣା ସୁନା ଓ ହୀରା ନିମନ୍ତେ ୧୦୦ ପ୍ରତିଶତ ବିନିମୟ ମୂଲ୍ୟ ଅନ୍ତର୍ଭୁକ୍ତ ରହିଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ୍‌ସ ୧୯୯୩ରେ ସ୍ଥାପିତ ହୋଇଥିଲା ଏବଂ ଏହା ଏକ ଅଗ୍ରଣୀ ବିବିଧକୃତ ଭାରତୀୟ ବ୍ୟବସାୟ ଗୋଷ୍ଠୀ ମାଲାବାର ଗ୍ରୁପ୍‌ର ଛାମୁଆ କମ୍ପାନୀ।



ସବ୍ୟସାଚୀ ମିଶ୍ର ନୂଆ ଶୋ'ରୁମକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ବିଏମ୍‌ସି ମେୟର ଓ ଅନ୍ୟମାନେ।

# ପ୍ରଶଂସା ଅନ୍ତରାଳେ...


ସାରା

ସାରା ଅଲ୍ଲୀ ଖାନ୍ ଏବେ ଚାରିଆଡ଼େ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାରଙ୍କ ପ୍ରଶଂସା କରିବୁଲୁଛନ୍ତି। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସେ ନାୟିକା ସାଜିବାର ଯୋଜନା ରହିଛି। ଏ ନେଇ ସାରା କହନ୍ତି, ‘‘ଅକ୍ଷୟ କୁମାରଙ୍କ ସହିତ ମୁଁ ‘ସ୍କାଏ ଫୋର୍ସ’ରେ ଅଭିନୟ କରିସାରିଛି। ସତ କଥା କହିବାକୁ ଗଲେ ତାଙ୍କ ପରି ଅଭିନେତାଙ୍କ ସହ କାମ କରିବାର ମଜା ନିଆରା। ଏହି ନୂଆ ସିନେମାରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ ବୋଲି କହିବି। ସେପଟେ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ପ୍ରାରମ୍ଭିକ କାମ ଚାଲିଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ-ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କ୍‌ଚୁଆଲିଟି ମୋତେ ସବୁଠାରୁ ବେଶି ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫକୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।’’ ସାରା ଅଭିନୟ କରିଥିବା ଅନ୍ତିମ ସିନେମାଟି ଥିଲା ‘ସ୍କାଏ ଫୋର୍ସ’। ଫିଲ୍ମଟି ଚଳିତ ବର୍ଷ ଜାନୁଆରୀରେ ରିଲିଜ ହୋଇ ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ବର୍ତ୍ତମାନ ସାରା ଅଭିନୟ କରିଥିବା ‘ମେଟ୍ରୋ ଇନ୍ ଦିନୋ’ ରିଲିଜ ଅପେକ୍ଷାରେ ରହିଛି।

# ଟେନ୍‌ସନ୍‌ରେ ବାଣୀ

ବାଣୀ କପୁରଙ୍କ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ’ଣ ପାଇଁ ଜାଣନ୍ତି ? ସେ କୁଆଡ଼େ ଜଣେ ବିଦେଶୀ ବିଜନେସମ୍ୟାନଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ହେଲେ ଯେତେବେଳେ ଏହି କଥା ବାଣୀଙ୍କ କାନରେ ବାଜିଲା ସେ ଆଉ ଚୁପ୍ ହୋଇ ବସି ରହିପାରିଲେ ନାହିଁ। ଶେଷରେ ଏ ନେଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ଏଭଳି ଆଲୋଚନାକୁ ନେଇ ବାଣୀ କହନ୍ତି, ‘ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା’ ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯେଉଁ ବିଦେଶୀ ବିଜନେସମ୍ୟାନଙ୍କ ସହ ମୋ ନାମକୁ ଯୋଡ଼ାଯାଉଛି ସେ ମୋର ବନ୍ଧୁ। ନିକଟରେ ମୁଁ ସାଇନ୍ କରିଥିବା ନୂଆ ସିନେମା ପାଇଁ ସେ ଫାଇନାନ୍ସ କରୁଛନ୍ତି। ତାଙ୍କ ସହିତ କେବଳ ମୋର ବନ୍ଧୁତା ରହିଛି। ଏହାକୁ ଅନ୍ୟ ଅର୍ଥରେ ଦେଖିବା ଆଦୌ ଠିକ୍ ନୁହେଁ। ଏବେ ମୋର ପ୍ରେମ କରିବାକୁ ସମୟ ନାହିଁ। କାରଣ ବର୍ତ୍ତମାନ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି।’ ତେବେ ବାଣୀଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।


ବାଣୀ

# ଦୃଢ଼ ଆଶାରେ ଜ୍ୟାକ୍ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍ଲିନ୍ ଫର୍ନାଡିସ୍ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ଼ କଥା। କିନ୍ତୁ ଏମିତି କ’ଣ ହେଲା ଯେ ଜ୍ୟାକ୍ଲିନ୍ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ସେ କହନ୍ତି, ‘ସତ କଥା ହେଲା, ଆକ୍ସନ ଫିଲ୍ମରେ ରୋମାଞ୍ଚ ଭରି ରହିଥାଏ। ଗତ ଛଅ ମାସ ମଧ୍ୟରେ ମୁଁ ଭଲ ଭଲ କେତୋଟି ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖିଛି। ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକ୍ସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।’ ତେବେ ଜ୍ୟାକଲିନ୍‌ଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।


ଜ୍ୟାକ୍ଲିନ୍

## ଅ|ତୀ|ତ|ରୁ

⏭କେ.ଏଚ୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ପରିବାର’। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ଅନୀତା ଦାସ, ଅଭୟ, ନରେନ୍ଦ୍ର, ଭୋଳାନାଥ ପ୍ରମୁଖ କଳାକାର।

⏭ସତ୍ୟସାଇ ମୁଭିଟୋନ୍, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚିତ୍ର ‘କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ’ର ନିର୍ଦ୍ଦେଶନା ଦେଇଥିଲେ ଏନ୍. ଗୋପାଳ। ଏହି ଫିଲ୍ମର ନାୟିକା ସାଜିଥିଲେ ରୋଜାରମଣି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଚକ୍ରପାଣି।

⏭ଡି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା ‘ଗୌରୀ’ର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ମହାଶ୍ୱେତା ରାୟ। ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର।

⏭ଓଡ଼ିଆ ସିନେମା ‘ସଉତୁଣୀ’ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ବାସୁଦେବ ରଥ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ। ତନ୍ଦ୍ରା ରାୟ, ଡ. ସଚ୍ଚି ମିଶ୍ର, ଅନୀତା ଦାସ ଏବଂ ବିଜୟ ମହାନ୍ତି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

⏭ଦୁର୍ଗାଶଙ୍କର ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ବିଶ୍ୱଜିତ ଦାସଙ୍କ ନିର୍ଦ୍ଦେଶିତ ‘ନିଛୁମ ରାତିର ସାଥୀ’ର ମୁଖ୍ୟ ଭୂମିକାରେ ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟଙ୍କୁ ଦେଖିବାକୁ ମିଳିଥିଲା।

## ରିଲିଜ ଅପେକ୍ଷାରେ

# ଆଜିର ରେବତୀ

ଓଡ଼ିଆ ପରମ୍ପରା ଓ ସମାଜଚେତନାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା ‘ଆଜିର ରେବତୀ’। ଉକ୍ତ ଚିତ୍ରଟି ଆସନ୍ତା ମାସ ୧୧ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପୁରୀର ଗାଳ୍ପିକ ଓ ଗୀତିକାର ଡଃ ବଦ୍ରି ମିଶ୍ରଙ୍କର କ୍ଷୁଦ୍ର ଗଳ୍ପ ରେବତୀ ଉପରେ ଏହି ସିନେମା ପର୍ଯ୍ୟବସିତ। ଏହାର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ। ନିର୍ଦ୍ଦେଶନା ଦେଇଛନ୍ତି ‘ପୁଷ୍କରା’ ଫେମ୍ ଶୁଭ୍ରାଂଶୁ ଦାସ। ମହିଳା ସିନେମାଟୋଗ୍ରାଫର କୁହୁ ମଲ୍ଲ ଏହାର ଚିତ୍ରୋତ୍ତଳନ ଦାୟିତ୍ୱ ବହନ କରିଛନ୍ତି। ଏହି ଫିଲ୍ମରେ ଶୀତଲ ପାତ୍ର, ପୁଷ୍ପା ପଣ୍ଡା, ପୃଥୀରାଜ ନାୟକ, ବଙ୍ଗଳା କଳାକାର ବୋନି ସେନଗୁପ୍ତା, ଉଷଶୀ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ଦୀପ୍ତିରେଖା ପାଢ଼ୀ, ସ୍ୱୟଂ ପାଢ଼ୀ, ସତ୍ୟଜିତ ପ୍ରଧାନ ଏବଂ ସବିଶେଷ ମିଶ୍ର।


‘ଆଜିର ରେବତୀ’ ଫିଲ୍ମରେ ଶୀତଲ

ଉଭୟ ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ଏହାକୁ ନିର୍ମାଣ କରାଯାଇଛି। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

# ଓଡ଼ିଆ ସିନେମାରେ କାହାଣୀ ପ୍ରସଙ୍ଗ..

ଓଡ଼ିଆ ସିନେମା କମ୍ ବଜେଟରେ ହେଲେ କୌଣସି ବୈଷୟିକ ଅସୁବିଧା ନାହିଁ। କେବଳ କାହାଣୀର ଗୁରୁତ୍ୱକୁ ଯଦି ଆମେ ନେବା ତେବେ ସେଇ ଅନୁସାରେ ଚରିତ୍ରରେ ଅଭିନୟ କରୁଥିବା ଭଲ କଳାକାର ନେବା ବାଞ୍ଛନୀୟ। ସେମାନେ ପୁରୁଣା ହୁଅନ୍ତୁ କି ନୂତନ ପିଢ଼ିର, ପ୍ରତିଟି ଚରିତ୍ର ସମ୍ପର୍କରେ ନିର୍ଦ୍ଦେଶକ କର୍ମଶାଳା ମାଧ୍ୟମରେ ଅବଗତ କରିବା ନିହାତି ଜରୁରୀ। ସେପରି ଯଦି କର୍ମଶାଳା ହେବ, ତେବେ ଖୁବ୍ କମ୍ ଦିନରେ ଶୁଟିଂ ପାଇଁ ସମୟ ନିର୍ଦ୍ଧାରଣ ହୋଇପାରିବ। ନିକଟସ୍ଥ ଦର୍ଶନୀୟ ସ୍ଥାନ ହେଉ କି ଗାଁ ପରିବେଶ, ସବୁକିଛି ସମୟକୁ ଲକ୍ଷ୍ୟ କରି ନିର୍ମିତ ହେଲେ ନିର୍ଦ୍ଦିଷ୍ଟ ବଜେଟ ମଧ୍ୟରେ ସବୁକିଛି ଶୁଟିଂ ସରିପାରିବ। ଭଲ ବ୍ୟବସାୟିକ ସିନେମା ହେଉ କି କଳାତ୍ମକ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା କାହାଣୀ ମନୋନୟନ। ନିର୍ଦ୍ଦେଶକ ଜଣକ ବୈଷୟିକ ଦିଗରୁ ଅଭିଜ୍ଞତା ଥିବ। କାହାଣୀ ଅନୁସାରେ ଚରିତ୍ର ମାନଙ୍କର ମୁହଁରେ ସଂଳାପଗୁଡ଼ିକ ମଧ୍ୟ ବୋଧଗମ୍ୟ ହେବା ଆବଶ୍ୟକ। ସାବଲୀଳ ସଂଳାପ ରହିଲେ ପ୍ରତିଟି ଦର୍ଶକ ନିଜକୁ ଉକ୍ତ ଚରିତ୍ର ସହ ତାରତମ୍ୟ ରହିଛି ବୋଲି ଠଉରେଇ ନେବ। ସେଥିପାଇଁ ଦକ୍ଷ ନିର୍ଦ୍ଦେଶକ ସଂଳାପ ଲେଖକ ଓ ଚିତ୍ରନାଟ୍ୟର ଗୁରୁତ୍ୱ ବହନ କରେ।

୬୦ ଦଶକରୁ ୭୦ ଦଶକ ମଧ୍ୟରେ ହୋଇଥିବା ଓଡ଼ିଆ ସିନେମା କଥା ଚିନ୍ତା କଲେ ଜଣାପଡ଼େ ଯେ, ସେତେବେଳେ ମା’, ଅମଡ଼ାବାଟ, ମଲାଜହ୍ନ, କା, ମାଟିର ମଣିଷ ପ୍ରଭୃତି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବସନ୍ତ କୁମାରୀ ପଟ୍ଟନାୟକଙ୍କ ‘ଅମଡ଼ାବାଟ’ ଉପନ୍ୟାସକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଥିଲେ ଅମର ଗାଙ୍ଗୁଲି ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବାଳକୃଷ୍ଣ ଦାଶ। ଏଇ ଦଶନ୍ଧିରେ ଓଡ଼ିଆ ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ସଙ୍ଗୀତ ନିର୍ଦ୍ଦେଶକମାନେ ପ୍ରଭାବ ବିସ୍ତାରୀ ଥିଲା। ନିର୍ଦ୍ଦେଶକ ନିତାଇ ପାଲିତ, ଗୋପାଳ ଘୋଷ, ଗୌର ଘୋଷ, ବ୍ୟୋମକେଶ ତ୍ରିପାଠୀ, ଅଭିନେତ୍ରୀ ପାର୍ବତୀ ଘୋଷଙ୍କ ନିର୍ଦ୍ଦେଶିତ ସିନେମା ବେଶ୍ ଦର୍ଶକାଦୃତ ହେଉଥିଲା। ଗ୍ଲୋରିଆ ମହାନ୍ତି, ଅନିମା ପେଦିନୀ ଏବଂ ସୁଜାତା ଆନନ୍ଦଙ୍କ ପରି ଅଭିନେତ୍ରୀଙ୍କ ଅଭିନୟକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ‘ମାଟିର ମଣିଷ’ ସିନେମାରେ ପ୍ରଶାନ୍ତ ନନ୍ଦଙ୍କ ଅଭିନୟ କେତେ ପ୍ରଭାବଶାଳୀ ଥିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ସେ ସମୟର ସିନେମାରେ ବିଷାଦପୂର୍ଣ୍ଣ ନାଟକୀୟତା ଏବଂ ପ୍ରଚ୍ଛଦପଟ୍ଟ ସଙ୍ଗୀତ ଅଧିକ ବାସ୍ତବ ଓ ଶ୍ରୁତି ମଧୁର ଥିଲା।

୭୦ ଦଶକ ଓ ୮୦ ଦଶକ ମଧ୍ୟରେ ଓଡ଼ିଶା ସିନେମା ଜଗତରେ ନବ ଚେତନାର ଆବିର୍ଭାବ ହେଲା। ଘନଶ୍ୟାମ ମହାପାତ୍ରଙ୍କ ‘କନକଲତା’ ନିତାଇ ପାଲିତଙ୍କ ‘ବନ୍ଧନ’, ‘ଧରିତ୍ରୀ’, ‘ମନ ଆକାଶ’, ‘କୃଷ୍ଣ ସୁଦାମା’ ଓ ‘ବନ୍ଧୁ ମହାନ୍ତି’ ସେଗୁଡ଼ିକ ମଧ୍ୟରେ ଅନ୍ୟତମ। ନାରୀକୈନ୍ଦ୍ରିକ ବିଷୟବସ୍ତୁ ମଧ୍ୟରେ ‘ସ୍ତ୍ରୀ’, ‘ସଂସାର’, ‘ମମତା’, ‘ଅଦିନ ମେଘ’, ‘ଯାଯାବର’, ‘ଗପ ହେଲେ ବି ସତ’, ‘ଶେଷ ଶ୍ରାବଣ’, ‘ଅଭିମାନ’, ‘ନାଗଫାଶ’, ‘ଚିଲିକାତୀରେ’ ପ୍ରଭୃତି ସିନେମା କାହାଣୀର ବଳିଷ୍ଠତା ସାଙ୍ଗକୁ ଅଭିନେତା ଅଭିନେତ୍ରୀମାନଙ୍କର ନିଖୁଣ ଅଭିନୟ ଆଦି ଦୀର୍ଘ ୩୦ ବର୍ଷର ରୂପରେଖ ବଦଳାଇ ଦେଇଥିଲା। ସିନେମା ଇତିହାସରେ ଏହାକୁ ସୁବର୍ଣ୍ଣଯୁଗ ବୋଲି କୁହାଯାଇଥିଲା।

ଅତୀତରେ ମନଛୁଆଁ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା ପରଝିଅ ଘର ଭାଙ୍ଗେନା, ସ୍ତ୍ରୀ, ଶେଷ ଶ୍ରାବଣ, ଡୋରା, ଫୁଲ ଚନ୍ଦନ, ଦଣ୍ଡା ବାଲୁଙ୍ଗା, ଗପ ହେଲେ ବି ସତ, କାବେରୀ ଆଦି ଆହୁରି ଅନେକ ସିନେମା ହିଟ୍ ହୋଇଛି। ଓଡ଼ିଆ ନିର୍ଦ୍ଦେଶକ ନିତାଇ ପାଲିତ, ଗୌର ଘୋଷ ପ୍ରଶାନ୍ତ ନନ୍ଦ, ମହମ୍ମଦ ମହସିନ, ରାଜୁ ମିଶ୍ର, ଶିଶିର ମିଶ୍ର ପ୍ରମୁଖ ବହୁ ହିଟ୍ ସିନେମା ଆଜି ବି ସ୍ମରଣୀୟ ହୋଇ ରହିଛି। ଭଲ କାହାଣୀକୁ ସେ ସମୟରେ ଗୁରୁତ୍ୱ ଦିଆଯାଉଥିଲା। ଗୌର ଘୋଷ ପ୍ରଡକ୍ସନ, ଧୀର ବିଶ୍ୱାଳ ପ୍ରଡକ୍ସନ, ଦେବବ୍ରତ କର, ବସନ୍ତ ନାୟକ, ବାବୁଲାଲ ଯୋଶୀ, ଅମିୟ ପଟ୍ଟନାୟକ ପ୍ରମୁଖଙ୍କ ସିନେମା ମୁକ୍ତିଲାଭ କଲେ ସାଧାରଣ ଦର୍ଶକ ପ୍ରେକ୍ଷାଳୟରେ ପ୍ରତୀକ୍ଷା କରୁଥିଲେ। ଚତୁର୍ଥ ଦଶନ୍ଧିରେ ୧୧୫ଟି ସିନେମା ମୁକ୍ତିଲାଭ କଲା। ତନ୍ମଧ୍ୟରେ ବିଭୂତି ପଟ୍ଟନାୟକଙ୍କ କାହାଣୀ ‘ମାୟା ମିରିଗ’ ଗୋଟିଏ ସାଧାରଣ ଯୌଥ ପରିବାରର ନିଚ୍ଛକ କଥାର ବିଶେଷ ପ୍ରଭାବ ଏହି ସିନେମାରେ ଅନୁଭୂତ ହେଲା। ଏହାର ନିର୍ଦ୍ଦେଶକ ନୀରଦ ମହାପାତ୍ର ଗୋଟିଏ ବାସ୍ତବତାର କଥା ସିନେମା ଜାତୀୟସ୍ତରରେ ଶ୍ରେଷ୍ଠତ୍ୱ ହାସଲ କରି ସ୍ୱର୍ଣ୍ଣକମଳ ବିଜେତା ହେଲା। ଜାତୀୟସ୍ତରରେ ମନମୋହନ ମହାପାତ୍ରଙ୍କ ‘ଶୀତରାତି’ ପୁରସ୍କୃତ ହୋଇଥିଲା।



ଫ୍ରେମ-ଟୁ-ଫ୍ରେମ କପି ସିନେମା ଧାରା ବନ୍ଦ ହେବା ଦରକାର। ବିଗ୍ ବଜେଟ ସିନେମାଟି କରି ତାହା ଫ୍ଲପ ହେବା ଅପେକ୍ଷା କମ୍ ଖର୍ଚ୍ଚରେ ସଫଳ ସିନେମା ନିର୍ମାଣ କଲେ କ୍ଷତି କ’ଣ ? ନୂତନ ପିଢ଼ିର କଳାକାର, ନିର୍ଦ୍ଦେଶକମାନେ ଭଲ କାହାଣୀଭିତ୍ତିକ ସିନେମା ଦିଗରେ ଆଗ୍ରହୀ ହେବା ଆବଶ୍ୟକ। ୮୭ ବର୍ଷ ବୟସରେ ଓଡ଼ିଆ ସିନେମା ପୁଣି ଏବେ ନିଜ ଗୋଡ଼ରେ ଠିଆ ହୋଇ ଉଚ୍ଚତା ମାପିବାର ସମୟ ଆସିଛି। ଓଡ଼ିଆ ସିନେମା ବଜାରର ଭିତ୍ତିଭୂମିକୁ ନ ଦେଖି ଆମେ ବିଗ୍ ବଜେଟ କଲେ ଲାଭ ନାହିଁ। ଓଡ଼ିଆ ସିନେମା କରିବାକୁ ହେଲେ ଓଡ଼ିଆ ଦର୍ଶକମାନଙ୍କ ରୁଚିବୋଧ ପ୍ରତି ଧ୍ୟାନ ଦେବା ଜରୁରୀ। ପୁଳାଏ ସିନେମା ନିର୍ମାଣ ହୋଇ ସେଗୁଡ଼ିକ ଫ୍ଲପ ହେବା ଅପେକ୍ଷା ଭଲ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଚଳଚ୍ଚିତ୍ର ନିର୍ମାଣ କରିବାକୁ ପ୍ରଯୋଜକମାନେ ଆଗେଇ ଆସିବା ଦରକାର।

-ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ଅଜବ ଏ ପ୍ରେମ କାହାଣୀ

ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା ‘ଅଜବ ଏ ପ୍ରେମ କାହାଣୀ’। ଚିତ୍ରଟି ଚଳିତ ମାସ ୩୦ ତାରିଖ ସନ୍ଧ୍ୟା ୬:୩୦ରେ ପ୍ରସାରିତ ହେବ। ଏସ୍.ପି.ପି. ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ। ନିର୍ଦ୍ଦେଶନା ଦେଇଛନ୍ତି ରାଶେଷ ମହାନ୍ତି। ଚିତ୍ରଟିର ନାୟକ ଭୂମିକାରେ ଶ୍ରୀଜିତ ମହାପାତ୍ର ଓ ନାୟିକା ଭାବରେ ଭକ୍ତି ପଟ୍ଟନାୟକ ଅଭିନୟ କରିଛନ୍ତି। ସୂର୍ଯ୍ୟ ମହାପାତ୍ରଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଲିପ୍ସା ମହାପାତ୍ର, ବିଷ୍ଣୁ ମୋହନ କବି, ଲୋପାମୁଦ୍ରା ଦାସ ଓ ରୂପେଶ ପାତ୍ର କଣ୍ଠଦାନ କରିଛନ୍ତି। ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଚଳଚ୍ଚିତ୍ରର କାହାଣୀ ଅନୁସାରେ ଗୌରବ ନିଜ ଜୀବନର ନୂଆ ଯାତ୍ରା ଆରମ୍ଭ କରିବା ପାଇ ଭୁବନେଶ୍ୱର ଚାଲି ଆସେ। ଏମିତି ଏକ ଘରକୁ ଭଡ଼ା ଆକାରରେ ନିଏ ଯାହାକୁ ୪ ବର୍ଷ ଧରି କେହି ବ୍ୟବହାର କରୁ ନ ଥିଲେ। ସେହି ଘରେ ରହିବା ଭିତରେ ଗୌରବର ଦେଖା ହୋଇଥାଏ ଏକ ଭିନ୍ନ ରାଇଜର ରହସ୍ୟମୟୀ ତରୁଣୀ ସ୍ମିତା ସହ। ଆଉ ତା’ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସୃଷ୍ଟି ହୁଏ। ଗୌରବର ଜୀବନରେ ଘଟିଥାଏ କିଛି ଅଲୌକିକ ଘଟଣା। ସେହି ତରୁଣୀ ଜଣକ କିଏ ? ତେବେ ସେହି ଘଟଣାଗୁଡ଼ିକ କ’ଣ ଏବଂ ତାହା କାହାଣୀକୁ କି ମୋଡ଼ ନେଉଛି ଏବଂ କିପରି ଶେଷ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ।


ଶ୍ରୀଜିତ-ଭକ୍ତି

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୭/୨୦୨୫ Bhubaneswar, Thursday, March 27/ 2025

# କୋଲକାତାର ପ୍ରଥମ ବିଜୟ


ଉଇକେଟ ନେବାପରେ ମୋଇନ ଅଲ୍ଲୀଙ୍କୁ ବଧେଇ ଜଣାଉଛନ୍ତି ଅଧିନାୟକ ଅଜିଙ୍କ୍ୟ ରାହାନେ।

**ଗୁଆହାଟୀ, ୨୬।୩**

ଆଇପିଏଲ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୮ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ କ୍ୱିଣ୍ଟନ ଡିକକ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ବଳରେ କୋଲକାତା ବିଜୟ ହାସଲ କରିଛି। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୫୧ ରନ କରିଥିଲା। ୧୫୨ ରନ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ୧୭.୩ ଓଭରରେ ୨ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରି ନେଇଥିଲା। ଚଳିତ ଲିଗ୍‌ରେ ୨ ମ୍ୟାଚରୁ କୋଲକାତାର ଏହା ହେଉଛି ପ୍ରଥମ ବିଜୟ। ନିଜର ପ୍ରଥମ ମ୍ୟାଚରେ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିକଟରୁ ୭ ଉଇକେଟରେ ପରାସ୍ତ ହୋଇଥିଲା। ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ପୂର୍ବ ମ୍ୟାଚରେ ଦଳ ୪୪ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ପରାସ୍ତ ହୋଇଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ କୋଲକାତା ଅଧିନାୟକ ଅଜିଙ୍କ୍ୟ ରାହାନେ। ରାଜସ୍ଥାନ ରୟାଲ୍ସ ଭଲ ଆରମ୍ଭ କରିଥିଲେ ମଧ୍ୟ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ବଡ଼ ସ୍କୋର କରିପାରି ନ ଥିଲା। ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୩୩ ରନ ଯୋଗ ହେବାପରେ ସଞ୍ଜୁ ସାମସନ ପ୍ରତିପକ୍ଷ ଦ୍ରୁତ ବୋଲର ବୈଭବ ଆରୋରାଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ଅଧିନାୟକ ରିୟାନ ପରାଗ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳର ରନ ହାର ବୃଦ୍ଧିପାଇଁ ଉଦ୍ୟମ କରିଥିଲେ ହେଁ ଅଧିକ ସମୟ କ୍ରିଜରେ ଟିକ୍ତିପାରି ନ ଥିଲେ। ସେହିପରି ପୂର୍ବ ସିଜନ ଗୁଡ଼ିକପରି ଯଶସ୍ୱୀ ଜୟସ୍ୱାଲ ଏଥର ଚମକ ଦେଖାଇପାରି ନାହାନ୍ତି। ସେ ଏଠାରେ ମଧ୍ୟ ବଡ଼ ସ୍କୋର କରିବାରେ ଅସମର୍ଥ ରହିଛନ୍ତି। ପରାଗ ୧୫ ବଲ୍‌ରୁ ୨୫ (୩ ଛକା) ଓ ଜୟସ୍ୱାଲ ୨୪ ବଲ୍‌ରୁ ୨୯ (୨ ଚୌକା, ୨ ଛକା)ରନରେ ଆଉଟ ହେବାରୁ ରାଜସ୍ଥାନ ଚାପକୁ ଆସି ଯାଇଥିଲା। ମିଡିଲ ଅର୍ଡରରେ ନୀତୀଶ ରାଣା ୮ ଓ ୱାନିନ୍ଦୁ ହସରଙ୍ଗା ୪ ରନରେ ଆଉଟ ହେବାରୁ ଦଳ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଘରୋଇ କ୍ରିକେଟରେ ପ୍ରଭାବୀ ରହିଥିଲେ ହେଁ ଆଇପିଏଲ୍‌ରେ ତାହାର ପୁନରାବୃତ୍ତି କରି ନ ପାରି ମାତ୍ର ୯ ରନରେ ପ୍ୟାଭିଲିୟନ ଫେରିଥିଲେ ଶୁଭମ୍ ଦୁବେ। ଧ୍ରୁବ ଜୁରେଲ ଓ ଶିମରନ ହେଟମେର ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାକୁ ଉଦ୍ୟମ କରିଥିଲେ। ମାତ୍ର ସଫଳ ହୋଇ ନ ଥିଲେ। ଜୁରେଲ ୨୮ ବଲ୍‌ରୁ ୩୩ (୫ ଚୌକା) ଓ ହେଟମେର ୭ ରନ କରି ପାରିଥିଲେ। କୋଲକାତା ଦଳ ପକ୍ଷରୁ ବୈଭବ ଆରୋରା, ହର୍ଷିତ ରାଣା, ମୋଇନ ଅଲୀ ଓ ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏ ଏବଂ ସ୍ପେନସର ଜନସନ ଗୋଟିଏ ଉଇକେଟ ନେଇଥିଲେ। ପିଚ୍ ସ୍ଲୋ ଥିଲେ ହେଁ କ୍ୱିଣ୍ଟନ ଡିକକ୍ ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି କୋଲକାତାକୁ ଫାଇଦାରେ ରଖିଥିଲେ। ମୋଇନ ଅଲୀ ମାତ୍ର ୫ ରନରେ ରନଆଉଟ ହୋଇଥିଲେ ହେଁ ତାଙ୍କ ସହ ଓପନିଂ ଯୋଡ଼ିରୁ ଡିକକ୍ ୪୧ ରନ ସଂଗ୍ରହ କରିଥିଲେ। ଅଧିନାୟକ ଅଜିଙ୍କ୍ୟ ରାହାନେ ମଧ୍ୟ ଅଧିକ ସମୟ କ୍ରିଜରେ ଟିକ୍ତି ନ ପାରି ମାତ୍ର ୧୮ ରନରେ ପ୍ୟାଭିଲିୟନ ଫେରିଥିଲେ। ଏପରି ସ୍ଥିତିରେ କୋଲକାତାର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ ଡିକକ୍। ଡିକକ୍ ଓ ଇମ୍ପାକ୍ଟ ପ୍ଲେୟର ଅଙ୍ଗକ୍ରିଶ ରଘୁବଂଶୀ ଅସମାପ୍ତ ତୃତୀୟ ଉଇକେଟରେ ୪୪ ବଲ୍‌ରୁ ୮୩ ରନର ଭାଗୀଦାରି ଗଢ଼ି ଆହୁରି ୧୫ଟି ବଲ୍ ବାକିଥାଇ କୋଲକାତାକୁ ବିଜୟ ସ୍ୱାଦ ଚଖାଇଥିଲେ। ୬୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡିକକ୍ ୮ ଚୌକା ଓ ୬ ଛକା ସହାୟତାରେ ୯୭ ରନରେ ଅପରାଜିତ ରହିଥିଲେ। ରଘୁବଂଶୀ ୧୭ ବଲ୍‌ରୁ ୨୨ ରନ କରିଥିଲେ। ଗୁଆହାଟୀ ବର୍ଷାପରା ଷ୍ଟାଡିୟମର ସ୍ଲୋ ପିଚ୍‌ରୁ ରାଜସ୍ଥାନ ବୋଲରମାନେ ଫାଇଦା ଉଠାଇ ପାରି ନ ଥିଲେ। କେବଳ ୱାନିନ୍ଦୁ ହସରଙ୍ଗା ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୫୧/୯ (ଧ୍ରୁବ ଜୁରେଲ–୩୩, ଯଶସ୍ୱୀ ଜୟସ୍ୱାଲ–୨୯, ରିୟାନ ପରାଗ–୨୫, ବୈଭବ ଆରୋରା–୨/୩୩, ମୋଇନ ଅଲୀ–୨/୨୩, ବରୁଣ ଚକ୍ରବର୍ତ୍ତୀ–୨/୧୭, ହର୍ଷିତ ରାଣା–୨/୩୬, ସ୍ପେନସର ଜନସନ–୧/୪୨)। କୋଲକାତା ନାଇଟ ରାଇଡର୍ସ ୧୭.୩ ଓଭରରେ ୧୫୩/୨ (କ୍ୱିଣ୍ଟନ ଡିକକ୍–୯୭*, ଅଙ୍ଗକ୍ରିଶ୍ ରଘୁବଂଶୀ–୨୨*, ୱାନିନ୍ଦୁ ହସରଙ୍ଗା–୧/୩୪)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ହାଇଦ୍ରାବାଦ ବନାମ ଲକ୍ଷ୍ନୌ
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଆଜିଠୁ କଟକରେ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ


ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପାଇଁ ମନୋନୀତ ଓଡ଼ିଶା ଦଳ।

## ଓଡିଶା ଦଳ ଘୋଷିତ, ୨୪ ଖେଳାଳି ସାମିଲ

**ଭୁବନେଶ୍ୱର, ୨୬।୩ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାରଠାରୁ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ ବୁଧବାର ଓଡିଶା ଦଳ ଘୋଷଣା କରାଯାଇଛି। ଓଡିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀରେ ଗତ ୫ ରୁ ୨୫ ପର୍ଯ୍ୟନ୍ତ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀ କୋଚ ସୁକାନ୍ତ ସେଠ, ନିତିନ ସ୍ୱାଇଁ, ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ଫେନ୍‌ସିଂ ଏନଆଇଏସ କୋଚ କରିଷ୍ମା ରାଉତ, ମଣିପୁର ଏସଏସଏସବି କୋଚ ଲେନିନ ମିତାଇ, କୋଚ ଜ୍ୟୋତି ରଞ୍ଜନ ଠାକୁର ପ୍ରମୁଖ କ୍ୟାମ୍ପ ପରିଚାଳନା କରିଥିଲେ। କ୍ୟାମ୍ପରେ ମୋଟ ୩୪ ଖେଳାଳି ଯୋଗ ଦେଇଥିଲେ। ସେଥିମଧ୍ୟରୁ ୨୪ ଖେଳାଳିଙ୍କୁ ନେଇ ଓଡିଶା ଦଳ ଗଠନ କରାଯାଇଛି ବୋଲି ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ରାଜ୍ୟ ସଭାପତି ଅନଙ୍ଗ ଉଦୟ ସିଂ ଦେଓ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଉପ ସଭାପତି ରମେଶ ମଲିକ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡିଶା ବାଳକ ଦଳ: ଲିଖିତ ବିଶ୍ୱାଳ, ନିଶାଙ୍କ ପଟେଲ, ବିଭୁତି ପଟେଲ, ଓମ୍ ଖୋରା, ସ୍ୱାଗତ ପଟେଲ, ପଦ୍ମଲୋଚନ ନାଏକ, ଓମଶଙ୍କର ପଟେଲ, ଶୁଭମ ଯେସିଂ, ପ୍ରେମଜୀତ ବେଶରା, ସୋମ୍ୟ ପ୍ରଧାନ, ମଣିକେଶ ନାଏକ, କାହ୍ନା ଗଡତୀୟା।

ଓଡିଶା ବାଳିକା ଦଳ: ସ୍ମୃତି ପ୍ରଭା ଅରୁଣ, ସଞ୍ଜନା ଜାଲ, ଡଲିରାଣୀ ମଝି, ଆସ୍ଥା ଗଜେନ୍ଦ୍ର, ସ୍ମୃତି ପ୍ରଭା ଅରୁଣ, ସାରିକା ପଟେଲ, ଶ୍ରୀୟା ଶ୍ରୁତି ପଟେଲ, ପ୍ରଜ୍ଞାଶ ମହାନ୍ତି, ଇସ୍ରିତା ମିଶ୍ର, ନମ୍ରତା ପଟେଲ, ଅମ୍ରିତା ଆଦିୟୁଆଡ, ମୁକ୍ତି ବିଶ୍ୱାଳ।

# କଳାହାଣ୍ଡି କପ୍: ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ

**ଭୁବନେଶ୍ୱର, ୨୬।୩ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟର ସମ୍ମାନଜନକ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ଖୋର୍ଦ୍ଧା ଗ୍ରାଉଣ୍ଡ, ଜଟଣୀ ରେଲୱେ ଗ୍ରାଉଣ୍ଡ, ସନ୍‌ସାଇନ୍, ଏମ୍‌ଜିଏମ୍ ଗ୍ରାଉଣ୍ଡ, ଅଢଶପୁର, ରେଲୱେ ଷ୍ଟାଡିୟମ, ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡ ଏବଂ ରେଭେନ୍‌ଶା ଗ୍ରାଉଣ୍ଡ–୧ ଓ ୨ରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଗ୍ରୁପ୍ ଡି, ଇ ଓ ଏଫ୍‌ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଖେଳିବେ। ଗ୍ରୁପ୍–ଡି'ରେ ଭୁବନେଶ୍ୱର 'ଏ', ଅନୁଗୋଳ, ପୁରୀ, ବଲାଙ୍ଗୀର, ଦେବଗଡ଼ ଓ ରାଉରକେଲା, ଗ୍ରୁପ୍ 'ଇ'ରେ ବାଲେଶ୍ୱର, ବରଗଡ଼, କେନ୍ଦ୍ରାପଡ଼ା, ସୋନପୁର ଓ ମାଲକାନଗିରି ଏବଂ ଗ୍ରୁପ୍ 'ଏଫ୍'ରେ ଭଦ୍ରକ, କିଟ୍, ସମ୍ବଲପୁର–ବି, ଗଞ୍ଜାମ, ରାୟଗଡ଼ା, କଟକ–ବି, ଢେଙ୍କାନାଳ ସ୍ଥାନ ପାଇଛି। ଗ୍ରୁପ୍ 'ଏ', 'ବି' ଓ 'ସି' ମ୍ୟାଚଗୁଡ଼ିକ ଗତ ୨୪ ତାରିଖରେ ଶେଷ ହୋଇଛି।



ଆଧାର କାର୍ଡ ଉପରେ ଲୋନ୍ ଏବଂ କ୍ୟାଶ EMI
₹60^ ପ୍ରତିଦିନ EMI
5% ଇନଷ୍ଟାଣ୍ଟ ଡିସ୍କାଉଣ୍ଟ^ ପସନ୍ଦ କରାଯାଇଥିବା କାର୍ଡ ଉପରେ
HDFC BANK pine labs PAY LATER
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. #As per combined sales volume of 100-110cc motorcycles for FY 24 by a single company. Data Source: SIAM's domestic sales data FY 2024. ^Finance offer is at the sole discretion of the Financier, subject to its respective T&Cs. Available at select dealerships. For more details, please visit your nearest authorised Hero outlet. The offer is applicable on purchase of HF Series & Splendor+ Series from authorised dealers of HeroMotocorp using any HDFC Credit Card on all Pine Labs POS terminals. The 5% cashback upto ₹5000/- is applicable on minimum transaction of ₹40,000. T&C apply. *Ex-showroom price of HF Deluxe Drum Self, Splendor+ Xtec 2.0 variant in Bhubaneswar.
INDIA'S FIRST 5 YEAR WARRANTY* *Conditions apply
ଟୋଲ ଫ୍ରି 1800 266 0018

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 9289922180, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, , **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289922184, **Lakshmi Automotives, Gajapati Nagar,** Ph: 9289923187, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736, **Jagatsinghpur: SUNNY AUTOBIKES** , Ph: 9289233592 **Authorized HeroSure Dealers: Bhubaneshwar:** Arundhati Motobikes ,Ph- 7682841658, **Rourkela:** Dua Motors, Ph- 6372753989, **Jeypore:** Supreme Sales, Ph- 8144822656 **Associate Dealers:Rahama:**Sarala Automobiles-9937018532, **Nimapara:**Basudev Automobiles-9861020724, **Pipili:**Shri Ram Motors-9437110789 , **Khamakhyanagar:**Reliance Automobiles-9938435743, **Chendipada:**Tara Motors-8018339414 **Balugaon:** Mahamayee Motors-9437004624 **Khurdha:**Dinesh Trading Co.-9778097876 **Sakhigopal:**Sai Motors-9439765820 **Begunia:**Rashmi Automobiles-9178316145 **Laxmipur:**Tarini Motors-7205862853 **Rajgangpur:**Kedia & Kedia-9437152881 **Brajrajnagar:**Bina Motors-9861078290 **Belpahar:**Varsha Motors-9437058417 **Deogarh:**Jindal Motors-9437056659 **Bamra:**Choudhury Motors-9938274720 **Baliapal:**Baba Motors-8093603116 **Soro:**Twinkle Motors-9861594852 **Kendrapara:**Baishnabi Motors-9437089454/9853471301 **Barbil:**Wheels Motors-9776931870 **Pattamundai:**Mishra Auto-9853843713 **Basta:**Shivam Motors-7735958754 **Rairangpur:**Maa Sakambari Motors-7008581719 **Khuakia:**Binayak Automobiles-9090444379 **Jajpur Town:**Ayush Automobiles-9556189870 **Mayurbhanj:**Jk Motors-9040909925 **Semiliguda:**K P Enterprises-9437233464 **Parlakhemundi:**Preetam Enterprises-9438685535 **Nabarangpur:**Arun Sales & Service-9437174795 **Bhanjanagar:**Rebati Motors-9438279794/9937015509 **Narsinghpur:**Ambika Motocorp-9861811411 **Gunpur:**M/s Sai Sharan Automobiles-9437234012 **Malkangiri:**Kanishka Automobiles-9437181980 **Kotpad:**Shai Automobiles-7205593156 **Umerkote:**Bharat Sales-9937455659/9777765563 **Junagarh:**Shree Bimala Motors-9668287479 **Rajakhariar:**Jagdamba Auto Combines-9937002262 **Boudh:**Bansal Auto-9437062948 **Nuapada:**Maruti Auto-9178014999 **Padampur:**Debesh Motors-9437253970 **Barpalli:**Durga Motors-9861265979 **Titlagarh:**Sneha Motors-9853925879 **Mayurbhanj:**Mahaveer Motors-7326872255/9853290346 **Baliguda:**Sai Automobiles-9827843657 **Patrapur:**Ronak Motors-9030985084 **Balipatna:**M/S Jagannath Motors-7064309702 **Kalimela:**Laxminiyati Motors-9861002055 **Chandpur:**Apsara-9861418161 **Subdega:**Jdj Automobiles-8018714096 **Bissam cuttack**:Patnaik Motors-7008615208 **BasudevPur:**Bidyalalita Automobile-9827487072 **Telkoi:**Panchamukhi Motors-9717004926 **Tikabali:**M/S Maa Rudrakali Automobiles-7846961367 **Kamrda:**Siddhivinayak Motors-7208675074 **JAGDALPUR:**KIRAN SALES-9827654949 **Kesinga:**Annapurna Automobile-7978787287, **M.Rampur:**Aruna Automobiles-8114331356

VML.5798.2025ODI

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ